# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ଜୁନ୍ ୨୮ /୨୦୧୯ (୧୬ ପୃଷ୍ଠା) Rayagada, Friday, June 28 / 2019 ★

୯ମ ଭାଗ ୧୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ**

ରାଜକୋଟଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ସନ୍ତରଣ ଚାମ୍ପିୟନଶିପର ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି ଓଡ଼ିଶାର ପ୍ରତ୍ୟାଶା ରୟ। **୧୫**

**୧୨**

**ମାଲାୟାଲମ୍ ଫିଲ୍ମରେ ଗୀତ ଗାଇଲେ ପ୍ରିୟା**

ଯାହାଙ୍କ ଆଖିମରା ଦୃଶ୍ୟ ଲକ୍ଷଲକ୍ଷ ଦର୍ଶକଙ୍କ ହୃଦୟକୁ ଜିଣିଥିଲା, ସେଇ ଚର୍ଚ୍ଚିତ ଅଭିନେତ୍ରୀ ପ୍ରିୟା ପ୍ରକାଶ ମାଲାୟାଲମ୍ ଫିଲ୍ମ 'ଫାଇନାଲ୍ସ'ରେ ଗୀତ ଗାଇଛନ୍ତି।



# ବିଲ୍‌ଡରଙ୍କ କାମ କରୁଛନ୍ତି ଆର୍‌ଆଇ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

- ରାଜ୍ୟରେ ୫୦୩ ଆର୍‌ଆଇ ପଦବୀ ଖାଲି
- ହଇରାଣ ହେଉଛନ୍ତି ଗରିବ ଲୋକ
- ଖୁବ୍‌ଶୀଘ୍ର ଖାଲି ପଦବୀ ପୂରଣ କରାଯିବ: ମନ୍ତ୍ରୀ
- ବଲାଙ୍ଗୀର ଜିଲାରେ ଆର୍‌ଆଇ, ଅମିନ ପଦବୀ ପୂରଣ ଦୁର୍ନୀତି କଥା ଉଠାଇଲେ ନରସିଂହ
- ଭୁବନେଶ୍ୱର ଉପକଣ୍ଠରେ ଆର୍‌ଆଇ ସେବା ପାଉନାହାନ୍ତି ଲୋକେ: ସୁର ରାଉତରାୟ

ରାଜ୍ୟରେ ଅମିନ ଓ ଆର୍‌ଆଇ ମରୁଡ଼ି ପଡ଼ିଛି। ଆର୍‌ଆଇ ସର୍କଲରେ ଅମିନ ନାହାନ୍ତି। ଜମିବାଡ଼ି ମପାଚୁପା କାର୍ଯ୍ୟ ହୋଇପାରୁ ନାହିଁ। ଭୁବନେଶ୍ୱରରେ ଆର୍‌ଆଇ ଏବଂ ଅମିନ ବଡ଼ ବଡ଼ ବିଲ୍‌ଡରଙ୍କ ପାଇଁ କାମ କରୁଛନ୍ତି। ସହର ତଳି ଗ୍ରାମାଞ୍ଚଳ ବାତ୍ୟା ଫନୀରେ ଧ୍ୱଂସ ହୋଇଯାଇଛି। ଆଜିଯାଏ ଘରଭଙ୍ଗା ସର୍ଭେ କରାଯାଇ ପାରୁନାହିଁ। ଆର୍‌ଆଇ ନ ଥିବାରୁ ସର୍ଭେ କାମ ହୋଇପାରୁନି। ସରକାରଙ୍କ ପାଖରେ ରିପୋର୍ଟ ପହଞ୍ଚି ପାରୁନାହିଁ। ସେମାନେ ଘରଭଙ୍ଗା ଟଙ୍କା ପାଇପାରୁ ନାହାନ୍ତି।

ବିଭିନ୍ନ ଜିଲାରେ ଆର୍‌ଆଇ ସର୍କଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଲୋକମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ଆର୍‌ଆଇ ଏବଂ ଅମିନ ପଦବୀ ଖାଲିପଡ଼ିଥିବା ନେଇ ବିଧାନସଭାରେ ଉଭୟ ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖାଲି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି।

ଗୁରୁବାର ପୂର୍ବାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ପଚାରିଥିବା ୩୧ ନମ୍ବର ପ୍ରଶ୍ନରୁ ଆରମ୍ଭ ହୋଇଥିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ରାଜସ୍ୱ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତକୁ ଏକ ଆର୍‌ଆଇ ସର୍କଲ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ନ ହେବାର କାରଣ କ'ଣ। ଭଦ୍ରକ ଜିଲାରେ ୭ଟି ତହସିଲରେ କେତୋଟି ଆର୍‌ଆଇ ଓ ଅମିନ ପଦବୀ ଖାଲିପଡ଼ିଛି, ତାହା କେବେ ସୁଦ୍ଧା ପୂରଣ ହେବ ବୋଲି ସେ ମୂଳ ପ୍ରଶ୍ନରେ ପଚାରିଥିଲେ। ରାଜସ୍ୱମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହାର ଜବାବରେ କହିଥିଲେ ଯେ, ପ୍ରତ୍ୟେକ ପଞ୍ଚାୟତକୁ ଆର୍‌ଆଇ ସର୍କଲ କରିବା ପାଇଁ କୌଣସି ବିଧିବଦ୍ଧ ନିଷ୍ପତ୍ତି ନିଆଯାଇ ନାହିଁ। ତେବେ ଜନସଂଖ୍ୟା, ଭୌଗୋଳିକ ଅବସ୍ଥିତି ଏବଂ କାର୍ଯ୍ୟର ଗୁରୁତ୍ୱକୁ ବିଚାରକୁ ନେଇ ଆବଶ୍ୟକ ସ୍ଥଳେ ଆର୍‌ଆଇ ସର୍କଲ ଗଠନ କରାଯାଉଛି। ଭଦ୍ରକ ଜିଲାର ୭ଟି ତହସିଲରେ ୮୨ଟି ଆର୍‌ଆଇ ପଦବୀ ମଧ୍ୟରୁ ୩୧ଟି ପଦବୀ ଖାଲି ରହିଛି। ମୋଟ ୫୧ ଅମିନ ପଦବୀରୁ ୨୫ଟି ଖାଲିପଡ଼ିଛି। ଏହା ଶୀଘ୍ର ପୂରଣ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ବଲାଙ୍ଗୀର ଜିଲାରେ ଆର୍‌ଆଇ ପଦବୀ ଖାଲିପଡ଼ିଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, ଏହି ଜିଲାରେ ଆର୍‌ଆଇ ଏବଂ ଅମିନ ପଦବୀ ପୂରଣ ନେଇ ଦୁର୍ନୀତି ହୋଇଥିଲା। ଏହି କଥା ଜଣାପଡିବା ପରେ ନିଯୁକ୍ତିକୁ ସରକାର ରଦ୍ଦ କରିଛନ୍ତି। ନିଯୁକ୍ତି ପାଇଥିବା ପ୍ରାର୍ଥୀମାନେ ସୁପ୍ରିମ କୋର୍ଟରେ କେସ କରିଥିଲେ। ସେଠାରେ ସେମାନେ ହାରିଛନ୍ତି। ଖାଲି ପଦବୀଗୁଡ଼ିକ କେବେସୁଦ୍ଧା ପୂରଣ ହେବ, ଜିଲାରେ କେତେ ପଦବୀ ଖାଲି ଅଛି ସେ ସମ୍ପର୍କରେ ମନ୍ତ୍ରୀ ଗୃହରେ ସୂଚନା ଦିଅନ୍ତୁ ବୋଲି ନରସିଂହ କହିଥିଲେ। ନୂତନ ନିଯୁକ୍ତି ହେବା ଯାଏ ଅବସରପ୍ରାପ୍ତ ଅମିନଙ୍କୁ କାମରେ ନିୟୋଜିତ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ, ବଲାଙ୍ଗୀର ଜିଲାରେ ମୋଟ ମଞ୍ଜୁରୀ ପଦବୀ ୯୪। ସେଥିରୁ ୭୫ଟି ଖାଲି ରହିଛି। ଏହି ଜିଲାରେ ୮୬ଟି ଆର୍‌ଆଇ ପଦବୀ ଥିବାବେଳେ ଖାଲି ରହିଛି ୮୧। ନିର୍ବାଚନ ଯୋଗୁ ନୂତନ ନିଯୁକ୍ତି ହୋଇପାରି ନାହିଁ। ଷ୍ଟାଫ୍ ସିଲେକ୍ସନ୍ କମିଶନଙ୍କ ଜରିଆରେ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି। ବିଜେଡି ସଭ୍ୟ ନୃସିଂହ ସାହୁ, ଅମର ଶତପଥୀ, ସୁବ୍ରତ ତରାଇ, ଭାଜପା ସଭ୍ୟ କେ. ନାରାୟଣ ରାଓଙ୍କ ଅତିରିକ୍ତ ପ୍ରଶ୍ନରେ ଆର୍‌ଆଇ ଓ ଅମିନ ପଦବୀ କେବେ ସୁଦ୍ଧା ପୂରଣ କରାଯିବ ବୋଲି ପ୍ରଶ୍ନ କରିଥିଲେ। ସେହିପରି ଢେଙ୍କାନାଳ ଜିଲାରେ କେତୋଟି ଆର୍‌ଆଇ ଓ ଅମିନ ପଦବୀ ଖାଲି ରହିଛି। ଓଡ଼ିଶାରେ କେତେ ଖାଲିପଡ଼ିଛି। ଯାଜପୁର ଜିଲାରେ ଏହି ପଦବୀଗୁଡିକ କେତେ ଖାଲି ରହିଛି। ଯେଉଁ ପଞ୍ଚାୟତ ଅନ୍ୟ ଆର୍‌ଆଇ ସର୍କଲରେ ରହିଛି ସେଗୁଡିକୁ ନିକଟସ୍ଥ ସର୍କଲରେ ସାମିଲ କରାଯାଉ। ସୁନ୍ଦରଗଡ଼ ଜିଲାରେ କେତେ ପଦବୀ ଖାଲି ରହିଛି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଭୁବନେଶ୍ୱର ଉପକଣ୍ଠ ଗ୍ରାମାଞ୍ଚଳରେ ଲୋକମାନେ ଆର୍‌ଆଇ ସେବା ପାଉ ନ ଥିବା ନେଇ ପ୍ରଶ୍ନକାଳରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଭୁବନେଶ୍ୱର ଜମି ରେଟ୍ ବଢ଼ିଛି। ଗ୍ରାମାଞ୍ଚଳ ଲୋକଙ୍କ କଥା ଆର୍‌ଆଇ ଶୁଣୁନାହାନ୍ତି। ବଡ଼ ବଡ଼ ବିଲ୍‌ଡରଙ୍କ ପାଖରେ କାମ କରୁଛନ୍ତି। ଆର୍‌ଆଇ ସର୍ଭେ ହୋଇପାରୁ ନ ଥିବାରୁ ଫନୀ କ୍ଷୟକ୍ଷତି ରିପୋର୍ଟ ସରକାରଙ୍କୁ ମିଳିପାରୁ ନାହିଁ। ତୁରନ୍ତ ଆରଆଇ ଏବଂ ଅମିନ ପଦବୀ ପୂରଣ କରି ସେବା ଯୋଗାଇ ଦିଆଯାଉ। ଉତ୍ତରରେ ମନ୍ତ୍ରୀ ମାର୍ଣ୍ଡି କହିଥିଲେ ଯେ, ଓଡ଼ିଶାରେ ୨୪୫୩ ମଞ୍ଜୁରୀପ୍ରାପ୍ତ ଆର୍‌ଆଇ ପଦବୀ ରହିଛି। ସେଥିରୁ ୫୦୩ ଖାଲିପଡ଼ିଛି। ଢେଙ୍କାନାଳ ଜିଲାରେ ୫୫ଟି ପଦବୀରୁ ୧୦ଟି ଖାଲି ପଡ଼ିଥିବା ବେଳେ ଯାଜପୁର ଜିଲାରେ ୮୬ଟି ପଦବୀରୁ ୧୧ଟି ଖାଲି ପଡ଼ିଛି। ସୁନ୍ଦରଗଡ଼ ଜିଲାରେ ୧୧୬ଟି ପଦବୀରୁ ୧୭ଟି ଖାଲି ରହିଥିବା ବେଳେ କେବଳ ଅମିନ ପଦବୀ ୧୧୩ରୁ ୧୬ଟି ଖାଲି ରହିଛି। ପର୍ଯ୍ୟାୟକ୍ରମେ ସେଗୁଡ଼ିକ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

# କୋହଲି ଦ୍ରୁତତମ



ସଚିନ୍ ତେନ୍ଦୁଲକର ଓ ରାହୁଲ ଦ୍ରାବିଡଙ୍କ ପରେ ୩ୟ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କଲେ ବିରାଟ କୋହଲି।

**ସବୁଠାରୁ କମ୍ ଇନିଂସରେ ୨୦ ହଜାର ରନ୍**

| ବ୍ୟାଟ୍ସମ୍ୟାନ | ଦେଶ | ଇନିଂସ |
|---|---|---|
| ବିରାଟ କୋହଲି | ଭାରତ | ୪୧୭ |
| ସଚିନ ତେନ୍ଦୁଲକର | ଭାରତ | ୪୫୩ |
| ବ୍ରାଏନ ଲାରା | ୱେଷ୍ଟଇଣ୍ଡିଜ | ୪୫୩ |
| ରିକି ପଣ୍ଟିଂ | ଅଷ୍ଟ୍ରେଲିଆ | ୪୬୪ |
| ଏବି ଡି ଭିଲର୍ସ | ଦକ୍ଷିଣ ଆଫ୍ରିକା | ୪୮୩ |
| ଜ୍ୟାକ୍ କାଲିସ | ଦକ୍ଷିଣ ଆଫ୍ରିକା | ୪୯୧ |
| ରାହୁଲ ଦ୍ରାବିଡ୍ | ଭାରତ | ୪୯୨ |

ମାଞ୍ଚେଷ୍ଟର,୨୭।୬: ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଆଉ ଏକ ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୁରୁବାର ଏଠାରେ ଖେଳାଯାଇଥିବା ବିଶ୍ୱକପ୍‌ର ଏକ ମ୍ୟାଚ୍ ଅବସରରେ ସେ ବିଶ୍ୱର ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିଛନ୍ତି। ୨୦ ହଜାର ରନ୍ ସଂଗ୍ରହ କରିବାକୁ କୋହଲି ୪୧୭ ଇନିଂସର ସହାୟତା ନେଇଥିଲେ। ଏହିକ୍ରମରେ ସେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ୱେଷ୍ଟଇଣ୍ଡିଜର ବ୍ରାଏନ ଲାରାଙ୍କୁ ପଛରେ ପକାଇ ଦେଇଛନ୍ତି। ଉଭୟ ସଚିନ ଓ ଲାରା ୨୦ ହଜାର ଅନ୍ତର୍ଜାତୀୟ ରନ୍ ସଂଗ୍ରହ ପାଇଁ ୪୫୩ ଇନିଂସ ଖେଳିଥିଲେ। କୋହଲି ଏପର୍ଯ୍ୟନ୍ତ ୧୩୧ ଟେଷ୍ଟ, ୨୨୪ ଦିନିକିଆ ଓ ୬୨ ଟି୨୦ ମ୍ୟାଚ୍‌କୁ ମିଶାଇ ମୋଟ ୪୧୭ଟି ଇନିଂସ୍ ଖେଳିଛନ୍ତି।

ଏହି କୀର୍ତ୍ତିମାନ ସ୍ପର୍ଶ କରିବା ଲାଗି କୋହଲିଙ୍କୁ ଆଉ ୩୭ ରନ୍ ଆବଶ୍ୟକ ହେଉଥିଲା। ଏହି ମ୍ୟାଚ୍ ପୂର୍ବରୁ ସେ କ୍ରିକେଟ୍‌ର ୩ଟି ଯାକ ଫର୍ମାଟରେ ମୋଟ ୧୯,୯୬୩ ରନ୍ ସଂଗ୍ରହ କରିଥିଲେ। ଏହିକ୍ରମରେ ସଚିନ (୩୪,୩୫୭) ଓ ରାହୁଲ ଦ୍ରାବିଡ (୨୪,୨୦୮)ଙ୍କ ପରେ ତୃତୀୟ ଭାରତୀୟ ଭାବେ ବିରାଟ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି। କୋହଲି ଚଳିତ ବିଶ୍ୱକପ୍‌ରେ ଭଲ ଫର୍ମରେ ଅଛନ୍ତି।

# ଆଜି ରାଜ୍ୟ ବଜେଟ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଶୁକ୍ରବାର ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଜେଡି ସରକାରର ପଞ୍ଚମ ପାଳିର ପ୍ରଥମ ବଜେଟ ଗୃହରେ ଆଗତ କରିବେ। ଚଳିତ ଆର୍ଥିକ ବର୍ଷ ଲାଗି ରାଜ୍ୟ ସରକାର ୧ ଲକ୍ଷ ୩୮ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ବିଧାନସଭାରେ ଆଗତ ହେବା ପୂର୍ବରୁ ଚିଠା ବଜେଟକୁ ଗତ ୨୦ ତାରିଖରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳି ସାରିଛି। ଏହି ବଜେଟରେ ଜଳସେଚନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗ୍ରାମାଞ୍ଚଳ ଭିତ୍ତିଭୂମି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କାଳିଆ ଆଦି ଯୋଜନା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ ଭିତ୍ତିଭୂମି ପାଇଁ ବଜେଟରେ ସ୍ୱତନ୍ତ୍ର ବ୍ୟୟବରାଦ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରିବାକୁ ଧାନକିଣା କାର୍ଯ୍ୟରେ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଗୋଷ୍ଠୀଗୁଡ଼ିକ ସକାଶେ ଧାନ କ୍ରୟ ପାଇଁ ୧ ହଜାର କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରାଯିବ। ଏଥିପାଇଁ ମଧ୍ୟ ବଜେଟରେ ବ୍ୟୟବରାଦ କରାଯାଇଛି।

# ଆଖି ବୁଜିଲେ ଶତାୟୁ ସଂଗ୍ରାମୀ

**ନବରଙ୍ଗପୁର ଜିଲାରେ ଗାନ୍ଧିବାଦର ଶେଷ ସନ୍ତକ ଥିଲେ ମହମ୍ମଦ ବାଜୀ**

ନବରଙ୍ଗପୁର,୨୭।୬(ବି.ପ୍ର.)

ଅବିଭକ୍ତ କୋରାପୁଟ ଜିଲାର ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଶତାୟୁ ସଂଗ୍ରାମୀ ମହମ୍ମଦ ବାଜୀଙ୍କ ଗୁରୁବାର ପରଲୋକ ଘଟିଛି। ନବରଙ୍ଗପୁର ଜିଲାରେ ଗାନ୍ଧୀବାଦର ଶେଷ ସନ୍ତକ କୁହାଯାଉଥିବା ମହମ୍ମଦ ବାଜୀ ୧୦୨ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ପରଲୋକ ଖବର ପାଇ ସ୍ଥାନୀୟ ସୁନାରୀ ସାହିସ୍ଥିତ ବାସଭବନରେ ତାଙ୍କ ଶେଷଦର୍ଶନ ପାଇଁ ଅଞ୍ଚଳର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପହଞ୍ଚି ଗଭୀର ଶୋକବ୍ୟକ୍ତ କରିଛନ୍ତି।

ବାଜୀ ୧୯୧୭ ମସିହା ଜାନୁୟାରୀ ମାସରେ ଜନ୍ମ ଗ୍ରହଣ କରିଥିଲେ। ବାପା ମହମ୍ମଦ କାଶିମ ସାହେବ, ମାଆ ଚାନ୍ଦ ବିବିଙ୍କ ବିଂଶ ସନ୍ତାନ ହେଉଛନ୍ତି ମହମ୍ମଦ ବାଜୀ। ସେ ପିଲାଟି ଦିନରୁ ଥିଲେ ନିରାମିଷାଶୀ । ନବରଙ୍ଗପୁରରେ ୧୯୨୨ରେ ପାଠପଢା ଆରମ୍ଭ କରିଥିଲେ। ଏହାପରେ ଜୟପୁର ହାଇସ୍କୁଲରେ ପାଠ ପଢିଥିଲେ । ସେତେବେଳେ ଶିକ୍ଷାବିତ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ ଥିଲେ ବାଜୀ ସାହେବଙ୍କ ଶିକ୍ଷକ । ସଦାଶିବ ତ୍ରିପାଠୀ, ରାଧାମୋହନ ସାହୁ, ରାଧାକୃଷ୍ଣ ବିଶ୍ୱାସରାୟଙ୍କ ସହ ଦେଖା ହେବା ପରେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପଢା ବନ୍ଦ କରି ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ବର୍ତ୍ତମାନର ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନ ବୁଲି ଗାନ୍ଧୀ ବାର୍ତ୍ତା ପ୍ରଚାର କରିଥିଲେ। କୋରାପୁଟ ଜିଲା ବୈପାରିଗୁଡା ନୂଆଖୁଟ ଠାରେ କଂଗ୍ରେସର ତାଲିମ କେନ୍ଦ୍ରରେ ୧୯୩୮ରେ ତାଲିମ ନେଇଥିଲେ। ୧୯୩୯ରେ ନବରଙ୍ଗପୁର ଜିଲାରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ୧୯୪୧ରେ ସାବରମତି ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ୧୯୪୨ରେ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ ନବରଙ୍ଗପୁର ଓ କୋରାପୁଟ ଜେଲରେ ବନ୍ଦୀ ହୋଇ ରହିଥିଲେ । ଜେଲରେ ଇଂରେଜଙ୍କ ଅତ୍ୟାଚାର ବିରୋଧରେ ଅସହଯୋଗ ଆନ୍ଦୋଳନ କରିଥିଲେ । ଜେଲରୁ ବାହାରିବା ପରେ ବିଭିନ୍ନ ଅଞ୍ଚଳ ବୁଲି ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିଥିଲେ। ତାଙ୍କ ଆଦିବାସୀ ସହକର୍ମୀ ସନୁ ମାଝୀ ଓ ରାଇଧର ଜାନୀ ପ୍ରମୁଖଙ୍କ ସହ ସତ୍ୟାଗ୍ରହ କରିଥିଲେ । ୧୯୪୨ ଆନ୍ଦୋଳନ ପାଇଁ ଜେଲଦଣ୍ଡ ଭୋଗ କରିଥିଲେ । ସ୍ୱାଧୀନତା ପରେ ଭୂଦାନ ଓ ସର୍ବୋଦୟ ଆନ୍ଦୋଳରେ ଯୋଗଦେଇଥିଲେ । ସେ ଥିଲେ ନିଷ୍କପଟ, ସରଳ ଓ ଅବିବାହିତ । ସେ ମୁସଲମାନ ହୋଇଥିଲେ ମଧ ସର୍ବଧର୍ମକୁ ସମାନ ଭାବେ ଗ୍ରହଣ କରୁଥିଲେ । ପ୍ରତିଦିନ ଶ୍ରୀମଦ୍ ଭଗବଦ୍ ଗୀତା ଓ କୋରାନ ପାଠ କରିଥାନ୍ତି । ଆଜୀବନ ଖଦଡ ପିନ୍ଧୁଥିବା ମହମ୍ମଦ ବାଜୀ ସାହେବ ନିଜେ ସୂତା କାଟୁଥିଲେ । ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ତାଙ୍କର ରହିଥିଲା ଅନେକ ଅବଦାନ । ଅଗଷ୍ଟ କ୍ରାନ୍ତି ଦିବସରେ ତାଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିଲା । ଶୁକ୍ରବାର ପୂର୍ବାହ୍ନ ୯ଟାରେ ପାର୍ଥିବ ଶରୀରକୁ ସହର ପରିକ୍ରମା କରାଯାଇ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଜିଲାପ୍ରଶାସନ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯିବ ।



## ଖାତରେ ଖସିପଡ଼ିଲା ମିନିବସ୍

# ୧୧ ଛାତ୍ରୀଛାତ୍ର ମୃତ, ୭ ଆହତ



ଶ୍ରୀନଗର,୨୭।୬

ଜମ୍ମୁ-କଶ୍ମୀରର ସୋପିଆନ୍ ଜିଲାରେ ଏକ ମିନିବସ୍ ଗଭୀର ଖାତରେ ଖସିପଡ଼ିବାରୁ ସେଥିରେ ଥିବା ୧୧ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିସହିତ ୭ଜଣ ଆହତ ମଧ୍ୟ ହୋଇଛନ୍ତି। ପୁଞ୍ଚସ୍ଥିତ ଏକ କମ୍ପ୍ୟୁଟର କୋଚିଂ ସେଣ୍ଟରରୁ ମିନିବସ୍‌ରେ ଏହି ଛାତ୍ରୀଛାତ୍ରମାନେ ଆସୁଥିବାବେଳେ ମୋଗଲ ରୋଡ୍‌ର ପୀର୍ କୀ ଗଲି ନିକଟରେ ଏକ ଖାତ ଭିତରେ ମିନିବସ୍‌ଟି ଖସିପଡ଼ିଥିଲା। ମୃତକଙ୍କ ମଧ୍ୟରେ ୭ ଜଣ ଛାତ୍ରୀ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଆହତମାନଙ୍କୁ ଚିକିତ୍ସା ଲାଗି ସୋପିଆନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ରାଜ୍ୟପାଳ ସତ୍ୟପାଲ ମଲିକ ଏହି ଦୁର୍ଘଟଣାରେ ଦୁଃଖପ୍ରକାଶ କରିଥିବାବେଳେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାଲାଗି ମଧ୍ୟ ରାଜ୍ୟପାଳ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# କମ୍ପାନୀ ଉପରେ ୧୫୦୦ କୋଟିର ବକେୟା

ପବନ ପାଣିଗ୍ରାହୀ
ଜୟପୁର,୨୭।୬

**ବିଲ୍ଟ ପେପର ମିଲ୍ ଅଚଳାବସ୍ଥା**

- ୫ ହଜାର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ
- ସରକାର ଦେଇଥିବା ପ୍ରତିଶ୍ରୁତି ରଖିଲେନି: ମିଲ କର୍ତ୍ତୃପକ୍ଷ
- ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲେ କର୍ମଚାରୀ




କୋରାପୁଟ ଜିଲା ଜୟପୁର ସ୍ଥିତ ବିଲ୍ଟ ପେପର ମିଲ୍‌ରେ ଲାଗିରହିଥିବା ଅଚଳାବସ୍ଥା ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ ହଜାର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ପେପର ମିଲ୍ ଉପରେ ବିଭିନ୍ନ ବାବଦକୁ ପ୍ରାୟ ୧୫୦୦ କୋଟିର ବକେୟା ପଡ଼ିଛି। ଏଥିରେ ୪୫ କୋଟିରୁ ଅଧିକ ବିଦ୍ୟୁତ ବିଲ୍, ୬୨୩ କୋଟିରୁ ଅଧିକ ଜଳକର, କର୍ମଚାରୀଙ୍କ ଦରମା, ୧୫ କୋଟିରୁ ଅଧିକ କଞ୍ଚାମାଲ, କେମିକାଲ ବକେୟା ପଡ଼ିଛି। ସେହିପରି ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ଓ ବ୍ୟାଙ୍କ ଋଣ ମଧ୍ୟ ରହିଛି। ଫଳରେ ମିଲ୍‌ର ଭବିଷ୍ୟତ ନେଇ କର୍ମଚାରୀ ସନ୍ଦେହରେ ରହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୧୩ ଜୁଲାଇ ୨୦୧୮ରେ ବିଲ୍ଟ ପେପର ମିଲ୍ ବନ୍ଦ ହୋଇଥିବା ବେଳେ ଏହାର ୩ ମାସ ପରେ ମିଲ୍ କାର୍ଯ୍ୟକ୍ଷମ ହୋଇଥିଲା। ଗତ ୨୦ ଏପ୍ରିଲରୁ ପେପର ମିଲ୍‌ରେ ପୁଣି ଉତ୍ପାଦନ ବନ୍ଦ ରହିଛି। କାରଖାନାରେ ୪୫୦ ସ୍ଥାୟୀ, ୭ ଶହ ଅସ୍ଥାୟୀ, ୨ ଶହ ଅଫିସର ନିୟୋଜିତ ଥିବାବେଳେ ଏମାନଙ୍କ ସମେତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ ହଜାରରୁ ଅଧିକ ଲୋକ ଏହା ଉପରେ ପେଟ ପାଟଣା ପାଇଁ ନିର୍ଭର କରନ୍ତି। ୨୦୧୯ ଫେବୃୟାରୀରୁ କର୍ମଚାରୀଙ୍କୁ ଦରମା ମିଳି ନଥିବା ବେଳେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ମେ ମାସରେ ଫେବୃୟାରୀ ମାସର ଗୋଟିଏ ଦରମା ମିଳିଥିଲା। କିନ୍ତୁ ଗତ ମାର୍ଚ୍ଚରୁ ଶ୍ରମିକମାନଙ୍କ ଆଉ ଦରମା ମିଳିନାହିଁ। ଓଭର ଟାଇମ କାମ କରୁଥିବା ଶ୍ରମିକମାନେ ମଧ୍ୟ ୪ ମାସ ହେବ ପାଉଣା ପାଇନାହାନ୍ତି। ଗତ ଏପ୍ରିଲରେ ମିଲ୍‌ର ୪ଟି ସ୍ଥାୟୀ ୟୁନିୟନ ଏଥିପାଇଁ କୋରାପୁଟ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଅଚଳାବସ୍ଥା ଦୂର କରିବା ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିଜ କାର୍ଯ୍ୟାଳୟରେ ଗତ ୬ ମେରେ ବିଲ୍ଟ କର୍ତ୍ତୃପକ୍ଷ, ଜିଲା ଶ୍ରମ ଅଧିକାରୀ, ଶ୍ରମିକ ପ୍ରତିନିଧିଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ବିଲ୍ଟ ପକ୍ଷରୁ ୟୁନିଟ୍ ହେଡ୍, ଏଚ୍‌ଆର୍ ଡିଜିଏମ୍ ଯୋଗଦେଇ କହିଥିଲେ ଯେ ମ୍ୟାନେଜମେଣ୍ଟ ପ୍ରତିମାସରେ କ୍ଷତି ସହୁଥିବା ବେଳେ ରାଜ୍ୟ ସରକାର ୨୦୧୭ରେ କାରଖାନା ପୁନଃ କାର୍ଯ୍ୟକ୍ଷମ ହେବା ବେଳେ କମ୍ପାନିକୁ କେତେକ କ୍ଷେତ୍ରରେ ରିହାତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଯାହା କାର୍ଯ୍ୟକାରୀ କରିନାହାନ୍ତି। ଜଳ କର, ବିଦ୍ୟୁତ ଦେୟ ଆଗରୁ ରହିଛି। କୋଇଲା ଓ କଞ୍ଚାମାଲ ମିଳୁନାହିଁ। ପୁରୁଣା ଯନ୍ତ୍ରପାତି ବଦଳାଇବା ପାଇଁ ପାଣ୍ଠିର ଆବଶ୍ୟକତା ରହିଥିବା ନେଇ ବୈଠକରେ ମ୍ୟାନେଜମେଣ୍ଟ ନିଜ ପକ୍ଷ ରଖିବା ସହ ଏ ଦିଗରେ ଜିଲାପାଳଙ୍କ ସହାୟତା ଲୋଡ଼ିଥିଲା। ନୂତନ ସରକାର ଗଠନ ପରେ ରିହାତି ପାଇଁ ଆବେଦନ କରିବା ପାଇଁ ସେତେବେଳେ ମ୍ୟାନେଜମେଣ୍ଟକୁ ପରାମର୍ଶ ଦେଇଥିଲେ ଜିଲାପାଳ। ଅନ୍ୟପକ୍ଷରେ ୟୁନିୟନ ପ୍ରତିନିଧିମାନେ କହିଛନ୍ତି, ଆବଶ୍ୟକ କଞ୍ଚାମାଲ ଓ କେମିକାଲ, ମରାମତି ପାଇଁ ଯନ୍ତ୍ରାଂଶ ଯୋଗାଡ଼ କଲେ ମିଲ୍ ନିର୍ଦ୍ଧାରିତ ୫୫୫୦ ଟନ୍‌ରୁ ଅଧିକ ଉତ୍ପାଦନ କରିପାରିବ। ମ୍ୟାନେଜମେଣ୍ଟ ୬ ମାସ ନିରନ୍ତର କାରଖାନା ଚଳାଇବା ପାଇଁ ଲକ୍ଷ୍ୟ ରଖି କାମ କଲେ ଲାଭକ୍ଷତି ଜଣାପଡ଼ିବ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଦରମା ନଥିବା ଯୋଗୁ ଏବେ ନାମଲେଖା ଋତୁ ଚାଲିଥିବା ବେଳେ କର୍ମଚାରୀଙ୍କ ପିଲା ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଅଭାବ ଅନଟନରେ ପରିବାର ଚାଲିଥିବା ବିଲ୍ଟସେବା ପେପର ମିଲ ଏମ୍ପ୍ଲୟର୍ସ ୟୁନିୟନର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାନ୍ତି କହିଛନ୍ତି। ଏପରିକି ଅବସର ନେଇଥିବା କର୍ମଚାରୀ ମଧ୍ୟ ୨ ବର୍ଷ ହେବ ବକେୟା ପାଇନାହାନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ହସ୍ତକ୍ଷେପ କରି ସମାଧାନର ବାଟ ବାହାର କରିବା ଲାଗି ଦାବି ହୋଇଛି।

**ଆଜିର ସମ୍ପାଦକୀୟ**

ବାହାପିଆ କଥା

**ଆଜିର ମନ୍ତବ୍ୟ**

"ସପ୍ତଦଶ ଶତାବ୍ଦୀରେ ବାପୁଙ୍କ ତିନି ମାଙ୍କଡ଼ ଜାପାନରେ ଜନ୍ମଗ୍ରହଣ କରିଥିଲେ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରେ ୨୦୬.୪ ନିୟୁତ ଟନ୍ ଲୁହାପଥର ଉତ୍ତୋଳନ ହୋଇଥିବା ବେଳେ ଏହା ୨୦୧୭-୧୮ରେ ୨୦୦.୯ ନିୟୁତ ଟନ୍ ଥିଲା। -ଖଣି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 27.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 111 | 172 | 182 |
| BLS | 111 | 172 | 182 |
| ANG | 109 | 170 | 180 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers

# ଜୀବନ ଆଶାରେ ମରଣ ମୁହଁରେ

## ଆମେରିକା- ମେକ୍ସିକୋ ସୀମା ରିଓ ଗ୍ରାଣ୍ଡେ ନଦୀରେ ଭାସିଗଲେ ଶରଣାର୍ଥୀ ଓ ୨୩ ମାସର ଝିଅ

**ସିଉଡାଡ୍ ଭିକ୍ଟୋରିଆ/ୱାଶିଂଟନ,୨୭।୬**

ମେକ୍ସିକୋ ସୀମାରେ ଆମେରିକୀୟ ସେନା ମୁତୟନ ଓ ଶରଣାର୍ଥୀଙ୍କ ପ୍ରତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଆଭିମୁଖ୍ୟକୁ ନେଇ ପୁଣିଥରେ ସୃଷ୍ଟି ହୋଇଛି ବିରାଟ ପ୍ରଶ୍ନବାଚୀ। ଏହାର କାରଣ ପାଲଟିଛି ଏହି ହୃଦୟ ବିଦାରକ ଚିତ୍ର। ଫଟୋଟି ଜଣେ ପିତା ଓ ତାଙ୍କ ଝିଅଙ୍କର, ଯାହାଙ୍କ ମୃତଦେହ ବୁଧବାର ଆମେରିକା-ମେକ୍ସିକୋ ସୀମାନ୍ତ ରିଓ ଗ୍ରାଣ୍ଡେ ନଦୀକୂଳରେ ମିଳିଛି। ଓସ୍କାର ଆଲବର୍ଟୋ ମାର୍ଟିନେଜ୍ ରେମିରେଜ୍‌ଙ୍କ କଳା ଟି-ଶାର୍ଟ ଉପରକୁ ଉଠିଯାଇଥିବାବେଳେ ଝିଅ ଭଲେରିଆ ତା' ଭିତରେ ଛନ୍ଦିହୋଇ ରହିଛନ୍ତି। ଭଲେରିଆଙ୍କ ହାତ ଓସ୍କାରଙ୍କ ବେକ ଉପରେ ରହିଛି। ସତେଯେମିତି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଶିଶୁକନ୍ୟା ନିଜ ବାପାଙ୍କ ସହିତ ରହିବାକୁ ଚାହିଁଥିଲେ। ଉତ୍ତମ ଜୀବନ ଜିଇଁବା ଆଶାରେ ମେକ୍ସିକୋରୁ ଆମେରିକାକୁ ଯାଉଥିବା ଶରଣାର୍ଥୀମାନେ କିପରି ମରଣ ମୁହଁରେ ପଡ଼ି ପ୍ରାଣ ହରାଉଛନ୍ତି, ତା'ର ଏକ ନିଷ୍ଠୁର ସତ୍ୟତା ବ୍ୟକ୍ତ କରୁଛି ଏହି ବହୁଚର୍ଚ୍ଚିତ ଛବି। ମେକ୍ସିକୋର ଏକ ଖବରକାଗଜରେ ଏହା ପ୍ରକାଶିତ ହେବା ପରେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଏହାକୁ ନେଇ ଟ୍ରମ୍ପଙ୍କ ଯୁକ୍ତି ବିବାଦ ସୃଷ୍ଟି କରିଛି।



ସାଲ୍‌ଭାଡରର ଜଣେ ଶରଣାର୍ଥୀ ଓ ତାଙ୍କ ୨୩ ମାସର ଝିଅ ଆମେରିକାକୁ ଅନୁପ୍ରବେଶ ବେଳେ ନଦୀରେ ଭାସିଯାଇ ପ୍ରାଣ ହରାଇଛନ୍ତି। ମୁହଁମାଡ଼ି ଭାସୁଥିବା ଓସ୍ୱାର ଆଲବର୍ଟୋ ମାର୍ଟିନେଜ୍ ରେମିରେଜ୍ ଏବଂ ଭଲେରିଆଙ୍କ ଏହି ହୃଦୟ ବିଦାରକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଦେଶାନ୍ତରୀଙ୍କ ଦୁର୍ଦ୍ଦଶାକୁ ନେଇ ପୁଣିଥରେ ବିତର୍କ ମୁଣ୍ଡ ଟେକିଛି।

ଏଲ୍-ସାଲ୍‌ଭାଡର ନିବାସୀ ୨୫ ବର୍ଷୀୟ ଓସ୍କାର ଓ ତାଙ୍କର ୨୧ ବର୍ଷୀୟା ସ୍ତ୍ରୀ ତାନିଆ ଭନେସା ଆଭାଲୋସ୍ ମେକ୍ସିକୋର ଡିଟେନ୍‌ଶନ୍ ସେଣ୍ଟର(ଶରଣାର୍ଥୀ ଶିବିର)ରେ ରହୁଥିଲେ। ସେମାନେ ସରକାରଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ନୂଆ ଜୀବନ ବିତାଇବା ଆଶାରେ ଆମେରିକା ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଦୁହେଁ ତାଙ୍କର ୨୩ ମାସର ଝିଅ ଭଲେରିଆଙ୍କୁ ନେଇ ରବିବାର ଅପରାହ୍ଣରେ ମେକ୍ସିକୋରୁ ଆମେରିକା ଯାଉଥିଲେ। ମେକ୍ସିକୋର ମାଟାମୋରୋସ୍ ଏବଂ ଟେକ୍ସାସ୍‌ର ବ୍ରାଉନ୍ସଭିଲ୍ଲା ମଧ୍ୟଦେଇ ପ୍ରବାହିତ ରିଓ ଗ୍ରାଣ୍ଡେ ନଦୀର ପ୍ରବାହରେ ବାପଝିଅ ଭାସିଯାଇଥିବାବେଳେ ଓସ୍କାରଙ୍କ ସ୍ତ୍ରୀ ବର୍ତ୍ତିଯାଇଛନ୍ତି। ସେ ନଦୀକୂଳରେ ପହଞ୍ଚିଛନ୍ତି। ଦୁଇ ମୃତଦେହ ତାମାଉଲିପସ୍ ରାଜ୍ୟର ମାଟାମୋରୋସ୍‌ରେ ମିଳିଥିଲା। ବାପଝିଅଙ୍କ ଫଟୋ ସାମ୍ନାକୁ ଆସିବା ପରେ ଏଲ୍-ସାଲ୍‌ଭାଡର ଏବଂ ମେକ୍ସିକୋରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ମେକ୍ସିକୋର ବାମପନ୍ଥୀ ନେତା ଆନ୍ଦ୍ରେସ ମାନୁଏଲ୍ ଲୋପେଜ୍ ଓବ୍ରାଡର ଶରଣାର୍ଥୀଙ୍କ ଅଧିକାରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଶପଥ ନେଇ ୨୦୧୮ ଡିସେମ୍ବରରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ଶରଣାର୍ଥୀଙ୍କ ପ୍ରତି ତାଙ୍କର ବ୍ୟବହାର ଓ ଆଭିମୁଖ୍ୟକୁ ନେଇ ଏବେ କଡ଼ା ସମାଲୋଚନା କରାଯାଉଛି। ଆମେରିକା ସୀମାରେ ମେକ୍ସିକୋର ୧୫,୦୦୦ ସୈନ୍ୟ ମୁତୟନ ହୋଇଛନ୍ତି। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପ ଯୋଗୁ ଓବ୍ରାଡର ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଥିବା କୁହାଯାଉଛି।

ରିଓ ଗ୍ରାଣ୍ଡେ ନଦୀକୂଳରେ ବାପଝିଅଙ୍କ ମୃତଦେହ ଭାସୁଥିବା ଫଟୋ ୩ ବର୍ଷୀୟ ଆୟଲାନ୍ କୁର୍ଦ୍ଦିଙ୍କ ସ୍ମୃତିକୁ ଉଜ୍ଜୀବିତ କରିଛି, ଯାହାଙ୍କ ମୃତଦେହ ୨୦୧୫ରେ ତୁର୍କୀର ସମୁଦ୍ରକୂଳରେ ମିଳିଥିଲା। ସେତେବେଳେ ଶରଣାର୍ଥୀଙ୍କ ପ୍ରତି ନରମ ଆଭିମୁଖ୍ୟ ପୋଷଣ କରିବାକୁ ବିଶ୍ୱ ସମୁଦାୟକୁ ଅନୁରୋଧ କରାଯାଇଥିଲା। ଏପରି କି ଜାତିସଂଘରେ ମଧ୍ୟ ଏହାର ସ୍ୱର ଗୁଞ୍ଜରିତ ହୋଇଥିଲା। ତିନିବର୍ଷ ପରେ ପୁଣିଥରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ପ୍ରକାଶ ଯେ, ଆମେରିକା ଓ ମେକ୍ସିକୋ ମଧ୍ୟରେ ରହିଥିବା ୩,୧୪୫ କି.ମି. ବିସ୍ତୃତ ସୀମା ହେଉଛି ବିଶ୍ୱର ସର୍ବାଧିକ ଅତିକ୍ରମ କରାଯାଉଥିବା ସରହଦ। ବାର୍ଷିକ ୩୫୦ ନିୟୁତ ଲୋକ ଏହି ସୀମା ଅତିକ୍ରମ କରନ୍ତି। ଗତବର୍ଷ ଏହି ସୀମା ଡେଇଁବା ବେଳେ ୨୮୦ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଝିଅକୁ ଶେଷ ଯାଏ ସୁରକ୍ଷା ଦେଇଥିଲେ ବାପା

ଏଲ୍ ସଲଭାଡୋରସ୍ଥିତ ସାନ୍ ମାର୍ଟିନ୍ ବାସଭବନରେ ରୋସା ରମିରେଜ୍ ତାଙ୍କ ନାତୁଣୀ ଭଲେରିଆଙ୍କ କଣ୍ଢେଇ ଦେଖାଇ କାନ୍ଦି ପକାଉଛନ୍ତି। ଓସ୍କାରଙ୍କ ମା' ରୋସା କହିଛନ୍ତି, ଫଟୋକୁ ଦେଖିବା ପରେ ସେ ଦୁଃଖରେ ଭାଙ୍ଗିପଡ଼ିଥିଲେ। ହେଲେ ବାପଝିଅ ଦୁହେଁ ପରସ୍ପରର ବାହୁରେ ଆବଦ୍ଧ ହୋଇ ମୃତ୍ୟୁକୁ ଆଦରିନେଇଛନ୍ତି ଜାଣି ସେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ଓସ୍କାର କେମିତି ନିଜ ଝିଅଙ୍କୁ ଶେଷ ଯାଏ ସୁରକ୍ଷା ଦେଇଛନ୍ତି ତାହା ଫଟୋରୁ ବୁଝି ହେଉଛି।



### ଫଟୋ ଦେଖିବାକୁ ଘୃଣା କରନ୍ତି ଟ୍ରମ୍ପ୍

ବାପଝିଅଙ୍କ ଫଟୋକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ସୀମାରେ ନିରାପତ୍ତା କଡ଼ାକଡ଼ି କରିବା ପାଇଁ ଆଇନ ପ୍ରଣୟନ ପାଇଁ ଉଦ୍ୟମ କରୁଥିବାବେଳେ ଡେମୋକ୍ରାଟ୍‌ମାନେ ତାଙ୍କର ଗୋଡ଼ ଟାଣିଥିଲେ। ସେମାନେ ଏପରି କରି ନ ଥିଲେ ଏବେ ଏହି ମୃତ୍ୟୁ ଘଟି ନ ଥାନ୍ତା। ଡେମୋକ୍ରାଟ୍‌ମାନେ ଆଇନ ସଂଶୋଧନ କଲେ ଏଭଳି ଘଟଣାକୁ ତୁରନ୍ତ ରୋକାଯାଇ ପାରିବ ଏବଂ କୌଣସି ବାପା ଓ ଝିଅ ଏପରି ମୃତ୍ୟୁମୁଖରେ ପଡ଼ିବାକୁ ବାଧ ହେବେନାହିଁ। ଅତ୍ୟନ୍ତ ବିଚଳିତ କରିବା ଭଳି ଏହି ଫଟୋକୁ ଦେଖିବାକୁ ସେ ଘୃଣା କରନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ଅନ୍ୟପକ୍ଷରେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଏହି ଘଟଣାକୁ ନେଇ ଶୋକବ୍ୟକ୍ତ କରିବା ସହ ମେକ୍ସିକୋରୁ ଆମେରିକା ଯାଉଥିବାବେଳେ ପ୍ରାଣ ହରାଇଥିବା ସମସ୍ତ ଶରଣାର୍ଥୀଙ୍କ ପାଇଁ ପ୍ରାର୍ଥନା କରିଛନ୍ତି।



# ମରାଠା ସଂରକ୍ଷଣ ବୈଧ

**ମୁମ୍ବାଇ,୨୭।୬(ପି.ଟି.)**

**୧୩%ରେ ସୀମିତ ରଖାଯାଉ: ବମ୍ବେ ହାଇକୋର୍ଟ**

ସରକାରୀ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ମରାଠା ସମ୍ପ୍ରଦାୟ ଲାଗି ସ୍ଥାନ ସଂରକ୍ଷଣ ଦାବିର ସାମ୍ବିଧାନିକ ବୈଧତା ରହିଛି ବୋଲି ଗୁରୁବାର ବମ୍ବେ ହାଇକୋର୍ଟ କହିଛନ୍ତି। ତେବେ ୧୬ ପ୍ରତିଶତ କୋଟା ଦାବି କରିବା ଠିକ୍ ନୁହେଁ। ଏହାକୁ ୧୨ରୁ ୧୩ ପ୍ରତିଶତ ମଧ୍ୟରେ ସୀମିତ ରଖିବା ଲାଗି ହାଇକୋର୍ଟ ପରାମର୍ଶ ଦେଇଛନ୍ତି। ରାଜ୍ୟ ପଛୁଆବର୍ଗ ଆୟୋଗଙ୍କ ସୁପାରିସ୍ ଅନୁଯାୟୀ ସଂରକ୍ଷଣ ସୀମିତ ରହିବା ଉଚିତ ବୋଲି ଜଷ୍ଟିସ୍ ରଞ୍ଜିତ ମୋରେ ଏବଂ ଭାରତୀ ଡାଙ୍ଗ୍ରେଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଆୟୋଗ ଶିକ୍ଷାକ୍ଷେତ୍ରରେ ୧୨% ଓ ନିଯୁକ୍ତିରେ ୧୩ ପ୍ରତିଶତ ସଂରକ୍ଷଣ ଲାଗି ପୂର୍ବରୁ ସୁପାରିସ୍ କରିଥିଲେ। ରାଜ୍ୟ ସରକାର ସାମାଜିକ ଓ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗ (ଏସ୍‌ଇବିସି)ଙ୍କ ଲାଗି ସ୍ୱତନ୍ତ୍ର ବର୍ଗ ସୃଷ୍ଟି କରି ସଂରକ୍ଷଣ ସୁବିଧା ଯୋଗାଇ ଦେବାକୁ ହାଇକୋର୍ଟ କହିଛନ୍ତି। ଅଦାଲତଙ୍କ ରାୟକୁ ମହାରାଷ୍ଟ୍ରର ଶାସକ ଭାଜପା-ଶିବସେନା ପକ୍ଷରୁ ସ୍ୱାଗତ କରାଯାଇଛି।

# କଂଗ୍ରେସ ନେତାଙ୍କୁ ଗୁଳିକରି ହତ୍ୟା

**ଫରିଦାବାଦ/ନୂଆଦିଲ୍ଲୀ, ୨୭।୬ (ପି.ଟି.)**

**ହରିୟାଣାର ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଲେ ରାହୁଲ**

ହରିୟାଣାର କଂଗ୍ରେସ ନେତା ବିକାଶ ଚୌଧୁରୀଙ୍କୁ ଗୁରୁବାର ଦିବାଲୋକରେ ଗୁଳିକରି ହତ୍ୟା କରାଯାଇଛି। ପ୍ରଦେଶ କଂଗ୍ରେସର ମୁଖପାତ୍ର ଥିବା ବିକାଶ ସେକ୍ଟର ୯ରେ ଥିବା ଏକ ଜିମ୍ ନିକଟରେ ନିଜ କାର୍‌କୁ ପାର୍କିଂ କରୁଥିବାବେଳେ ଦୁର୍ବୃତ୍ତମାନେ ଦୁଇପଟୁ ପ୍ରାୟ ୧୫ଟି ଗୁଳିମାଡ଼ କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସର୍ବୋଦୟ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ବିକାଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା ବୋଲି ଏସିପି ଜୟବୀର ସିଂ ରାଠି ପ୍ରକାଶ କରିଛନ୍ତି। ଏଭଳି ଘଟଣାକୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତୀବ୍ର ନିନ୍ଦାକରିବା ସହ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି।

ଏସିପି କହିଛନ୍ତି, ସମସ୍ତ ଘଟଣା ସିସିଟିଭି କ୍ୟାମେରାରେ କଏଦ୍ ହୋଇ ଅଛି ଓ ଘଟଣାସ୍ଥଳରୁ ୧୨ଟି କାର୍ତ୍ରିଜ୍ ଜବତ ହୋଇଛି। ଏହି ହତ୍ୟାକାଣ୍ଡ ଯୋଜନାବଦ୍ଧ ଥିଲା ଓ ଦୁର୍ବୃତ୍ତମାନେ ବିକାଶ କାର୍‌ରେ ଏକୁଟିଆ ଜିମ୍ ଯାଉଥିଲେ ବୋଲି ଜାଣିଥିଲେ। ବିକାଶଙ୍କ ବେକ, ଛାତିରେ ଗୁଳି ବାଜିବାରୁ ସେ ଘଟଣାସ୍ଥଳରେ ହିଁ ଟଳିପଡ଼ିଥିଲେ ବୋଲି ଏସିପି ପ୍ରକାଶ କରିଛନ୍ତି। ପୋଲିସ ଏନେଇ ଏକ ହତ୍ୟା ମାମଲା ରୁଜୁକରି ସିସିଟିଭି କ୍ୟାମେରା ଯାଞ୍ଚ କରୁଥିବା ସେ କହିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ଲାଗି ଏକାଧିକ ପୋଲିସ ଟିମ୍ ଗଠନ କରାଯାଇଥିବା ପ୍ରକାଶ।



ବିକାଶ ଚୌଧୁରୀ

**■ ଶର୍ଟସର୍କିଟ୍‌ରୁ ଫ୍ରିଜ୍ ଫାଟିଲା**

# ଖବରଦାତାଙ୍କ ସହ ସ୍ତ୍ରୀ, ମା'ଙ୍କ ମୃତ୍ୟୁ

**ଚେନ୍ନାଇ,୨୭।୬**

ଏକ ରେଫ୍ରିଜରେଟରରେ ବିସ୍ଫୋରଣ ହେବାରୁ ତାମିଲ ଟିଭି ଚ୍ୟାନେଲ୍‌ର ଖବରଦାତା, ତାଙ୍କ ସ୍ତ୍ରୀ ଓ ମାଆଙ୍କର ମୃତ୍ୟୁ ଘଟିଛି। ବିଦ୍ୟୁତ ଶର୍ଟ ସର୍କିଟରୁ ଏଭଳି ବିସ୍ଫୋରଣ ହୋଇଥିବା ପୋଲିସ କହିଛି। ବିସ୍ଫୋରଣ ପରେ ଘରେ ଧୂଆଁ ଭର୍ତ୍ତି ହୋଇଯାଇଥିଲା। ଯାହା ଫଳରେ ଶ୍ୱାସରୁଦ୍ଧ ହୋଇ ତିନି ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତକମାନେ ହେଲେ ନ୍ୟୁଜ୍ ଜି ଚ୍ୟାନେଲର ଖବରଦାତା ପ୍ରସନ୍ନ (୩୬), ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ଅର୍ଚ୍ଚନା(୩୨) ଓ ମାଆ ରେବତୀ (୫୯)। ସେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ବୁଧବାର ରାତି ୨ଟାରେ ସେମାନେ ଶୋଇଥିବାବେଳେ ଫ୍ରିଜ୍‌ରେ ବିସ୍ଫୋରଣ ହୋଇଥିଲା। ଏହାପରେ ବିଦ୍ୟୁତ କଟିଯିବାରୁ ସେମାନେ ଉଦ୍ୟମ କରି ମଧ୍ୟ ବାହାରକୁ ବାହାରିପାରି ନ ଥିଲେ।

# ଜାଗୁଆରରେ ପକ୍ଷୀ ମାଡ଼

**ଅମ୍ବାଲା,୨୭।୬**

ଗୁରୁବାର ସକାଳେ ମଝି ଆକାଶରେ ଭାରତୀୟ ବାୟୁସେନାର ଜାଗୁଆର ଜେଟ୍‌ରେ ଏକ ପକ୍ଷୀ ମାଡ଼ହେବାରୁ ଏହାର ଗୋଟିଏ ଇଞ୍ଜିନ୍ ଅଚଳ ହୋଇଯାଇଥିଲା। ଫଳରେ ଏଥିରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ପାଇଲଟ ଇନ୍ଧନ ଟ୍ୟାଙ୍କରୁ ତେଲ ନିଷ୍କାସନ କରି ବିମାନଟିକୁ ନିରାପଦରେ ଅମ୍ବାଲା ବାୟୁସେନା ଷ୍ଟେସନରେ ଅବତରଣ କରାଇବାରେ ସକ୍ଷମ ହୋଇଥିଲେ। ବିମାନରେ ଅଭ୍ୟାସ ପାଇଁ ରଖାଯାଇଥିବା ଛୋଟ ବୋମାଗୁଡିକୁ ମଧ୍ୟ ଫିଙ୍ଗିଦିଆଯାଇଥିଲା। ପରେ ସେଗୁଡ଼ିକୁ ଉଦ୍ଧାର କରାଯାଇଛି। ଚଳିତ ମାସ ଆରମ୍ଭରେ ବାୟୁସେନାର ଆଉ ଏକ ଜାଗୁଆର ବିମାନ ଗୁଜରାଟର କଚ୍ଛଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ପାଇଲଟ ତଥା ଏୟାର କମୋଡର ସଞ୍ଜୟ ଚୌହାନ ପ୍ରାଣ ହରାଇଥିଲେ।

# ବଜେଟ ପୂର୍ବରୁ ମନମୋହନଙ୍କୁ ଭେଟିଲେ ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ,୨୭।୬(ପି.ଟି.)**



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜୁଲାଇ ୫ରେ ତାଙ୍କର ପ୍ରଥମ ବଜେଟ ଉପସ୍ଥାପନ କରିବାକୁ ଯାଉଥିବାବେଳେ ଏହା ପୂର୍ବରୁ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ମନମୋହନ ସିଂଙ୍କୁ ଗୁରୁବାର ତାଙ୍କ ବାସଭବନରେ ଭେଟିଛନ୍ତି। ପି.ଭି. ନରସିଂହ ରାଓଙ୍କ ସରକାରରେ ମନମୋହନ ଅର୍ଥମନ୍ତ୍ରୀ ଥିବାବେଳେ ୧୯୯୧ରେ ଅନେକ ଆର୍ଥିକ ସଂସ୍କାର ଘୋଷଣା କରିଥିଲେ, ଯାହା ଭାରତର ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ଆଣିଥିଲା। ତେବେ ମନମୋହନଙ୍କୁ ସୀତାରାମନ୍ ଭେଟିବା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ଅର୍ଥମନ୍ତ୍ରଣାଳୟ ସୂତ୍ରରୁ କୁହାଯାଇଛି। ପାଖାପାଖି ୩ ଦଶନ୍ଧି ଧରି ରାଜ୍ୟ ସଭା ସଦସ୍ୟ ଥିବା ମନମୋହନଙ୍କ କାର୍ଯ୍ୟକାଳ ନିକଟରେ ଶେଷ ହୋଇଛି। କେନ୍ଦ୍ରରେ ପୂର୍ଣ୍ଣକାଳୀନ ଅର୍ଥମନ୍ତ୍ରୀ ହେବାରେ ସୀତାରାମନ୍ ପ୍ରଥମ ମହିଳା। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱରେ ଥିଲେ।

# ବୋମା ଆତଙ୍କ: ଲଣ୍ଡନରେ ଓହ୍ଲାଇଲା ନେୱାର୍କ ବିମାନ

**ମୁମ୍ବାଇ,୨୭।୬**

ମୁମ୍ବାଇରୁ ଆମେରିକା ନ୍ୟୁଜର୍ସିର ନେୱାର୍କ ସହରକୁ ଯାଉଥିବା ଏୟାର ଇଣ୍ଡିଆର ଏକ ନନ୍‌ଷ୍ଟପ୍ ବିମାନରେ ବୋମା ଥିବା ଖବର ପହଞ୍ଚିବାରୁ ଏହାକୁ ଲଣ୍ଡନର ଷ୍ଟାନଷ୍ଟେଡ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ବୋଇଂ ୭୭୭ ବିମାନଟି ଭୋର ୪ଟା ୫୦ରେ ମୁମ୍ବାଇ ଛାଡିଥିଲା। ଏହା ବ୍ରିଟେନ ଆକାଶରେ ଉଡୁଥିବାବେଳେ ସେଥିରେ ବୋମା ଥିବା ପାଇଲଟଙ୍କୁ ସୂଚନା ଦିଆଯାଇଥିଲା। ଫଳରେ ପାଇଲଟ ବିମାନର ଦିଗ ବଦଳାଇ ଅପରାହ୍ଣ ୩ଟାରେ ଷ୍ଟାନ୍‌ଷ୍ଟେଡ ବିମାନ ବନ୍ଦରରେ ଅବତରଣ କରାଇଥିଲେ। ବିମାନକୁ ସୁରକ୍ଷା କର୍ମୀଙ୍କ ତଦାରଖରେ ରଖାଯାଇଛି।

## [ଇତିହାସର ଆଇନାରେ] ଜୁନ୍ ୨୮ର ପ୍ରମୁଖ ଘଟଣା

୨୦୦୪ ଜୁନ୍ ୨୮ରେ ଇରାକ୍‌ର ମଧ୍ୟବର୍ତ୍ତିକାଳୀନ ସରକାରଙ୍କୁ ସାର୍ବଭୌମ କ୍ଷମତା ହସ୍ତାନ୍ତର କରାଯାଇଥିଲା। ଏହାଦ୍ୱାରା ଆମେରିକା ନେତୃତ୍ୱାଧୀନ ଶାସନର ପରିସମାପ୍ତି ଘଟିଥିଲା। ଇରାକରେ ମଧ୍ୟବର୍ତ୍ତିକାଳୀନ ସରକାର ଆମେରିକା ଓ ଏହାର ମିତ୍ରଶକ୍ତି ଦ୍ୱାରା ଗଠିତ ହୋଇଥିଲା। ଇରାକରେ ନୂଆ ସମ୍ବିଧାନର ଚିଠା ପ୍ରସ୍ତୁତି ପର୍ଯ୍ୟନ୍ତ କାମଚଳା ସରକାର ଦ୍ୱାରା ଶାସନ ପରିଚାଳିତ ହେଉଥିଲା।

୨୦୦୯ ଜୁନ ୨୮ରେ ହଣ୍ଡୁରାସ୍ ରାଷ୍ଟ୍ରପତି ମାନୁଏଲ୍ ଜେଲାୟାଙ୍କୁ ତାଙ୍କ ପଦବୀରୁ ହଟାଯାଇଥିଲା। କାରଣ ହଣ୍ଡୁରାସ୍ ସମ୍ବିଧାନର ପୁନର୍ଲିଖନ ପାଇଁ ଜନମତ ସଂଗ୍ରହ କରିବାରେ ସେ ବିଫଳ ହୋଇଥିଲେ। ଏହାପରେ ହଣ୍ଡୁରାସ୍‌ରେ ସାମ୍ବିଧାନିକ ସଂକଟ ଆରମ୍ଭ ହୋଇଥିଲା। ହଣ୍ଡୁରାସ୍‌ ୨୦୦୬ ଜାନୁୟାରୀ ୨୭ରୁ ରାଷ୍ଟ୍ରପତି ଥିଲେ।

# ଦଳାଚକଟାରେ ୧୬ ମୃତ

**ଆନ୍‌ଟାନାନାରିଭୋ, ୨୭।୬(ଆଇଏଏନ୍‌ଏସ୍)**

ମାଡାଗାସ୍କାର ସ୍ୱାଧୀନତା ଦିବସ ପାଳନ ଅବସରରେ ଦଳାଚକଟାରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮୨ ଆହତ ହୋଇଛନ୍ତି। ରାଜଧାନୀ ଆନ୍‌ଟାନାନାରିଭୋର ମ୍ୟୁନିସିପାଲ ଷ୍ଟାଡିୟମ୍‌ରେ ବୁଧବାର ସାମରିକ ପରେଡ ଅନୁଷ୍ଠିତ ହେଉଥିଲା। ରାଷ୍ଟ୍ରପତି ଆଣ୍ଡ୍ରି ରାଜୋଇଲିନାଙ୍କ ସହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ରୁଆଣ୍ଡା ରାଷ୍ଟ୍ରପତି ପଲ୍ କାଗାମେ। ପରେଡ ଦେଖିସାରିବା ପରେ ହଜାର ହଜାର ଲୋକ ଷ୍ଟାଡିୟମ୍‌ରୁ ବାହାରକୁ ଆସୁଥିଲେ। ଗେଟ୍ ଖୋଲିଯାଇଥିବା ଶୁଣି ଲୋକମାନେ ବାହାରକୁ ଆସିବାକୁ ଉଦ୍ୟମ କଲାବେଳେ ଷ୍ଟାଡିୟମ୍‌ର ପ୍ରସ୍ଥାନ ଦ୍ୱାର ବନ୍ଦ ଥିଲା। ଫଳରେ କ୍ଷୁବ୍‌ଧ ଜନତାଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଆହତଙ୍କ ମଧ୍ୟରୁ ଅଧିକାଂଶ ଗୁରୁତର ଥିବାରୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରଯାଇଛି। ଉଭୟ ରାଷ୍ଟ୍ରପତି ଏବଂ ସମ୍ମାନିତ ଅତିଥି ଏଥିପାଇଁ ଦୁଃଖ ପ୍ରକାଶ କରିଛନ୍ତି।




# ଆବେଙ୍କୁ ଭେଟିଲେ ମୋଦି

**ଓସାକା,୨୭।୬ (ପି.ଟି.)**

ଜି-୨୦ ସମ୍ମିଳନୀରେ ଯୋଗଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଜାପାନ ପ୍ରତିପକ୍ଷ ଶିଞ୍ଜୋ ଆବେଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ବିଶ୍ୱ ଅର୍ଥନୀତି, ଫେରାର ଆର୍ଥିକ ଅପରାଧୀଙ୍କୁ ଧରିବା ଓ ବିପର୍ଯ୍ୟୟ ପରିଚାଳନା ପ୍ରସଙ୍ଗ ଆଦି ଆଲୋଚନାରେ ସ୍ଥାନ ପାଇଥିଲା। ଜି-୨୦ରେ ଜାପାନର ନେତୃତ୍ୱକୁ ମୋଦି ପ୍ରଶଂସା କରିଥିଲେ। ଅକ୍ଟୋବରରେ ହେବାକୁ ଥିବା ନାରୁହିଟୋଙ୍କ ରାଜ୍ୟାଭିଷେକ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେବେ ବୋଲି ମୋଦି ଏହି ଅବସରରେ କହିଥିଲେ। ବର୍ଷ ଶେଷରେ ହେବାକୁ ଥିବା ବାର୍ଷିକ ସମ୍ମିଳନୀରେ ଯୋଗଦେବାକୁ ମୋଦି ଭାରତ ଆସିବା ଲାଗି ଆବେଙ୍କୁ ଆମନ୍ତ୍ରଣ କରିଛନ୍ତି।

ଦୁଇ ବନ୍ଧୁରାଷ୍ଟ୍ର ମୁଖ୍ୟଙ୍କ ମଧ୍ୟରେ ଆଲୋଚନା ଗଠନମୂଳକ ଓ ସଫଳ ହୋଇଛି। ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ଫେରାର ଆର୍ଥିକ ଅପରାଧୀଙ୍କୁ ଧରିବା ଲାଗି ସଦସ୍ୟ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିବେ। ଦୁର୍ନୀତି ବିରୋଧୀ ଅଭିଯାନକୁ ଅଧିକ କ୍ରିୟାଶୀଳ କରିବା ଲାଗି ଏହାର ଯଥେଷ୍ଟ ଆବଶ୍ୟକତା ରହିଥିବା ସେ କହିଛନ୍ତି। ଏଥିସହ ବିଶ୍ୱ ବାଣିଜ୍ୟ ସମସ୍ୟା, ପାଣିପାଗ ପରିବର୍ତ୍ତନ, ବିପର୍ଯ୍ୟୟ ପରିଚାଳନା ପ୍ରସଙ୍ଗ ଆଦି ସ୍ଥାନ ପାଇବ।



**■ଫେରାର ଆର୍ଥିକ ଅପରାଧୀ ପ୍ରସଙ୍ଗ ନେଇ ଆଲୋଚନା**

**■ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ସହଯୋଗ ଲୋଡ଼ିଲେ**

ମୋଦି- ଆବେଙ୍କ ମଧ୍ୟରେ ମୁମ୍ବାଇ-ଅହମଦାବାଦ୍ ହାଇସ୍ପିଡ୍ ରେଲୱେ କରିଡର୍ ଓ ବାରାଣସୀରେ ଏକ ସମ୍ମିଳନୀ କେନ୍ଦ୍ର ଖୋଲିବା ନେଇ ଆଲୋଚନା ହୋଇଛି। ପୂର୍ବୋତ୍ତର ଭାରତରେ ଜାପାନର କାର୍ଯ୍ୟକୁ ମୋଦି ପ୍ରଶଂସା କରିଥିଲେ। ପୁନଃ ଥଇଥାନ ଓ ପୁନଃନିର୍ମାଣ ଲାଗି ଦୁଇଦେଶ ଏକହୋଇ କାର୍ଯ୍ୟକରିବା ଉପରେ ମୋଦି ଗୁରୁତ୍ୱ ଦେଇଛନ୍ତି।

ଜାପାନ୍‌ରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି ନୂଆ ଭାରତ ଗଠନରେ ଜାପାନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କହିଛନ୍ତି। ବିଶ୍ୱର ସର୍ବବୃହତ ଗଣତନ୍ତ୍ର ପ୍ରତି ଆସ୍ଥାଭାଜନ ହୋଇଥିବାରୁ ପ୍ରବାସୀ ଭାରତୀୟଙ୍କୁ ମୋଦି ଧନ୍ୟବାଦ ଜଣାଇଥିଲେ। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ମଧ୍ୟ ସେ ସେଠାରେ ପ୍ରଶଂସା କରିବାକୁ ଭୁଲି ନ ଥିଲେ। ପ୍ରକାଶଥାଉ କି, ପ୍ରଧାନମନ୍ତ୍ରୀ ମୋଦି ଜି-୨୦ ଶିଖର ସମ୍ମିଳନୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆ ରାଷ୍ଟ୍ରପତି ପୁଟିନ୍ ଓ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଓ ଅନ୍ୟ ନେତାମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।




# ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ତରୁଣ ଆଚାର୍ଯ୍ୟ ହତ୍ୟା ମାମଲା**

ଖଲ୍ଲିକୋଟ,୨୭।୬(ଡି.ଏନ.ଏ.)

ବହୁଚର୍ଚ୍ଚିତ ଖବରଦାତା ତରୁଣ ଆଚାର୍ଯ୍ୟ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଖଲ୍ଲିକୋଟ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଇପିସି ଦଫା ୩୦୨/୧୨୦ବି ସମେତ ଅନ୍ୟାନ୍ୟ ଦଫାରେ ବିଚାରପତି ଶ୍ରୀନିବାସ ପ୍ରତିହାରୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପି. ଶ୍ୟାମ ସୁନ୍ଦର ପୃଷ୍ଟି, ସନ୍ତୋଷ ମହାରଣା, ଆର. ରମେଶ ରେଡ୍ଡୀ, ଶିବରାମ ନାଏକ ଓ ସୁରେଶ ସାହୁ। ରାୟ ପ୍ରକାଶ ପାଇବା ପରେ ତରୁଣଙ୍କ ଭାଇ ତଥା ଆଇନଜୀବୀ ତାପସ କୁମାର ଆଚାର୍ଯ୍ୟ ଏହା ଧର୍ମର ଜୟ ଏବଂ ଗଣମାଧମ ପ୍ରତିନିଧିଙ୍କ ଦ୍ୱାରା ଏହା ସମ୍ଭବ ହେଲା ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ବିକ୍ରମପୁର ଗ୍ରାମର ତରୁଣ ୨୦୧୪ ମେ ୨୭ ତାରିଖ ରାତିରେ ଖଲ୍ଲିକୋଟରୁ ଫେରୁଥିବା ବେଳେ ସ୍ଥାନୀୟ ଅବକାରୀ କାର୍ଯ୍ୟାଳୟ ନିକଟରେ ତାଙ୍କ ଗଳାକାଟି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାର ମାଷ୍ଟର ମାଇଣ୍ଡ ଥିଲେ କାଜୁ ଫ୍ୟାକ୍ଟ୍ରି ମାଲିକ ପି. ଶ୍ୟାମ ସୁନ୍ଦର ପୃଷ୍ଟି। କାଜୁ ଫ୍ୟାକ୍ଟ୍ରିରେ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଖବର ପରିବେଷଣ କରିଥିବାରୁ ତରୁଣଙ୍କ ଉପରେ ରାଗ ଶୁଝାଇବାକୁ ପି. ଶ୍ୟାମସୁନ୍ଦର ହତ୍ୟା ଯୋଜନା କରିଥିଲେ। ବ୍ରହ୍ମପୁରରୁ ୩ ଜଣ ସୁପାରିକିଲରଙ୍କୁ ଲଗାଇ ତରୁଣଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡ ପୂର୍ବରୁ ଓ ପରେ ଅନ୍ୟ ୨ ଜଣ ସହଯୋଗ କରିଥିବା ତଦନ୍ତରୁ ଜଣାପଡିଥିଲା। ଏହି ମାମଲାରେ ପୋଲିସ ପର୍ଯ୍ୟାୟକ୍ରମେ ମାଷ୍ଟରମାଇଣ୍ଡଙ୍କ ସମେତ ଉପରୋକ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟଜଣେ ଅଭିଯୁକ୍ତ ନୃସିଂହ ଚରଣ ପଣ୍ଡା ଓରଫ ଗୁଚ୍ଛୁ ଏବେ ବି ଫେରାର ଅଛନ୍ତି। ମାମଲାର ତଦନ୍ତରେ ଶିଥିଳତା ଦେଖାଦେବାରୁ ତରୁଣଙ୍କ ଭାଇ ତାପସ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ୨୦୧୫ରେ ହାଇକୋର୍ଟ ଏହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଛତ୍ରପୁର ଏଡିଜେ କୋର୍ଟରେ ଏହି ମାମଲାର ଶୁଣାଣି ହୋଇ ଆସୁଥିଲା। ଖଲ୍ଲିକୋଟରେ ଏଡିଜେ କୋର୍ଟ ଖୋଲିବା ପରେ ଛତ୍ରପୁର କୋର୍ଟରୁ ଏଠାକୁ ମାମଲା ସ୍ଥାନାନ୍ତର ହୋଇଥିଲା। ମାମଲାରେ ମୋଟ ୪୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଦୀର୍ଘ ୫ ବର୍ଷ ୧ ମାସ ପରେ ଗୁରୁବାର ଖଲ୍ଲିକୋଟ ଏଡିଜେ ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହି ରାୟ ବିରୋଧରେ ଅଭିଯୁକ୍ତମାନେ ଉପରକୋର୍ଟରେ ଆଶ୍ରୟ ନେବେ ବୋଲି କହିଛନ୍ତି। କିଶୋର ବିଶୋଇ, ଅଜୁ ପଟ୍ଟନାୟକ, ରାମ କୁମାର, କେକେ ବେହେରା ପ୍ରମୁଖ ଅଭିଯୁକ୍ତଙ୍କ ପକ୍ଷରୁ ଓ ଜୁନିୟର କାଉନସେଲ ସ୍ପେଶାଲ ପ୍ରୋସିକ୍ୟୁଟର କ୍ରାଇମବ୍ରାଞ୍ଚ ଯୁଗଳ ପଣ୍ଡା ତରୁଣଙ୍କ ପାଇଁ ମାମଲା ପରିଚାଳନା କରିଥିଲେ।

## ଅର୍ଥନୈତିକ ସର୍ଭେ ରିପୋର୍ଟ

# ତ୍ୱରାନ୍ୱିତ ହେଉଛି ଅଭିବୃଦ୍ଧି

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ରାଜ୍ୟର ବିକାଶ ଦ୍ରୁତ ଗତିରେ ମାଡିଚାଲିଛି। ହରିୟାଣା, ପଞ୍ଜାବ, କେରଳ, ଚଣ୍ଡିଗଡ, ମଧ୍ୟପ୍ରଦେଶ, କେରଳ, ଛତିଶଗଡ , ମହାରାଷ୍ଟ୍ର ଏବଂ ଝାଡଖଣ୍ଡ ଭଳି ରାଜ୍ୟକୁ ଓଡ଼ିଶାର ବିକାଶ ହାର ଟପି ଯାଇଛି। ୨୦୧୮-୧୯ରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ୮.୪ ପ୍ରତିଶତ ହୋଇଛି। ୨୦୧୭-୧୮ରେ ଏହି ଅଭିବୃଦ୍ଧି ହାର ଥିଲା ୭.୪ ପ୍ରତିଶତ। ୨୦୧୮-୧୯ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏକଥା କହିଛନ୍ତି ରାଜ୍ୟ ସରକାର। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ରାଜ୍ୟ ସରକାର ଗତ ୫ ବର୍ଷ ଧରି ବିକାଶ ଧାରାକୁ ଆଗେଇ ନେଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ୨୦୧୨-୧୩ରେ କୃଷକମାନଙ୍କର ମାସିକ ଆୟ ୪ ହଜାର ୯୭୬ ଥିବା ବେଳେ ୨୦୧୬-୧୭ରେ ୭ ହଜାର ୭୩୧ ଟଙ୍କାରେ ପହଞ୍ଚିଛି। ୨୦୧୮-୧୯ରେ ମୁଦ୍ରାସ୍ଫୀତି ହାର ୨.୯ ପ୍ରତିଶତ ରହିଛି, ଯାହାକି ସର୍ବଭାରତୀୟ ସ୍ତରରେ ସର୍ବନିମ୍ନ। ଏହା ଦ୍ୱାରା ରାଜ୍ୟବାସୀଙ୍କ କ୍ରୟ କ୍ଷମତା ବଢିଛି ବୋଲି ଏଥିରେ ଦର୍ଶାଯାଇଛି।

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୧୭-୧୮ରେ ରାଜ୍ୟର ମୂଲ୍ୟଭିତ୍ତିକ ଅଭିବୃଦ୍ଧି (ଜିଏସ୍‌ଭିଏ) ହାର ୭.୩ ପ୍ରତିଶତ ଥିବା ବେଳେ ୨୦୧୮-୧୯ରେ ଏହା ୭.୯ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୬-୧୭ରେ ବିନିର୍ମାଣ କ୍ଷେତ୍ର, ପାରିଶ୍ରମିକ ଓ ଦରମା ଜିଏସଭିଏର ୪୦ ପ୍ରତିଶତ ରହିଛି, ଯାହାକି ୨୦୦୬-୦୭ରେ ୨୪.୭ ପ୍ରତିଶତ ଥିଲା। ୨୦୦୭ରୁ ୨୦୧୮ ମଧ୍ୟରେ କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ଅଭିବୃଦ୍ଧି ହାର ୮.୨ ପ୍ରତିଶତ ରହିଥିବା ବେଳେ ଗତ ଆର୍ଥିକ ବର୍ଷରେ ୮.୩ ପ୍ରତିଶତ ବଢିଛି। ୨୦୧୮-୧୯ରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ କୃଷି କ୍ଷେତ୍ରର ଯୋଗଦାନ ଜିଏସ୍‌ଭିଏର ୧୮.୯ ପ୍ରତିଶତ ରହିଛି। ଗତ ଆର୍ଥିକ ବର୍ଷର ଆଗୁଆ ଆକଳନ ଅନୁଯାୟୀ ଉଦ୍ୟୋଗ କ୍ଷେତ୍ରର ଯୋଗଦାନ ଜିଏସ୍‌ଭିଏର ୩୯.୫ ପ୍ରତିଶତ ରହିଛି। ରାଜ୍ୟରେ ଖଣି କ୍ଷେତ୍ରର ଉତ୍ପାଦନ ବୃଦ୍ଧି ଯୋଗୁ ଉଦ୍ୟୋଗ କ୍ଷେତ୍ରର ଅଭିବୃଦ୍ଧି ୯.୩ ପ୍ରତିଶତରେ ପହଞ୍ଚିଥିବା ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ଜିଭିଏରେ ବିନିର୍ମାଣ କ୍ଷେତ୍ରର ଯୋଗଦାନ ୧୮ ପ୍ରତିଶତ ରହିଥିବା ବେଳେ ଏହା ୧୫.୮ ପ୍ରତିଶତ ହାରରେ ଆଗକୁ ବଢୁଛି। ରାଜ୍ୟ ଅର୍ଥନୀତିରେ ସେବା କ୍ଷେତ୍ର ଅବଦାନ ୪୧.୬ ପ୍ରତିଶତ ରହିଛି। ୨୦୧୮-୧୯ରେ ଏହି କ୍ଷେତ୍ର ୬.୨ ପ୍ରତିଶତ ହାରରେ ବଢିଥିବା ରିପୋର୍ଟରେ କୁହାଯାଇଛି। ତେବେ ଟେଲିକମ ଓ ମୋବାଇଲ ଫୋନ ସଂଯୋଗ କ୍ଷେତ୍ରରେ ଜାତୀୟ ସ୍ତର ଠାରୁ ରାଜ୍ୟ ଅନେକ ପଛରେ ପଡିଛି। ୨୦୧୮ ମାର୍ଚ୍ଚ ସୁଦ୍ଧା ଟେଲି ଘନତାର ଜାତୀୟ ହାର ୯୧.୦୯ ପ୍ରତିଶତ ରହିଥିବା ବେଳେ ରାଜ୍ୟରେ ଏହା ୭୯.୫୮ ହାର ରହିଛି। ୨୦୧୬-୧୭ ସୁଦ୍ଧା ରାଜ୍ୟର ୫୧,୩୧୧ରୁ ୧୧ ହଜାର ଗ୍ରାମରେ ମୋବାଇଲ ସେବା ଉପଲବ୍ଧ ହେଉ ନାହିଁ। ରାଜ୍ୟରେ ରେଳ ଘନତ୍ୱ ୧୬ କି.ମି. ରହିଥିବା ବେଳେ ଅନ୍ୟ ରାଜ୍ୟରେ ୨୦ କି.ମି ହାର ରହିଛି। ରାଜ୍ୟରେ ଲୋକମାନଙ୍କର ଆୟ ବୃଦ୍ଧି ପାଉଥିବା ସରକାର କହିଛନ୍ତି। ସର୍ଭେ ରିପୋର୍ଟ ଅନୁଯାୟୀ ମୁଣ୍ଡପିଛା ଆୟ ୨୦୧୭-୧୮ରେ ୭୦,୭୯୯ ଟଙ୍କା ରହିଥିବା ବେଳେ ୨୦୧୮-୧୯ରେ ୭୫,୭୯୬ ଟଙ୍କାକୁ ବୃଦ୍ଧି ପାଇଛି। ମୁଣ୍ଡପିଛା ଆୟ ଗତ ୭ ବର୍ଷରେ ୨୮ ହଜାର ଟଙ୍କା ବଢିଥିବା ରିପୋର୍ଟରେ କୁହାଯାଇଛି। ୨୦୧୭-୧୮ରେ ରାଜ୍ୟର ବେକାରଙ୍କ ସଂଖ୍ୟା ୭.୧ ପ୍ରତିଶତ ରହିଥିବା ବେଳେ ଜାତୀୟ ସ୍ତରରେ ଏହା ୬.୧ ପ୍ରତିଶତ ରହିଛି। ସହରାଞ୍ଚଳରେ ଏହା ୮.୪ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୬.୯ ପ୍ରତିଶତ ରହିଛି।

# ପ୍ରାଥମିକ ରିପୋର୍ଟରେ କେଉଟଗୁଡା ଷ୍ଟେଶନ୍‌ରେ ତ୍ରୁଟି

- ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣା
- ତଦନ୍ତ ଲାଗି ୬୧ କର୍ମଚାରୀଙ୍କୁ ଡାକରା

ରାୟଗଡ଼ା ଅଫିସ୍, ୨୭।୬

ରାୟଗଡ଼ା ଜିଲା ସିଙ୍ଗାପୁର ରୋଡ୍ ଓ କେଉଟଗୁଡା ଷ୍ଟେଶନ୍ ମଧ୍ୟରେ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣାର ତଦନ୍ତ ଜାରି ରହିଛି । ଗୁରୁବାର ବିଶାଖାପାଟଣା ଡିଭିଜନ କାର୍ଯ୍ୟାଳୟରୁ ଏକ ଅପରେଶନ ଟିମ ଆସି ତଦନ୍ତ କରିଛି। ସହକାରୀ ଅପରେଶନ ମ୍ୟାନେଜରଙ୍କ ନେତୃତ୍ୱରେ ଏହି ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ଅପରେଶନ ଇନ୍ସପେକ୍ଟର ଏମ୍.ଭି. ରାମଣା ଅପରେଶନ ବିଭାଗ କର୍ମଚାରୀଙ୍କୁ ପଚରାଉଚୁରା କରିଥିଲେ । ଚଳନ୍ତା ଟ୍ରେନରେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିବା କିଛି ଛୋଟକଥା ନୁହେଁ । ଷ୍ଟେଶନ୍‌ଠାରୁ ମାତ୍ର ୪ କି.ମି ଦୂରରେ ୪୦କି.ମି ବେଗରେ ଟ୍ରେନ ଯାଉଥିବା ବେଳେ ଲାଇନଚ୍ୟୁତ ହୋଇ ଅଗ୍ନିକାଣ୍ଡ ଘଟିବା ନିଶ୍ଚିତ ଭାବେ ଏକ ତ୍ରୁଟି ବୋଲି ଅନୁସନ୍ଧାନକାରୀ ଟିମ୍ ପ୍ରକାଶ କରିଛି । ପ୍ରାଥମିକ ରିପୋର୍ଟରେ କେଉଟଗୁଡା ଷ୍ଟେଶନ୍ କର୍ମଚାରୀଙ୍କ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଦର୍ଶାଯାଇଛି । ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ବିଦ୍ୟୁତ୍ ମରାମତି ପାଇଁ ଟାୱାରକାର ପକ୍ଷରୁ କେଉଟଗୁଡା ଓ ସିଙ୍ଗାପୁର ରୋଡ ଷ୍ଟେଶନ୍ ମଧ୍ୟରେ ବ୍ଲକ୍ କରାଯିବା ପରେ ଟାୱାରକାର ମରାମତି ଅଭିମୁଖେ ଯାଇଥିଲା । ମରାମତି ପରେ ଟାୱାରକାର ପକ୍ଷରୁ ବ୍ଲକ୍ ହଟାଇବା ପାଇଁ ସୂଚନା ଦିଆଯିବା ପରେ ସିଙ୍ଗାପୁର ରୋଡ ଷ୍ଟେଶନ୍ କର୍ତ୍ତୃପକ୍ଷ କେଉଟଗୁଡା ଷ୍ଟେଶନ୍‌କୁ ସୂଚନା ଦେଇ ବ୍ଲକ୍ ହଟାଇଥିଲେ । ଏହାପରେ ଉକ୍ତ ଟାୱାରକାରକୁ ଯିବା ନିମନ୍ତେ କେଉଟଗୁଡା ଷ୍ଟେଶନ୍ ପକ୍ଷରୁ ସିଗ୍‌ନାଲ ଦିଆଯିବା କଥା, ହେଲେ ତାହା ଦିଆଗଲା ନାହିଁ । ଏଣେ ସିଗ୍‌ନାଲ ଦିଆଯାଇ ନ ଥିବା ସମ୍ପର୍କରେ ସିଙ୍ଗାପୁର ରୋଡ ଷ୍ଟେଶନ୍‌କୁ ମଧ୍ୟ କୌଣସି ସୂଚନା ଦିଆଯାଇ ନ ଥିଲା । ଫଳରେ ସିଙ୍ଗାପୁର ରୋଡ ଷ୍ଟେଶନ୍ କର୍ତ୍ତୃପକ୍ଷ ଟାୱାରକାର ଉପସ୍ଥିତ ରହିଥିବା ସମ୍ପର୍କରେ ଜାଣିପାରିଲେ ନାହିଁ । ଆଉ ସେହି ରୁଟ୍‌ରେ ହିଁ ହାୱଡା-ଜଗଦଳପୁର ସମଲେଶ୍ୱରୀ ଏକ୍ସପ୍ରେସ୍‌କୁ ଛାଡି ଦିଆଯାଇଥିଲା । ଫଳରେ ଗୋଟିଏ ରୁଟ୍‌ରେ ୨ଟି ଟ୍ରେନ୍ ମୁହାଁମୁହିଁ ଧକ୍କା ହୋଇ ଲାଇନ୍‌ଚ୍ୟୁତ ହେବା ପରେ ଅଗ୍ନିକାଣ୍ଡ ଘଟିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି ।

ଶୁକ୍ରବାର କୋଲକତାସ୍ଥିତ ରେଳବାଇ ନିରାପତ୍ତା କମିଶନର ଆର୍.କେ. ଶର୍ମାଙ୍କ ନେତୃତ୍ୱରେ ଏକ ଟିମ୍ ରାୟଗଡା ଆସିବେ । ଏହି ଟିମ୍ ରାୟଗଡାଠାରେ ତଦନ୍ତ କରିବା ସହ କେଉଟଗୁଡା ଏବଂ ସିଙ୍ଗାପୁର ରୋଡ ଷ୍ଟେଶନ୍‌କୁ ମଧ୍ୟ ଅନୁଧ୍ୟାନ ପାଇଁ ଯିବାର କାର୍ଯ୍ୟକ୍ରମ ରହିଛି । ଏହି ତଦନ୍ତକାରୀ ଟିମ୍ ୨୯ ତାରିଖରେ ବିଶାଖାପାଟଣାସ୍ଥିତ ଡିଆର୍‌ଏମ୍ କାର୍ଯ୍ୟାଳୟରେ ତଦନ୍ତ କରିବେ । ଉଭୟ ରାୟଗଡା ଓ ବିଶାଖାପାଟଣାର ତଦନ୍ତ ପାଇଁ ୬୧ଜଣ ରେଳ କର୍ମଚାରୀଙ୍କୁ ଡାକରା ହୋଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ରାୟଗଡା ଷ୍ଟେଶନ୍ ଅଧୀକ୍ଷକ ପ୍ରତାପ ଚନ୍ଦ୍ର ସେଠୀ, ସମଲେଶ୍ୱରୀ ଏକ୍ସପ୍ରେସର ଡ୍ରାଇଭର ସଞ୍ଜୀବ ରାଓ, ସହକାରୀ ଡ୍ରାଇଭର ରୁଷି କୁମାର, ଗାର୍ଡ ଅନନ୍ତ ଚରଣ ସେନାପତିଙ୍କ ସମେତ ସିଙ୍ଗାପୁର ରୋଡ ଓ କେଉଟଗୁଡା ଷ୍ଟେଶନ୍ ମାଷ୍ଟର, ସିଗ୍‌ନାଲ, ଅପରେଶନ, ଟେଲିକମ୍ ଓ ଇଞ୍ଜିନିୟରିଂ ବିଭାଗର କର୍ମଚାରୀଙ୍କୁ ମଧ୍ୟ ଉପସ୍ଥିତ ରହିବାକୁ ରେଳ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି । ୩ରୁ ୪ଦିନ ଧରି ଏହି ତଦନ୍ତ କରାଯିବ ବୋଲି ସୂଚନା ମିଳିଛି ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସୌମ୍ୟଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ବିଜେଡି କାଉନସିଲର ହତ୍ୟା ମାମଲା

# ଭାଜପା ନେତା ଭୃଗୁ, ଗୋଲକଙ୍କ ଅନ୍ତରୀଣ ସୁରକ୍ଷା ବଢ଼ିଲା

**କଟକ ଅଫିସ,୨୭।୬**

ଛତ୍ରପୁର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ଓ ଗୋଲକ ମହାପାତ୍ରଙ୍କ ଅନ୍ତରୀଣ ସୁରକ୍ଷା ଅବଧିକୁ ଗୁରୁବାର ହାଇକୋର୍ଟ ବୃଦ୍ଧି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଦୁଇ ସପ୍ତାହ ପରେ କରାଯିବ। ଏହି ସମୟ ମଧ୍ୟରେ ପୋଲିସ କେସ୍ ଡାଏରୀ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ୨୦୧୭ ସେପ୍ଟେମ୍ବର ୧୬ରେ ହତ୍ୟା କରାଯାଇଥିଲା। ସଂଘବଦ୍ଧ ଭାବେ ଦୁର୍ବୃତ୍ତମାନେ ପ୍ରଧାନଙ୍କ ବାସଭବନ ଆଗରେ ତାଙ୍କୁ ଖଣ୍ଡା ଓ ମାରଣାସ୍ତ୍ରରେ ହାଣି ହତ୍ୟା କରିଥିଲେ। ଏହି ମାମଲାରେ ପୂର୍ବରୁ ପୋଲିସ ଜିଲାର ଭାଜପା ନେତା କୃଷ୍ଣ ନାୟକ ଓ ଦୁର୍ଯ୍ୟୋଧନ ରେଡ୍ଡୀଙ୍କୁ ଉତ୍ତରାଖଣ୍ଡର ଏକ ଗେଷ୍ଟ ହାଉସ୍‌ରୁ ଗିରଫ କରିଥିଲା। ତେବେ ଅଭିଯୁକ୍ତମାନଙ୍କୁ ଉକ୍ତ ଗେଷ୍ଟ ହାଉସ୍‌ରେ ଲୁଚାଇ ରଖିବା ପଛରେ ଭାଜପା ନେତା ଗୋଲକ ମହାପାତ୍ରଙ୍କ ଭୂମିକା ଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ଉକ୍ତ ଘଟଣାରେ ପୂର୍ବରୁ ପୋଲିସ ଗୋଲକଙ୍କୁ ଡାକି ଥାନାରେ ପଚରାଉଚରା କରିଥିଲା। ତେବେ ଗତ ଜାନୁୟାରୀ ୨୯ରେ ଉକ୍ତ ମାମଲାରେ ପୋଲିସ ପକ୍ଷରୁ ଗୋଲକଙ୍କ ସମେତ ଭାଜପାର ଅନ୍ୟତମ ନେତା ଭୃଗୁ ବକ୍ସିପାତ୍ରଙ୍କୁ ମଧ୍ୟ ନୋଟିସ କରାଯାଇଥିଲା। ଉଭୟଙ୍କୁ ଦୁଇଟି ପୃଥକ୍ ତାରିଖ ଯଥା ଗତ ଫେବୃୟାରୀ ୭ ଓ ଫେବୃୟାରୀ ୯ରେ ପୋଲିସ ନିକଟରେ ଉପସ୍ଥିତ ହେବା ପାଇଁ ନୋଟିସ କରାଯାଇଥିଲା। ମାତ୍ର ଉଭୟ ଏହି ମାମଲାରେ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜନ୍ମେଜୟ କଟିକିଆ ଏହି ମାମଲା ପରିଚାଳନା କରୁଛନ୍ତି।

# ରଜନୀକାନ୍ତ ସିଂ ଉପବାଚସ୍ପତି

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**


ରଜନୀକାନ୍ତ ସିଂ

ଅନୁଗୋଳ ବିଜେଡି ବିଧାୟକ ରଜନୀକାନ୍ତ ସିଂ ଷୋଡ଼ଶ ବିଧାନସଭାର ଉପବାଚସ୍ପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶେଷ ହେବା ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶୂନ୍ୟକାଳକୁ ସ୍ଥଗିତ ରଖି ଉପବାଚସ୍ପତି ନିର୍ବାଚନ ନେଇ ଘୋଷଣା କରିଥିଲେ। ରଜନୀକାନ୍ତ ଏକମାତ୍ର ପ୍ରାର୍ଥୀ ଭାବେ ଉପବାଚସ୍ପତି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ଗୃହରେ ଏ ନେଇ ଏକ ପ୍ରସ୍ତାବ ଆଣିବାକୁ ବାଚସ୍ପତି ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମର୍ଥନ କରିଥିଲେ। ବାଚନିକ ମତଦାନରେ ଏହି ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ରଜନୀକାନ୍ତ ସିଂଙ୍କ ବିଷୟରେ ସଂକ୍ଷିପ୍ତ ସୂଚନା ଦେବା ସହ ତାଙ୍କୁ ସ୍ୱାଗତ କରିଥିଲେ। ବାଚସ୍ପତିଙ୍କ ଅନୁପସ୍ଥିତିରେ ଅଭିଜ୍ଞତା ଆଧାରରେ ଉପବାଚସ୍ପତି ଗୃହକୁ ଠିକ୍ ଢଙ୍ଗରେ ପରିଚାଳନା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପବାଚସ୍ପତି ନିର୍ବାଚନ ପ୍ରସ୍ତାବକୁ ସମର୍ଥନ କରିଥିଲେ। ବିରୋଧୀ ଦଳ ନେତା କହିଥିଲେ ଯେ, ରଜନୀକାନ୍ତ ବିଧାନସଭାକୁ ବହୁବାର ନିର୍ବାଚିତ ହେବା ସହିତ ରାଷ୍ଟ୍ରମନ୍ତ୍ରୀ ଭାବେ ନିଜର ଦାୟିତ୍ୱ ତୁଲାଇଛନ୍ତି। ନିଜର ଅନୁଭବକୁ ପାଥେୟକରି ବାଚସ୍ପତିଙ୍କ ଅନୁପସ୍ଥିତିରେ ଗୃହକୁ ଗଣତାନ୍ତ୍ରିକ ଢଙ୍ଗରେ ଚଳାଇବେ ବୋଲି ଆମେ ଆଶା କରୁଛୁ ବୋଲି ସେ କହିଥିଲେ। ଶେଷରେ ବାଚସ୍ପତି ରଜନୀକାନ୍ତ ସିଂ ଉପବାଚସ୍ପତି ଭାବେ ନିର୍ବାଚିତ ହେଲେ ବୋଲି ଘୋଷଣା କରିଥିଲେ। ନିର୍ବାଚିତ ହେବା ପରେ ଗୃହ ନେତା, ବିରୋଧୀ ଦଳ ନେତା, ସଂସଦୀୟ ବ୍ୟାପାର ମନ୍ତ୍ରୀ, ସିପିଆଇ(ଏମ୍) ସଦସ୍ୟ ଉପବାଚସ୍ପତିଙ୍କୁ ପାଛୋଟି ନେଇ 'ଏ' ବ୍ଲକର ଆଗଧାଡ଼ିରେ ବସାଇଥିଲେ। ସର୍ବସମ୍ମତି କ୍ରମେ ଉପବାଚସ୍ପତି ନିର୍ବାଚିତ ହୋଇଥିବାରୁ ରଜନୀକାନ୍ତ ଗୃହରେ ସମସ୍ତ ଦଳର ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ଗୃହ ପରିଚାଳନା ବିଧାନସଭାର ବିଧି ମୁତାବକ କରିବେ ବୋଲି କହିଥିଲେ।

# ପୃଥ୍ୱୀ-୨ର ବ୍ୟବହାରିକ ପରୀକ୍ଷା

**ବାଲେଶ୍ୱର ଅଫିସ, ୨୭।୬**



ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ ନମ୍ବର ଉତ୍କ୍ଷେପଣ କେନ୍ଦ୍ରରୁ ଗୁରୁବାର ରାତି ୮ଟା ୩୦ ମିନିଟ୍‌ରେ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ବ୍ୟବହାରିକ ପରୀକ୍ଷା କରାଯାଇଛି। ରାତ୍ରକାଳୀନ ଏହି ପରୀକ୍ଷା ସଫଳ ହୋଇଥିବା ବିଭଗୀୟ ସୂତ୍ରରୁ ଜଣାପଡିଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ଉତ୍କ୍ଷେପଣ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ର ୩୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ ସହ ୫୦୦ରୁ ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଚତୁର୍ଥଥର ପାଇଁ ଏହାର ରାତ୍ରିକାଳୀନ ପରୀକ୍ଷା କରାଯାଇଛି।

ଡିଆରଡିଓର ରାଡ଼ାର, ଇଲେକ୍ଟ୍ରୋ ଅପ୍‌ଟିକାଲ ଟ୍ରାକିଂ ସିଷ୍ଟମ ଦ୍ୱାରା ଓଡ଼ିଶା ଉପକୂଳରେ ରହିଥିବା ଟେଲିମେଟ୍ରି ଷ୍ଟେଶନ ସହାୟତାରେ ଏହି କ୍ଷେପଣାସ୍ତ୍ରର ଗତିପଥ ଉପରେ ନଜର ରଖାଯାଇଥିଲା। ୨୦୦୩ ମସିହାରୁ ଭାରତୀୟ ସେନାରେ ନିୟୋଜିତ ହୋଇ ସାରିଥିବା ପୃଥ୍ୱୀ-୨ର ଲମ୍ବ ୯ ମିଟର।

# ପାଠ୍ୟପୁସ୍ତକରେ କ୍ୟୁଆର୍ କୋଡ୍

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ବଦଳୁଛି ଶିକ୍ଷା ବ୍ୟବସ୍ଥା। ଦିନକୁ ଦିନ ସ୍ମାର୍ଟ ଫୋନ୍‌ର ବ୍ୟବହାର ବଢ଼ିବାରେ ଲାଗିଛି। ଛାତ୍ରୀଛାତ୍ର କିପରି ଏହି ସ୍ମାର୍ଟ ଫୋନ୍‌କୁ ନିଜ ଶିକ୍ଷା ଗ୍ରହଣରେ ବ୍ୟବହାର କରିପାରିବେ, ସେଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପ୍ରୟାସ ଆରମ୍ଭ କରିଛି। ସ୍ମାର୍ଟ ଫୋନ୍ ସାହାଯ୍ୟରେ ଛାତ୍ରୀଛାତ୍ରଙ୍କ ନିକଟରେ ପାଠ୍ୟ ବିଷୟବସ୍ତୁ ପହଞ୍ଚିବ। ନବମ ଓ ଦଶମ ଶ୍ରେଣୀ ବହିରେ ବିଭିନ୍ନ ସ୍ଥାନରେ କ୍ୟୁଆର୍ କୋଡ୍ ଛପାଯାଇଛି, ଯାହାକୁ ନିଜ ସ୍ମାର୍ଟ ଫୋନ୍‌ରେ ସ୍କାନ କଲେ ସେହି ବିଷୟବସ୍ତୁ ସମ୍ପର୍କରେ ବିସ୍ତୃତ ତଥ୍ୟ ସହ ଅଡିଓ ଭିଜୁଆଲ୍ କଣ୍ଟେଣ୍ଟ୍ ମଧ୍ୟ ଛାତ୍ରୀଛାତ୍ର ଦେଖିପାରିବେ। ନବମ ଓ ଦଶମ ଶ୍ରେଣୀର ଅଧିକାଂଶ ବହିର ସୂଚୀରେ ଏବଂ ବିଷୟର ପ୍ରାରମ୍ଭରେ କୁଇକ୍ ରେସ୍‌ପନ୍ସ କୋଡ୍ ବା QR Code ଛପାଯାଇଛି। 'ଦୀକ୍ଷା' ମୋବାଇଲ୍ ଆପ୍‌ରେ ଏହାକୁ ସ୍କାନ କଲେ ବିଷୟବସ୍ତୁକୁ ବିସ୍ତୃତ ଭାବେ ଜାଣିବା ସହ ସେ ସମ୍ପର୍କିତ ଭିଡିଓ ମଧ୍ୟ ଦେଖିହେବ। ପୂର୍ବରୁ ସିବିଏସ୍‌ଇ ଓ ଆଇସିଏସ୍‌ଇ ଏହି ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରଥମ ଥର ପାଇଁ ଏଭଳି ଉପାୟ ଆପଣାଇଛି। ଦିନକୁ ଦିନ ସ୍ମାର୍ଟ ଫୋନ୍‌ର ବର୍ଦ୍ଧିତ ବ୍ୟବହାରକୁ ଦୃଷ୍ଟିରେ ରଖି ଏହି ସ୍ମାର୍ଟ ଉପାୟ ଛାତ୍ରୀଛାତ୍ରଙ୍କ ଜ୍ଞାନବୃଦ୍ଧି ତଥା ବିଷୟବସ୍ତୁ ପ୍ରତି ଆଗ୍ରହ ସୃଷ୍ଟିରେ ସହାୟକ ହେବ ବୋଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆଶା ରଖିଛି। ସ୍ମାର୍ଟ ଫୋନ୍‌ରେ ବିସ୍ତୃତ ପାଠ୍ୟ ବିଷୟବସ୍ତୁ କିପରି ପାଇବେ ଓ କ୍ୟୁଆର୍ କୋଡ୍‌କୁ କିପରି ସ୍କାନ କରିବେ, ସେ ସମ୍ପର୍କରେ ବହିର ପ୍ରଥମ ପୃଷ୍ଠାରେ ଚିତ୍ର ସହିତ ଦର୍ଶାଯାଇଛି। ପ୍ରଥମେ ନିଜ ମୋବାଇଲ୍ ଫୋନ୍‌ର 'ଦୀକ୍ଷା' ଆପ୍ଲିକେଶନ ଡାଉନଲୋଡ୍ କରି ଛାତ୍ରୀଛାତ୍ର ଷ୍ଟୁଡେଣ୍ଟ ବଟନ୍‌ରେ କ୍ଲିକ୍ କରିବେ। ଏହାପରେ କ୍ୟୁଆର୍ କୋଡ୍‌କୁ ସ୍କାନ କଲେ ସେହି ପାଠ୍ୟ ବିଷୟବସ୍ତୁ ନିଜ ଫୋନ୍‌ରେ ପାଇପାରିବେ।

# ୨ ଭାଲୁ ମୃତଦେହ ଉଦ୍ଧାର

■ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ
■ମୃତ ଭାଲୁଙ୍କୁ ପୂଜାର୍ଚ୍ଚନା

ନବରଙ୍ଗପୁର,୨୭।୬(ବି.ପ୍ର.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ନିସନାହାଣ୍ଡି ଗାଁ ନିକଟ ଏକ ଜମିରୁ ଏକ ମାଈ ଓ ଛୁଆ ଭାଲୁର ମୃତଦେହ ଗୁରୁବାର ଜଙ୍ଗଲ ବିଭାଗ ଉଦ୍ଧାର କରିଛି । ଗାଁ ଲୋକେ ସକାଳେ ୨ଟି ଭାଲୁ ମରି ପଡିଥିବା ଦେଖି ରେଞ୍ଜରଙ୍କୁ ଜଣାଇଥିଲେ । ରେଞ୍ଜର ପି. ସିଏଚ. ନନ୍ଦ, ଫରେଷ୍ଟର ଗାଁସଦା ସାନ୍ତା, ଲାଲୁ ବିଷୋୟୀ, ହରିହର ବ୍ରହ୍ମ, ଉମା ପାଣିଗ୍ରାହୀ ଏବଂ ୱାଇଲଡଲାଇଫ ଟିମ ପହଞ୍ଚି ଭାଲୁ ମୃତଦେହ ଉଦ୍ଧାର କରି ନବରଙ୍ଗପୁର ଚରକ ବନକୁ ଆଣିଥିଲେ । ସେଠାରେ ବ୍ୟବଚ୍ଛେଦ କରାଇବା ପରେ ପୋତି ଦେଇଛନ୍ତି । ଗାଁ ଲୋକଙ୍କ କହିବା ଅନୁଯାୟୀ ଏକ ବଡ ଭାଲୁ ଆକ୍ରମଣ କରି ୨ ଭାଲୁଙ୍କୁ ମାରି ଦେଇଥିଲା । ତେବେ ଭାଲୁ ମୃତ୍ୟୁର ଏହି କାରଣକୁ ନେଇ ସନ୍ଦେହ କରାଯାଉଛି । ଭାଲୁ ମୃତ୍ୟୁର କାରଣ କ'ଣ ରହିଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ରେଞ୍ଜର କହିଛନ୍ତି । ଭାଲୁଙ୍କୁ ରାମଙ୍କ ଭକ୍ତ ଭାବେ ଆଦିବାସୀ ସମ୍ପ୍ରଦାୟରେ ବିଶ୍ୱାସ ରହିଛି । ଏନେଇ ମୃତ ଭାଲୁ ନିକଟରେ କେତେ ଜଣ ଧର୍ମ ବିଶ୍ୱାସୀ ପୂଜାର୍ଚ୍ଚନା କରିଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର କେନ୍ଦ୍ରସ୍ଥ ମଙ୍ଗଳ ଯୋଗୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଅର୍ଥ ସମ୍ବନ୍ଧୀୟ କୌଣସି କଥା ବନ୍ଧୁଙ୍କ ନିକଟରୁ ଶୁଣିବାକୁ ପାଇ ଉଲ୍ଲସିତ ହେବେ । ପ୍ରତ୍ୟେକ ଦିଗକୁ ଲକ୍ଷ୍ୟରଖି ଗୋପନୀୟ ଆଲୋଚନା ବ୍ୟତିରେକ ସମସ୍ୟାରେ ଛନ୍ଦି ହୋଇଯିବେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କିମ୍ବା ସତର୍କତାର ସହ କାମ ନ କଲେ ଫସିଯାଇ ପାରନ୍ତି।

**ବୃଷ** ମଙ୍ଗଳଯୁକ୍ତ ବୁଧଙ୍କ ସୁପ୍ରଭାବରୁ ଏକାଧାରରେ ଅର୍ଥଲାଭ ସଙ୍ଗକୁ ସନ୍ତାନମାନଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରିବେ। କିନ୍ତୁ ଏହା ସଙ୍ଗକୁ କୌଣସି ପଡୋଶିନୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତରଜନିତ ସମସ୍ୟା ବୃଦ୍ଧିର ସମ୍ଭାବନା ରହିଛି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କିଛିଜିନିଷ ହଜାଇବା କାରଣରୁ ବିରସ ମନରେ ସମୟ କଟାଇବେ।

**ମିଥୁନ** ବୃହସ୍ପତିଙ୍କ ଶୁଭ ଦୃଷ୍ଟିରୁ କାମଗୁଡିକୁ ସହଜ ଓ ସୁବିଧାରେ ସମ୍ପନ୍ନ କରିବାର ମାର୍ଗ ଉନ୍ମୁକ୍ତ କରିବ। ଆକସ୍ମିକ ଭାବରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ । ଶିଳ୍ପ, ବାଣିଜ୍ୟ, କଳ କାରଖାନା,ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବ ।

**କର୍କଟ** କର୍ମସ୍ଥ ଚନ୍ଦ୍ର ଯୋଗୁ ନିଜର ଉଦାରତା ଓ ସହନଶୀଳତା ଗୁଣରୁ ସମସ୍ତଙ୍କର ଆଦରଣୀୟ ହୋଇ ପ୍ରଶଂସିତ ହେବେ। ତଥାପି ସାମୟିକ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଆଣ୍ଠୁ ଗଣ୍ଠିରେ ଦରଜଜନିତ ପୀଡା ଅନୁଭବ କରିପାରନ୍ତି।

**ସିଂହ** ରାଶ୍ୟାଧିପତିଙ୍କ ସ୍ଥାନ ସ୍ଥିତିରୁ ପ୍ରତ୍ୟେକ କାମକୁ ଦକ୍ଷତାର ସହ ସମ୍ପାଦନ କରିବାରେ ପ୍ରେରଣା ଯୋଗାଇବ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେବେ। ଅସୁବିଧା ଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** ଅଷ୍ଟମ ଚନ୍ଦ୍ରଙ୍କ କୁପ୍ରଭାବରୁ ମନ ଭିତରର ଅଶାନ୍ତିକୁ ପ୍ରକାଶ ନ କରି ଅନ୍ୟମାନଙ୍କ କାମରେ ନିଜକୁ ମଜାଇ ରଖି ପ୍ରଶଂସିତ ହେବେ। ପରିବାରର ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି କେବଳ ଅଶାନ୍ତି ସୃଷ୍ଟିର କାରଣ ହେବ। ଖୁସୀ ରହିବା ଓ ଅନ୍ୟମାନଙ୍କୁ ଖୁସୀରେ ରଖିବା ସକାଶେ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ବିଫଳ ହୋଇପାରନ୍ତି।

**ତୁଳା** ଆଜି କାର୍ଯ୍ୟବ୍ୟସ୍ତତା ଓ ମାନସିକ ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନ ଅଶାନ୍ତ ରହିବ। ତଥାପି ସମୟାନ୍ତରେ ଆକସ୍ମିକ ଭାବରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସୁଯୋଗ ଆପଣା ଛାଏଁ ପାଖରେ ଆସି ଜୁଟିବ ଓ ଆଶା ନିଶ୍ଚିତ ପୂରଣ ହୋଇଯିବ। ନିଜ ଲୋକମାନଙ୍କ ଅନାଦର ଭାବ ମନକୁ ସାମୟିକ ବ୍ୟଥିତ କରିପାରେ ।

**ବିଛା** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ଠିକ୍ ନିଷ୍ପତ୍ତି ନେବା ସହଜସାଧ୍ୟ ନ ହୋଇପାରେ। ଯଦିଓ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା କାରଣରୁ ଅଫିସ୍‌ରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। କାମ ହାସଲ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ।

**ମକର** ଚନ୍ଦ୍ରଙ୍କ ଚତୁର୍ଥସ୍ଥାନସ୍ଥିତିରୁ ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଙ୍ଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ମିଳିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହେବ ନାହିଁ।

**କୁମ୍ଭ** ରବି ଓ ରାହୁଙ୍କ ଦୋଷରୁ ମନ ଭିତରର ଅସନ୍ତୋଷକୁ ବନ୍ଧୁଙ୍କ ସମ୍ମୁଖରେ ବଖାଣିବା ଦ୍ୱାରା ଓଲଟା ଫଳ ଭୋଗିବାକୁ ପଡିବ। ପରିବାର ସଦସ୍ୟଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ । ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକି ଯିବା କାରଣରୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ।

**ମୀନ** ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ର ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଆଷାଢ଼ କୃଷ୍ଣପକ୍ଷର ଅଣସରଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ଜୁନ୍ ୨୮ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୦।୨୪ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ ପାଇଁ ଶୁଭଦିନ। ଦିବା ଘ.୬।୪୯ମି. ମଧ୍ୟେ ଘ.୪।୩୪ମି. ଗତେ, ଘ.୪।୩୪ମି. ଗତେ, ଘ.୬।୧୬ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ ଘ୧।୧୯ମି. ମଧ୍ୟେ ଅମୃତବେଳା।


# classifieds Everyday
0674-2580101, 2549302

automobile

**SALE**

Truck 10 wheeler-2011 model, make- Ashok Leyland, full dalla in good running condition. 9437015191. D-66251

**HIRE**

Required SwiftDzire for monthly rented basis on Govt. duty. Contact: 9337819041. D-13155

real estate

**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 6370292040. D-66395

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931. D-66705

**Gharabari plot having Boundary sale 2000sqft near Audi showroom service centre, Bhubaneswar (50'x40'), (North/ East facing). Contact: 8249853413.** D-13149

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 7609987767. D-59931

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

Plot near Dhauli 1700 sqft infront of New bus stand sqft 900/-. 9938503178. D-13115

Bhubaneswar ସନ୍ନିକଟ Pitapalli ଛକଠାରେ 40', 30', 60' road, electric pole, possession plot ମାତ୍ର 6,60,000/- ମିଳୁଅଛି। 9439101373 / 7750068828. D-13131

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାଳୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

ଭୁବନେଶ୍ୱର ହଂସପାଳ ଅଟଳା, ରଙ୍ଗବଜାରରେ ଘରବାରି ବାଉଣ୍ଡାରୀ ପ୍ଲଟ ବିକ୍ରି ହେବ- 8093465134, 9668194157. D-66497

**BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097.** D-66719

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-66584

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଲ Railway Station and Spintonic college 4400sqft. 8,80,000/-. 9439006524.** D-66720

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ Grandbazar ସମ୍ମୁଖରେ ଘରବାରି plot କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438525948.** D-66717

2BHK fully furnished with modular kitchen apartment sale at Gudiapokhari near KEC. 15 minutes drive from Bhubaneswar and 40 minutes from Puri. Buyer please contact: 9438109040, 8144658008. D-13165

**ହଂସପାଳ ବାଲିଅନ୍ତାରେ ଘରବାରି ପ୍ଲଟ କଟକୀଗୁଣ୍ଠ 9,00,000/- ରେ concrete road, electry ଥାଇ ବିକ୍ରିହେବ। 9777236619.** D-13156

to-let

1000 sqft House at HB Colony, Chandrasekharpur on mainroad side for commercial purpose. 9438283062. D-66154

Prime location 18'x60' garment furnished AC showroom, opposite Ekamra Talkies, Bomikhal, Bhubaneswar. Rent: 71,000/-, Contact: 9692796161. D-58095

healthcare

Summer special mesmerizing offer expert therapeutic refreshing massage appointment. 9668374480. D-66579


New new openly fullbody massage ladies, gents AC room- 7609923705. D-38557

**LOST**

I Sri Uttam Jena, S/o- Bibhutibhusan Jena, At- Barabatia, PS.- Bhograi, Dist- Balasore, here by declare that I lost 2 saledeed No- 10101200830 & 10101203230 along with a bag having some other documents. If any body found that kindly contact: 9937718762. D-38558

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## ଜିଲ୍ଲା ଚିଠି ଗଜପତି

# ୩୦ ଆଦିବାସୀ ଗାଁର ଦୁଃଖ

ବଂଶଧାରା ଉପରେ ପୋଲଟିଏର ଅଭାବ ୩୦ ଖଣ୍ଡ ଆଦିବାସୀ ଗାଁର ଦୁଃଖ ହୋଇ ରହିଆସିଛି। ଗଜପତି ଜିଲା ମୋହନା ବ୍ଲକର କୋଷରୀଗୁଡ଼ା ପଞ୍ଚାୟତ ସମେତ ପ୍ରାୟ ୩୦ଟି ଗାଁର ବାସିନ୍ଦା ଏହି କାରଣରୁ ବିଭିନ୍ନ ମୌଳିକ ସମସ୍ୟା ଭିତରେ ଦିନ କାଟୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଥିବା ଏହି ଗ୍ରାମ ସବୁକୁ ସଂଯୋଗ କରିବା ପାଇଁ ବଂଶଧାରା ନଦୀ ଉପରେ ଗୋଟିଏ ପୋଲ ନିର୍ମାଣ ହୋଇପାରୁ ନାହିଁ। ଫଳରେ ଯାତାୟାତ ସମସ୍ୟା ଭୋଗୁଛନ୍ତି ଏଠାକାର ବାସିନ୍ଦା। କେନ୍ଦ୍ର ଏବଂ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନାରେ ଅର୍ଥ ବ୍ୟୟବରାଦ କରୁଛନ୍ତି ସତ ; କିନ୍ତୁ ଗଜପତି ଜିଲାର ଏହି ଆଦିବାସୀ ଅଧ୍ୟୁଷିତ ଗାଁଗୁଡ଼ିକରେ ବିକାଶ ତ ଦୂରର କଥା, ଏହାର ଛାଇ ବି ପହଞ୍ଚି ପାରୁ ନଥିବା ମନେ ହେଉଛି। କୋଷରୀଗୁଡା ପଞ୍ଚାୟତର ଶିଙ୍କୁଲିପଦର, ପଣସଖାଲ, ନରଙ୍ଗସାହି, ଦୁଡ଼ିଗୁଡ଼ା, କମଳାପଦର, ଗଡ଼ାପଦର, କଞ୍ଚାମେରା, ନୂଆସାହି, ଆଖୁବାଡ଼, ଢେଙ୍କାବନ୍ଧ, ବାଦୁଆ, ଏନ୍. ଝାଲାରସିଂ, ସମ୍ବଲପୁର ଭଳି ଗ୍ରାମର ବାସିନ୍ଦା ଢେଙ୍କାବନ୍ଧ ନିକଟସ୍ଥ ବଂଶଧାରା ନଦୀ ଅତିକ୍ରମ କରି ବିଭିନ୍ନ କାର୍ଯ୍ୟ ପାଇଁ ପ୍ରତ୍ୟହ ଯାତାୟାତ କରିଥାନ୍ତି। ଏହି ରାସ୍ତାଦେଇ ସେମାନେ ମୋହନା ବ୍ଲକ ଅଫିସ, ଚନ୍ଦ୍ରଗିରି ଡାକ୍ତରଖାନା, ସ୍କୁଲ, କଲେଜ ସହ ଅନ୍ୟାନ୍ୟ କାର୍ଯ୍ୟରେ ଆସିଥାନ୍ତି। ଏତେ ଖଣ୍ଡ ଗାଁର ଲୋକଙ୍କ ଆବଶ୍ୟକତାକୁ ଦେଖି ଏଠାରେ ପୋଲ ନିର୍ମାଣ ଜରୁରୀ ଥିଲେ ମଧ୍ୟ ସେଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ପୋଲଟିଏର ଅଭାବ କେବଳ ଗମନାଗମନରେ ସମସ୍ୟା ସୃଷ୍ଟି କରୁନାହିଁ, ବରଂ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଭଳି ମୌଳିକ ସୁବିଧାରୁ ଏଠିକାର ଲୋକଙ୍କୁ ବଞ୍ଚିତ କରୁଛି। ସ୍ଥାନୀୟ ହିତାଧିକାରୀ ବିଭିନ୍ନ ଭତ୍ତା ଠିକ୍ ସମୟରେ ପାଇପାରୁ ନାହାନ୍ତି। ଗଜପତି ଜିଲାରେ ସ୍ୱତନ୍ତ୍ର ଜନଜାତି ଉନ୍ନୟନ ପରିଷଦ ରହିଛି। ମାତ୍ର ଏହି ସବୁ ଗ୍ରାମର ଜନଜାତି ସମ୍ପ୍ରଦାୟର ଲୋକଙ୍କ ଏହି ମୌଳିକ ଦାବି ପ୍ରତି ପରିଷଦ କାହିଁକି ଧ୍ୟାନ ଦେଉନାହିଁ ବୋଲି ସମସ୍ତଙ୍କ ଭିତରେ ପ୍ରଶ୍ନ। ବର୍ଷ ବର୍ଷ ଧରି ଏଠିକାର ଲୋକେ ଅବହେଳିତ ହୋଇ ଜୀବନ କାଟୁଛନ୍ତି। ପୋଲ ନିର୍ମାଣ ଲାଗି ସେମାନେ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏବେ ବର୍ଷାଦିନରେ ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବା ସବୁଠୁ ବଡ଼ କଷ୍ଟକର କାମ ହେବ ବୋଲି ସେମାନେ କହିଛନ୍ତି।

– ରଶ୍ମିରଞ୍ଜନ ମିଶ୍ର

## ରାଜ୍ୟର ବିଭିନ୍ନ ସ୍ଥାନରେ ଅଚାନକ ଗସ୍ତ କରିବେ ଗଣଶିକ୍ଷା ମନ୍ତ୍ରୀ

# କର୍ମଚାରୀ ବିଳମ୍ବରେ ଆସିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ତତ୍ପର ହୋଇପଡ଼ିଛନ୍ତି। ଗୁରୁବାର ମନ୍ତ୍ରୀ ଦାଶ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରିଛନ୍ତି। ବିଇଓଙ୍କଠାରୁ ସମସ୍ତ ତଥ୍ୟ ମାଗି ଯାଞ୍ଚ କରିଛନ୍ତି। ଉପସ୍ଥାନ ଓ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ପରେ ଅନୁପସ୍ଥିତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଗୁରୁବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏମିତି ଅଚାନକ ଗସ୍ତ କରାଯିବ। କୌଣସି ସ୍ଥାନରେ କର୍ମଚାରୀ ଅଫିସରେ ଅନୁପସ୍ଥିତ ଥିଲେ କିମ୍ବା ବିଳମ୍ବରେ ଆସିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ଗଞ୍ଜାମ ଜିଲା ପ୍ରଶାସନର ସ୍କୁଲ କ୍ୟାମ୍ପସ୍‌ରେ ମୋବାଇଲ୍ ଫୋନ୍ ମନା ପଦକ୍ଷେପକୁ ମନ୍ତ୍ରୀ ପ୍ରଶଂସା କରିଛନ୍ତି। ଏହା ଏକ ଉଚିତ ପଦକ୍ଷେପ ବୋଲି ମନ୍ତ୍ରୀ କହିବା ସହ ଗଞ୍ଜାମ ଜିଲା ଧନ୍ୟବାଦର ପାତ୍ର ବୋଲି କହିଛନ୍ତି। ଏଭଳି ନିୟମ ଲାଗୁ କରିବାକୁ ବିଚାର ବିମର୍ଶ କରାଯିବ। ଆବଶ୍ୟକ ପଡ଼ିଲେ ସାରା ରାଜ୍ୟରେ ଏହାକୁ ଲାଗୁ କରାଯିବ। ଶୁକ୍ରବାର ସାରା ରାଜ୍ୟରେ ସ୍କୁଲରେ ଶିକ୍ଷକ-ଅଭିଭାବକ ବୈଠକ ହେବ। ବୈଠକରେ ସ୍କୁଲର ବିକାଶ, ଉନ୍ନତି ନେଇ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ମହମ୍ମଦ ବାଜୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ

## ଶୋକ ବ୍ୟକ୍ତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ପ୍ରତାପ

ଭୁବନେଶ୍ୱର, ୨୭।୬(ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀ ତଥା ବର୍ଷିଆନ ଜନସେବକ ମହମ୍ମଦ ବାଜୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତା ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱର୍ଗତ ବାଜୀ ଭାରତୀୟ ମୁକ୍ତି ସଂଗ୍ରାମର ଅନନ୍ୟ ଯୋଦ୍ଧା ଥିଲେ। ମହାତ୍ମା ଗାନ୍ଧୀଙ୍କ ସହ କାର୍ଯ୍ୟ କରିବାକୁ ସେ ସୁଯୋଗ ପାଇଥିଲେ। ଗାନ୍ଧିଜୀଙ୍କ ଆଦର୍ଶରେ ସେ ସରଳ ଜୀବନଯାପନ କରିବା ସାଙ୍ଗକୁ ନବରଙ୍ଗପୁର ବିଜାପୁର ଠାରେ ଗାନ୍ଧୀ ଆଶ୍ରମ ପ୍ରତିଷ୍ଠା କରି ଜନସେବାରେ ସାରା ଜୀବନ ନିଜକୁ ଉତ୍ସର୍ଗ କରିଦେଇଥିଲେ। ଜନଜାତି ବର୍ଗର ଉନ୍ନତି ପାଇଁ ତାଙ୍କର ଉଦ୍ୟମ ତାଙ୍କୁ ଲୋକପ୍ରିୟ କରିରଖିଛି। ତାଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଦେଶ ଜଣେ ମହାନ୍ ଜନସେବକ, ଦେଶଭକ୍ତ ଓ ସଚ୍ଚା ଗାନ୍ଧିବାଦୀଙ୍କୁ ହରାଇଲା ବୋଲି ମୁଖ୍ୟମନ୍ତ୍ରୀ ଶୋକବାର୍ତ୍ତାରେ କହିଛନ୍ତି। ବାଜୀଙ୍କ ବିୟୋଗରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା ପ୍ରଦୀପ ନାୟକ ଏବଂ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଆଜି ୮ ଜିଲାକୁ ବର୍ଷା

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ଓଡ଼ିଶାରେ ମୌସୁମୀ ଛୁଇଁଛି। କିନ୍ତୁ ଜୁନ୍ ମାସ ଶେଷ ହେବାକୁ ବସିଲାଣି, ରାଜ୍ୟରେ ବର୍ଷାର କୌଣସି ଦେଖାନାହିଁ। ଆସନ୍ତା ୩୦ତାରିଖରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶୁକ୍ରବାର ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ସହ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବ। ତେବେ କୋରାପୁଟ, ଗଜପତି, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ବାଲେଶ୍ୱର ଆଦି ୮ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଅନୁମାନ କରିଛି।







GOA STATE LOTTERIES

Rajshree MONTHLY LOTTERY

SYMBOL OF TRUST

Ticket ₹ 100/-

1st Prize ₹ 1 CRORE Including Super Prize Amount

2nd Prize ₹ 10 LAKH Including Super Prize Amount

5 3rd Prize ₹ 2 LAKH Each Including Super Prize Amount

DRAW 10.07.2019 4.30 PM ONWARDS

FREE POSTAGE Tickets worth Rs. 1400/- will be sent by Regd. Post. Send BANK DRAFT / MONEY ORDER in favour of ANAND AGENCIES payable at Asansol (W.B.) with full Address & Pin Code to the following address

We request all customers please mention your active mobile no. for easy delivery

ANAND AGENCIES 407, Lower Chelidanga, Mother Teresa Road, Asansol - 713304 Mob. No.: 7365895446 / 9021166358


# ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛା ସର୍ବୋଚ୍ଚ: ମୁଖ୍ୟମନ୍ତ୍ରୀ

- ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ
- ମହିଳା ସଶକ୍ତୀକରଣ, କୃଷିକୁ ଗୁରୁତ୍ୱ
- ପ୍ରତି ବ୍ଲକରେ ହେବ ଆଦର୍ଶ ବିଦ୍ୟାଳୟ
- ବଳକା କଚ୍ଚାଘର ହେବ ପକ୍କା

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛା ସର୍ବୋଚ୍ଚରେ ରହିଥାଏ। ରାଜ୍ୟକୁ ପୁଣିଥରେ ଶାସନ କରିବାକୁ ଓଡ଼ିଶାର ଜନସାଧାରଣ ସୁଯୋଗ ଦେଇଥିବାରୁ ସେମାନଙ୍କ ନିକଟରେ ନତମସ୍ତକ ହେଉଛି। ଜନସାଧାରଣଙ୍କ ବିଶ୍ୱାସ ଜନମତରେ ପ୍ରତିଫଳିତ ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଧାନସଭାରେ ଗୁରୁବାର ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଏହି କଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋକଙ୍କ ଆଶୀର୍ବାଦକୁ ପାଥେୟ କରି ରାଜ୍ୟରେଏକ ସ୍ୱଚ୍ଛ, ପାରଦର୍ଶୀ ଏବଂ ଲୋକାଭିମୁଖୀ ଶାସନ ବ୍ୟବସ୍ଥା ଦେବାକୁ ଚେଷ୍ଟା କରାଯିବ। ଗତ ୧୯ ବର୍ଷରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ରକ୍ଷା କରାଯାଇଛି। ପ୍ରଶାସନର ସଫଳତାରେ ସରକାର ଗର୍ବିତ। ନିକଟରେ ରାଜ୍ୟ ଭୟାନକ ସାମୁଦ୍ରିକ ଝଡ଼ ଫନୀର ସଫଳ ମୁକାବିଲା କରିପାରିଛି। ଏଥିପାଇଁ ରାଜ୍ୟ ସରକାର ଜାତୀୟ ଏବଂ ଅନ୍ତର୍ଜାତିକସ୍ତରରେ ପ୍ରଶଂସିତ ହୋଇଛନ୍ତି। ଏହି ଦୁଃସ୍ଥିତି ସମୟରେ ଜନସାଧାରଣ ପ୍ରଦର୍ଶନ କରିଥିବା ସାହସକୁ ମୁଖ୍ୟମନ୍ତ୍ରୀ ସମ୍ମାନ ଜଣାଇଛନ୍ତି। ପୁରୀ, ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ଜିଲାରେ ଫନୀ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସରକାର ଲୋକମାନଙ୍କ ପାଇଁ ବିଶେଷକରି ଦୁର୍ବଳ ଶ୍ରେଣୀଙ୍କ ଲାଗି ପ୍ରତିଶ୍ରୁତିବଦ୍ଧ। ଏହାକୁ ପ୍ରମାଣିତ କରିବା ପାଇଁ ରାଜ୍ୟ ସରକାର ଶପଥ ଗ୍ରହଣ ପରେ ଅନୁଷ୍ଠିତ ପ୍ରଥମ ମନ୍ତ୍ରି ପରିଷଦ ବୈଠକରେ ଦଳର ଇସ୍ତାହାରକୁ ପ୍ରାଥମିକତା ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଦିଆଯାଇଥିବା ପ୍ରତିଶ୍ରୁତି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। କୃଷି ଆମ ଅର୍ଥନୀତିର ମେରୁଦଣ୍ଡ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ କାଳିଆ ଯୋଜନା ଜାରି ରହିବ। ଜଳସେଚନ କ୍ଷେତ୍ରରେ ଉନ୍ନତୀକରଣ ପାଇଁ ଚେଷ୍ଟା କରାଯିବ। ମହିଳା ସଶକ୍ତୀକରଣ ଉତ୍ତମ ପ୍ରଶାସନର ଚାବିକାଠି। ନାରୀ ସଶକ୍ତୀକରଣକୁ ପରବର୍ତ୍ତୀ ସୋପାନକୁ ନେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରତି ମଞ୍ଚରେ ମହିଳା ସଂରକ୍ଷଣକୁ ବ୍ୟାପକ ଭାବେ ଉପସ୍ଥାପନ କରାଯିବା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସରକାରଙ୍କ ପ୍ରାଥମିକତା। ରାଜ୍ୟର ପ୍ରତି ବ୍ଲକରେ ଓଡ଼ିଶା ଆଦର୍ଶ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ କରାଯିବ। ଧୀଶକ୍ତିସମ୍ପନ୍ନ ଛାତ୍ରୀଛାତ୍ରଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିକୁ ଦେଖି ବୃତ୍ତି ପ୍ରଦାନ ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ ରାଜ୍ୟରେ ଏକ ସ୍କଲାରଶିପ୍ କାଉନ୍‌ସିଲ(ବୃତ୍ତି ପରିଷଦ) ଗଠନ ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜ୍ୟରେ ବଳକା ଥିବା ସମସ୍ତ କଚ୍ଚାଘରକୁ ପକ୍କାଘର କରିବା ପାଇଁ ସରକାର ପଦକ୍ଷେପ ନେବେ। ଯୁବବର୍ଗ ପାଇଁ ରୋଜଗାର ସୃଷ୍ଟିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରରୁ ଆଗାମୀ ଦିନରେ ୧ ଲକ୍ଷ ୫୦ ହଜାର ପେସାଗତ ବ୍ୟକ୍ତିବିଶେଷ ବାହାରିବେ। ଓଡ଼ିଶାକୁ ଏକ ଅଗ୍ରଣୀ କ୍ରୀଡ଼ାସ୍ଥଳୀ କରିବା ପାଇଁ ଏହାର ଭିତ୍ତିଭୂମି ଉନ୍ନୟନ ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ରାଜ୍ୟର ସ୍ୱାର୍ଥ ତଥା ସାଢ଼େ ୪ କୋଟି ଓଡ଼ିଆଙ୍କ କଲ୍ୟାଣ ପାଇଁ ଓଡ଼ିଶା ସରକାର କେନ୍ଦ୍ର ସହ ଉତ୍ତମ ସମ୍ପର୍କ ରକ୍ଷା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ସଶକ୍ତ, ସମୃଦ୍ଧ ଓଡ଼ିଶା ସମସ୍ତଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ପାଇଁ ଜନସାଧାରଣ ଆଶୀର୍ବାଦ କରିଛନ୍ତି। ଏହାକୁ ପୂରଣ ନିମନ୍ତେ ସରକାର କୌଣସି ସୁଯୋଗ ହାତଛଡ଼ା କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ସମସ୍ତ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ଗୃହର ସହଯୋଗ କାମନା କରିଥିଲେ।


CLASSIFIED DISPLAY

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

Life Care Emporium Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୂଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable



**କାନାରା ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

ଅଞ୍ଚଳ କାର୍ଯ୍ୟାଳୟ, ପ୍ରଥମ ମହଲା, ରେଡକ୍ରସ ଭବନ, ୟୁନିଟ୍- ୯,ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୨୨
ଫୋନ୍ ନଂ.: ୦୬୭୪-୨୩୯୧୫୦୫/୨୩୯୦୮୮୪

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ- ନିଲାମ ବିକ୍ରୟ ନୋଟିସ୍

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କୁ ଜଣାଇଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ବନ୍ଧକ ରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାର ମାନଙ୍କ ଠାରୁ କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତି ଗୁଡିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା ୩୦.୦୭.୨୦୧୯ ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ପୂର୍ବାହ୍ନ ୧୧.୩୦ ଘଟିକା ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ପ୍ରତ୍ୟେକ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେ ପ୍ରଦତ୍ତ। ଅମାନତ ରାଶି ତା. ୨୪.୦୭.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ।

| କ୍ର. ନଂ. | ଶାଖା/ଋଣଗ୍ରହୀତା / ଜାମିନଦାରମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି |
|---|---|---|---|---|
| ୧. | **ସୋନପୁର ଶାଖା / ୭୭୦୫୦୦୯୨୧୭(ମୋ)/** ଋଣଗ୍ରହୀତା.: ମେସର୍ସ କ୍ଷେତ୍ରପାଳ ଗାର୍ମେଣ୍ଟସ୍, ସ୍ୱତ୍ୱାଧିକାରୀ: ଶ୍ରୀ ସମୀତ ନାୟକ, ପିତା.: ଅର୍ଜୁନ ନାୟକ/ ଜାମିନଦାର/ ବନ୍ଧକଦାତାମାନେ.: ୧) ଶ୍ରୀ ଅର୍ଜୁନ ନାୟକ, ପିତା.: ମାନଗୋବିନ୍ଦ ନାୟକ, ୨) ଶ୍ରୀ ସନ୍ତୋଷ ନାୟକ, ପିତା.: ମାନଗୋବିନ୍ଦ ନାୟକ, ସମସ୍ତଙ୍କ ଠିକଣା ସା.: ସହଜପିଟା, ପୋ.: ବୈଦ୍ୟନାଥ, ଜିଲ୍ଲା.: ସୋନପୁର, ଓଡ଼ିଶା - ୭୬୭୦୧୭ | ଶ୍ରୀ ଅର୍ଜୁନ ନାୟକ ଏବଂ ଶ୍ରୀ ସନ୍ତୋଷ ନାୟକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୩୪/୧୪, ପ୍ଲଟ୍ ନଂ.: ୨୦୬, ସା.: ସହଜପିଟା, ତହସିଲ: ସୋନପୁର, ଜିଲ୍ଲା.: ସୋନପୁର, ମୋଟ କ୍ଷେତ୍ର.: ଏକର ୦.୦୭ ଡ଼ିସିମିଲି, ଏହାର ଚତୁଃପାର୍ଶ୍ୱରେ -ଉତ୍ତର: ମାଗୁ ମେହେର, ଦକ୍ଷିଣ: ଅର୍ଜୁନ ଭୋଇ, ପୂର୍ବ: ଧନ ପଟେଲ, ପଶ୍ଚିମ: ରାସ୍ତା। | ୨୦.୦୬.୨୦୧୯ ସୁଦ୍ଧା ଟ. ୬,୨୫,୭୩୨.୭୧ ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୭,୨୦,୦୦୦/- / ଟ. ୭୨,୦୦୦/- |
| ୨. | **ନୂଆପଡ଼ା ଶାଖା / ୭୭୦୫୦୦୯୨୦୫(ମୋ)/** ଋଣଗ୍ରହୀତା/ବନ୍ଧକଦାତା.: ଶ୍ରୀ ପ୍ୟାରୀଲାଲ୍ ଜଗତ୍, ପିତା.: ସାଧବ ଜଗତ୍ / ଜାମିନଦାର.: ଶ୍ରୀ ଜନକ ରାମ ମହାନନ୍ଦ, ପିତା.: ହିରାରାମ ମହାନନ୍ଦ, ଉଭୟଙ୍କ ଠିକଣା ସା.: ଅଁଲାପୁବା, ପୋ.: ଦର୍ଲିମୁଣ୍ଡା, ଜିଲ୍ଲା.: ନୂଆପଡ଼ା, ଓଡ଼ିଶା - ୭୬୬୧୦୮ | ଶ୍ରୀ ପ୍ୟାରୀଲାଲ୍ ଜଗତ୍‌ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୩୧/୮୫, ପ୍ଲଟ୍ ନଂ.: ୧୯୭୨,କ୍ଷେତ୍ର.: ଏକର ୦.୦୨ ଡ଼ିସିମିଲି, ସା.: ଅଁଲାପୁବା, ପୋ.: ଦର୍ଲିମୁଣ୍ଡା, ଜିଲ୍ଲା.: ନୂଆପଡା, ଏହାର ଚତୁଃପାର୍ଶ୍ୱରେ -ଉତ୍ତର: ରାଇଧର ମାଝି, ଦକ୍ଷିଣ: ଗୁରୁବାରୁ ଜଗତ, ପୂର୍ବ: ରାସ୍ତା, ପଶ୍ଚିମ: ଆର୍.ମାଝି | ୨୦.୦୬.୨୦୧୯ ସୁଦ୍ଧା ଟ. ୫,୬୧,୩୩୪.୫୦ ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୭,୯୬,୦୦୦/- / ଟ.୭୯,୬୦୦/- |
| ୩. | **ଘାଟିକିଆ ଶାଖା / ୭୭୦୫୦୦୯୦୫୭(ମୋ)/** ଋଣଗ୍ରହୀତା.: ଶ୍ରୀମତୀ ଦେବସ୍ମୀତା ସରଦାର, ସ୍ୱାମୀ.: ଅଶାନ୍ତ କୁମାର ସରଦାର / ଜାମିନଦାର.: ଅଶାନ୍ତ କୁମାର ସରଦାର, ପିତା.: ସତ୍ୟନାରାୟଣ ସରଦାର, ଉଭୟଙ୍କ ଠିକଣା: ସା.: ପ୍ଲଟ୍ ନଂ.: ୭୯୦/୧୩୩୯/୧୭୪୫, ସାମପୁର, ଘାଟିକିଆ, ଭୁବନେଶ୍ୱର- ୭୫୧୦୦୩ | ଶ୍ରୀମତୀ ଦେବସ୍ମୀତା ସରଦାରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୫୭/୩୦୩, ପ୍ଲଟ୍ ନଂ.: ୩୦୨(ଅଂଶ), ଅନୁରୂପ ଖାତା ନଂ.: ୭୪(ସବ୍ ପ୍ଲଟ୍ ନଂ.: ୬ ଭାବେ ଚିହ୍ନିତ), ମୌଜା.: ଭଗବତୀ ପୁର, ତହସିଲ୍.: ଭୁବନେଶ୍ୱର, ଏସ୍ ଆର୍ ଓ.: ଖଣ୍ଡଗିରି, ଥାନା.: ଚନ୍ଦକା, ଥାନା ନଂ.: ୨୫, ଭୁବନେଶ୍ୱର, ସମୁଦାୟ କ୍ଷେତ୍ର.: ଏକର ୦.୦୩୪ ଡ଼ିସିମିଲ (୧୪୯୦ ବର୍ଗଫୁଟ), ଏହାର ଚତୁଃପାର୍ଶ୍ୱରେ -ଉତ୍ତର: ସବ୍ ପ୍ଲଟ୍ ନଂ.: ୫, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୭,ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୦୩ | ୧୧.୦୧.୨୦୧୯ ସୁଦ୍ଧା ଟ. ୨୯,୩୧,୬୧୯/- ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୪,୦୦,୦୦୦/- / ଟ.୨,୪୦,୦୦୦/- |
| ୪. | **ଘାଟିକିଆ ଶାଖା / ୭୭୦୫୦୦୯୦୫୭(ମୋ)/** ଋଣଗ୍ରହୀତା.: ମେସର୍ସ ଜୟ ଜଗନ୍ନାଥ ହାର୍ଡଓ୍ୱାର ଆଣ୍ଡ ଫିଟିଙ୍ଗସ୍, ସା.: ସପ୍ ନଂ.: ଜି ୧୦ କେ ୭, ବିଡିଏ ମାର୍କେଟ, କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର- ୭୫୧୦୦୩ / ସ୍ୱତ୍ୱାଧିକାରୀ.: ଅଶାନ୍ତ କୁମାର ସରଦାର, ପିତା.: ସତ୍ୟନାରାୟଣ ସରଦାର/ଜାମିନଦାର.: ଶ୍ରୀମତୀ ଦେବସ୍ମୀତା ସରଦାର, ସ୍ୱାମୀ.: ଅଶାନ୍ତ କୁମାର ସରଦାର, ଉଭୟଙ୍କ ଠିକଣା: ସା.: ପ୍ଲଟ୍ ନଂ.: ୭୯୦/୧୩୩୯/୧୭୪୫, ସାମପୁର, ଘାଟିକିଆ, ଭୁବନେଶ୍ୱର- ୭୫୧୦୦୩ | | ୧୧.୦୧.୨୦୧୯ ସୁଦ୍ଧା ଟ. ୨୦,୦୪,୨୧୬.୨୭ ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | |
| ୫. | **ଏସ୍‌ଏମ୍‌ଇ ମଞ୍ଚେଶ୍ୱର ଶାଖା/୭୭୦୫୦୦୯୦୭୪(ମୋ)/** ଋଣଗ୍ରହୀତା.: ମେସର୍ସ ଅରବିନ୍ଦ ସାହୁ, ସ୍ୱତ୍ୱାଧିକାରୀ: ଶ୍ରୀ ଅରବିନ୍ଦ ସାହୁ, ପିତା.: ଲକ୍ଷ୍ମଣ ସାହୁ, ସା.: ପ୍ଲଟ୍ ନଂ.: ଏ/୨-୨୦୮, କଳିଙ୍ଗ ଷ୍ଟାଡିୟମ୍ ସ୍କୋୟାର ନିକଟ, ନିରୁପମା ଆପାର୍ଟମେଣ୍ଟ, ନୟାପଲ୍ଲୀ, ଭୁବନେଶ୍ୱର- ୭୫୧୦୧୨ | ଶ୍ରୀ ଅରବିନ୍ଦ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ସା.: ମଣେଇ ସାହି, ଝୁମୁକା ରୋଡ଼, ପୋ.: କଣ୍ଟାବାଡ଼, ହିଲ୍ ଭ୍ୟୁ ରିସର୍ଟ ନିକଟ, କଣ୍ଟାବାଡ଼, ଥାନା.: ଚନ୍ଦକା, ମୌଜା.: କଣ୍ଟାବାଡ଼, ମ୍ୟୁଟେସନ୍ ଖାତା ନଂ.: ୨୫୩/୬୮୫, ପ୍ଲଟ୍ ନଂ.: ୪୨୩/୧୮୭୯, କ୍ଷେତ୍ର.: ଏକର ୦.୫୦୩ ଡ଼ିସିମିଲି, ଜିଲ୍ଲା.: ଖୋର୍ଦ୍ଧା, ପିନ୍ - ୭୫୨୦୫୪, ଏହାର ଚତୁଃପାର୍ଶ୍ୱରେ -ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୪୨୨, ଦକ୍ଷିଣ: ପ୍ଲଟ୍ ନଂ.: ୪୨୦, ପୂର୍ବ: ପ୍ଲଟ୍ ନଂ.: ୪୨୧, ପଶ୍ଚିମ: ରାସ୍ତା ଏବଂ ସରକାରୀ ଜମି | ୩୧.୧୦.୨୦୧୮ ସୁଦ୍ଧା ଟ. ୩୦,୪୩,୩୦୯/- ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୫୦,୫୯,୦୦୦/- / ଟ.୫,୦୫,୯୦୦/- |
| ୬. | **ଏସ୍‌ଏମ୍‌ଇ ମଞ୍ଚେଶ୍ୱର ଶାଖା/୭୭୦୫୦୦୯୦୭୪(ମୋ)/** ଋଣଗ୍ରହୀତା.: ମା ତାରିଣୀ ସପ୍ଲାୟର୍ସ , ସ୍ୱତ୍ୱାଧିକାରୀ.: ସତ୍ୟ ରଞ୍ଜନ ମହାନ୍ତି, ପିତା.: ରବିନ୍ଦ୍ର ମହାନ୍ତି, ସା.: ପ୍ଲଟ୍ ନଂ.: ୪୮୮/୫୪୭୧/୮୬୦୫, ସମେଇଗାଡିଆ, ମଞ୍ଚେଶ୍ୱର, ରସୁଲଗଡ, ଭୁବନେଶ୍ୱର- ୭୫୧୦୧୦ /ଜାମିନଦାର.: ଶ୍ରୀମତୀ ସ୍ୱପ୍ନା ଛାଟୋଇ, ସ୍ୱାମୀ.: ପବିତ୍ର ପ୍ରସାଦ ଛାଟୋଇ, ସା: କ୍ୱାଟର ନଂ.: ଇବି-୨୦୫, ଷ୍ଟେଜ-୨, ବ୍ରିଟ କଲୋନୀ, ଲକ୍ଷ୍ମୀ ସାଗର, ଭୁବନେଶ୍ୱର- ୭୫୧୦୦୬ | ଶ୍ରୀମତୀ ସ୍ୱପ୍ନା ଛାଟୋଇଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା.: କେଶୁରା, ପୋ.: ବାଙ୍କୁଆଳ, ଥାନା.:ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା.: ଖୋର୍ଦ୍ଧା, ମ୍ୟୁଟେସନ୍ ଖାତା ନଂ.: ୫୧୪/୬୫୩, ପ୍ଲଟ୍ ନଂ.: ୭୮୭/୧୮୯୬, କ୍ଷେତ୍ର.: ଏକର ୦.୦୫୧ ଡ଼ିସିମିଲ , ଏହାର ଚତୁଃପାର୍ଶ୍ୱରେ : ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୭୮୯,ପୂର୍ବ:ସବ୍ ପ୍ଲଟ୍ ନଂ.: ୪୦ ଏବଂ ୪୧, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୩୮ | ୩୧.୧୨.୨୦୧୮ ସୁଦ୍ଧା ଟ. ୩୯,୯୪,୦୭୩.୮୦ ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୫୦,୪୪,୦୦୦/- / ଟ.୫,୦୪,୪୦୦/- |
| ୭. | **ବାଦାମବାଡି ଶାଖା/୭୭୦୫୦୦୯୦୭୨(ମୋ)/** ଋଣଗ୍ରହୀତା.: ମେସର୍ସ ସାଇ ଆସୋସିଏଟ୍ସ, ସା.ପୋ.: ଗୋପାଳପୁର, କଟକ- ୭୫୩୦୦୧, ସ୍ୱତ୍ୱାଧିକାରୀ.: ମାନସ ମହାରଥା, ପିତା.: ଯୋଗେଶ ମହାରଥା, ସା.ପୋ.: ପାରାଦୀପଗଡ, ଜଗତସିଂହପୁର- ୭୫୪୧୪୧ / ଜାମିନଦାର.: ଲୋକନାଥ ବେହେରା, ପିତା.: ସୁରେନ୍ଦ୍ର ବେହେରା, ସା.: ମେରିଆ ବଜାର, ପୋ.: ବକ୍ସିବଜାର, କଟକ- ୭୫୩୦୦୧ | ଶ୍ରୀ ମାନସ ମହାରଥାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଫ୍ଲାଟ ଯାହାକି ରାଜ୍ ହାଇୱେ ହୋମ୍ସରେ ଅବସ୍ଥିତ ଏହାର ଫ୍ଲାଟ୍ ନଂ.: ସି ୨୦୩, ପ୍ରଥମ ମହଲା, କ୍ଷେତ୍ର.: ୧୧୧୦ ବର୍ଗଫୁଟ, ସା.ପୋ.: ଭାଣପୁର, ବିଜୟ ଢାବା ର ପଛପଟ, ଥାନା.: କଟକ ସଦର, ଜିଲ୍ଲା.: କଟକ, ଏହାର ଚତୁଃପାର୍ଶ୍ୱରେ : ଉତ୍ତର: ସୌମେନ୍ଦ୍ର ରାଉତରାୟଙ୍କ ଫ୍ଲାଟ, ଦକ୍ଷିଣ: ଖୋଲା ସ୍ଥାନ, ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଲୋକନାଥ ବେହେରାଙ୍କ ଫ୍ଲାଟ | ୧୮.୦୩.୨୦୧୯ ସୁଦ୍ଧା ଟ. ୨୫,୩୩,୬୨୦/- ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୪,୨୧,୦୦୦/- / ଟ.୨,୪୨,୧୦୦/- |
| ୮. | **ନିମାପଡା ଶାଖା/୭୭୦୫୦୦୯୧୭୮(ମୋ)/** ଋଣଗ୍ରହୀତା.: ହାପିଲି ଏଜେନ୍ସି, ସ୍ୱତ୍ୱାଧିକାରୀ.: ଶ୍ରୀ ତପନ କୁମାର ମଲ୍ଲିକ, ପିତା.: ଦେବେନ୍ଦ୍ର ମଲ୍ଲିକ / ଜାମିନଦାର /ବନ୍ଧକଦାତା.: ଶ୍ରୀ ଦେବେନ୍ଦ୍ର ମଲ୍ଲିକ, ପିତା.: ୰ ଧଡି ମଲ୍ଲିକ, ଉଭୟଙ୍କ ଠିକଣା: ସା.: ବିଷ୍ଣୁପୁର, ଜିଲ୍ଲା.: ପୁରୀ, ଓଡିଶା- ୭୫୨୧୦୬ | ଜମି ଏବଂ ଗୃହ ଯାହାର କ୍ଷେତ୍ର.: ଏକର୦.୧୩ ଡିସିମିଲି (୫୬୬୨ ବର୍ଗଫୁଟ), ଖାତା ନଂ.: ୧୩୩୨/୬୭୦, ସର୍ଭେ ପ୍ଲଟ୍ ନଂ.: ୭୭୫, ମୌଜା.: ବିଷ୍ଣୁପୁର, ନିମାପଡା ଟାଉନ, ଥାନା.: ନିମାପଡା, ଜିଲ୍ଲା.: ପୁରୀ, ରାଜ୍ୟ.: ଓଡିଶା, ଏହାର ଚତୁଃପାର୍ଶ୍ୱରେ : ପୂର୍ବ.: ସୂର୍ଯ୍ୟନାଥ ବେହେରା, ପଶ୍ଚିମ.: ସିନ୍ଧୁଆ ମଲ୍ଲିକ ଏବଂ ସୁବର୍ଣ୍ଣ ମଲ୍ଲିକ, ଉତ୍ତର.: ପୋଖରୀ, ଦକ୍ଷିଣ.: ରାସ୍ତା | ୨୦.୦୬.୨୦୧୯ ସୁଦ୍ଧା ଟ. ୧୯,୩୭,୦୫୯/- ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୯,୦୦,୦୦୦/- / ଟ.୨,୯୦,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କ ର ୱେବସାଇଟ (www.canarabank.com) ରେ ପ୍ରଦତ୍ତ ଲିଙ୍କ୍ "E-Auction" କିମ୍ବା ସମ୍ପୃକ୍ତ ଶାଖା ର ଭାରପ୍ରାପ୍ତ ଅଧିକାରୀଙ୍କୁ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୭.୦୬.୨୦୧୯

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

ମଣିଷ ଯାହାକୁ ପାପ ବୋଲି କହେ- ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି- ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ- ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି- ତୁମେ କେବଳ ତାକୁ ଇ ଗ୍ରହଣ କର। -ଶ୍ରୀଅରବିନ୍ଦ

# ବାହାପିଆ କଥା

ଚଳିତ ମାସରେ ଅନୁଷ୍ଠିତ ନୀତି ଆୟୋଗର ପଞ୍ଚମ ଗଭର୍ନିଂ କାଉନ୍ସିଲ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦରଦାସ ମୋଦି ଇଚ୍ଛା ପ୍ରକଟ କରିଛନ୍ତି କି ୨୦୨୪ ବା ତାଙ୍କ ବର୍ତ୍ତମାନ ସରକାରର ଅବଧି ଶେଷ ହେଉଥିବା ବର୍ଷ ସୁଦ୍ଧା ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିର ଦେଶରେ ପରିଣତ ହେବ। ଏପରି ଇଚ୍ଛା କାନକୁ ତ ଭଲ ଶୁଣାଯାଉଛି କିନ୍ତୁ ଲକ୍ଷ୍ୟ ହାସଲ କରିବା ସହଜ ନୁହେଁ। ଏହି ଲକ୍ଷ୍ୟ ଅତ୍ୟନ୍ତ ମହତ୍ତ୍ୱାକାଂକ୍ଷୀ। ଖୁବ୍ ଉଚ୍ଚ ଅଭିଳାଷ ପୋଷଣ କରିବାରେ କିଛି କ୍ଷତି ନାହିଁ। କିନ୍ତୁ ପ୍ରକ୍ରିୟା ଏତେ ଲମ୍ବିବା ଉଚିତ ନୁହେଁ, ଯାହା ବିପରୀତ ଫଳ ପ୍ରଦାନ କରିବାର ସମ୍ଭାବନା ଥିବ। ଅତୀତରେ ଏଭଳି ଅନେକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ, ଅଥଚ ତାହା ଫଳବତୀ ହେବାର କୌଣସି ସୂଚନା ଏଯାବତ୍ ଦେଖିବାକୁ ମିଳୁନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ଆହୁରି ଅନେକ ଲକ୍ଷ୍ୟ ଓ ଲକ୍ଷ୍ୟ ହାସଲର ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସବୁ ଗାଁକୁ ବିଜୁଳି, ସମସ୍ତଙ୍କୁ ପକ୍କାଘର, ଶତ ପ୍ରତିଶତ ଲୋକଙ୍କ ପାଖରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା, ଦେଣନେଣର ସମ୍ପୂର୍ଣ୍ଣ ଡିଜିଟାଲୀକରଣ ପ୍ରଭୃତି ସେଗୁଡ଼ିକ ଭିତରୁ ଅନ୍ୟତମ। ମାତ୍ର ଅଧିକାଂଶ କ୍ଷେତ୍ରରେ ଲକ୍ଷ୍ୟ ହାସଲଠାରୁ ସରକାର ବହୁ ଦୂରରେ ଅଛନ୍ତି। ସରକାର ଦୁଇ ଅଙ୍କବିଶିଷ୍ଟ ଅଭିବୃଦ୍ଧି ହାସଲ କରିବା କଥା କହିଆସୁଛନ୍ତି। କିନ୍ତୁ ଅଭିବୃଦ୍ଧି ବଢ଼ିବ କ'ଣ ଆମେ ତାହା କମିବା ହିଁ ଦେଖୁଛୁ। ତେଣୁ ଏପରି ଉଚ୍ଚାଭିଳାଷୀ ଲକ୍ଷ୍ୟ ପୋଷଣ କରିବା ନିରର୍ଥକ। ସାମ୍ପ୍ରତିକ ମାନ୍ଦାବସ୍ଥାରୁ ଅର୍ଥନୀତିକୁ କିପରି ମୁକୁଳାଇବାକୁ ହେବ ସେ ଦିଗରେ ଆମେ ତତ୍କାଳ ପଦକ୍ଷେପ ନେବା ଏବଂ ମଧ୍ୟବର୍ତ୍ତୀ ଅବଧିରେ ଏହାକୁ ବାର୍ଷିକ ୮ ପ୍ରତିଶତ ଉପରକୁ ନେବା ପାଇଁ ଗୁରୁତ୍ୱ ଦେବା ଆବଶ୍ୟକ। ଦୁଇ ଅଙ୍କବିଶିଷ୍ଟ ଅଭିବୃଦ୍ଧି କଥା ଆଗରୁ ମଧ୍ୟ କୁହାଯାଉଥିଲା, କିନ୍ତୁ ତାହା ସମ୍ଭବ ହୋଇ ନାହିଁ। ପର୍ଯ୍ୟାୟକ୍ରମେ ଅଭିବୃଦ୍ଧି ବଢ଼ିପାରିବ। ଭାରତର ଜିଡିପି ବର୍ତ୍ତମାନ ପ୍ରାୟ ୨.୮୦ ଟ୍ରିଲିୟନ ଡଲାର ଅଛି। ଭାରତର ଜିଡିପି ୫ ଟ୍ରିଲିୟନ ଡଲାର ଛୁଇଁବାକୁ ହେଲେ ଆସନ୍ତା ଛଅବର୍ଷ ଭିତରେ ଦେଶର ଉତ୍ପାଦନ ୮୫ ପ୍ରତିଶତ ବୃଦ୍ଧିପାଇବା ଦରକାର, ଯାହା ଗତ ଛଅବର୍ଷ ଭିତରେ ୪୭ ପ୍ରତିଶତ ବୃଦ୍ଧି ପାଇଛି। ଆସନ୍ତା ଛଅବର୍ଷ ଭିତରେ ଜିଡିପି ୫ ଟ୍ରିଲିୟନ ଡଲାର ହେବା ମାନେ ବାର୍ଷିକ ଅଭିବୃଦ୍ଧି ହାର ୧୧ ପ୍ରତିଶତକୁ ବୃଦ୍ଧି ପାଇବା। କିନ୍ତୁ ଆସନ୍ତା ଦୁଇବର୍ଷ ଭିତରେ ଏହା ୮ ପ୍ରତିଶତ ହେବା ମଧ୍ୟ ସହଜସାଧ୍ୟ ମନେହେଉ ନାହିଁ। ଚଳିତବର୍ଷର ପ୍ରଥମ ତ୍ରିମାସୀରେ ଅଭିବୃଦ୍ଧି ହାର ୬ ପ୍ରତିଶତ ତଳକୁ ଚାଲିଯାଇଛି।

## ଆଜିର ଅର୍ଥନୀତି

ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଅନେକ ପ୍ରସ୍ତୁତିର ଆବଶ୍ୟକତା ରହିଛି। ଅନେକ ସଂରଚନାତ୍ମକ ପ୍ରସଙ୍ଗ ଅଭିବୃଦ୍ଧିର ପଥରୋଧ କରୁଛି। ଉଦାହରଣସ୍ୱରୂପ ଆମ ଆର୍ଥିକ ବ୍ୟବସ୍ଥା ଦୁର୍ବଳ ରହିଆସିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ସମସ୍ୟା ଆର୍ଥିକ ସମସ୍ୟାକୁ ବହୁଗୁଣିତ କରୁଛି। ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକ ଆଇଏଲ୍ ଓ ଏଫ୍‌ଏସ୍ (ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଓ ଆର୍ଥିକ ସେବା) ପରି ଗୋଳମାଳିଆ ଅବସ୍ଥାରେ ଅଛନ୍ତି। ଘରୋଇ-ସରକାରୀ ସହଭାଗିତା (ପିପିପି) ମଡେଲଗୁଡ଼ିକର ନିଜର ସମସ୍ୟା ରହିଛି। କର୍ପୋରେଟ୍ ଆୟ ନିରୁତ୍ସାହଜନକ। ଘରୋଇ ଉଦ୍ୟୋଗଗୁଡ଼ିକ ଆବଶ୍ୟକତାଠାରୁ ଅଧିକ ଉତ୍ପାଦନ କ୍ଷମତାଜନିତ ସମସ୍ୟାରେ ପୀଡ଼ିତ। ଉଦାହରଣସ୍ୱରୂପ ଶକ୍ତି କ୍ଷେତ୍ର ଠିକ୍‌ଭାବରେ ଚାଲିପାରୁ ନାହିଁ। ଏହାର ଉତ୍ପାଦନ କ୍ଷମତା ଯେତିକି ତା'ର ପ୍ରାୟ ୫୦ ପ୍ରତିଶତ ମାତ୍ର ବିନିଯୋଗ ହୋଇପାରୁଛି, ଯେତେବେଳେ କି ଦେଶର ଅନେକ ଅଞ୍ଚଳ ବିଦ୍ୟୁତ୍ ଅଭାବରୁ ଅନ୍ଧାରରେ ରହୁଛି। ଯଦି ଘରୋଇ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ନ ପାଏ, ତେବେ ନିଯୁକ୍ତି ବଜାର ସଙ୍କୁଚିତ ହୋଇରହିବ। ଏଗୁଡ଼ିକର ପୂର୍ଣ୍ଣ କ୍ଷମତାର ଉପଯୋଗ ହୋଇ ନ ପାରିଲେ ଅଧିକ ପୁଞ୍ଜିଲଗାଣ ପାଇଁ ସୁଯୋଗ ମିଳିବ ନାହିଁ। ଅଭିବୃଦ୍ଧିକୁ ବଢ଼ାଇବାକୁ ହେଲେ ଚାହିଦା ବୃଦ୍ଧି ପାଇବା ଦରକାର, ଯାହା ଉଚ୍ଚତର ଉପଭୋଗ ଉପରେ ନିର୍ଭରଶୀଳ। ଯଦି ଲୋକଙ୍କ ପକେଟ୍‌ରେ ଖର୍ଚ୍ଚ କରିବା ପାଇଁ ଯଥେଷ୍ଟ ଟଙ୍କା ନ ରହେ ତେବେ ତାହା ସମ୍ଭବ ହେବ ନାହିଁ। ଭଲ ମୌସୁମୀ ବର୍ଷା ନ ହେଲେ ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି ପାଇବ ନାହିଁ। ଆହୁରି ମଧ୍ୟ ଆମର ଆର୍ଥିକ ସମୃଦ୍ଧି ପାଇଁ ରପ୍ତାନି ବୃଦ୍ଧି ସହ ସୁସ୍ଥ, ସୁଶିକ୍ଷିତ ଓ ଉତ୍ପାଦନଶୀଳ ଲୋକଶକ୍ତିର ଆବଶ୍ୟକତା ରହିଛି। ଏଥିସହ ଆମ ଦେଶରେ ଭୂମି ଓ ଶ୍ରମ ସଂସ୍କାର ଜରୁରୀ। କିନ୍ତୁ ଏଗୁଡ଼ିକୁ ଆମ ସରକାର ପ୍ରାଥମିକତା ଦେଉନାହାନ୍ତି। ଅଭିବୃଦ୍ଧି ଲକ୍ଷ୍ୟ ହାସଲ ପାଇଁ ସରକାର ସମସ୍ତ ଆର୍ଥିକ ଅଳିଆ ସଫା କରିବା ସହ ଗୁରୁତ୍ୱପୂର୍ଣ୍ଣ ସଂସ୍କାରଗୁଡ଼ିକ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ତା' ନ ହେଲେ ପାଞ୍ଚବର୍ଷରେ ଭାରତକୁ ୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ସରକାରଙ୍କ ଉଚ୍ଚାଭିଳାଷ କେବଳ ବାହାପିଆଙ୍କ ବାରବାଟି ଚାଷ ପରି ହେବ।

# ମଣିଷର ବଡ଼ ଶତ୍ରୁ



ଉପେନ୍ଦ୍ର ବିଶ୍ୱାଳ

ସ୍ୱର୍ଗ ଓ ନର୍କର ପାର୍ଥକ୍ୟ ଜାଣିବାକୁ ଇଚ୍ଛା କରି ଜଣୈକ ଯୁବକ ଆସି ପହଞ୍ଚିଲେ ଜଣେ ସାଧୁଙ୍କ ଆଶ୍ରମରେ। ସାଧୁଙ୍କୁ ପ୍ରଣାମ କରି ଆସିବାର ଅଭିପ୍ରାୟ ଜଣାଇଲେ। ଆପାଦ-ମସ୍ତକ ନିରୀକ୍ଷଣ କରି ସାଧୁ ପଚାରିଲେ, "ବତ୍ସ, ତୁମର ବୃତ୍ତି କ'ଣ?" ସ୍ୱର୍ଦ୍ଧିତ ଶବ୍ଦରେ ଉତ୍ତର ଦେଲେ ଯୁବକ "ମୁଁ ଜଣେ ବୀର ଯୋଦ୍ଧା।" କଟାକ୍ଷ କରି ସାଧୁ କହିଲେ- ଜଣେ ଭୀରୁ କ'ଣ କେବେ ଯୋଦ୍ଧା ହୋଇପାରେ? ତୁମପରି ବ୍ୟକ୍ତିଙ୍କୁ ଯେଉଁ ରାଜା ନିଜ ସେନାରେ ନିଯୁକ୍ତି ଦେଇଛନ୍ତି, ସେ ନିଶ୍ଚିତଭାବେ ଜଣେ ମୂର୍ଖ ହୋଇଥିବେ। କିଏ ସେ ରାଜା ଏବଂ କେଉଁ ରାଜ୍ୟର ସେ? ସେତେବେଳକୁ ଯୋଦ୍ଧାଙ୍କ ହାତ ଯାଇ ପହଞ୍ଚି ଯାଇଥାଏ, ତଲୱାର ପାଖରେ। ଏହାକୁ ଲକ୍ଷ୍ୟ କରି ସାଧୁ ପୁଣି କହିଲେ- ତୁମେ ତଲୱାର ବି ସାଥିରେ ରଖିଛ? ତାହା ଏକ ଖେଳନା ନା ଅସଲରେ ତା'ର କିଛି ତାକତ ଅଛି? ଏତିକିରେ ଯୋଦ୍ଧାଙ୍କୁ ଆଉ କିଏ ସମ୍ଭାଳେ! ତଲୱାରଟିକୁ ତୁରନ୍ତ ବାହାର କରି ସାଧୁଙ୍କ ଆଡ଼କୁ ଆଗେଇ ଯିବାବେଳକୁ ଖୁବ୍ ଜୋରରେ ହସି ଉଠିଲେ ସାଧୁ। କହିଲେ- ବାଃ, ବାଃ! ଏତେ ଶୀଘ୍ର ନରକରେ ଆସି ପହଞ୍ଚିଗଲ? ...ଉଠିଥିବା ହାତରୁ ସ୍ୱତଃ ଖସିପଡ଼ିଛି ତଲୱାରଟି। ସେତିକିରେ ସଂଜ୍ଞା ଫେରି ପାଇ, ସାଧୁଙ୍କ ଗୋଡ଼ତଳେ ପଡ଼ି ଯାଇଛନ୍ତି ଯୁବକ। ଶ୍ରଦ୍ଧାରେ ସୈନିକଙ୍କ ଶିର ସ୍ପର୍ଶ କରି ସାଧୁ କହିଲେ- ଏବେ ବୁଝିଲ ତ, ସ୍ୱର୍ଗ ଓ ନର୍କର ପାର୍ଥକ୍ୟ କ'ଣ? ଯେବେ ଭୟଙ୍କର କ୍ରୋଧରେ, ହାତରେ ଅସ୍ତ୍ର ଧରି ଆଗେଇ ଆସୁଥିଲ, ସେତେବେଳେ ତୁମେ ଥିଲ ନର୍କରେ। ଆଉ, ଚେତନାର ଉଚ୍ଚସ୍ତରକୁ ଯାଇ ଯେବେ ଶାନ୍ତ ହୋଇଗଲ, ସେତେବେଳେ ତୁମେ ସ୍ୱର୍ଗରେ ପହଞ୍ଚିଗଲ। ଅର୍ଥାତ୍ କ୍ରୋଧ ହେଉଛି ନରକର ଦ୍ୱାର ଓ ଶାନ୍ତ ଅବସ୍ଥା ହେଉଛି ସ୍ୱର୍ଗର ସୋପାନଟିଏ।

କ୍ରୋଧ ଏକ ଆସୁରିକ ଭାବ, ଯାହା ମଣିଷର ଚିନ୍ତା ଓ ଭାବନାକୁ ବିଷାକ୍ତ କରିଦିଏ। ମଣିଷକୁ ଅପରାଧୀ ବନାଇଥାଏ। ମଣିଷର ବିକୃତ ମାନସିକତାରୁ ଏହା ସୃଷ୍ଟ। କ୍ରୋଧ ଏପରି ଏକ ବିକାର ଯାହା ଅନେକ ପ୍ରକାର ବେମାରିକୁ ଜନ୍ମ ଦେଇଥାଏ। ଏହା ଏପରି ଏକ ଭୟଙ୍କର ଅନଳ ଯାହା ପ୍ରଥମେ ନିଜକୁ, ତା'ପରେ ଅପରକୁ ଜାଳିପୋଡ଼ି ନଷ୍ଟ କରିଦିଏ। ମନରେ କ୍ରୋଧ ଜାତ ହେଲେ ମଣିଷ ମୂଢ଼ମତି ହୋଇଯାଏ। ଠିକ୍ ନିଷ୍ପତ୍ତି ନେଇ ନ ପାରି ଭୁଲ କରିବସେ। ହିତାହିତ ଜ୍ଞାନ ଭୁଲି ସଇତାନ ପାଲଟିଯାଏ। ପାଣିକୁ ଗରମ କଲେ ଯେମିତି ଫୁଟିବାକୁ ଲାଗେ ଓ ସେଥିରୁ ବାମ୍ପ ବାହାରେ, ସେମିତି କ୍ରୋଧ ଜାତ ହେଲେ ଶରୀରର ଜ୍ୱଳନ ହୁଏ ଓ ତାପମାତ୍ରା ବୃଦ୍ଧି ଘଟିଥାଏ। କ୍ଷୀର ଉତୁରିଲେ ସର ବା ମଲେଇ ଯେମିତି ବାହାରେ ପଡ଼ି ନଷ୍ଟ ହୋଇଯାଏ, ସେମିତି କ୍ରୋଧ ସମୟରେ ଶରୀରର ଅନେକ ଉର୍ଜ୍ଜା ନଷ୍ଟ ହୋଇଥାଏ। ଚିକିତ୍ସା ବିଜ୍ଞାନାନୁଯାୟୀ କ୍ରୋଧ ଯୋଗୁ ଉଚ୍ଚ ରକ୍ତଚାପ, ଚର୍ମରୋଗ, ମୁଣ୍ଡବିନ୍ଧା, ମାନସିକ ଅବସାଦ, କର୍କଟ, ହୃଦ୍‌ଘାତ ଆଦି ଅନେକ ରୋଗ ଦେଖା ଦିଏ। କୁହାଯାଏ ଯେଉଁଠାରେ କ୍ରୋଧିତ ବ୍ୟକ୍ତିଟି ଥାଏ ସେଠାରେ ପାଣି ମାଠିଆ ବି ଶୁଖିଯାଏ। ଏହି କ୍ରୋଧ ବ୍ରହ୍ମର୍ଷି ହେବାରେ ପ୍ରତିବନ୍ଧକ ସାଜିଥିଲା ରାଜର୍ଷି ବିଶ୍ୱାମିତ୍ରଙ୍କର। ବ୍ରହ୍ମର୍ଷି ବଶିଷ୍ଠଙ୍କ ଶହେ ପୁତ୍ରଙ୍କୁ ହତ୍ୟା କରି ସାରିଲା ପରେ ମଧ୍ୟ କ୍ରୋଧ ପ୍ରଶମିତ ହେଉ ନ ଥାଏ ବିଶ୍ୱାମିତ୍ରଙ୍କର। ଶେଷରେ ବଶିଷ୍ଠଙ୍କୁ ମାରିବାକୁ ବଶିଷ୍ଠମାରଣ ଯଜ୍ଞ କଲେ ଏବଂ ପୁରୋହିତ ନ ମିଳିବାରୁ ସେହି ବଶିଷ୍ଠଙ୍କୁ ହିଁ ପୁରୋଧା ଭାବେ ନିମନ୍ତ୍ରଣ କଲେ। ଉଦାରଚେତା ବ୍ରହ୍ମର୍ଷି ନିଜ ମୃତ୍ୟୁ ପାଇଁ ହେଉଥିବା ଯଜ୍ଞରେ ବି ପୁରୋହିତ କାର୍ଯ୍ୟ କରିବାକୁ ସମ୍ମତ ହେଲେ। ପୂର୍ଣ୍ଣାହୂତିର ପୂର୍ବ ରାତ୍ରିରେ ଗଛ ଆଡୁଆଳରେ ଥାଇ ଶୁଣିବାକୁ ପାଇଛନ୍ତି ବଶିଷ୍ଠଙ୍କ ମୁଖରୁ ନିଜର ପ୍ରଶସ୍ତି। 'ମୁଁ ଯାହାର ଏତେ କ୍ଷତି କରିଛି, ଯାହାର ସମସ୍ତ ପୁତ୍ରଙ୍କୁ ମାରି ତାଙ୍କୁ ମଧ୍ୟ ମାରିବା ପାଇଁ ଏଠିକି ଆଣିଛି, ସେ ପୁଣି ମୋର ପ୍ରଶଂସା କରୁଛନ୍ତି! ମୋ ଭିତରେ ଥିବା ଖରାପ ଗୁଣ ତାଙ୍କୁ ଦେଖାଯାଉ ନାହିଁ, ମୋର କେବଳ ଭଲ ଗୁଣକୁ ହିଁ ଦେଖୁଛନ୍ତି!'- ଏହିପରି ଭାବନାରେ ବିଶ୍ୱାମିତ୍ରଙ୍କ ମନରେ ଅନୁତାପ ଆସିଲା। ଧାଇଁଯାଇ ଲୋଟିପଡ଼ିଲେ ବଶିଷ୍ଠଙ୍କ ପାଦତଳେ ଏବଂ କ୍ଷମା ପ୍ରାର୍ଥନା କଲେ। ତାଙ୍କୁ 'ଉଠନ୍ତୁ ବ୍ରହ୍ମର୍ଷି' କହି କୋଳେଇ ନେଇଛନ୍ତି ବଶିଷ୍ଠ ସେଇଠି। ଅନେକ ସାଧନା ସତ୍ତ୍ୱେ ବ୍ରହ୍ମର୍ଷି ହୋଇ ପାରୁ ନ ଥିବା ବିଶ୍ୱାମିତ୍ର, କ୍ରୋଧ ତ୍ୟାଗ କଲା ପରେ ବ୍ରହ୍ମର୍ଷି ବୋଲି ସ୍ୱୀକୃତ ହୋଇପାରିଲେ। ବ୍ରହ୍ମର୍ଷି ମାନେ ବ୍ରାହ୍ମଣ ଓ ଋଷି। ବିଶ୍ୱାମିତ୍ର ଆଗରୁ ରାଜା ବା କ୍ଷତ୍ରିୟ ଓ ଋଷି ଥିଲେ। ବହୁ ତପସ୍ୟା କରିବା ପରେ ବ୍ରହ୍ମା ତାଙ୍କୁ କହିଥିଲେ- ବଶିଷ୍ଠ ତୁମକୁ ବ୍ରାହ୍ମଣ ବୋଲି ମାନିଲେ ସମାଜ ତାକୁ ଗ୍ରହଣ କରିବ। କିନ୍ତୁ ଆଜିଯାଏ କ୍ରୋଧ, ହିଂସା, ଅହଂକାର ଆଦି ଦୁର୍ଗୁଣ ତ୍ୟାଗ କରିପାରି ନ ଥିବାରୁ ବଶିଷ୍ଠ ତାଙ୍କୁ ବ୍ରାହ୍ମଣ ବୋଲି ମାନି ନ ଥିଲେ।

କ୍ରୋଧ ଓ ଅହଂକାର ତ ମହାଭାରତ ଯୁଦ୍ଧର କାରଣ। ଯଦୁବଂଶ ଧ୍ୱଂସର କାରଣ ବି ଏହି କ୍ରୋଧ (ଋଷି ଦୁର୍ବାସାଙ୍କ ଅଭିଶାପ)। ଭଉଣୀର ଅପମାନ ପାଇଁ ପ୍ରତିଶୋଧର ଭାବନା ଯୋଗୁ ରାବଣର ସୀତାହରଣ ଓ ପରିଣତିରେ ସ୍ୱର୍ଣ୍ଣମୟୀ ଲଙ୍କାର ଧ୍ୱଂସ। ଏହି କ୍ରୋଧ ହିଁ ମଣିଷର ବଡ଼ ବଇରୀ। କ୍ରୋଧକୁ ଦମନ କରିବା ଅର୍ଥ ବିଶ୍ୱବିଜୟୀ ହେବା। ସେଇଥିପାଇଁ ତ ନଚିକେତା ତାଙ୍କର ପ୍ରଥମ ମାଗୁଣିରେ ଯମଙ୍କଠୁଁ ବର ମାଗିଥିଲେ ପିତାଙ୍କ କ୍ରୋଧ ଶାନ୍ତ ହେଉ ବୋଲି।

ଏଇମାତ୍ର ସରିଥିବା ନିର୍ବାଚନରେ ଦେଖିବାକୁ ମିଳିଛି ରେକର୍ଡ ସଂଖ୍ୟକ ନିର୍ବାଚନୀ ହିଂସା। ଯାହାକି କ୍ରୋଧର ବୀଭତ୍ସ ପରିଣତି। କ୍ରୋଧରେ ଜଳୁଥିବା ମମତା ଦିଦିଙ୍କ ବଙ୍ଗଭୂମି ତ ସମସ୍ତ ରେକର୍ଡକୁ ଭାଙ୍ଗି ଇତିହାସ ରଚିଛି। ଯେଉଁଥିପାଇଁ କି ଦିଦିଙ୍କ ଶରୀର ଓ ଦଳ କ୍ଷୀଣ ହୋଇ ଚାଲିଥିଲାବେଳେ ନବୀନବାବୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି ଏହାର ବିପରୀତ। ସେ ନିଜର ଶରୀର ଓ ଦଳକୁ ସବଳ ରଖିପାରିଛନ୍ତି ନାନା ପ୍ରତିକୂଳତା ସତ୍ତ୍ୱେ। ଏହା କେବଳ ସମ୍ଭବ ହୋଇଛି ନବୀନବାବୁଙ୍କ କ୍ରୋଧଶୂନ୍ୟ ଓ ଶାନ୍ତ ସ୍ୱଭାବ ଯୋଗୁ। କ୍ରୋଧର ଆରମ୍ଭ ହୁଏ ଆତ୍ମବଡ଼ିମା, ଭୁଲ୍ ବୁଝାମଣା, ଅପମାନବୋଧ, ଇଚ୍ଛାପୂର୍ତ୍ତି ହୋଇ ନ ପାରିବା, ଈର୍ଷା, ଦ୍ୱେଷ, ଶତ୍ରୁତା ମନୋଭାବ ଆଦି ଯୋଗୁ ଏବଂ ସମାପ୍ତି ଘଟେ ଧ୍ୱଂସ ବା ପଶ୍ଚାତ୍ତାପରେ। ସେତେବେଳକୁ ଅନେକ କ୍ଷତ ଓ କ୍ଷତି ଘଟି ସାରିଥାଏ। ନେଡ଼ିଗୁଡ଼ କହୁଣିକୁ ବୋହି ଯାଇଥାଏ। କ୍ରୋଧ ଏପରି ଏକ ଆସୁରିକତା, ଥରେ ତାକୁ ପ୍ରଶ୍ରୟ ଦେଲେ କ୍ରମଶଃ କାୟା ବିସ୍ତାର କରିଚାଲେ। ଭାଙ୍ଗିଦିଏ ବନ୍ଧୁତ୍ୱକୁ। ସମାଧି ଦିଏ ସମ୍ପର୍କକୁ। ଚୂରମାର କରିଦିଏ ପରିବାରକୁ। ଧ୍ୱଂସ କରେ ଦାମ୍ପତ୍ୟ ଜୀବନକୁ। ଶରାଘାତର କ୍ଷତ ହୁଏତ ଶୁଖି ଯାଇପାରେ ମାତ୍ର କ୍ରୋଧଜନିତ ଶବ୍ଦାଘାତର କ୍ଷତ ସହଜେ ଶୁଖେ ନାହିଁ। ଏଣୁ କ୍ରୋଧିତ ଅବସ୍ଥାରେ ନୀରବ ରହିଯିବା ବୁଦ୍ଧିମତ୍ତାର ପରିଚୟ। କାରଣ ଧନୁରୁ ତୀର ଓ ପାଟିରୁ ଶବ୍ଦ ବାହାରିଗଲା ପରେ ଆଉ ଫେରାଇ ଆଣି ହୁଏନା।

ମନେପଡ଼େ ଆଉ ଏକ ପ୍ରେରଣାଦାୟୀ ପ୍ରସଙ୍ଗଟିଏ। ଏକ ବୃହତ୍ କାରଖାନାରେ ଅଜୟ ବେହେରା ନାମରେ ଜଣେ କିରାଣି ଥିଲେ। କଥାଛଳରେ ଦିନେ ସେ କହିଲେ- ଗତକାଲି ମୋ ସ୍ତ୍ରୀ ଭୀଷଣ ଗାଳି କଲେ ମୋ ଉପରେ। ଇଚ୍ଛା ହେଉଥିଲା ଭଲ କରି ଉତ୍ତମ-ମଧ୍ୟମ ଦୁଇଟା କଷିଦେବାକୁ। ଅଫିସ୍ କଥା ଚିନ୍ତାକରି ଚୁପ୍ ରହିଗଲି। ଭାବିଲି, ମୁଁ ତ ପ୍ରାୟ ପ୍ରତିଦିନ ବସ୍‌ଙ୍କଠାରୁ ନାନାଦି କଟୁକଥା ଶୁଣୁଛି। ଅଶ୍ରାବ୍ୟ ଭାଷା ବି ଶୁଣିବାକୁ ମିଳେ ବେଳେ ବେଳେ। ଯଦି ସେ ସବୁକୁ ହଜମ କରିଦେଉଛି ତେବେ ଯିଏ ମୋର ଅର୍ଦ୍ଧାଙ୍ଗିନୀ ତଥା ମୋ ପରିବାରର ଯାବତୀୟ ସେବା କରି ଚାଲିଛି ତା'ର ସାମାନ୍ୟ କେଇଟା ଶବ୍ଦ ପାଇଁ ମୁଁ କ'ଣ ଚାଣ୍ଡାଳ ସାଜିବି? ଏହା ଭାବି ଶାନ୍ତ ରହିଗଲି। ନ ହେଲେ ବଡ଼ ଅନର୍ଥଟିଏ ହୋଇଥାନ୍ତା।

ଏହିପରି ବୋଧଶକ୍ତି ଦ୍ୱାରା ହିଁ କ୍ରୋଧକୁ ବଧ କରାଯାଇଥାଏ। ଧୈର୍ଯ୍ୟ ଓ ସହନଶୀଳତା ରୂପକ ଥଣ୍ଡା ପାଣିରେ ହିଁ କ୍ରୋଧ ଓ ହିଂସା ରୂପକ ନିଆଁକୁ ଆୟତ୍ତ କରାଯାଇପାରେ। ମୌନ ଭାବ, ଏକାନ୍ତପଣିଆ, ସକାରାତ୍ମକ ଦୃଷ୍ଟିଭଙ୍ଗୀ, ଧ୍ୟାନ ଓ ଯୋଗ ଆଦି କ୍ରୋଧର ସଫଳ ଉପଚାର। ଅଯଥା ଯୁକ୍ତିତର୍କଠୁ ଦୂରେଇ ରହିଲେ କ୍ରୋଧ ଆପେ ଆପେ ଅପସରି ଯାଏ। କ୍ରୋଧ ବେଳେ ଥଣ୍ଡା ପାଣି ମୁନ୍ଦାଏ ମଧ୍ୟ କ୍ରୋଧକୁ ପ୍ରଶମିତ କରିଥାଏ। ମନୋବିଜ୍ଞାନୀଙ୍କ ମତରେ କ୍ରୋଧଭାବ ଆସିଲାକ୍ଷଣି ଆଖି ସାମ୍ନାରେ ଥିବା ସଜଫୁଟା ଫୁଲଟିକୁ ନିରୀକ୍ଷଣ କରି ତା'ର ସୌନ୍ଦର୍ଯ୍ୟ ଓ ସୁରଭିକୁ ଉପଭୋଗ କରନ୍ତୁ। ଅଥବା ମନପସନ୍ଦର ଯେ କୌଣସି ଗୀତକୁ ଗୁଣୁଗୁଣେଇ ହୁଅନ୍ତୁ। ଶୁଣିବାକୁ ଚେଷ୍ଟା କରନ୍ତୁ ମନ୍ଦିରରୁ ଆସୁଥିବା ପବିତ୍ର ଘଣ୍ଟଧ୍ୱନିକୁ, ନୀଡ଼ଫେରନ୍ତା କାକଳିର ମୁଗ୍ଧ କୋଳାହଳକୁ। ମନେ ପକାନ୍ତୁ ଉଦିତ ସୂର୍ଯ୍ୟର ସେହି ସୁନେଲି ଦୃଶ୍ୟକୁ। ଅନ୍ତରଙ୍ଗ ବନ୍ଧୁଙ୍କଠାରେ ମଧ୍ୟ କ୍ରୋଧର କାରଣ ଥିବା ପ୍ରସଙ୍ଗକୁ ପ୍ରକାଶ କରି ମନକୁ ହାଲୁକା କରିଦିଅନ୍ତୁ। ପ୍ରଗତିର ପ୍ରତିବନ୍ଧକ, ଉତ୍ତରଣର ବାଧକ, ଆମର ବଡ଼ ଶତ୍ରୁ ହେଉଛି କ୍ରୋଧ। ଅତଏବ କ୍ରୋଧଠୁଁ କୋଶେ ଦୂରରେ ରହିଲେ ହିଁ ଜୀବନ ଆନନ୍ଦମାର୍ଗୀ ହେବ। ଅନ୍ୟଥା ଜୀବନକୁ ଜାଳିପୋଡ଼ି ସେ ପାଉଁଶ କରିଦେବ।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର, ମୋ- ୯୪୩୭୪୩୬୦୭୩, ଇ-ମେଲ: unbiswal05@gmail.com

# ହସ୍ପିଟାଲରେ ସୌରଶକ୍ତିର ବ୍ୟବସ୍ଥା

ସଞ୍ଜୟ ସାନ୍ୟାଲ, ସଙ୍ଗୀତା ରାଣେ ଓ ଅରବିନ୍ଦ ଶାଶ୍ୱତ

ଏହା ଥିଲା ଏକ ବର୍ଷାମୁଖର ସନ୍ଧ୍ୟା, ଯେତେବେଳେ ଡାକ୍ତର କାମିଲି ଜିମୋଙ୍କ ରୋଗିଣୀଙ୍କୁ ଜରୁରୀ ଅସ୍ତ୍ରୋପଚାର କରାଇବାର ଆବଶ୍ୟକତା ଥିଲା। ଏକ ସନ୍ତାନକୁ ଜନ୍ମ ଦେବା ପରେ ରୋଗିଣୀଙ୍କ ଦେହରୁ ପ୍ରବଳ ରକ୍ତସ୍ରାବ ହେଉଥିଲା। ତୁରନ୍ତ ଅପରେଶନ ନ କଲେ ତାଙ୍କର ମୃତ୍ୟୁ ହେବାର ଆଶଙ୍କା ଥିଲା। କିନ୍ତୁ ସମସ୍ୟା ହେଲା ଯେ ସେତେବେଳେ ହସ୍ପିଟାଲରେ ବିଦ୍ୟୁତ୍ ନ ଥିଲା। ସେତେବେଳେ ହସ୍ପିଟାଲର ଜେନେରେଟର ବି ଖରାପ ଥିଲା। ବାଧ୍ୟ ହୋଇ ଡା. ଜିମୋ ଏକ ମୋବାଇଲ ଫୋନ୍‌ର ଆଲୋକରେ ଅସ୍ତ୍ରୋପଚାର ଆରମ୍ଭ କଲେ। ଭାଗ୍ୟ ଭଲ ମା'ଟିର ଜୀବନରକ୍ଷା ହୋଇଗଲା। ଏହା ଜିମୋଙ୍କ ପାଇଁ କିଛି ନୂଆ କଥା ନ ଥିଲା କାରଣ ଉକ୍ତ ହସ୍ପିଟାଲଟି ଅବସ୍ଥିତ ଥିବା ଆସାମ ଓ ମଣିପୁରର ସୀମାନ୍ତବର୍ତ୍ତୀ ପାହାଡ଼ିଆ ଗାଁରେ ଅନେକ ସମୟରେ ବିଜୁଳି ରହେ ନାହିଁ।

ଆଜିକାଲି ଭାରତରେ ବିଦ୍ୟୁତୀକରଣ ବୃଦ୍ଧିପାଇଥିଲେ ବି ଅଧିକାଂଶ ସ୍ଥାନରେ ବିଜୁଳିକାଟ ଏକ ନିତିଦିନିଆ ଘଟଣା। ଏହି ସମସ୍ୟାର ଏକ ସମାଧାନ ହେଉଛି ସୌରଶକ୍ତିର ଉପଯୋଗ। ପୂର୍ବାଞ୍ଚଳ ରାଜ୍ୟ ଝାଡ଼ଖଣ୍ଡର ହଜାରିବାଗଠାରେ ଥିବା ସଦର ହସ୍ପିଟାଲରେ ୨୦୧୬ରେ ସୌରଶକ୍ତିର ବ୍ୟବସ୍ଥା କରାଯାଇଛି। ଛାତ ଉପରେ ଖଞ୍ଜାଯାଇଥିବା ସୋଲାର ପ୍ୟାନେଲ ଦ୍ୱାରା ବ୍ୟାଟେରି ଚାର୍ଜ ହୁଏ, ଯାହା ହସ୍ପିଟାଲକୁ ବିଜୁଳି ଯୋଗାଏ। ଆଗରୁ ଏହି ହସ୍ପିଟାଲର କର୍ମଚାରୀମାନେ ଅପରେଶନ ପାଇଁ ରୋଗୀମାନଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଉଥିବାବେଳେ ଏବେ ଏଠାରେ ବୃହତ୍ ଅପରେଶନ ୨୫ ପ୍ରତିଶତ ବୃଦ୍ଧି ପାଇଛି। ବିଜୁଳି କାଟ ପାଇଁ ଏଠାରେ ଆଉ ଅପରେଶନ ବନ୍ଦ କରିବାକୁ ପଡୁନାହିଁ ବୋଲି ହସ୍ପିଟାଲର ମ୍ୟାନେଜର ସୁମିତ୍ ଶ୍ରୀବାସ୍ତବ କହିଛନ୍ତି।

ଡିଜେଲ ଜେନେରେଟରଗୁଡ଼ିକ ଅତ୍ୟନ୍ତ ବ୍ୟୟବହୁଳ ଏବଂ ତାକୁ ଚଳାଇବା ଓ ତା'ର ରକ୍ଷଣାବେକ୍ଷଣ ମଧ୍ୟ କଷ୍ଟସାଧ୍ୟ। ଡିଜେଲକୁ ଆଗରୁ ଆଣି ନିରାପଦରେ ଗଚ୍ଛିତ ରଖିବାକୁ ପଡ଼େ। ମଝିରେ ମଝିରେ ଜେନେରେଟର ଖରାପ ବି ହୋଇଯାଏ। ସଦର ହସ୍ପିଟାଲରେ ସୌରଶକ୍ତି ବ୍ୟବସ୍ଥା ହେବା ପରେ ଜେନେରେଟର ପାଇଁ ଡିଜେଲ କିଣିବା ଓ ଜେନେରେଟରର ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦକୁ ମାସିକ ପ୍ରାୟ ୨ ଲକ୍ଷ ଟଙ୍କା ବଞ୍ଚୁଛି। ଡିଜେଲ ଜେନେରେଟରଗୁଡ଼ିକ ମଧ୍ୟ ଅପରିଚ୍ଛନ୍ନ ଏବଂ ସେଗୁଡ଼ିକ ବାୟୁମଣ୍ଡଳକୁ ନାଇଟ୍ରୋଜେନ୍ ଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍ ଓ କଠିନ କଣିକା ଆଦି ପ୍ରଦୂଷକ ଛାଡ଼ି ବାୟୁପ୍ରଦୂଷଣରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ଖୁବ୍ ଜୋରରେ ଗର୍ଜନ କରି ସେଗୁଡ଼ିକ ଧ୍ୱନି ପ୍ରଦୂଷଣ ବି କରନ୍ତି।

ସୌରଶକ୍ତିଚାଳିତ ହେଲ୍‌ଥ କ୍ଲିନିକ୍‌ଗୁଡ଼ିକ ଏସିଆ ଓ ଆଫ୍ରିକାରେ କିଛି କିଛି ଦେଖିବାକୁ ମିଳିଲାଣି। ତଥାପି ସେଗୁଡ଼ିକର ସଂଖ୍ୟା ବହୁତ କମ୍ ରହିଛି। ଗୋଟିଏ ଡିଜେଲ ଜେନେରେଟର କିଣିବାକୁ ଯେତିକି ଖର୍ଚ୍ଚ ପଡ଼େ, ସେହି ତୁଳନାରେ ସୌରଶକ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରାରମ୍ଭିକ ଖର୍ଚ୍ଚ ଯଥେଷ୍ଟ ଅଧିକ ପଡ଼େ। ଏକ ୧୦୦ ଶଯ୍ୟାବିଶିଷ୍ଟ ହସ୍ପିଟାଲ ପାଇଁ ସୌରଶକ୍ତି ବ୍ୟବସ୍ଥା କରିବାକୁ ବ୍ୟାଟେରି ସହିତ ପ୍ରାୟ ୧୦ ନିୟୁତ ଟଙ୍କା ଦରକାର। ସେହି ତୁଳନାରେ ଡିଜେଲ ଜେନେରେଟର ପାଇଁ ପ୍ରାୟ ୧୦ଗୁଣ କମ୍ ଖର୍ଚ୍ଚ ପଡ଼େ। ଏହି କାରଣରୁ ଅଧିକାଂଶ ହସ୍ପିଟାଲ ସୌରଶକ୍ତି ପ୍ରତିଷ୍ଠା କରିପାରୁନାହାନ୍ତି। କିନ୍ତୁ ଥରେ ସୌରଶକ୍ତି ପ୍ରତିଷ୍ଠା ହୋଇଗଲେ କିଛି ବର୍ଷ ଭିତରେ ଖର୍ଚ୍ଚ ଉଠିଯାଏ। ସେଥିପାଇଁ ସୌରଶକ୍ତି ପ୍ରତିଷ୍ଠା ଲାଗି ଆର୍ଥିକ ସହାୟତାର ଆବଶ୍ୟକତା ରହିଛି।

ବର୍ତ୍ତମାନ ସୌରଶକ୍ତି ପ୍ରତିଷ୍ଠା ପାଇଁ ତିନୋଟି ସୂତ୍ରରୁ ଆର୍ଥିକ ସହାୟତା ମିଳୁଛି। ୧. ସରକାରୀ ବଜେଟ: କେତେକ ଦେଶରେ ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟ ହାସଲ ପାଇଁ ତଥା ବିକାଶ ଲକ୍ଷ୍ୟ ପୂରଣ ପାଇଁ ସୌରଶକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। ସଦର ହସ୍ପିଟାଲରେ ସୌରଶକ୍ତି ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ପାଣ୍ଠି ଯୋଗାଇଥିଲେ। ୨. ବିଶ୍ୱବ୍ୟାଙ୍କ ପରି ଅନ୍ତର୍ଜାତୀୟ ବିକାଶ ସଂସ୍ଥାଗୁଡ଼ିକ ସ୍କୁଲ, କଲେଜ, ହସ୍ପିଟାଲ ପ୍ରଭୃତିରେ ସୌରଶକ୍ତି ପ୍ରତିଷ୍ଠା ପାଇଁ ପାଣ୍ଠି ଯୋଗାଉଛନ୍ତି। ୩. କେତେକ ଘରୋଇ ପ୍ରତିଷ୍ଠାନ ମଧ୍ୟ ଏଥିପାଇଁ ପାଣ୍ଠି ଯୋଗାଉଛନ୍ତି। କେନିଆର ନାଜାଇଲ ହେଲ୍‌ଥ କ୍ଲିନିକ୍‌ରେ ସୌରଶକ୍ତି ପ୍ରତିଷ୍ଠା ପାଇଁ ୟୁରୋପୀୟ ସୌରଶକ୍ତି ଫାଉଣ୍ଡେଶନ ପାଣ୍ଠି ଯୋଗାଇଥିଲା।

ଭାରତରେ ପାଣ୍ଠି ଯୋଗାଣ ପାଇଁ ଆଉ ଗୋଟିଏ ଉତ୍ସ ରହିଛି। ଆମ ଦେଶର ଆଇନ ଅନୁଯାୟୀ ବୃହତ୍ ଭାରତୀୟ କର୍ପୋରେଶନଗୁଡ଼ିକ ସେମାନଙ୍କ ଆୟର ୨ ପ୍ରତିଶତ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରକଳ୍ପଗୁଡ଼ିକରେ ଖର୍ଚ୍ଚ କରିବାକୁ ବାଧ୍ୟ। ୨୦୧୫ ଓ ୨୦୧୬ରେ ଭାରତୀୟ କମ୍ପାନୀଗୁଡ଼ିକ ଏ ବାବଦରେ ୯୮.୨ ବିଲିୟନ ଟଙ୍କା ନିବେଶ କରିଛନ୍ତି। ସ୍ୱାସ୍ଥ୍ୟ ଓ ଗ୍ରାମୀଣ ବିକାଶ ହେଉଛି ସେମାନଙ୍କ ପୁଞ୍ଜିନିବେଶର ପ୍ରମୁଖ କ୍ଷେତ୍ର। ଭାରତରେ ସୌରଶକ୍ତିର ବିକାଶ ଘଟିଚାଲିଛି। ବଡ଼ ବଡ଼ କମ୍ପାନୀ ଚାହୁଁଛନ୍ତି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ପ୍ରକଳ୍ପକୁ ପାଣ୍ଠି ଯୋଗାଇବା ପାଇଁ ଯେଉଁଥିରେ ସ୍ୱାସ୍ଥ୍ୟ କ୍ଲିନିକ୍ ଓ ହସ୍ପିଟାଲଗୁଡ଼ିକର ଛାତ ଉପରେ ସୌର ପ୍ୟାନେଲ ଲଗାଯାଇପାରିବ। ଡିଜେଲ ଜେନେରେଟର ଅପେକ୍ଷା ସୌରଶକ୍ତି ପ୍ରତିଷ୍ଠା କରିବା ସହଜ। କିନ୍ତୁ ପ୍ୟାନେଲଗୁଡ଼ିକୁ ପ୍ରତି ସପ୍ତାହରେ ସଫା କରିବା ଏବଂ ପ୍ରତି ପାଞ୍ଚବର୍ଷରେ ବ୍ୟାଟେରି ବଦଳାଇବା ଦରକାର। ସହାୟତା ଆକାରରେ ମିଳିଥିବା ପାଣ୍ଠି ସାହାଯ୍ୟରେ ସୌର କମ୍ପାନୀଗୁଡ଼ିକ ସହ ଚୁକ୍ତିବଦ୍ଧ ହେବାକୁ ପଡ଼ିବ ଏବଂ କମ୍ପାନୀଗୁଡ଼ିକ ସୌର ବ୍ୟବସ୍ଥା ପ୍ରତିଷ୍ଠା କରିବା ସହ ତା'ର ନିୟମିତ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରିବେ। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଯେପରି ପ୍ରତିଦିନ ଆବଶ୍ୟକ ବିଦ୍ୟୁତ୍ ପାଇପାରିବେ ଏବଂ କିଛି ଦୋଷତ୍ରୁଟି ଦେଖାଗଲେ ତାହାକୁ ତୁରନ୍ତ ଠିକ୍ କରାଯାଇପାରିବ, ସେ ବିଷୟରେ ସୌର କମ୍ପାନୀଗୁଡ଼ିକ ଦୃଷ୍ଟି ଦେବେ। ଭାରତର ସବୁ ହସ୍ପିଟାଲରେ ଏହି ବ୍ୟବସ୍ଥା ହେବା ଦରକାର। ତା'ହେଲେ ବିଦ୍ୟୁତ୍ ଅଭାବରେ ଆଉ କୌଣସି ହସ୍ପିଟାଲରେ ମୋବାଇଲ ଆଲୋକରେ ଅପରେଶନ କରିବାକୁ ପଡ଼ିବ ନାହିଁ।

## ଏଇ ଭାରତରେ

ଭାତଥାଳିକୁ ଗୋଡ଼ରେ ଠେଲି ପୁରୁଷଙ୍କୁ ଖାଇବାକୁ ଦିଅନ୍ତି ମହିଳା। ପରମ୍ପରା ନାଁରେ ଏବେ ବି ଅନେକ ଅନ୍ଧବିଶ୍ୱାସ ପ୍ରଚଳିତ ରହିଛି। ଉତ୍ତରପ୍ରଦେଶର ତରାଇ ଅଞ୍ଚଳରେ ଥିବା ମହିଳାମାନେ ପୁରୁଷମାନଙ୍କୁ ଖାଦ୍ୟ ପରଷିବା ପରେ ଥାଳିଟିକୁ ଗୋଡରେ ଠେଲି ଦେଇଥାଆନ୍ତି। ଏହା ପଛରେ ଏକ ଇତିହାସ ରହିଛି। ୧୫୭୬ରେ ହଳଦୀଘାଟ ଯୁଦ୍ଧ ସମୟରେ ମହାରାଣା ପ୍ରତାପଙ୍କ ସହଯୋଗୀମାନେ ନିଜ ପରିବାରକୁ ସୁରକ୍ଷା ଦେବାକୁ ଯାଇ ନିଜ ସେବକମାନଙ୍କ ସହ ହିମାଳୟ ପାଦଦେଶକୁ ପଠାଇ ଦେଇଥିଲେ। ବହୁ ବାଟ ବୁଲିବୁଲି ସେମାନେ ନେପାଳ ସୀମାରେ ଥିବା ଉତ୍ତରପ୍ରଦେଶ ତରାଇ ଅଞ୍ଚଳରେ ପହଞ୍ଚିଥିଲେ। ସେହିଠାରେ ହିଁ ସେମାନେ ରହିବାକୁ ଲାଗିଲେ। ରାଜସ୍ଥାନରୁ ଆସିଥିବାରୁ ଏମାନଙ୍କୁ ଥାରୁ ବୋଲି କୁହାଗଲା। ସୁରକ୍ଷା ଦୃଷ୍ଟିରୁ ଏହି ମହିଳାମାନେ ସେମାନଙ୍କ ସେବକ ଓ ସୈନିକଙ୍କୁ ବିବାହ କରିନେଲେ। ହେଲେ ଏହି ମହିଳାମାନେ ନିଜ କୁଳୀନ ପ୍ରବୃତ୍ତି ବା ରାଜକୀୟ ଢଙ୍ଗକୁ ଛାଡି ପାରିଲେନି। ନିଜ ଅହଂକାରକୁ ବଜାୟ ରଖିବାକୁ ଏମାନେ ଯେତେବେଳେ ବି ପୁରୁଷମାନଙ୍କୁ ଖାଇବା ପରଷନ୍ତି ତା'ପରେ ଥାଳିଟିକୁ ଗୋଡ଼ରେ ଠେଲିଦେଇ ନିଜର ଅହମିକା ସାବ୍ୟସ୍ତ କରନ୍ତି।

## ଚିରନ୍ତନୀ

ବରଷା ଆସିଲା ଚଷା କି ଭାବନା କରେ ବସି
ଚୁଲିରେ ପଶଇ ପାଣି ଅଧେ ଚାଳ ପଡେ ଖସି।
ଘରଣୀ କଜିଆ କରି ଆଜି ତାକୁ ପାଳି ଜ୍ୱର
ବରଷକ ପିଲାଟା ତ କାନ୍ଥୁ କମ୍ପେ ସଡ ସଡ।
ସବୁବେଳେ ଛଟପଟ ଦିନରାତି କାଉଁ କାଉଁ
ଦେଇଛି ସକାଳେ ପେଇ ଟୋପେ ତାକୁ ଚିନାଜାଉ।
ଏ ବେଳାକୁ ନାହିଁ କିଛି ଶୁଖାଇ ଦେଲାଣି ମୁହଁ।
କିଟିକିଟି କଳା ମେଘ ବିଲରେ ପଡିଛି ସୁଅ।
ଚଇତନ ଡାକିଥିଲା ଆଜି ତାର ପାଲାପୂଜା
କିଏ ଯିବ ପାଲା ଦେଖି ଘରେ ନାହିଁ ଚୁଡାଭଜା!
ବିଲରେ ପଡିଛି ସୁଅ ତିନିଦିନ ନାହିଁ ଚାଷ
ବାର ବରଷର ପୁଅ ଭୋଗି ଭୋଗି ଧଇଁ କାଶ।
(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୯୪

- ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ପାଇଁ ରାଜ୍ୟର କେତେକ ଥାନାରେ ପରୀକ୍ଷାମୂଳକଭାବେ ପୃଥକ୍ ପୃଥକ୍ ପୋଲିସ କର୍ମଚାରୀ ନିଯୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରକାଶ କରିଛନ୍ତି।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜଣେ ପୁରୁଖା ବିଧାୟକ ଅରୁଣ ଦେଙ୍କୁ ଦଳରୁ ବହିଷ୍କାର କରାଯାଇଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 4 | | | | | B | A | | 1 | | | D | | 0 |
| 0 | 3 | | | | | D | | C | | | A | | | 2 |
| B | | 5 | | E | | | 7 | | | | | | | |
| 1 | D | | C | 5 | | | 4 | | | 2 | | B | 8 | |
| A | 9 | | 6 | | B | | | | | | | | | |
| 4 | | | | 1 | | | 3 | 5 | | | | | | |
| | A | | | | | 7 | C | | | | E | | | 5 |
| | | | | | E | | D | | | 5 | | 8 | 7 | |
| | 6 | | 2 | | | 8 | | E | | | | 0 | D | 4 |
| | 0 | | D | 9 | C | 6 | | | | | | E | | |
| | | | B | | | 4 | | 2 | | | | | 6 | |
| | | | | 6 | 2 | | E | 9 | | 8 | | C | 1 | |
| | | | A | | | 0 | B | | | | 9 | | | |
| 2 | | | 5 | D | | | | | | | | | B | A |
| | | 4 | | | 7 | C | | A | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 7 | 4 | 5 | 2 | B | 3 | 1 | 9 | C | 0 | D | 6 | A | E |
| 2 | 1 | 9 | 3 | 0 | C | 6 | 8 | A | 4 | B | E | D | 7 | 5 |
| B | A | D | 6 | 7 | E | 0 | C | 4 | 2 | 9 | 5 | 8 | 1 | 3 |
| E | 5 | 3 | 8 | D | 4 | B | 7 | 2 | 6 | 1 | A | C | 0 | 9 |
| C | 0 | 6 | 1 | 9 | A | E | D | 5 | 7 | 3 | 8 | B | 2 | 4 |
| 1 | 2 | 7 | 0 | B | D | 9 | 3 | E | 5 | 8 | C | A | 4 | 6 |
| 6 | 9 | C | E | 1 | 8 | 2 | 4 | 7 | D | A | 3 | 5 | B | 0 |
| 0 | D | A | 2 | 6 | 9 | 1 | 5 | 8 | B | 4 | 7 | 3 | E | C |
| 4 | B | 8 | A | 3 | 5 | C | 6 | D | E | 2 | 0 | 7 | 9 | 1 |
| 3 | E | 5 | 4 | C | 7 | A | B | 0 | 1 | 6 | 9 | 2 | D | 8 |
| 5 | 3 | 0 | B | A | 1 | 8 | 2 | C | 9 | 7 | 4 | E | 6 | D |
| D | 8 | 2 | C | 4 | 6 | 7 | 0 | B | 3 | E | 1 | 9 | 5 | A |
| 9 | 4 | E | 7 | 5 | 0 | D | A | 6 | 8 | C | B | 1 | 3 | 2 |
| 7 | C | 1 | D | E | 2 | 4 | 9 | 3 | A | 5 | 6 | 0 | 8 | B |
| A | 6 | B | 9 | 8 | 3 | 5 | E | 1 | 0 | D | 2 | 4 | C | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ

ମହାଶୟ,

ସରକାରଙ୍କ ଟଙ୍କିଆ ଚାଉଳ ରାଜନୀତି ହିଁ କୃଷିଶ୍ରମିକ ହ୍ରାସର କାରଣ। ଗହମ, ଚାଉଳ ସାଙ୍ଗକୁ ଏବେ ଟଙ୍କିଆ ମାଣ୍ଡିଆ ଯୋଗାଇବାକୁ ସରକାର ସ୍ଥିର କରିଛନ୍ତି। କୋଡିଏ ତିରିଶ ଟଙ୍କା ବଦଳରେ ମାସଯାକ ପାଇଁ ମିଳିଯାଉଛି ଖାଦ୍ୟ। ତେଣୁ ଚାଷୀମାନେ ମଦରେ ବୁଡିରହି କାମ କରିବା ଛାଡିଦେଲେଣି। ସାଧାରଣ ଜମିମାଲିକ ଚାଷ କରିବା ପାଇଁ ଶ୍ରମିକଟିଏ ପାଉନାହାନ୍ତି। ଚାଷଜମି ପଡିଆ ପଡିଲାଣି। କେବଳ ଭୋଟ ହାତେଇବା ପାଇଁ ସରକାରଙ୍କର ଏ ଯୋଜନା ଦିନେ ଚାଷୀକୁଳ ପାଇଁ କାଳ ହେବ। କିଏ ବିଲେଇ ବେକରେ ଘଣ୍ଟି ବାନ୍ଧିବ?

ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

### ଭାଇ ଦିଏ ବଳ

କଥାରେ ଅଛି- ଭାଇ ଦିଏ ବଳ। ପୁରାଣ ଅନୁଯାୟୀ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଭାଇ ଭଳିଆ ଭାଇ ଥିଲେ। ପାଣ୍ଡବ ପାଞ୍ଚଭାଇଙ୍କ ମଧ୍ୟରେ ଥିବା ସମ୍ପର୍କ ସମସ୍ତଙ୍କୁ ଜଣା। ସେହିପରି କୃଷ୍ଣ ଓ ବଳରାମ ଦୁଇଭାଇଙ୍କ ମଧ୍ୟରେ ନିବିଡ ଭଲପାଇବା ଥିଲା। ସମାଜରେ ଏମିତି ଭ୍ରାତୃଭାବ ଥିବା ପରିବାରଟିଏ ଦେଖିଲେ ମନ ଖୁସି ହୋଇଯାଏ। ଭାଇଟିଏ ନ ଖାଇଲେ ଅନ୍ୟ ଭାଇଟି ନ ଖାଇ ଭାଇ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରେ। ଗୋଟିଏ ଭାଇ ରୋଗରେ ପଡିଲେ, ଅନ୍ୟ ଭାଇଟି ତା' ପାଖରେ ବସି ସେବା କରେ ଓ ଲୁହ ଗଡାଇ ତା'ର ଆରୋଗ୍ୟ କାମନା କରିଥାଏ। ଆଗ ଭଳି ଏବେ ଏକାନ୍ନବର୍ତ୍ତୀ ପରିବାର ନାହିଁ। ତେଣୁ ସମ୍ପର୍କ ଶିଥିଳ ହୋଇଯାଉଛି। ଏବେକାର ଲୋକେ ନିଜେ ବଞ୍ଚିଲେ ବାପର ନାଁ ବୋଲି ଭାବୁଛନ୍ତି। ସ୍ୱାର୍ଥାନ୍ଧ ହୋଇ ଭାଇ ବେକରେ ଛୁରି ଚଳାଇବାକୁ ସେମାନଙ୍କ ହାତ ଥରି ଉଠୁ ନାହିଁ। ପରିବାର ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହେତୁ ଶତ୍ରୁ ପକ୍ଷ ତା'ର ଫାଇଦା ନେଉଛି। ଭାଇ ଭାଇ ମଧ୍ୟରେ ସୁସମ୍ପର୍କ ରହିଲେ ଯେତେ ପରାକ୍ରମୀ ଶତ୍ରୁ ହେଲେ ହେଁ ସେ ବଳହୀନ ହୋଇଯିବ। ସେଥିପାଇଁ ପୂର୍ବପୁରୁଷ କହିଛନ୍ତି- କଳି ଯେବେ କରି ବସିବୁ ସଙ୍ଗେ ଥିବ ଭାଇ। ଧରିତ୍ରୀ (୧୪।୬)ରେ ପ୍ରକାଶିତ ଅଭିମନ୍ୟୁ ଧଳଙ୍କ 'ଭାଇ ଭାଇର ସମ୍ପର୍କ' ଆଲେଖ୍ୟଟି ଅତ୍ୟନ୍ତ ଉପାଦେୟ ମନେହୁଏ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

ମାଲକାନଗିରି,୨୭।୬(ସ୍ୱ.ପ୍ର.) ମାଲକାନଗିରିସ୍ଥିତ ଗାୟତ୍ରୀ ପୀଠରେ ଚାରି ଦିନିଆ ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବନ ବନ୍ଧୁ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଏକଲ ଅଭିଯାନର ଆଚାର୍ଯ୍ୟା ଆଚାର୍ଯ୍ୟଙ୍କୁ ସାମିଲ କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ ଭାବେ ଉତ୍କଳ ସାହିତ୍ୟ ସଂସଦ ସଭାପତି କେଶବ ଚନ୍ଦ୍ର ନାୟକ ଯୋଗ ଦେଇଛନ୍ତି। ଆଦିବାସୀ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସୁଧାର, ଆଦିବାସୀ ଗ୍ରାମଗୁଡିକରେ ସ୍ୱାସ୍ଥ୍ୟ ସଚେତନତା, ଉତ୍ତମ ଭୋଜନ ଗ୍ରହଣ, ବାସି ଖାଦ୍ୟରୁ ଦୂରେଇ ରହିବା, ନିଜକୁ ସଫା ରଖିବା ସହ ନିୟମିତ ବ୍ୟାୟାମ କରିବା, ଗାଁକୁ ପ୍ରଦୂଷଣମୁକ୍ତ କରିବା, ବୃକ୍ଷରୋପଣ, ଗାଁଗୁଡିକରେ ଚାଲିଥିବା ସରକାରୀ ଯୋଜନାର ତଦାରଖ, ଅନ୍ଧବିଶ୍ୱାସ ଦୂର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

ଶେରଗଡ,୨୭।୬(ଡି.ଏନ୍.ଏ.): ଶେରଗଡ଼ ହାଟବନ୍ଧରୁ ପୋଲିସ ଉସ୍ତା ଗ୍ରାମର ଶ୍ରୀକାନ୍ତ ପଣ୍ଡା (୨୫)ଙ୍କ ମୃତଦେହ ଉଦ୍ଧାର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୁରୁବାର ସକାଳେ ହାଟବନ୍ଧରେ ଏକ ମୃତଦେହ ଭାସୁଥିବା ଦେଖି ଲୋକେ ଶେରଗଡ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆସିକା ମେଡିକାଲ ପଠାଇଥିଲା। ପ୍ରାଥମିକ ତଦନ୍ତ ପରେ ମୃତ ଶ୍ରୀକାନ୍ତ ଶେରଗଡର ଖମ୍ବେଶ୍ୱରୀ ହୋଟେଲରେ କାମ କରୁଥିଲେ। ବୁଧବାର ରାତିରେ କାମ ସାରି ହାଟ ବନ୍ଧକୁ ଗାଧୋଇବାକୁ ଆସିଥିଲେ। ଗାଧୋଇଥିବାବେଳେ କୌଣସି କାରଣରୁ ବୁଡିଯାଇ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

### ବିଷ କ୍ରିୟାରେ ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୭।୬-ଘରୋଇ କଳିକୁ କେନ୍ଦ୍ରକରି ଜଣେ ମହିଳା ବିଷପାନ କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି । ସେ ହେଲେ ବୁଲୁ ନାହାକଙ୍କ ସ୍ତ୍ରୀ ବବି (୨୧) । ଘର ଖଲ୍ଲିକୋଟ ଥାନା ଅନ୍ତର୍ଗତ କଦଳୀବସନ୍ତ ଗ୍ରାମରେ ବୋଲି ପୋଲିସ କହିଛି । ମେଡିକାଲ ଫାଣ୍ଡି ପୋଲିସ ଗୁରୁବାର ମୃତଦେହ ଜବତ କରି ନଂ.୩୪୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତାଙ୍କର ୯ ମାସର ଏକ ଶିଶୁ କନ୍ୟା ରହିଛି । ଗତ ୨୬ ତାରିଖ ସକାଳେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି ଏକ ସାମାନ୍ୟ କଥାକୁ ନେଇ ଝଗଡା ହୋଇଥିଲା। ସନ୍ଧ୍ୟା ୭ଟା ବେଳେ ବୁଲୁ ଘରକୁ ଫେରିବା ବେଳେ ତାଙ୍କ ସ୍ତ୍ରୀ ବବି ବାନ୍ତି କରୁଥିବା ଦେଖିବାକୁ ପାଇଥିଲେ। ବୁଲୁ ସ୍ତ୍ରୀଙ୍କୁ ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ରେଫର କରାଯାଇଥିଲା। ବୁଧବାର ରାତି ପ୍ରାୟ ୧୧ଟା ବେଳେ ଡାକ୍ତର ବବିଙ୍କୁ ମୃତ ଘୋଷଣା କରିଥିଲେ।

# ସ୍କୁଲ ଖୋଲିଲାଣି, ଏଯାଏ ମିଳିନି ସବୁ ବହି

ମାଲକାନଗିରି,୨୭।୬(ସ୍ୱ.ପ୍ର.)

ସରକାରୀ ସ୍କୁଲଗୁଡିକର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ବିଭାଗ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ମାଲକାନଗିରି ଜିଲାର ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ସଂଖ୍ୟକ ପାଠ୍ୟପୁସ୍ତକ ମିଳି ପାରିନାହିଁ। ୨୦୧୯-୨୦ ଶିକ୍ଷାବର୍ଷରେ ମାଲକାନଗିରି ଛାତ୍ରୀଛାତ୍ରଙ୍କ ପାଇଁ ୫,୩୩,୯୨୧ ଖଣ୍ଡ ପୁସ୍ତକ ଆବଶ୍ୟକ ଥିବାବେଳେ ଜୁନ୍ ମାସ ସୁଦ୍ଧା ୪,୪୮,୧୨୭ ଖଣ୍ଡ ବହି ପିଲାମାନଙ୍କୁ ମିଳିଛି। ଏହାଛଡ଼ା କୌଣସି ଶ୍ରେଣୀ ପିଲାମାନଙ୍କୁ ଗଣିତ ବହି ମିଳି ନ ଥିବାରୁ ସେମାନଙ୍କ ପାଠପଢାରେ ଅନ୍ତରାୟ ସୃଷ୍ଟି ହେଉଛି।

ଜିଲାରେ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ବିଭାଗର ମୋଟ ୧୭୨୫ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୧୨୩୯ ପ୍ରାଥମିକ ବିଦ୍ୟାଳୟ ଓ ୪୮୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ୨୦୧୯-୨୦ ଶିକ୍ଷାବର୍ଷରେ ଏହିସବୁ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ୧୭,୩୩୧ ଜଣ ପିଲା ପଢୁଛନ୍ତି। ସେମାନଙ୍କ ପାଇଁ ୩୫, ୬୬୨ ଖଣ୍ଡ ବହି ଆବଶ୍ୟକ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୫,୧୮୩ ଖଣ୍ଡ ବହି ମିଳିଛି। ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିବା ୧୭,୦୬୫ ପିଲାଙ୍କ ପାଇଁ ୩୪,୧୩୦ ଖଣ୍ଡ ବହି ଆବଶ୍ୟକ ରହିଛି। କିନ୍ତୁ ବର୍ତ୍ତମାନ ୨୩, ୧୪୯ ଖଣ୍ଡ ବହି ସେମାନଙ୍କୁ ମିଳିଛି। ତୃତୀୟ ଶ୍ରେଣୀରେ ୧୬,୩୯୦ ଜଣ ପିଲା ନାମ ଲେଖାଇଥିବା ବେଳେ ସେମାନଙ୍କୁ ୬୫, ୫୬୦ ଖଣ୍ଡ ବହିର ଆବଶ୍ୟକତା ରହିଛି। କିନ୍ତୁ ସେମାନଙ୍କୁ ୫୮, ୭୭୨ ଖଣ୍ଡ ବହି ମିଳିଛି। ଚତୁର୍ଥ ଶ୍ରେଣୀରେ ୧୫,୨୬୧ ଜଣ ପିଲା ପାଠ ପଢୁଛନ୍ତି। ସେମାନଙ୍କ ପାଇଁ ୬୧,୦୪୪ ଖଣ୍ଡ ବହି ଆବଶ୍ୟକ ଥିବାବେଳେ ବର୍ତ୍ତମାନ ୫୦,୮୪୭ ଖଣ୍ଡ ବହି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଛି। ସେହିଭଳି ପଞ୍ଚମ ଶ୍ରେଣୀରେ ୧୫,୨୬୧ ପିଲା ନାମ ଲେଖାଇଥିବା ବେଳେ ସେମାନଙ୍କ ପାଇଁ ୫୬, ୫୮୦ ଖଣ୍ଡ ବହି ଆବଶ୍ୟକତା ରହିଛି। କିନ୍ତୁ ୪୦,୯୮୫ ଖଣ୍ଡ ଯୋଗାଇ ଦିଆଯାଇଛି। ଷଷ୍ଠ ଶ୍ରେଣୀରେ ୧୪,୧୪୫ ଜଣ ଛାତ୍ରୀଛାତ୍ର ନାମ ଲେଖଇଥିବା ବେଳେ ସେମାନଙ୍କୁ ୯୬,୦୦୮ ଖଣ୍ଡ ବହିର ଆବଶ୍ୟକତା ରହିଛି। କିନ୍ତୁ ୮୫,୫୮୧ ଖଣ୍ଡ ବହି ଦିଆଯାଇଛି। ସପ୍ତମ ଶ୍ରେଣୀରେ ୧୨, ୦୦୧ ଜଣ ପିଲା ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ୯୧, ୦୦୮ ଖଣ୍ଡ ବଦଳରେ ୭୯,୯୨୦ ଖଣ୍ଡ ବହି ମିଳିଛି। ସେହିଭଳି ଅଷ୍ଟମ ଶ୍ରେଣୀରେ ୧୧, ୩୭୬ ଜଣ ପିଲା ପାଠ ପଢୁଥିବାବେଳେ ୯୪, ୯୨୯ ଖଣ୍ଡ ବହି ଆବଶ୍ୟକତା ରହିଛି। ବର୍ତ୍ତମାନ ୮୩, ୬୯୦ ଖଣ୍ଡ ବହି ଯୋଗାଇ ଦିଆଯାଇଛି। ବିଶେଷ କରି ଉଜ୍ଜ୍ୱଳ ଯୋଜନାରେ କୌଣସି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗଣିତ ବହି ବର୍ତ୍ତମାନ ସୁଦ୍ଧା ଯୋଗାଇ ଦିଆଯାଇନାହିଁ। ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ପୂର୍ବରୁ ଆସିଥିବା ବହି ବଣ୍ଟା ସରିଛି। ଏବେ କିଛି ଦିନ ହେବ ଆଉ ବହି ଆସିଛି। ସେଥିରେ କେତେକ ଶ୍ରେଣୀର ଗଣିତ ବହି ମଧ୍ୟ ରହିଛି। ଦୁଇ ଚାରି ଦିନ ମଧ୍ୟରେ ସେ ସବୁ ବହିଗୁଡିକ ବଣ୍ଟାଯିବ। ତାହା କିନ୍ତୁ ଆବଶ୍ୟକ ସଂଖ୍ୟକ ନୁହେଁ।

**ମାଲକାନଗିରି ଜିଲା**
- ୨୦୧୯-୨୦ ଶିକ୍ଷାବର୍ଷରେ ଦରକାର ୫,୩୩,୯୨୧ ବହି
- ଜୁନ୍ ସୁଦ୍ଧା ମିଳିଛି ୪,୪୮,୧୨୭ ଖଣ୍ଡ ବହି

### ବିଦ୍ୟୁତ୍ ତାର ଲାଗି ମହିଳା ଆହତ



ଏମ୍‌ଭି-୭୯,୨୭।୬

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅଧୀନ ଏମ୍‌ଭି-୮୧ ଗାଁର ଜଣେ ମହିଳା ବିଦ୍ୟୁତ୍ ତାର ଲାଗି ଆହତ ହୋଇଛନ୍ତି। ତାଙ୍କୁ ଏମ୍‌ଭି-୭୯ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ମହିଳା ଜଣଙ୍କ ଛାତ ଉପରେ ବୁଲୁଥିବା ବେଳେ ଘର ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ମହିଳା ଜଣଙ୍କ କିଛି ସମୟ ତାରରେ ଲାଗି ରହିବା ପରେ ଛିଟିକି ପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

■ଏସ୍‌ଏନ୍‌ସିୟୁରେ ନର୍ସଙ୍କ ଟିକ୍‌ଟକ ମାନିଆ

## ୪ ନର୍ସଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଗଲା

ମାଲକାନଗିରି, ୨୭।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ ୟୁନିଟ୍‌ରେ କାର୍ଯ୍ୟରତ ନର୍ସମାନେ ଟିକ୍‌ଟକ କରୁଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଭାଇରାଲ ଭିଡ଼ିଓରେ ଥିବା ନର୍ସମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସେମାନେ ଗୁରୁବାର ଏହାର ଜବାବ ଦାଖଲ କରଛନ୍ତି। ଘଟଣାର ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ବାଧ୍ୟତାମୂଳକ ଛୁଟିରେ ରହିବାକୁ ସିଡିଏମ୍‌ଓ ଡାକ୍ତର ଅଜିତ କୁମାର ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଏସ୍‌ଏନ୍‌ସିୟୁ ଭିତରେ ଟିକ୍‌ଟକ୍ ଆପରେ ନର୍ସମାନେ ନାଚ କରିବା ସହ ନବଜାତଙ୍କ ସହ ମଜାମସ୍ତି କରୁଥିବା ଭିଡିଓ ଭାଇରାଲ୍ ହୋଇଥିଲା। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା। ଏସ୍‌ଏନ୍‌ସିୟୁ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କାର୍ଯ୍ୟରତ ନର୍ସମାନଙ୍କ ଏତାଦୃଶ କାର୍ଯ୍ୟକୁ ନାପସନ୍ଦ କରାଯାଇଥିଲା।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

## ୩୮ କେଜି ଗଞ୍ଜେଇ ଜବତ, ୨ଗିରଫ

ମାଲକାନଗିରି,୨୭।୬(ସ୍ୱ.ପ୍ର./ଡି.ଏନ୍.ଏ.)

ଜିଲା ଅବକାରୀ ବିଭାଗ ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାର ରୁକ୍ମିଣୀଗୁଡା ଛକ ନିକଟରୁ ଗୁରୁବାର ୩୮ କେଜି ଗଞ୍ଜେଇ ଜବତ କରିବା ସହ ଏଥିରେ ସାମିଲ ଥିବା ଦୁଇଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଚିତ୍ରକୋଣ୍ଡା ବ୍ଲକ କପାଟୁଟି ଗ୍ରାମର ପତରୁ ସୁରି ଓ ପିଣ୍ଟୁ ବାକା। କୋରୁକୋଣ୍ଡା ଗାଁର ବି.ରାଜ କୁମାର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ୍ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

ପ୍ରକାଶ ଯେ, ଅବକାରୀ ଏସ୍‌ଆଇ ଜଗା ରାଓ, ଦିଲୀପ ନାୟକ ପ୍ରମୁଖ ରୁକ୍ମିଣୀଗୁଡା ଛକରେ ପାଟ୍ରୋଲିଂ କରୁଥିବା ବେଳେ ବାଇକ୍‌ରେ ଆସୁଥିବା ୩ଜଣ ଯୁବକଙ୍କୁ ସନ୍ଦେହରେ ଅଟକାଇଥିଲେ। ସେମାନଙ୍କୁ ଯାଞ୍ଚ କରାଯିବା ପରେ ତାଙ୍କ ପାଖରେ ଥିବା ବସ୍ତାରୁ ୩୮କେଜି ୨୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ସେମାନେ କୋରୁକୋଣ୍ଡାରୁ ଗଞ୍ଜେଇ କିଣିଥିଲେ। ମାଲକାନଗିରିରୁ ବସ୍ ଯୋଗେ ଜିଲା ବାହାରକୁ ପଠାଇବା ପାଇଁ ନେଇକି ଯାଉଥିବା ଅଭିଯୁକ୍ତ ଦ୍ୱୟ କହିଛନ୍ତି। ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କାରୁ ଅଧିକ ହେବ।

■ଗୃହ ସଚିବ, ଶକ୍ତି ସଚିବଙ୍କ ମାଲକାନଗିରି ଗସ୍ତ

## ସ୍ୱାଭିମାନ ଅଞ୍ଚଳ ବିକାଶ ଉପରେ ଗୁରୁତ୍ୱ



ମାଲକାନଗିରି ଗସ୍ତରେ ଆସିଥିବା ଗୃହ ସଚିବ ଓ ଶକ୍ତି ସଚିବଙ୍କ ସହ ଅନ୍ୟମାନେ।

ମାଲକାନଗିରି, ୨୭।୬(ଡି.ଏନ୍.ଏ.)

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୃହ ସଚିବ ଅସିତ ତ୍ରିପାଠୀ ଓ ଶକ୍ତି ସଚିବ ହେମନ୍ତ ଶର୍ମା ଦିନିକିଆ ମାଲକାନଗିରି ଜିଲା ଗସ୍ତ କରି ଫେରିଛନ୍ତି। ଉଭୟ ଏକ ହେଲିକପ୍ଟର ଯୋଗେ ମାଲକାନଗିରି ଏମ୍.ଭି-୩ସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପରେ ଅବତରଣ କରିଥିଲେ। ପରେ ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇଥିଲେ। ମାଓବାଦୀ ଦମନରେ ପୋଲିସ ଓ ଅର୍ଦ୍ଧସାମରିକ ବଳର କାର୍ଯ୍ୟକଳାପକୁ ଗୃହ ସଚିବ ପ୍ରଶଂସା କରିଥିଲେ। ଏଥିସହ ମାଓବାଦୀ ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲାର ସମସ୍ତ ଗାଁକୁ ପକ୍କା ରାସ୍ତା କରାଯିବ ବୋଲି କହିଥିଲେ। ମୁଖ୍ୟତଃ ଚିତ୍ରକୋଣ୍ଡା ବ୍ଲକ ଅଧୀନ ସ୍ୱାଭିମାନ ଅଞ୍ଚଳରେ ରାସ୍ତା ନିର୍ମାଣ ଓ ବିଦ୍ୟୁତ ଯୋଗାଣ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସ୍ୱାଭିମାନ ଅଞ୍ଚଳକୁ ମୋବାଇଲ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ପରେ ମାଲକାନଗିରିରେ ପ୍ରସ୍ତାବିତ ଏୟାର ଷ୍ଟ୍ରିପ ସାଇଡ ପରିଦର୍ଶନ କରି ଏହାକୁ କାର୍ଯ୍ୟକ୍ଷମ କରାଇବା ଦିଗରେ ପୋଲିସ ଓ ପ୍ରଶାସନ ବିଭିନ୍ନ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଅପରେସନ) ଆର୍‌ପି କୋଚେ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ବିଏସ୍‌ଏଫ୍ ଡିଆଇଜି ଏସ୍ ସାନ୍ଧୁ, ଜିଲାପାଳ ମନୀଷ ଅଗ୍ରୱାଲ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଏସ୍‌ଡିପିଓ ଖିଲାରୀ ଋଷିକେଶ ଡ୍ୟାନଡେଓ, ବିଏସ୍‌ଏଫ ୭୬ ବାଟାଲିୟନ କମାଣ୍ଡାଣ୍ଟ ନରେନ୍ଦ୍ର ସିଂ, ବିଏସ୍‌ଏଫ୍ ୧୬୦ ବାଟାଲିୟନ କମାଣ୍ଡାଣ୍ଟ ତୀର୍ଥ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


**UTKAL UNIVERSITY OF CULTURE**
Sardar Patel Hall Complex, Unit – II, Bhubaneswar-751 009
E-mail : mailboxuuc@gmail.com
www.uuc.ac.in , Phone - (0674)-2535486
No. 982/UUC dt.17-06-2019
CAD-110

**ADMISSION NOTIFICATION-2019**

Utkal Universtiy of Culture invites applications for admission to the following courses
**i) Six Months Certificate Course in Jain Religion and Philosophy (July-Dec, 2019).**
**ii) Six Months Certificate Course in Tamil Language(July-Dec, 2019)**

**Eligibility** :
**For Jain Religion** : Any Graduate or equivalent from recognised University.
**For Tamil Language** : HSC or equivalent degree from any recognised Board/Institution.

**Admission Schedule**
**Commencement of sale of application Form and admission** 20.06.2019
**Last date of sale of application form and admission** 15. 07.2019
**Procedure of Selection** First come first serve basis subject to fulfilment of eligibility criteria
**No. of seats** 32 in each course
**Cost of application form** Rs. 100.00
**Admission Fee** for Jain Religion - Rs. 500.00; for Tamil Language - Nil

Application form can be procured from the above office address or can be downloaded from the University website www.uuc.ac.in (Form Downloads). **All fees are to be deposited online**. For further querries, contact - **8093982496**

03005/11/0003/1920
Sd/-
Chairman, P.G.Council




F.M. AUTONOMOUS COLLEGE BALASORE

**WALK -IN-INTERVIEW**

A walk in -interview for the engagement of guest faculties on temporary basis for a maximum of one academic session will be conducted on 01.07.2019 at 11.00 A.M in the subject of integrated B.Ed. For details visit College Website **www.fmcollege.nic.in.**

Sd./- Principal








**ଫର୍ମ ବି**
**ସର୍ବସାଧାରଣ ଘୋଷଣା**
(ଭାରତୀୟ ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରସି ବୋର୍ଡ (ପରିସମାପନ ପ୍ରକ୍ରିୟା) ନିୟମାବଳୀ, ୨୦୧୬ର ନିୟମ ୧୨ ଅଧୀନରେ)
**ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ (ପରିସମାପନରେ)ର ହିତଧାରକଙ୍କ ଧ୍ୟାନ ଆକର୍ଷଣ କରାଯାଉଛି**

| କ୍ର.ସଂ. | ସବିଶେଷ ବିବରଣୀ | ତଥ୍ୟ |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ - କଟକ<br>କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍‌୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଟି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା - ୭୫୩୦୧୦<br>**କାରଖାନା ଅବସ୍ଥିତି:** ବର୍ଚ୍ଚୁଆ, ଟାଙ୍ଗୀ, କଟକ- ୭୫୪୦୨୨, ଓଡ଼ିଶା |
| ୬. | ଇନ୍‌ସଲ୍‌ଭେନ୍ସି ମୀମାଂସା ସମାପ୍ତି ତାରିଖ | ମେ ୦୭, ୨୦୧୯ (ମାନ୍ୟବର ଏନ୍‌ସିଏଲ୍‌ଟିଙ୍କ ଦ୍ୱାରା ସମୟ ସମୟରେ ମଞ୍ଜୁର କରାଯାଉଥିବା କର୍ପୋରେଟ୍ ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟାରେ ବିସ୍ତାରଣ/ବର୍ଜନକୁ ବିଚାରକୁ ନିଆଯିବା ପରେ) |
| ୭. | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୮. | ପରିସମାପକ ଭାବେ କାର୍ଯ୍ୟ କରୁଥିବା ଆଇବିବିଆଇ ସହିତ ପଞ୍ଜୀକୃତ ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | **ପରିସମାପକ:** ପଙ୍କଜ ଧାନୁକା<br>**ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ |
| ୯. | ବୋର୍ଡ ସହିତ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ପରିସମାପକଙ୍କ ଠିକଣା ଓ ଇ-ମେଲ୍ | **ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା:** ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬<br>ଇମେଲ୍: pankajdhanuka@gmail.com |
| ୧୦. | ପରିସମାପକଙ୍କ ସହିତ ପତ୍ର ଯୋଗାଯୋଗ ଲାଗି ବ୍ୟବହାର ପାଇଁ ଠିକଣା ଓ ଇମେଲ୍ | **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି,ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧<br>ଇମେଲ୍ ଆଇଡି: inmtpclip@deloitte.com |
| ୧୧. | ଦାବି ଦାଖଲର ଶେଷ ତାରିଖ | **ଜୁଲାଇ ୨୫, ୨୦୧୯** |

ଏତଦ୍ୱାରା ନୋଟିସ ପ୍ରଦାନ କରାଯାଉଛି ଯେ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ (କଟକ ଖଣ୍ଡପୀଠ) ଜୁନ୍ ୨୫, ୨୦୧୯ ଦିନ ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍‌ର ପରିସମାପନ ଆରମ୍ଭ ପାଇଁ ଆଦେଶ ଦେଇଛନ୍ତି।
ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡର ହିତାଧାରକଙ୍କୁ ଏତଦ୍ୱାରା ସାମଗ୍ରୀ ନଂ.୧୦ରେ ଦର୍ଶାଯାଇଥିବା ପରିସମାପକଙ୍କ ଠିକଣାରେ ଜୁଲାଇ ୨୫, ୨୦୧୯ କିମ୍ବା ତାହା ପୂର୍ବ ସୁଦ୍ଧା ପ୍ରମାଣ ସହିତ ସେମାନଙ୍କର ଦାବି ଦାଖଲ କରିବା ଲାଗି ଆଦେଶ ଦିଆଯାଉଛି। ଆର୍ଥିକ ଋଣଦାତାମାନେ କେବଳ ବୈଦ୍ୟୁତିକ ମାଧ୍ୟମରେ ସେମାନଙ୍କ ଦାବିଗୁଡ଼ିକୁ ପ୍ରମାଣ ସହିତ ଦାଖଲ କରିବେ। ଅନ୍ୟ ସମସ୍ତ ଋଣଦାତାମାନେ ବ୍ୟକ୍ତିଗତ ଭାବେ, ଡାକ ଯୋଗେ କିମ୍ବା ବୈଦ୍ୟୁତିକ ମାଧ୍ୟମରେ ଦାବି ଦାଖଲ କରିପାରନ୍ତି।
ଦାବି ପାଇଁ ମିଥ୍ୟା କିମ୍ବା ଭ୍ରମାତ୍ମକ ପ୍ରମାଣ ଦାଖଲ କରାଗଲେ ଜରିମାନା ଲାଗୁ ହେବ।


**ତାରିଖ: ଜୁନ୍ ୨୮, ୨୦୧୯**
**ସ୍ଥାନ: କୋଲକାତା**

**ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ ପାଇଁ**
**ସ୍ୱା./- ପଙ୍କଜ ଧାନୁକା**
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
**ଯୋଗାଯୋଗ ଠିକଣା:**
ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି,
୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ,
ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି,
ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
**ଯୋଗାଯୋଗ ଇମେଲ୍:** inmtpclip@deloitte.com



## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**ସ୍ୱର୍ଗତା ଶୈଳବାଳା ମହାନ୍ତି (ଶିକ୍ଷୟିତ୍ରୀ)**
ସ୍ୱାମୀ- ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ରାୟ
ସ୍ଥାନ: ବୋରିକିନା, ବାଲିକୁଦା, ଜଗତ୍‌ସିଂହପୁର
ଆବିର୍ଭାବ: ୧୪।୧୨।୧୯୫୯
ତିରୋଧାନ: ୧୯।୦୬।୨୦୧୯
ମାମା,
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ହତଭାଗ୍ୟ ପୁତ୍ର: କାଉଲ, ବୋହୂ: ଦେବଯାନୀ, ଜ୍ୱାଇଁ: ସୌଭାଗ୍ୟ, ସୁଜୟ, ଝିଅ: କୋଇଲି, ମାମାଲି, ଚଗଲି, ବନ୍ଧୁ ଏବଂ ପରିବାରବର୍ଗ।
ଧ-୬୭୬୮

**In Memoriam**



Late M. Chandrasekhar Rao
Arrived : 28.05.1944
Departed : 18.06.2019
Scientist, Entrepreneur, and passionate Educator, his wisdom lives on through the many lives he touched.
- In Fond Remembrance -
Wife - Saraswathi,
Son - Amar Sreenu,
Daughter In Law - Praveena
Daughters - Devishree and Chandrika
Staff of Jaico Electronics Pvt. Ltd.
ଧ-୧୩୧୪୭

**ଅଷ୍ଟମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତା ଆରତୀ ମହାପାତ୍ର**
ପୁରୁଣା ଭୁବନେଶ୍ୱର
ତିରୋଧାନ: ୨୮।୦୬।୨୦୧୧
ଆଜିର ଏହି ପୁଣ୍ୟ ତିଥିରେ ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
ସ୍ୱାମୀ: ନାଗେଶ୍ୱର ମହାପାତ୍ର, ପୁଅ-ବୋହୂ: ବାପୁ, ଲିକନ, ଝିଅ-ଜ୍ୱାଇଁ: ଲିପୁ, ଆଲଫା, ନାତି: ଦିବ୍ୟପ୍ରସାଦ, ସ୍ୱସ୍ତିକ, ଦିବ୍ୟପ୍ରକାଶ, ନାତୁଣୀ: ସାଇଶା, ସମୟଭବନ, କର ପରିବାର, ହିମାଂଶୁ ପରିବାରବର୍ଗ ଓ ବନ୍ଧୁଗଣ।
ଧ-୬୬୭୧୬

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



ସ୍ୱ ଡାକ୍ତର ଆଡ୍‌ଭୋକେଟ୍ ନିର୍ମଳ ମିଶ୍ର
ଶୋକସନ୍ତପ୍ତ
ଧ-୬୬୮୪

## ସଂକ୍ଷେପରେ



### ପାଇକ କୁପାଖାଲ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଟିକିରି,୨୭।୬(ଡ଼ି.ଏନ.ଏ): ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାଇକଞ୍ଚ ପଞ୍ଚାୟତ ଅନ୍ତର୍ଗତ ପାଇକ୍ କୁପାଖାଲ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପଦ୍ମନାଭ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଉତ୍କଳ ଆଲୁମିନା ଅଧିକାରୀ ନିରୁପମା ବାରିକ ଅଧ୍ୟକ୍ଷତା କରିଥିଲେ । ଏଥିରେ କମ୍ପାନୀର ସିଏସଆର ଆଡ଼ିମିନ୍ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ଭାଜପା ନେତା ଗୁଣନିଧି ବାଘ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଖଣି ପ୍ରଭାବିତ ପାଇକ କୁପାଖାଲ ପ୍ରାଥମିକ ବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ସେହିପରି ଉତ୍କଳ ଆଲୁମିନା କମ୍ପାନୀ ତରଫରୁ ନବାଗତ ଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା । ପ୍ରଥମ ଦିନରେ ୨୦ ଜଣ ଛାତ୍ରୀଛାତ୍ର ନୂତନ ଭାବେ ନାମ ଲେଖାଇଛନ୍ତି । ଏହି ଅବସରରେ ବିଗତ ଦିନରେ ନିକଟସ୍ଥ ଧୁତରାପାଶ, ଅଣ୍ଡିରାକଞ୍ଚ,କରଞ୍ଜ କୁପାଖାଲ ସ୍ଥାନରେ ବିଦ୍ୟାଳୟର ନବାଗତ ଛାତ୍ରୀଛାତ୍ରଙ୍କୁ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା । ପାଇକ କୁପାଖାଲରେ ଅନୁଷ୍ଠିତ ପ୍ରବେଶ ଉତ୍ସବକୁ ଏସ.କେ. ସାହୁ, ପି.ଏମ. ପ୍ରଧାନ, ଦୀପକରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

### ଟ୍ରାନ୍ସଫର୍ମର ଅଚଳ ୧୫ ଦିନ ଲାଗି ରହିବ ବିଦ୍ୟୁତ୍ ସମସ୍ୟା

ପଦ୍ମପୁର,୨୭।୬(ଡ଼ି.ଏନ.ଏ): ରାୟଗଡ଼ା ଜିଲା ପଦ୍ମପୁର ବ୍ଲକର ଆଖୁସିଙ୍ଗସ୍ଥିତ ଗ୍ରୀଡ଼ର ପାୱାର ଟ୍ରାନ୍ସଫର୍ମର ଦୁଇ ଦିନ ହେଲା ଅଚଳ ହୋଇପଡ଼ିଛି । ଏଥିଯୋଗୁଁ ୧୫ ଦିନ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଲାଗି ରହିବ ବୋଲି ଜଣାଯାଇଛି । ତେବେ ସମଗ୍ର ଗୁଣପୁର ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଉଥିବା ଆଖୁସିଙ୍ଗର ୧୩୨/୩୩ କେଭି ଗ୍ରୀଡ଼ରେ ୨ଟି ୧୨.୫ ଏମଟିଏ ଟ୍ରାନ୍ସଫର୍ମର ରହିଛି । ତେବେ ୨ଟି ପାୱାର ଟ୍ରାନ୍ସଫର୍ମର ଦ୍ୱାରା ପଦ୍ମପୁର, ଗୁମୁଡ଼ା, ଗୁଡ଼ାରୀ ଓ ରାମନାଗୁଡ଼ା ଓ ଗୁଣପୁର ଆଦି ଅଞ୍ଚଳକୁ ଦ୍ୟୁତ୍ ଯୋଗାଣ ହେଉଥିଲା । ଏବେ ଗୋଟିଏ ଅଚଳ ହେବାରୁ ଏତେ ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣରେ ସମସ୍ୟା ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଲୋକେ ହସ୍ତସନ୍ତ ହେଉଛନ୍ତି । ଏନେଇ ପଦ୍ମପୁରର ସାଉଥ୍କୋ ବିଭାଗର କନିଷ୍ଠଯନ୍ତ୍ରୀ ବିଘ୍ନରାଜ ଦାସଙ୍କୁ ପଚାରିବାରୁ, ଭୁବନେଶ୍ୱରରୁ ଇଞ୍ଜିନିୟର ଆସି ଆସନ୍ତା ୧ ତାରିଖ ସୁଦ୍ଧା ଅଚଳ ଟ୍ରାନ୍ସଫର୍ମର ମରାମତି କରିବେ ବୋଲି କହିଛନ୍ତି ।

### ଦୁର୍ଘଟଣାରେ କଲେଜ ଛାତ୍ର ମୃତ

କୋରୁକୋଣ୍ଡା/ମାଲକାନଗିରି, ୨୭।୬(ଡି.ଏନ୍.ଏ.): ମାଲକାନଗିରି ଜିଲା କୋଇଲିପାରୀ ଗ୍ରାମ ନିକଟ ମୁଖ୍ୟ ରାସ୍ତାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ମାଲକାନଗିରି କଲେଜର ଛାତ୍ର ପ୍ରାଣ ହରାଇଛନ୍ତି। ମୃତକ ଜଣଙ୍କ ହେଲେ ଏମ.ଭି-୫୩ ଗ୍ରାମର ସୁଜନ ବନିକ। ପ୍ରକାଶ ଯେ, ସୁଜନ ଫର୍ମ ଫିଲପ କରିବାକୁ ବାଇକ୍ ଯୋଗେ କଲେଜକୁ ଯାଉଥିଲେ। କୋଇଲିପାରୀ ଛକ ନିକଟରେ କେନ୍ଦୁଗୁଡ଼ା ଗ୍ରାମର ହାଡୀରାମ ମାଡ଼କାମିଙ୍କ ବାଇକ୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଉଭୟ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରେ ପଡି ରହିଥିଲେ। ଗ୍ରାମବାସୀ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଗ୍ରାମବାସୀ ଏକ ଅଟୋ ଯୋଗେ ଉଭୟଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୁଜନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯିବା ବ୍ୟବସ୍ଥା କରାଯାଉଥିଲା। ଏହି ସମୟରେ ତାଙ୍କ ମୃତ୍ୟୁ ଘଟିଥିଲା। ମାଲକାନଗିରି ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ତମାଖୁ ବର୍ଜନ ନେଇ ସଚେତନତା

ଗୁଣପୁର,୨୭।୬(ଡି.ଏନ.ଏ)

ଗୁଣପୁରଠାରେ ଅନ୍ତର୍ଜାତୀୟ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ତମାଖୁ ସେବନ ଦ୍ୱାରା ହେଉଥିବା କ୍ଷତିକାରକ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଗୁଣପୁର କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ ତମାଖୁ ବର୍ଜନ ଦିବସ ପାଳନ ହୋଇଥିଲା । କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଅଧ୍ୟାପକ ଡ.ରାମଚନ୍ଦ୍ର ପଣ୍ଡାଙ୍କ ସମେତ ଏନଏସଏସର କାର୍ଯ୍ୟକ୍ରମ ଅଧିକାରୀ ଜୟଶ୍ରୀ ଜେଟି, ଅଧ୍ୟାପକ ଶଶୀଭୂଷଣ ମହାନ୍ତି, ଅମୀୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ତମାଖୁ ସେବନ ଦ୍ୱାରା ଲୋକମାନେ କିପରି ବିଭିନ୍ନ ରୋଗର ଶିକାର ହେଉଛନ୍ତି ସେନେଇ କହିଥିଲେ। ଯୁବ ଗୋଷ୍ଠୀ ଏ ଦିଗରେ ଆକର୍ଷିତ ନ ହୋଇ ପୁରପଲ୍ଲୀରେ ଯେମିତି ତମାଖୁ ବର୍ଜନ ନେଇ ବାର୍ତ୍ତା ପହଞ୍ଚିବ ସେନେଇ ସଚେତନ କରାଇବାକୁ ଆହ୍ୱାନ ପ୍ରଦାନ କରିଥିଲେ । ସେହିପରି ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ପୋଷ୍ୟ ଗ୍ରାମ ଇନ୍ଦିରା କଲୋନୀଠାରେ ସ୍ୱେଚ୍ଛାସେବୀମାନେ ଏକ ପଦଯାତ୍ରା କରି ତମାଖୁ ବର୍ଜନ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ । ଏନ୍ଏସ୍ଏସ୍ର ସଂଯୋଜକ ଡ.ପ୍ରେମାଂଶୁ ଶେଖର ରଥ,କାର୍ଯ୍ୟକ୍ରମ ଅଧିକାରୀ ପେଦିନା ଶିବକ୍ରିଷ୍ଟା, ଏସ.ଶିବାଜି ପ୍ରମୁଖ ଯୋଗ ଦେଇଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଦକ୍ଷତାଭିତ୍ତିକ ନିଯୁକ୍ତି ପରାମର୍ଶ ଶିବିର

ମୁନିଗୁଡ଼ା,୨୭।୬(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ା କମ୍ୟୁନିଟି ହଲ ପରିସରରେ ଓଆରଏମ୍ଏଏସ୍ ତରଫରୁ ଏକ ବ୍ଲକସ୍ତରୀୟ ଦକ୍ଷତାଭିତ୍ତିକ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଆର୍ଏମଏଏସ୍ର ଜିଲା ଅତିରିକ୍ତ ନିର୍ଦ୍ଦେଶକ ମନୋଜ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର କରଡ଼ା, ତହସିଲଦାର ଦେବାଶିଷ ଗୌଡ଼ ମୁଖ୍ୟଅତିଥି, ଅତିରିକ୍ତି ତହସିଲଦାର ଆୟୁବ ମଣ୍ଡଳ, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, ବ୍ଲକ ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା ଓ ଓଆରଏମ୍ଏଏସ୍ ଜିଲା ସଂଯୋଜକ ଆଦିତ୍ୟ ଆଚାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବେକାର ଯୁବତୀଯୁବକମାନଙ୍କୁ କିପରି ଆହୁରି କୁଶଳୀ କରାଯିବ ଏବଂ ଅଧିକରୁ ଅଧିକ ପ୍ରଶିକ୍ଷଣ ଦେଇ ନିଯୁକ୍ତି କରାଯିବ ସେନେଇ ଚେଷ୍ଟା ଜାରି ରହିଛି । ଏପରି ସୁଯୋଗ ହାତଛଡ଼ା ନ କରିବାକୁ ଓଆରଏମଏଏସ୍ ଅତିରିକ୍ତ ନିର୍ଦ୍ଦେଶକ ପାତ୍ର ପରାମର୍ଶ ଦେଇଥିଲେ । ଏହି ଅବସରରେ ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ, ଜିଆଇଇଟି, ସାଇ ଏକ୍ସପର୍ଟ, ରକ୍ଷା ସିକ୍ୟୁରିଟି ଆଦି ବିଭିନ୍ନ ସ୍ଥାନରୁ ୧୪ଟି ଶିକ୍ଷାନୁଷ୍ଠାନ ଷ୍ଟଲ କରି ପଞ୍ଜୀକରଣ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଏପିଓ ମାନସୀ ପାତ୍ର, ରଞ୍ଜିତା ବେହେରା, କ୍ଷୀରୋଦ ଭୂୟାଁ ପରିଚାଳନା ଓ ସହଯୋଗ କରିଥିଲେ । କନିଷ୍ଠଯନ୍ତ୍ରୀ ଜୟପ୍ରକାଶ ନାରାୟଣ ଭଞ୍ଜରାୟ ଓ ପ୍ରଶାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ ।



ନିଯୁକ୍ତି ପରାମର୍ଶ ଶିବିରରେ ଉପସ୍ଥିତ ଅତିଥି ।

### ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

ଟିକିରି, ୨୭।୬ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରଗିରି ଗ୍ରାମରେ ଗୁରୁବାର ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ପାଇକେନ୍ ମାଝି(୨୬) । ଘରେ କେହି ନ ଥିବା ସମୟରେ କୌଣସି କାରଣରୁ ପାଇକେନ୍ ବିଷପିଇ ଦେଇଥିଲେ। ପରିବାର ଲୋକେ ଆସି ତାଙ୍କୁ ଗୁରୁତର ଅବସ୍ଥାରେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କାଶୀପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ ୧୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଡ଼ିଗଲେ ସ୍ୱାରୀଶୁଆ**
**ବସିଲେ ବାଉଁଶେ**
**ନଖପାଣି ମୁଖେମଲା**
**ଏ ଯୁବା ବୟସେ ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ । ମନର ମଣିଷ ସହ ଭେଟହୋଇ ନ ପାରିଲେ ପ୍ରେମୀ ହତାଶ, ମନ ବେଦନାସିକ୍ତ ହୋଇଯାଏ । ପ୍ରେୟସୀର ପ୍ରିୟ ପାଇଁ ଦୀର୍ଘ ପ୍ରତୀକ୍ଷା କରିବାର ଅନୁଶୋଚନା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଉଠ୍ର ଦେଢ଼ଶୁର ପଳା**
**ମୁହଁରେ ଲାଗିବ କଳା ।**

ସ୍ୱାମୀର ବଡ଼ଭାଇ ମାନ୍ୟତାରେ ଦେଢ଼ଶୁର ହୋଇଥାନ୍ତି। ତାଙ୍କୁ ସମ୍ମାନ ଜଣାଇ ଭାଇବୋହୂ ମୁଣ୍ଡରେ ଓଢ଼ଣି ଦେଇଥାଏ । ଲାଜବଶତଃ ମୁହଁ ଉଠାଇ କଥା କହି ନ ଥାଏ । ଭାଇବୋହୂ ସାମ୍ନାକୁ ଦେଢ଼ଶୁର ଆସିବା ନେଇ ବାରଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସମାଜ ମଙ୍ଗଳ ସଚିବଙ୍କ ପରିବାର ପରାମର୍ଶ କେନ୍ଦ୍ର ପରିଦର୍ଶନ


ପରିବାର ପରାମର୍ଶ କେନ୍ଦ୍ର ପରିଦର୍ଶନରେ ଆସିଥିବା ଅଧିକାରୀମାନେ ।

ଗୁଣପୁର,୨୭।୬(ଡି.ଏନ.ଏ)

ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ସଚିବ କେ.ଏସ. କୁତବୁଦ୍ଦିନ ଏବଂ ରାୟଗଡା ଜିଲା ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମ ଗୁଣପୁର ଗସ୍ତ କରିଛନ୍ତି । ସେମାନେ ସାହାରା ପରିବାର ପରାମର୍ଶ କେନ୍ଦ୍ର ପରିଦର୍ଶନ କରିବା ସହ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିଥିଲେ । ପରେ ପରିବାର ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ତଥା ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ସହ ଆଲୋଚନା କରିଥିଲେ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗରିବ ଲୋକଙ୍କ ମଧ୍ୟରେ ପରିବାର ସମସ୍ୟା କିପରି ସମାଧାନ କରାଯିବ ଓ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ ସେନେଇ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିବାର ପରାମର୍ଶ କେନ୍ଦ୍ରର ପରାମର୍ଶଦାତ୍ରୀ ଜୟଶ୍ରୀ ମହାପାତ୍ର, ଆଶାଲତା ଷଡଙ୍ଗୀ, ଗୋରୀ ମହାକୁଡ ଏବଂ ଅନୁଷ୍ଠାନ ଆବାହକ ସମ୍ପାଦକ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍ନେସ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୪, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

ASTROLOGY

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ୱେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820


DHARITRI Career appointment Every Wednesday and Saturday


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସ୍ୱାଧୀନତା ସଂଗ୍ରାମର ଅନନ୍ୟ ଯୋଦ୍ଧା ବାଜୀ



## ଏଲ୍‌ପିଜି ଗ୍ୟାସ ବିତରଣ

**ଡାବୁଗାଁ,୨୭।୬ (ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ଡାବୁଗାଁ ସେକସନ ଅଧୀନ ହଳଦୀଗୁଡା ଗ୍ରାମରେ ନବରଙ୍ଗପୁର ବନଖଣ୍ଡ ତରଫରୁ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ଏଲପିଜି ଗ୍ୟାସ ବିତରଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ହଳଦୀଗୁଡା ବନ ସୁରକ୍ଷା ସମିତିର ହିତାଧିକାରୀ ମାନଙ୍କୁ ଗ୍ୟାସ ବଣ୍ଟନ କରାଯାଇଥିଲା। ନବରଙ୍ଗପୁର ସହକାରୀ ବନ ସଂରକ୍ଷକ ତଥା ଡାବୁଗାଁ ବନାଞ୍ଚଳ ଅଧିକାରୀ ଧନୁର୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ କରିଥିଲେ। ମୋଟ ୩୮ ଟି ଏଲପିଜି ଗ୍ୟାସ ବଣ୍ଟନ କରାଯାଇଛି । ଏଥିରେ ଡ଼ଙ୍ଗରିଗୁଡା ପଞ୍ଚାୟତ ସରପଞ୍ଚ ଫୁଲସିଂ ମାଝୀ, ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ବନରକ୍ଷୀ ମନୋରଞ୍ଜନ ନାୟକ, ବନ ସୁରକ୍ଷା ସମିତି ସଭାପତି ଭଗତ ମାଝୀ, ରାଜମନ ଭତ୍ରା , କର୍ମଚାରୀ କୃପାଦାସ ମହୁରିଆ, ହରିହର ନାୟକ, ହିତାଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ବ୍ରିଟିଶ ସମୟର ସବଜେଲ ସାମ୍ନାରେ ସଂଗ୍ରାମୀ ମହମ୍ମଦ ବାଜୀ ।



ଗାନ୍ଧିଙ୍କ ବାର୍ତ୍ତା ଥିବା ପୁସ୍ତକ ଧରିଛନ୍ତି ବାଜୀ ।



ବାଜୀଙ୍କ ମୃତ୍ୟୁଶଯ୍ୟା ନିକଟରେ ମାଆ ଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ ଓ ଅନ୍ୟମାନେ ।

## ସଂଗ୍ରାମୀ ମହମ୍ମଦ ବାଜୀଙ୍କ ବିୟୋଗରେ ଶୋକ

**ନବରଙ୍ଗପୁର,୨୭।୬(ବି.ପ୍ର)**

ସ୍ୱାଧିନତା ସଂଗ୍ରାମର ଜଣେ ମାତ୍ର ନବରଙ୍ଗପୁର ଜିଲାର ମୁଖ ସାକ୍ଷୀ ମହମ୍ମଦ ବାଜୀ ସାହେବଙ୍କ ଗୁରୁବାର ପରଲୋକ ଘଟିଛି। ଏହି ଖବର ପାଇଁ ତାଙ୍କ ସୁନାରୀ ସାହି ସ୍ଥିତ ବାସ ଭବନରେ ପହଞ୍ଚି ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ଜିଲାପାଳ.ଅଜିତ କୁମାର ମିଶ୍ର, ଏସପି ନିତିନ କୁସାଲକର, ଉପଜିଲାପାଳ କରୁଣାକର ରାଇକା, ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦର ରାଜ୍ୟ କାର୍ଯ୍ୟକାରୀ ସଭାପତି ମୁନା ତ୍ରିପାଠୀ, ପାପଡାହାଣ୍ଡି ଶହୀଦ ସ୍ମୃତି କମିଟି ସଭାପତି ସୋମନାଥ ବିଷୋୟୀ, ସ୍ୱାଧିନତା ସଂଗ୍ରାମୀ ସନୁମାଝୀଙ୍କ ଦାୟାଦ ଦେବକୀ ମାଝୀ, ନବରଙ୍ଗପୁର ମାଆଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ମଂଜୁଳା ମାଝୀ, ମୋତିରାମ ନାୟକ, ଶିକ୍ଷାବିତ ସୁରେନ୍ଦ୍ର ବିଷୋୟୀ, ପ୍ରାଧ୍ୟାପକ ଡଃ. ବିଜୟ କୁମାର ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ଜିଲା ବିକାଶ ପରିଷଦର ଅଧ୍ୟକ୍ଷ ସିରାଜ ଉଦ୍ଦିନ ଅହମ୍ମଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଅବଦୁଲ ଫିରୋଜଙ୍କ ସହ ନବରଙ୍ଗପୁର ଜେଇଏଲସି ଚର୍ଚ୍ଚର ସମ୍ପାଦକ ସଂଜୟ ପ୍ରଦୀପ ସୁନା, ପୁତୁରା ଫାରୁକ ଅହମ୍ମଦ, ପୂର୍ବତନ ବିଧାୟକ ସଦନ ନାୟକ, ଗୋପାଳ କୃଷ୍ଣ ପାଣିଗ୍ରାହୀ ସମେତ ପରିବାର ବର୍ଗ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

ତତକାଳିନ ଜିଲାପାଳ ଅରବିନ୍ଦ କୁମାର ପାଢୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲା ଭାଜପା ସଭାପତି ଗୋବିନ୍ଦ ଜୈନ, ପୂର୍ବତନ ଏମପି ବଳଭଦ୍ର ମାଝୀ, ଏମପି ରମେଶ ଚନ୍ଦ୍ର ମାଝୀ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

### ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ

**ନବରଙ୍ଗପୁର,୨୭।୬(ବି.ପ୍ର)**

ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜୀଙ୍କ ଇହଲୀଳା ବେଳେ ଝିଆରି ଅକ୍ତୋରୀ ବେଗମ, ବୋହୂ ଯୁବେଦା ବେଗମ, ନାତୁଣୀ ରେଜିଆ ବେଗମ, ନାତୁଣୀ ବୋହୁ ସମ୍ମା ଅହମ୍ମଦ, ସୁଲତାନା ବେଗମ, ପୁତୁରା ଏନ. ଅହମ୍ମଦ, ନାତୁଣୀ ଅଲତାଫ ସରିଫ ପ୍ରମୁଖ ଉପସ୍ଥିତ ଥିଲେ

## ଆଜି ସର୍ବଧର୍ମ ପ୍ରାର୍ଥନା

**ନବରଙ୍ଗପୁର୨୭।୬(ବି.ପ୍ର.)**

ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦ ଓଡ଼ିଶା ପକ୍ଷରୁ ସଂଗ୍ରାମୀ ସ୍ୱର୍ଗତ ମହମ୍ମଦ ବାଜୀଙ୍କ ପାର୍ଥିବ ଶରୀର ନିକଟରେ ଶୁକ୍ରବାର ପ୍ରାତଃ ୭ଟାରେ ସର୍ବଧର୍ମ ପ୍ରାର୍ଥନା କରାଯିବ। ପୂର୍ବାହ୍ନ ୮ଟାରେ ଶୋଭାଯାତ୍ରା ଆରମ୍ଭ ହେବ। ତାଙ୍କ ବାସଭବନରୁ ଶୋଭାଯାତ୍ରା ବାହାରି ଆଖଣ୍ଡଳମଣି ମନ୍ଦିରଛକ, ପଠାଣ ସାହି, ମସଜିଦ ହାଇସ୍କୁଲ ରାସ୍ତା ଦେଇ ଆମ୍ବେଡକର ଛକ, ଗୋପବନ୍ଧୁ ଛକ, ମହାତ୍ମାଗାନ୍ଧୀ ଛକ କଂଗ୍ରେସ କାର୍ଯ୍ୟାଳୟ ଜଗନ୍ନାଥ ମନ୍ଦିର ସମ୍ମୁଖ ଦେଇ ମଙ୍ଗରାଜ ସାହି ଘେରାମୁଣ୍ଡା ଦେଇ ମୁସଲମାନଙ୍କ କବରସ୍ଥାନରେ ପହଞ୍ଚିବ। ପୂର୍ବାହ୍ନ ୯ଟା ୩୦ରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯିବ। ପୂର୍ବାହ୍ନ ୧୦ଟାରେ ମୁସଲମାନଙ୍କ ରୀତିନିତୀ କରାଯାଇ ୧୧ଟାରେ ତାଙ୍କ ମରଶରୀରଙ୍କୁ କବର ଦିଆଯିବ। ତାଙ୍କ ମରଶରୀର ନିକଟରେ ଗୁରୁବାର ରାତି ସାରା ଗୀତା, କୋରାନ ଓ ବାଇବେଲ ପାଠ କରାଯାଇଛି ବୋଲି ସ୍ୱାଧିନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦ ଓଡ଼ିଶା କାର୍ଯ୍ୟକାରୀ ସଭାପତି ମୁନା ତିପ୍ରାଠୀ ସୂଚନା ଦେଇଛନ୍ତି।



## ଚନ୍ଦାହାଣ୍ଡି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**ଚନ୍ଦାହାଣ୍ଡି,୨୭।୬(ଡି.ଏନ୍.ଏ.):** ଚନ୍ଦାହାଣ୍ଡି ପଞ୍ଚାୟତରେ ଗୁରୁବାର ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି । ଏଥିରେ ଚନ୍ଦାହାଣ୍ଡି ପଞ୍ଚାୟତ ସରପଞ୍ଚ ଲଛମନ ମାଝି ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟତଃ ବର୍ଷାଜଳ ସଂରକ୍ଷଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଯେଉଁ ପୋଖରୀରେ ଅଳିଆ ଆବର୍ଜନା ଭରି ରହିଛି ତଥା ମରାମତି କରାଯାଉନାହିଁ ତାକୁ ସଫା କରି ସେଥିରେ ବର୍ଷା ଜଳ ସଂରକ୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଘରର ବ୍ୟବହାର ଜଳକୁ ମଧ୍ୟ ସଂରକ୍ଷଣ କରାଯାଇ ତାକୁ କିପରି ଅନ୍ୟ କାର୍ଯ୍ୟରେ ଲଗାଯାଇପାରିବ ସେଥିପାଇଁ ସଭ୍ୟାସଭ୍ୟମାନେ ମତ ପ୍ରକାଶ କରିଥିଲେ । ବର୍ଷା ହେଲେ ଘର ଛାତରୁ ପଡୁଥିବା ପାଣିକୁ ସଂଗ୍ରହ କରି ତାହାକୁ ଗାଧୋଇବା ତଥା ଘରର ଅନ୍ୟ କାମରେ ଲଗାଇବା ପାଇଁ ସରପଞ୍ଚ ଲଛମନ ମାଝି ବୁଝାଇଥିଲେ । ଏହାପରେ ସମସ୍ତ ପଞ୍ଚାୟତର ସରପଞ୍ଚ, ପିଇଓ, ସମିତିସଭ୍ୟାସଭ୍ୟମାନେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ଜାଗାରେ ବୃକ୍ଷରୋପଣ କରିଥିଲେ । କାର୍ଯ୍ୟକ୍ରମରେ ସରପଞ୍ଚ ଲଛମନ ମାଝି, ପିଇଓ , ସମିତି ସଭ୍ୟା ସନ୍ଧ୍ୟାରାଣୀ ନାଏକ, ନାଏବ ସରପଞ୍ଚ ରମାଦେଇ ଖରସେଲ, ସଭ୍ୟ ଭୋଦେବ ବାଘ, ଶ୍ୟାମଘନ ମାଝି, ବିରଞ୍ଚି ପୂଜାରୀ, ବୁଟ ମାଝି ଉପସ୍ଥିତ ଥିଲେ ।

## କୃଷିର ଉନ୍ନତି ହେଲେ ଜିଲାର ଆର୍ଥିକ ବିକାଶ ଘଟିବ: ଜିଲାପାଳ

**ନବରଙ୍ଗପୁର,୨୭।୬(ବି.ପ୍ର.)**

### ଖରିଫ ଋତୁ ଫସଲ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷଠାରେ ଆତ୍ମା ଗଭର୍ଣ୍ଣିଂ ବୋର୍ଡ ତଥା ଖରିଫ ଚାଷ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ଉପକୃଷି ନିର୍ଦ୍ଦେଶକ ବ୍ରଜ କିଶୋର ଲେଙ୍କା, ଆତ୍ମା ଉପପ୍ରକଳ୍ପ ନିର୍ଦ୍ଦେଶକ କମଳ ଲୋଚନ ନାୟକ, ନାବାର୍ଡ ଡିଡିଏମ, ସହକାରୀ କୃଷି ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲାପାଳ କହିଥିଲେ ଯେ, ନବରଙ୍ଗପୁର ଏକ କୃଷି ଭିତ୍ତିକ ଜିଲା । କୃଷିର ଉନ୍ନତି ହେଲେ ଆର୍ଥିକ ଉନ୍ନତି ଘଟିବ । ସେଥିପାଇଁ କୃଷକଙ୍କୁ କୃଷି ସାମଗ୍ରୀ, ସାର, ବିହନ ଓ କୀଟନାଶକ ଔଷଧ ଠିକ ସମୟରେ ଯୋଗାଇ ଦେବାକୁ କହିଥିଲେ । ଜିଲାରେ ଚଳିତ ବର୍ଷ ୧ ଲକ୍ଷ ୯୯ ହଜାର ୬୦୨ ହେକ୍ଟରରେ ଚାଷ ହେବ । ସେଥିମଧ୍ୟରୁ ଧାନ ୧ ଲକ୍ଷ ୩ ହଜାର ୫୮ ହେକ୍ଟର, ଆଖୁ ୪ ହଜାର ୯୪୨ ହେକ୍ଟର, ମକା ୬୦ ହଜାର ୪ଶହ ୧୮ ହେକ୍ଟର, ପନିପରିବା ୧୬ ହଜାର ୬୯୪ ହେକ୍ଟର, ଡାଲିଜାତୀୟ ଫସଲ ୯ ହଜାର ୩୦ ହେକ୍ଟର ଓ ତୈଳଜାତୀୟ ଫସଲ ୮୨୫ ହେକ୍ଟର ଜମିରେ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଛି । ଏନେଇ ଜିଲାକୁ ଚଳିତ ବର୍ଷ ୬୬ ହଜାର ମେଟ୍ରିକ ଟନ ସାର ଯୋଗାଣ ହେବ । ସେଥିମଧ୍ୟରୁ ୟୁରିଆ ୪୦ ହଜାର ମେଟ୍ରିକ ଟନ ମଧ୍ୟରୁ ଏପର୍ଯ୍ୟନ୍ତ ୧୭ ହଜାର ୫୪୫ ମେଟ୍ରିକ ଟନ ୟୁରିଆ, ୧୨ ହଜାର ମେଟିକ ଟନ ଡିଏପି ମଧ୍ୟରୁ ୫ ହଜାର ୭୭ ମେଟ୍ରିକ ଟନ, ଏମଓପି ୮ହଜାର ମେଟ୍ରିକ ଟନ ମଧ୍ୟରୁ ୧୪୧୯ ମେଟ୍ରିକ ଟନ ଓ ଅନ୍ୟାନ୍ୟ ସାର ୬ ହଜାର ମେଟ୍ରିକ ଟନ ମଧ୍ୟରୁ ୧୮୯୯ ମେଟ୍ରିକ ଟନ ସାର ଲ୍ୟାମ୍ପ ଓ ଡିଲର ମାନଙ୍କୁ ଯୋଗାଣ ହୋଇ ହୋଇଥିବା ସୂଚନା ଦିଆଯାଇଥିଲା । ସେହିଭଳି ସରକାରୀ ବିହନ ଲ୍ୟାମ୍ପ ମାନଙ୍କ ଦ୍ୱାରା ୨୬ଶହ କୁଇଣ୍ଟାଲ ଓ ଘରୋଇ ଡିଲର ମାନଙ୍କ ଦ୍ୱାରା ୫୪୩୯ କୁଇଣ୍ଟାଲ ଧାନ ବିହନ ଯୋଗାଇ ଦିଆଯାଇଛି ।

## ବିଶ୍ୱ ନିଶାମୁକ୍ତି ଦିବସ



ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

**ଉମରକୋଟ,୨୭।୬(ଡି.ଏନ.ଏ)**

ଉମରକୋଟ ଅବକାରୀ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ସେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଉମରକୋଟଠାରେ ବିଶ୍ୱ ନିଶା ମୁକ୍ତି ଦିବସ ପାଳିତ ହୋଇଯାଇଛି। ଏକ ସଚେତନ ରଥ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ତମାଖୁ ବର୍ଜନର ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଏହା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ତହସିଲଦାର ଧର୍ମରାଜ ମାଝି, ଆଇଆଇସି ଉମେଶ ଚନ୍ଦ୍ର ସାହୁ, ଅବକାରୀ ନିରୀକ୍ଷକ ଜଗଦିଶ ପ୍ରସାଦ ନାଥ, ରାଷ୍ଟ୍ରୀୟ ବିଶ୍ୱ ହିନ୍ଦୁ ପରିଷଦର ସୁନୀଲ ବେହେରା, ସାମାଜିକ ସାଂସ୍କୃତିକ ଯୁବ ପରିଷଦର ସଦସ୍ୟ ଶ୍ରୀନିବାସ ପଟ୍ଟନାୟକ ଉପସ୍ଥିତ ଥିଲେ।



ଗ୍ରାମବାସୀ ଅଚଳ ଷ୍ଟାଣ୍ଡ ପୋଷ୍ଟ ନିକଟରେ ନିଜର ପ୍ରତିବାଦ ଜଣାଉଛନ୍ତି।

## ମୋଟର ଖରାପ, ଜଳ ଯୋଗାଣ ପ୍ରକଳ୍ପ ବନ୍ଦ

**ପାପଡାହାଣ୍ଡି, ୨୭।୬(ଡି.ଏନ.ଏ)**

ଜଳ ଯୋଗାଣ ପ୍ରକଳ୍ପ ଅଛି କିନ୍ତୁ ମୋଟର ଖରାପ ଯୋଗୁ ଗତ ୬ ମାସ ହେଲା ଅଚଳ ହୋଇ ପଡିଛି । ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହ ଯୋଗୁ ଅଧିକାଂଶ ନଳକୂପରେ ପାଣି ବାହାରୁନାହିଁ । ଗ୍ରାମବାସୀ ଏ ନେଇ ବାରମ୍ବାର ପଞ୍ଚାୟତରେ ଅଭିଯୋଗ କରୁଛନ୍ତି , ହେଲେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି । ଗ୍ରାମରେ ଦେଖାଦେଇଛି ଜଳ କଷ୍ଟ। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଲାଇବାନପଦର ଓ ଚନ୍ଦନପାଲା ଗ୍ରାମରେ ଉତ୍କଟ ହେବାରେ ଲାଗିଛି ପାନୀୟ ଜଳ ସମସ୍ୟା । ତିନି ବର୍ଷ ପୂର୍ବେ ଲାଇବାନପଦର ଠାରେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ସଦର ଗ୍ରାମ ସହ ଚନ୍ଦନପାଲାକୁ ପାଇପ ଯୋଗେ ଜଳ ଯୋଗାଣ କରାଯାଇଥିଲା । ଲୋକେ ଷ୍ଟାଣ୍ଡ ପୋଷ୍ଟରୁ ପାଣି ପାଉଥିଲେ। କିନ୍ତୁ ଗତ ଛଅ ମାସ ହେଲା ପ୍ରକଳ୍ପର ମୋଟର ଖରାପ ହୋଇଥିବାରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି । ଲାଇବାନ ପଦରର ୧୦୦ ପରିବାର ଓ ଚନ୍ଦନ ପାଲାର ୨୦୦ ପରିବାର ପାଇଁ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଗ୍ରାମର ସାହି ଗୁଡିକରେ ନଳକୂପ ଅଛି କିନ୍ତୁ ଜଳସ୍ତର ତଳକୁ ଚାଲି ଯାଇଥିବା ଯୋଗୁ ପାଣି ଠିକରେ ବାହାରୁ ନାହିଁ । ମହିଳାମାନଙ୍କୁ ଦିନ ତମାମ ପାଣି ପାଇଁ ନଳକୂପ ନିକଟରେ ଅପେକ୍ଷା କରିବାକୁ ପଡୁଛି। ମୋଟର ମରାମତି ଲାଗି ପଞ୍ଚାୟତରେ ଅଭିଯୋଗ କରିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କାମ କରାଯାଇ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶୀଘ୍ର ମୋଟର ମରାମତି ଲାଗି ଦାବି କରିଛନ୍ତି। ନଚେତ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି ।


## ତେନ୍ତୁଳିଖୁଣ୍ଟି ବ୍ଲକ କ୍ୟାଶିୟରଙ୍କ କାର୍ଯ୍ୟାଳୟରେ ପଡ଼ିଲା ତାଲା

**ତେନ୍ତୁଳିଖୁଣ୍ଟି,୨୭।୬(ଡି.ଏନ.ଏ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ କ୍ୟାସିୟରଙ୍କ ରୁମରେ ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ତାଲା ପକାଇଛନ୍ତି। ଏହି ସମୟରେ ବିଡିଓ ଅକ୍ଷମିତା କାର୍ତ୍ତିକ, ପଞ୍ଚାୟତ ସମିତିର ବରିଷ୍ଠ କିରାଣୀ ଉପସ୍ଥିତ ଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଅଚାନକ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଏବଂ ବରିଷ୍ଠ କିରାଣୀଙ୍କୁ ଡାକି କ୍ୟାସିୟର କାର୍ଯ୍ୟାଳୟକୁ ଯାଇଥିଲେ। ପରେ କାର୍ଯ୍ୟାଳୟର ଗ୍ରିଲ ବନ୍ଦ କରି ତାଲା ପକାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟର କ୍ୟାସିୟର ଦାୟିତ୍ୱରେ ଥିବା ମହେଶ ଦାସଙ୍କ ରାଇଘର ବଦଳି ହେବା ପରେ ସେ ସୁରେଶ ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ରିଲିଭ ହୋଇ ସାରିଛନ୍ତି। ତେବେ ତାଲା ପଡିବା ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦେବକୀ ନାୟକ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ସେ ଏ ସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଫୋନ କରି ପଚାରିଥିଲେ। ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତିରେ ଠିକ ଭାବେ ଉନ୍ନୟନ କାର୍ଯ୍ୟ ହେଉ ନ ଥିବାରୁ ତଦନ୍ତ ପାଇଁ କାର୍ଯ୍ୟାଳୟରେ ତାଲା ପକାଯାଇଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ କହିଥିଲେ। ବିଡିଓଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ ଏହା ଜିଲାସ୍ତରୀୟ ନିଷ୍ପତ୍ତି ହୋଇଥିବାରୁ ଏ ସମ୍ପର୍କରେ କିଛି କହିପାରିବେ ନାହିଁ। ଅନ୍ୟପକ୍ଷରେ ପ୍ରକଳ୍ପ ନିର୍ଦ୍ଦେଶକ ପଞ୍ଚାୟତ ସମିତିର ନିର୍ଦ୍ଦିଷ୍ଟ କେତେକ ଫାଇଲ ତଦନ୍ତ ପାଇଁ ମାଗିଛନ୍ତି।



ତେନ୍ତୁଳିଖୁଣ୍ଟି ବ୍ଲକ୍ କ୍ୟାସିୟରଙ୍କ କାର୍ଯ୍ୟାଳୟରେ ତାଲା ପକାଯାଉଛି।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ
ନ କରି ନିଜ ବୁଦ୍ଧିରେ କର ।

-ୱାଲ୍ସୱର୍ଥ

## ସଂକ୍ଷେପରେ

### ଚଢ଼ାଉରେ ୭୫ କେଜି ପଲିଥିନ ଜବତ

ଜୟପୁର,୨୭।୬(ଡି.ଏନ୍.ଏ./ନି.ପ୍ର.): ଜୟପୁର ସହରରେ ବେଆଇନ ଘୋଷିତ ପଲିଥିନର ବହୁଳ ବ୍ୟବହାର ଚାଲିଥିବା ଅଭିଯୋଗ ହୋଇଆସୁଥିଲା। ଶେଷରେ ଗୁରୁବାର ପ୍ରଶାସନ ନିର୍ଦ୍ଦେଶକ୍ରମେ ପୌରସଂସ୍ଥାର ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ପୋଲିସ ପକ୍ଷରୁ ମିଳିତ ଭାବେ ସହରର ଦୈନିକ ବଜାର, ମୁଖ୍ୟରାସ୍ତାରେ ରହିଥିବା ପଲିଥିନ ବିକ୍ରି ଡିଲର ଏବଂ ପାଇକାରୀ ଦୋକାନ ସମେତ ଏହାକୁ ବ୍ୟବହାର କରୁଥିବା ହୋଟେଲ, କିରାନା, ପନିପରିବା ଭଳି ୨୫ଟି ଦୋକାନ ଉପରେ ଚଢାଉ କରାଯାଇଛି। ସେଥିରୁ ୧୩ଟି ଦୋକାନରେ ୫୦ ମାଇକ୍ରୋନରୁ କମ୍ ବ୍ୟବହୃତ ପଲିଥିନ ଜବତ କରାଯିବା ସହିତ ୫ହଜାର ୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହିପରି ଚଢାଉ ଜାରି ରହିବ ବୋଲି ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ଅତିରିକ୍ତ ତହସିଲଦାର ମାନସରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଏହି ଚଢ଼ାଉରେ ଜୟପୁର ପୌର ସ୍ୱାସ୍ଥ୍ୟ ଅଧିକାରୀ ତଥା ଏଡିଏମ୍ଓ ଡା. ଅରୁଣ ପାଢୀ, ବନ ବିଭାଗର ଫରେଷ୍ଟର ପ୍ରଶାନ୍ତ ସାମନ୍ତରାୟ, ଟାଉନଥାନା ଏଏସ୍ଆଇ ସଞ୍ଜୟ ମଣ୍ଡଳ, ପୌରସଂସ୍ଥା ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ନିୟମିତ ପାନୀୟ ଜଳ ଯୋଗାଣ ଦାବି
### ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଲା ନଗର ଭାଜପା



କୋରାପୁଟ,୨୭।୬(ସ୍ୱ.ପ୍ର.) : କୋରାପୁଟ ପୌର ପରିଷଦ ଅଞ୍ଚଳରେ ନିୟମିତ ପାନୀୟ ଜଳ ଯୋଗାଣ ଦାବି କରି ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ବୁଧବାର ଦାବିପତ୍ର ଦେଇଛି ନଗର ଭାଜପା। ପ୍ରତ୍ୟେକ ଦିନ ସକାଳ ୫ରୁ ୯ଟା ଓ ସନ୍ଧ୍ୟା ୬ଟାରୁ ୯ଟା ପାନୀୟ ଜଳ ଯୋଗାଣ କରିବା ସହ ପମ୍ପ ଲଗାଇଥିବା ବ୍ୟକ୍ତିମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଛି। ଯଦି ଏହି ଦାବିର ସମାଧାନ ନ ହୁଏ, ତେବେ କୋରାପୁଟ ନଗର ଭାଜପା ଆନ୍ଦୋଳନ କରିବ ବୋଲି ଏହାର ସଭାପତି ଜି. ସଞ୍ଜିବ କୁମାର ଚେତାବନୀ ଦେଇଛନ୍ତି। ଏହି ଅବସରରେ ଭାଜପାର ନଗର ସଂପାଦକ ତ୍ରିନାଥ ଦଳେଇ, ଉପସଭାପତି ସିଦ୍ଧାର୍ଥ ମୁଦୁଲି, ରାଜକିଶୋର ସାମନ୍ତରାୟ, ମହେନ୍ଦ୍ର ସିଂ ରାଜେନ୍ଦ୍ର ସାହୁ ଉପସ୍ଥିତ ଥିଲେ ।

### ପଲିଥିନ ଚଢ଼ାଉ ଭୟରେ ବଜାର ବନ୍ଦ

କୋରାପୁଟ/କାକିରିଗୁମ୍ମା,୨୭।୬(ସ୍ୱ.ପ୍ର.): କୋରାପୁଟ ପ୍ରଶାସନର ନିର୍ଦ୍ଦେଶରେ ଜିଲାର ସମସ୍ତ ଅଞ୍ଚଳରେ ପଲିଥିନ ବ୍ୟବହାର ବନ୍ଦ ନିୟମ କଡ଼ାକଡ଼ି କରାଯାଇଛି । କିନ୍ତୁ କିଛି ସ୍ଥାନରେ ଏହାର ବ୍ୟବହାର ଚାଲିଥିବା ଜାଣି ପ୍ରଶାସନ ଚଢ଼ାଉ କରିବା ଆରମ୍ଭ କରିଛି। ଏହି ଭୟରେ ବୁଧବାର ଜିଲାର ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ପଞ୍ଚାୟତ ସଦରରେ ଥିବା ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ଜିଲା ପ୍ରଶାସନ କରିଥିବା ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ବୁଧବାର କାକିରିଗୁମ୍ମାରେ ପଲିଥିନ ଚଢ଼ାଉ କରାଯିବ ବୋଲି ବ୍ୟବସାୟୀମାନେ ଆଗୁଆ ଖବର ପାଇ ଦୋକାନ ବଜାର ବନ୍ଦ କରିଦେଇଥିଲେ। ତେବେ ଏହାଦ୍ୱାରା ସାଧାରଣ ଲୋକେ ଓ ଯାତ୍ରୀ ହଇରାଣ ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପଲିଥିନ ପ୍ରସ୍ତୁତ କରିଥିବା କମ୍ପାନୀ ବିରୋଧରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଅଯଥା ସାଧାରଣ ବ୍ୟବସାୟୀଙ୍କୁ ହଇରାଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି।

### ଖବରଦାତାଙ୍କ ପିତାଙ୍କ ପରଲୋକ

ଜୟପୁର,୨୭।୬(ଡି.ଏନ୍.ଏ.): କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ 'ଧରିତ୍ରୀ' ଖବରଦାତା କଳ୍ପତରୁ ମହାନ୍ତିଙ୍କ ପିତା ତଥା ଅବସରପ୍ରାପ୍ତ ଶିକ୍ଷକ ଆକୁଳି ଚରଣ ମହାନ୍ତି(୭୩)ଙ୍କ ଗୁରୁବାର ପୂର୍ବାହ୍ନ ୧୦ଟାରେ ବୈପାରୀଗୁଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସୁଷମା ମହାନ୍ତି, ତିନିପୁଅ, ବୋହୂ ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ। କିଛିଦିନ ହେବ ଅବସରପ୍ରାପ୍ତ ଶିକ୍ଷକ ମହାନ୍ତି ବ୍ରେନ୍ ଟ୍ୟୁମରରେ ପୀଡ଼ିତ ରହିଥିବା ଯୋଗୁ ତାଙ୍କର ଚିକିତ୍ସା ଚାଲିଥିଲା। ଅପରାହ୍ନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସ୍ଥାନୀୟ ଶ୍ମଶାନରେ କରାଯାଇଥିଲା।

# ମନଇଚ୍ଛା କାର୍ଯ୍ୟାଦେଶ ବାଣ୍ଟୁଛନ୍ତି ସରପଞ୍ଚ

■ ପ୍ରତିବାଦରେ ଅତିରିକ୍ତ ଜିଲାପାଳଙ୍କୁ ଦିଆଗଲା ଦାବିପତ୍ର

କୋରାପୁଟ,୨୭।୬(ସ୍ୱ.ପ୍ର.)

ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକଫୁଲବେଡ଼ା ସରପଞ୍ଚ ମନମୁଖି ଭାବେ କାର୍ଯ୍ୟାଦେଶ ବାଣ୍ଟୁଛନ୍ତି। ୱାର୍ଡ଼ସଭ୍ୟଙ୍କୁ ଅଣଦେଖା କରୁଛନ୍ତି। ଏଭଳି ଅଭିଯୋଗ ଆଣିବା ସହ ଏହାର ପ୍ରତିବାଦରେ ପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ବିନା ଅବଗତିରେ ଓ ବିନା ବୈଠକରେ ୨୦୧୮-୧୯ ଆର୍ଥିକ ବର୍ଷର ଉନ୍ନୟନମୂଳକ ପାଣ୍ଠିର କାର୍ଯ୍ୟାଦେଶକୁ ସ୍ଥାନୀୟ ସରପଞ୍ଚ ଓ ତାଙ୍କ ସ୍ୱାମୀ ନିଜ ଇଚ୍ଛା ମୁତାବକ ବାଣ୍ଟିଥିବା ଅଭିଯୋଗ ହୋଇଛି। ଦୀର୍ଘ ୬ ମାସ ହେଲା ପଞ୍ଚାୟତରେ ମାସକ ବୈଠକ ହୋଇ ନ ଥିବାବେଳେ ଚାଲୁଥିବା କାର୍ଯ୍ୟକୁ ବନ୍ଦ କରିବା ପାଇଁ ଦାବିକରି ପାଇକଫୁଲବେଡ଼ା ପଞ୍ଚାୟତର ୱାର୍ଡସଭ୍ୟ ଦହନା କମାର, ପାର୍ବତୀ ମାଳି, ଗୁରୁ ସାନ୍ତା, ଜ୍ୟୋତ୍ସ୍ନା ଗାଦବା, ପାନବତୀ ବାଘ ପ୍ରମୁଖ କୋରାପୁଟ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ସହ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଗ୍ରାମରେ ପଲ୍ଲୀସଭା ନଚେତ ଗ୍ରାମସଭା କରାଯାଇ ତାହା ମାଧ୍ୟମରେ କାର୍ଯ୍ୟାଦେଶ ଦେବାକୁ ଦାବି ରଖିଛନ୍ତି।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପଞ୍ଚାୟତ ପ୍ରତିନିଧିମାନେ ।



ସଦର ଥାନାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଚାଷୀମାନେ ।

## ସଦର ଥାନା ଘେରିଲେ ବଡ଼ଜିଉନା ଚାଷୀ

ଜୟପୁର,୨୭।୬(ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ କାଳିଆ ଗାଁ ପଞ୍ଚାୟତର ବଡ଼ଜିଉନା ଗ୍ରାମର ଚାଷୀମାନେ ବୁଧବାର ସଦର ଥାନା ଘେରାଉ କରିଛନ୍ତି । ସେମାନଙ୍କ କହିବାନୁଯାୟୀ ଶନିବାରରୁ ମଣ୍ଡିରେ ଧାନ ପଡ଼ିଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ, ଉପଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାବେଳେ ମଣ୍ଡିରେ ଧାନ ଭିଜୁଛି । ପ୍ରଶାସନ କେବେ ଧାନ କିଣିବ ଓ ଟଙ୍କା ଦେବ, ସେଥିରେ ଖରିଫ ଫସଲ କରାଯିବ, ତାହା ଚାଷୀଙ୍କୁ ଚିନ୍ତାରେ ପକାଇଛି। ବାରମ୍ବାର ନିବେଦନ ପରେ ଫଳ ନ ମିଳିବାରୁ ସେମାନେ ସଦର ଥାନା ଘେରାଉ କରି ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗୁରୁବାର ସକାଳ ସୁଦ୍ଧା ଧାନ ଉଠିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ପ୍ରତିଶ୍ରୁତି ମୁତାବକ ସମୟରେ ଧାନ ନ ଉଠିଲେ ଚାଷୀମାନେ ୨୬ ନଂ ଜାତୀୟ ରଜାପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବ୍ୟାଙ୍କ ଏଟିଏମ୍ ଲୁଟ୍ ଉଦ୍ୟମ ପଣ୍ଡ

■ ଗଣମାଧ୍ୟମକୁ ତଥ୍ୟ ନଦେବାକୁ ବ୍ୟାଙ୍କ ପରିଚାଳକଙ୍କୁ ପୋଲିସର ତାଗିଦ୍

ଜୟପୁର,୨୭।୬(ନି.ପ୍ର.)

ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ଗାନ୍ଧୀଛକ ରାସ୍ତା କଡରେ ଥିବା ଆଇଡିବିଆଇ ବ୍ୟାଙ୍କ ଏଟିଏମ୍ ଲୁଟ୍ ଉଦ୍ୟମ ପଣ୍ଡ ହୋଇଛି । ଦୁର୍ବୃତ୍ତମାନେ ଏଟିଏମ ଭାଙ୍ଗିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି । ଏଟିଏମରେ କୌଣସି ସିକ୍ୟୁରିଟି ଗାର୍ଡ଼ ନିଯୁକ୍ତ ନଥିବା ବେଳେ ସିସି କ୍ୟାମେରା ଲାଗିଥିଲା । ଦୁର୍ବୃତ୍ତମାନେ ଉକ୍ତ ସିସି କ୍ୟାମେରାକୁ ପଲିଥିନ ଘୋଡ଼ାଇ ଲୁଟ୍ ଉଦ୍ୟମ କରି ମଧ୍ୟ ବିଫଳ ହୋଇଥିଲେ । ଏଟିଏମର କଣ କ୍ଷତି ହୋଇଛି, କେତେ ଟଙ୍କା ଥିଲା, ଏ ସମ୍ପର୍କରେ ଆଇଡିବିଆଇ ବ୍ୟାଙ୍କ ପରିଚାଳକଙ୍କୁ ପଚାରିବାରୁ ସେ କହିଥିଲେ ଟାଉନ ପୋଲିସ ଏଏସ୍ଆଇ ସଞ୍ଜୟ ମଣ୍ଡଳ ତଦନ୍ତ କରି ଫେରିଛନ୍ତି । କୌଣସି ଗଣମାଧ୍ୟମକୁ କିଛି ସୂଚନା ବା ଫଟୋ ଉଠାଇବାକୁ ମନା କରିବ ବୋଲି କହିଛନ୍ତି । ତେଣୁ କିଛି ତଥ୍ୟ ଦେବାକୁ ସେ ମନା କରିଥିଲେ। ଏନେଇ ଏଏସ୍ଆଇ ସଞ୍ଜୟ ମଣ୍ଡଳଙ୍କୁ ପଚାରିବାରୁ ସେ କହିଥିଲେ ଶାଖା ପରିଚଳାକଙ୍କୁ କିଛି ତଥ୍ୟ ଦେବା ପାଇଁ ମନା କରାଯାଇଛି । ମାମଲା ରୁଜୁ ହୋଇ ତଦନ୍ତ ପରେ ଗଣମାଧ୍ୟମକୁ ସୂଚନା ଦିଆଯିବ ।




ପାରଳାଖେମୁଣ୍ଡିରେ ଏସ୍ପି ସାରା ଶର୍ମା ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

■ସି-ପ୍ରୋଜେକ୍ଟ ପାଇଁ ସଚେତନତା

## ଶୋଭାଯାତ୍ରାରେ ସାମିଲ ହେଲେ ସ୍କୁଲ ଛାତ୍ରୀ

ପାରଳାଖେମୁଣ୍ଡି, ୨୭।୬ (ସ୍ୱ.ପ୍ର.)

ଗଜପତି ଜିଲାରେ ୨୮ ତାରିଖରୁ ସି-ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବାକୁ ଯାଉଛି। ପାରଳାଖେମୁଣ୍ଡି ସ୍ଥିତ ଆଦର୍ଶ ଥାନା ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଛି । ଏସ୍ପି ସାରା ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନେ ଯେ କୌଣସି ସ୍ଥାନରେ ଅସୁବିଧାର ଶିକାର ହେଲେ ସି-ଟିମ୍‌ର ସହାୟତା ନେଇପାରିବେ। ମହିଳା ଏବଂ କଲେଜ ଛାତ୍ରୀ ରାତିରେ ଯେପରି ନିଜକୁ ସୁରକ୍ଷିତ ଭାବିପାରିବେ ସେହି ଦିଗରେ ଟିମ୍ କାର୍ଯ୍ୟକରିବ ବୋଲି ସଚେତନ କରାଯାଇଛି। ଏହି ଶୋଭାଯାତ୍ରା ସହର ପରିକ୍ରମା ପରେ ସ୍ଥାନୀୟ ରାଜନଅର ନିକଟରେ ପହଞ୍ଚିଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍ପି ପ୍ରକାଶ ଚନ୍ଦ୍ର ଜେନା, ଏସ୍ଡିପିଓ ଠାକୁର ପ୍ରସାଦ ପାତ୍ର, ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ ।

## ଡୁମୁରିପୁଟରେ ଫ୍ୟୁଜକଲ୍ କେନ୍ଦ୍ର ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷ ।

କୋରାପୁଟ,୨୭।୬(ସ୍ୱ.ପ୍ର.)

କୋରାପୁଟ ବ୍ଲକ ପଦ୍ମପୁର ଗ୍ରାମପଞ୍ଚାୟତର ଡୁମୁରିପୁଟ ହାଟପଦାରେ ବୁଧବାର ସାଉଥ୍‌କୋ ସୁନାବେଡ଼ା ପକ୍ଷରୁ ଏକ ଫ୍ୟୁଜ୍‌କଲ୍ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସାଉଥ୍‌କୋ କନିଷ୍ଠ ଯନ୍ତ୍ରୀ ଅରବିନ୍ଦ କିରଣ ପଣ୍ଡା ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା ପଦ୍ମପୁର ପଞ୍ଚାୟତର ୧୫ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଲାଇନମ୍ୟାନ ଲକ୍ଷ୍ମୀ ନାରାୟଣ ପଣ୍ଡା, ଟେକ୍‌ନିସିଆନ ସୁଶାନ୍ତ ଶେଖର ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜଗଦୀଶ ଖୋସ୍ଲା, ରାମ ମନ୍ଦିରର ପୂଜକ ବଂଶୀଧର ଶତପଥୀ, ବାଲାଜି ପାଣିଗ୍ରାହୀ, ଗୋପୀନାଥ ପାଣିଗ୍ରାହୀ, ବସନ୍ତ ରାଓ, କୈଳାସ ପାଣିଗ୍ରାହୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ସେରୁବନ୍ଧ ଖଣି ଖୋଲିବାକୁ ଦେଲେ ଆନ୍ଦୋଳନ

କୋରାପୁଟ,୨୭।୬(ସ୍ୱ.ପ୍ର.)

ସେରୁବନ୍ଧ ପାହାଡ଼ରୁ ବକ୍ସାଇଟ ଖନନ ଓ ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିବର୍ତ୍ତନ କରିବାକୁ ନେଇ ପଟ୍ଟାଙ୍ଗି ବ୍ଲକର ସଦର, ମାଳିପୁଟ, ନୂଆଗାଁ, କୋଟିଆରେ ଅନୁଷ୍ଠିତ ଗ୍ରାମସଭାରେ ବିରୋଧ ହୋଇଥିଲା। ଏହା ସତ୍ତ୍ୱେ ଯଦି ସରକାର ନାଲକୋକୁ ଖଣିଖୋଲା ପାଇଁ ଅନୁମତି ଦିଅନ୍ତି, ତେବେ ଏନେଇ ଜନ ଆନ୍ଦୋଳନ କରାଯିବ। ବୁଧବାର କୋରାପୁଟ ଆଦିବାସୀ ସଂଗ୍ରହାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୋରାପୁଟ ଜନ ସୁରକ୍ଷା ସଂଘ ସଭାପତି ଦାସି ନନ୍ଦବାଲି ଏଭଳି ଚେତାବନୀ ଦେଇଛନ୍ତି। ଅବିଭକ୍ତ କୋରାପୁଟ ଜିଲା ତଥା ଦଣ୍ଡକାରଣ୍ୟ ଅଞ୍ଚଳକୁ ନେଇ ଏକ ପୃଥକ୍ ରାଜ୍ୟ କରିବା ପାଇଁ ସଂଘ ଆଲୋଚନା କରିଥିବା ସେ କହିଛନ୍ତି। ରାଜ୍ୟ ସରକାର ଆମ କଥା ନ ଶୁଣିଲେ ଆମେ ଆନ୍ଧ୍ର ପଳେଇଯିବୁ ବୋଲି ସେରୁବନ୍ଧ ପର୍ବତ ସୁରକ୍ଷା ସମିତିର ସଭାପତି ଭଗବାନ ଗୋଲରି କହିଛନ୍ତି। ଏହି ଅଞ୍ଚଳରେ ପର୍ଯ୍ୟଟନର ବିକାଶ ପ୍ରତି ରାଜ୍ୟ ସରକାର ଧ୍ୟାନ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ। ଅନ୍ୟମାନଙ୍କ ମଧ୍ୟରେ ବିସ୍ଥାପିତ ସଂଘ ନେତା ତ୍ରିଲୋଚନ ମୁଦୁଲି, ସୁନିଲ ଖରା, ପୂର୍ଣ୍ଣଚନ୍ଦ୍ର ଜାନି, କର୍ପୁର ହନ୍ତାଳ, ବୈଦ୍ୟନାଥ ଗେମେଲ, କାହ୍ନୁଚରଣ କନ୍ଧପାନ, ଜଗଦୀଶ ବାଘ ଉପସ୍ଥିତ ଥିଲେ।

■ ଖରାଛୁଟି ସରିବା ସତ୍ତ୍ୱେ କାର୍ଯ୍ୟରେ ଯୋଗଦେଇ ନ ଥିଲେ ଶିକ୍ଷକ

## ୫୦ ଜଣଙ୍କ ଦରମା ବନ୍ଦ, କାରଣ ଦର୍ଶାଅ ନୋଟିସ

ମାଲକାନଗିରି,୨୭।୬(ସ୍ୱ.ପ୍ର.)

ଖରାଛୁଟି ସରିବା ସତ୍ତ୍ୱେ ଡ୍ୟୁଟିରେ ଯୋଗ ଦେଇ ନ ଥିବା ମାଲକାନଗିରି ଜିଲାର ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ବନ୍ଦ କରାଯିବା ସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ପ୍ରଶାସନ। ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସ୍କୁଲର ୧ ୯ ଶିକ୍ଷକ ଓ ଅନ୍ୟ ୬ଟି ବ୍ଲକର ୩୧ଜଣ ଶିକ୍ଷକ ଏଥିରେ ଅନ୍ତର୍ଭୁକ୍ତ।

ପ୍ରକାଶ ଯେ, ଖରାଛୁଟି ପରେ ଗତ ୨୧ ତାରିଖରେ ସ୍କୁଲ ଖୋଲିଥିଲା। କିନ୍ତୁ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ। ଜିଲାର ସାତଟି ବ୍ଲକର ବିଇଓ, ସହକାରୀ ଶିକ୍ଷାଧିକାରୀମାନେ ନିଜ ଅଞ୍ଚଳ ସ୍କୁଲ ପରିଦର୍ଶନ କରିବା ବେଳେ ୫୦ ଜଣ ଶିକ୍ଷକ ଅନୁପସ୍ଥିତ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀ ଏ ନେଇ ରିପୋର୍ଟ ପାଇବାପରେ କାର୍ଯ୍ୟରେ ଅନୁପସ୍ଥିତ ଥିବା ୫୦ ଜଣ ଶିକ୍ଷକଙ୍କ ଦରମା ବନ୍ଦ କରିବାସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

## ଅଗ୍ରଣୀ ବ୍ୟାଙ୍କର ନୂତନ ପରିଚାଳକଙ୍କ ଦାୟିତ୍ୱଗ୍ରହଣ

ପାରଳାଖେମୁଣ୍ଡି, ୨୭।୬ (ସ୍ୱ.ପ୍ର.) – ଗଜପତି ଜିଲା ଅଗ୍ରଣୀ ବ୍ୟାଙ୍କ(ଆନ୍ଧ୍ର ବ୍ୟାଙ୍କ)ର ନୂତନ ପରିଚାଳକ ଭାବେ କିଶୋର ଚନ୍ଦ୍ର ନାୟକ ଆଜି କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବରୁ ପରିଚାଳକ ଦାୟିତ୍ୱରେ ଥିବା ଦାମୋଦର ଉଗୁର୍‌ସାଣ୍ଡିଙ୍କ ମଧ୍ୟପ୍ରଦେଶ ରାଜ୍ୟର ଭୋପାଳକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ନାୟକ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଦାୟିତ୍ୱରେ ଥିଲେ।

## ଅଣତାଲିମପ୍ରାପ୍ତ ସ୍କାଉଟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୨୭।୬ (ସ୍ୱ.ପ୍ର.)

ଗଜପତି ଜିଲା ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅଣ ତାଲିମ ପ୍ରାପ୍ତ ଶିକ୍ଷକଙ୍କ ସ୍କାଉଟ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଗଜପତି ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ୍ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ୭ଦିନ ଧରି ଚାଲିବ। ଓଡିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍ କାର୍ଯ୍ୟାଳୟର ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲାରୁ ଶିବ ପ୍ରସାଦ ପାଢୀ ଏବଂ ଗଞ୍ଜାମ ଜିଲାରୁ ବିକ୍ରମ ମହାରଣା ପ୍ରଶିକ୍ଷକ ଭାବେ ଯୋଗଦେଇଛନ୍ତି । ସେହିପରି ସମ୍ମାନିତ ଅତିଥିଭାବେ ଗଜପତି ସ୍କାଉଟ୍ କମିଶନର ପ୍ରଫୁଲ୍ଲ କୁମାର ମହାନ୍ତି, ଏସ୍. ମଣିମାଳା ଉପସ୍ଥିତ ଥିଲେ । ବାଳକ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବି. ବୃନ୍ଦାବନ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୩୭ଜଣ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

■ ମା' ମୁତ୍ୟୁଲୁମ୍ମା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ହନୁମାନ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ

କୋରାପୁଟ,୨୭।୬(ସ୍ୱ.ପ୍ର.)

କୋରାପୁଟ ଲାଣ୍ଡିଗୁଡ଼ାସ୍ଥିତ ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ଗତ ୭ ତାରିଖରୁ ଚାଲିଥିବା ମା' ମୁତ୍ୟୁଲୁମ୍ମା କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ସୁନାବେଡ଼ାର ସ୍ମାର୍ଟ ଇଲେଭେନ ଦଳକୁ ପରାସ୍ତକରି ହନୁମାନ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ ହୋଇଛି। ୧୫ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ସୁନାବେଡ଼ା ସ୍ମାର୍ଟ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ୍ ହରାଇ ୧୧୯ ରନ ସଂଗ୍ରହ କରିଥିଲା। ଜବାବରେ ହନୁମାନ ସ୍ପୋର୍ଟିଂ କ୍ଲବ ୧୫ ଓଭରରେ ମାତ୍ର ୬ ୱିକେଟ୍ ହରାଇ ୧୨୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ କୋରାପୁଟର ବିଶିଷ୍ଟ ଭାରୋତ୍ତଳନକାରୀ ଜି. ସଞ୍ଜୀବ କୁମାର ଓ ଜିଲା କ୍ରୀଡ଼ା ଅଧିକାରୀ ରାଜ କିଶୋର ଜେନା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସଅପ୍ ଟିମ୍‌କୁ ନଗଦ ୨୦ ହଜାର ଟଙ୍କା ଓ ଟ୍ରଫି ଦିଆଯାଇଥିଲା। ପ୍ରତିଯୋଗିତାରେ ମୋଟ ୧୮ଟି ଦଳ ଭାଗ ନେଇଥିଲେ। କୋରାପୁଟ ଜିଲା ହନୁମାନ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜେନ୍ଦ୍ର କୁମାର ସାହୁ ଓ ଯୋଗେଶ୍ୱର ବେହେରା ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବାବେଳେ କ୍ଲବର ସମ୍ପାଦକ ପ୍ରହ୍ଲାଦ ସାହୁ ଏହାର ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

## ଜିଲ୍ଲା କୃଷି କାର୍ଯ୍ୟାଳୟ, ବଣାଇ, ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯

ରାଜ୍ୟ ଯୋଜନା ଆନୁକୂଲ୍ୟରେ ନୀରୋଗ ଫସଲ ପାଇଁ ବିହନ ବିଶୋଧନ କାର୍ଯ୍ୟକ୍ରମ ଆସନ୍ତା ତା.୦୧।୦୭।୨୦୧୯ଠାରୁ ତା.୧୫।୦୭।୨୦୧୯ ପର୍ଯ୍ୟନ୍ତ ଜିଲ୍ଲା କୃଷି ଅଧିକାରୀ, ବଣାଇ ଅନ୍ତର୍ଗତ ବଣାଇ, ଲହୁଣିପଡା, କୋଇଡା ଓ ଗୁରୁଣ୍ଡିଆ ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି କାର୍ଯ୍ୟକ୍ରମରେ କୃଷକମାନଙ୍କ ପାଖରେ ଗଚ୍ଛିତ ଥିବା ବିହନକୁ ବିଶୋଧନ କରିବାଦ୍ୱାରା କମ ଖର୍ଚ୍ଚରେ ମୃତ୍ତିକା ଓ ବିହନବାହୀ ରୋଗରୁ ଫସଲକୁ ସୁରକ୍ଷିତ କରାଯାଇ ପାରିବ। ଏଣୁ ଚାଷୀଭାଇ ଓ ଭଉଣୀମାନଙ୍କୁ ସ୍ଥାନୀୟ କୃଷି କର୍ମଚାରୀ ଓ ସହକାରୀ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରି ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ ପୂର୍ବକ ବିହନ ବିଶୋଧନ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାକୁ ଅନୁରୋଧ କରାଯାଉଛି। **ସୌଜନ୍ୟ-ଜିଲ୍ଲା କୃଷି ଅଧିକାରୀ, ବଣାଇ**

ଧ୍ୟାନ ଦିଅନ୍ତୁ !! ଧ୍ୟାନ ଦିଅନ୍ତୁ !! ଧ୍ୟାନ ଦିଅନ୍ତୁ !!

## ବିହନ ବିଶୋଧନ ଅଭିଯାନ ଖରିଫ୍-୨୦୧୯; ଜିଲ୍ଲା କୃଷି ଅଧିକାରୀ, ପଟ୍ଟାମୁଣ୍ଡାଇ

ଏତଦ୍ୱାରା ପଟ୍ଟାମୁଣ୍ଡାଇ କୃଷି ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ, ଆଳି,ରାଜକନିକା ଓ ରାଜନଗର ବ୍ଲକର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି କି, ଚଳିତ ବର୍ଷ ୨୦୧୯ଖରିଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନଙ୍କର ସାଇତା ଧାନ ବିହନକୁ ବିହନ ବିଶୋଧନ କାର୍ଯ୍ୟକ୍ରମ ରାଜ୍ୟ ଯୋଜନାରେ ବିଶୋଧନ କରାଯିବାର ବ୍ୟବସ୍ଥା ହୋଇଅଛି। ଏହି କାର୍ଯ୍ୟକ୍ରମଟି ତା.୨୮।୦୬।୨୦୧୯ରିଖଠାରୁ ତା.୧୫।୦୭।୨୦୧୯ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଣୁ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିହନ ବିଶୋଧନ (ରାଜ୍ୟ ଯୋଜନା)କୁ ସାଫଲ୍ୟ ମଣ୍ଡିତ କରିବେ।

**"ଗାଁ ଗାଆଁରେ ବିହନ ବିଶୋଧନ, ନୀରୋଗ ଫସଲ ପାଇଁ ନିଶ୍ଚିତ ସମାଧାନ"**

**ସ୍ୱା./- ଜୟ ନାରାୟଣ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ, ପଟ୍ଟାମୁଣ୍ଡାଇ**

ବି.ଦ୍ର:-ସବିଶେଷ ବିବରଣୀ ପାଇଁ ନିଜ ଅଞ୍ଚଳର ଗ୍ରାମ୍ୟ କୃଷି କର୍ମଚାରୀ ଓ ସହକାରୀ କୃଷି ଅଧିକାରୀଙ୍କ ସହ ପରାମର୍ଶ କରନ୍ତୁ।

## MUNICIPAL OFFICE, JEYPORE

Ph. No. 06854-231098, Fax No. 06854-230104, Email: jayporem.hud@nic.in

No. 2354 **e-Tender Notice** Date: 25.06.19

Bid documents consisting of specification the Bill of Quantity and the Tender Call Notice can be seen in the Govt. website https://tendersorissa.gov.in/nicgep/app.
(1) Bid documents including Schedule of quantity available for online bidding: https://tendersorissa.gov.in/nicgep/app. (2) No. of works: 64. (3) Estimated Cost: As per DTCN. (4) Date & time of bidding: From 29.06.2019 at 11.00 Hours to 09.07.2019 upto 16.00 Hours. (5) Last date & time for receipt of bids in portal: 09.07.2019 upto 16.00 Hours. (6) Offline Documents Received through Speed Post / Registered Post: 09.07.2019 at 16.00 Hours to 11.07.2019 upto 11.00 Hours. (7) Bids received online shall be opened on: 11.07.2019 at 11.00 Hours onwards. (8) Offline Documents shall be opened in presence of the Participate Bidders: 11.07.2019 at 12.00 Hours onwards.

*Sd./- Executive Officer, Jeypore Municipality*

## PARADIP PORT TRUST

### e-TENDERING NOTICE

Online tenders in three bid system i.e (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **EHV Grade low viscosity type transformer insulating Oil.** The last date & time of submission of the tender is **17.15 Hours** on **Dt. 15.07.2019.** For details, log on to website **https://eprocure.gov.in/eprocure/app**

Sr. Dy. Materials Manager
PPT/PR/153/19-20, Dt.27/06/2019

## PARADIP PORT TRUST

### e-TENDERING NOTICE

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/authorised dealers for Supply of **Skid steer loader with backhoe attachment.** The last date and time of submission of the tender is **17.15 Hours** on **Dt.15/07/2019.** For details, log on to website : https://eprocure.gov.in/eprocure/app

Sr. Dy. Materials Manager
PPT/PR/148/19-20 Dt-27.06.19

## ଭାରତୀୟ ବିମାନପତ୍ତନ ପ୍ରାଧିକରଣ
## AIRPORTS AUTHORITY OF INDIA

ଟେଣ୍ଡର ନୋଟିସ (ଆଇଡି ୨୦୧୯_ଏଏଆଇ_୨୮୦୨୪)

ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଏଏଆଇର ଅଧ୍ୟକ୍ଷଙ୍କ ପକ୍ଷରୁ ବରିଷ୍ଠ ପ୍ରବନ୍ଧକ(ଇ-ସି), ଏଏଆଇ, ଭୁବନେଶ୍ୱରଙ୍କ ଦ୍ୱାରା "ବିପିଆଇ ଏୟାରପୋର୍ଟ, ଭୁବନେଶ୍ୱରର ପରିଚାଳନା କ୍ଷେତ୍ରରେ ମାଇନର କ୍ୟାପିଟାଲ କାର୍ଯ୍ୟ ଲାଗି ବାର୍ଷିକ ଚୁକ୍ତି" କାର୍ଯ୍ୟ ଉଦ୍ଦେଶ୍ୟରେ ସିପିଡବ୍ଲ୍ୟୁଡି /ଏମଇଏସ / ପିଆଣ୍ଡଟି /ରେଳପଥ /ରାଜ୍ୟ ପିଡବ୍ଲ୍ୟୁଡି /ପିଏସୟୁ ପୌରନିଗମ ଓ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଓ କୋଲକାତାର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମୋଦିତ ଶ୍ରେଣୀର ଯୋଗ୍ୟ ଠିକାଦାରଙ୍କଠାରୁ ଇ-ଟେଣ୍ଡରିଂ ପୋର୍ଟାଲ ଜରାଆରେ ପ୍ରତିଶତ ମୂଲ୍ୟ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଯାହାର ନିରୂପିତ ମୂଲ୍ୟ: ଟ.୨,୮୭,୮୫,୦୦୨.୦୦(ଦୁଇ କୋଟି ସତାଅଶି ଲକ୍ଷ ପଂଚାଅଶି ହଜାର ଦୁଇଟଙ୍କା ମାତ୍ର)( ଜିଏସଟିକୁ ଛାଡ଼ି) ଓ ସମାପ୍ତି ଅବଧି ୧୨( ବାର) ମାସ ବର୍ଷା ପାଇଁ ୦୨(ଦୁଇ) ମାସ ଛାଡକୁ ବିଚାର କରାଯାଇ।
ନିଲାମ ଦାଖଲ କରିବା ଶେଷ ତାରିଖ ହେଉଛି ୦୮.୦୭.୨୦୧୯ର ୧୮୦୦ଘ. ପର୍ଯ୍ୟନ୍ତ।
ସବିଶେଷ ବିବରଣୀ ପାଇଁ ସିପିପି ଇ- ପ୍ରୋକ୍ୟୁରମେଂଟ ପୋର୍ଟାଲ ଦ୍ରଷ୍ଟବ୍ୟରେ ଲଗଅନ କରିବା ଆବଶ୍ୟକ https://etenders.gov.in/eprocure/app କିମ୍ବା www.aai.aero.
ଅଧିକ ସ୍ପଷ୍ଟିକରଣ/ ଭ୍ରମ ସଂଶୋଧନ ଯଦି କିଛି ଥାଏ ତାହାକୁ ଇ ପ୍ରୋକ୍ୟୋରମେଂଟ ପୋର୍ଟାଲ https://etenders.gov.in/eprocure/app ଜରାଆରେ ସୂଚୀତ କରାଯିବ।

## OFFICE OF THE C.D.M.O cum District Mission Director Dhenkanal

### Corrigendum for Extension of Time

**No.1472** **Date: 29.06.19**

In continuation to the Tender Call Notice published "for Printing Materials (IEC), DHENKANAL" Vide Tender Call Notice No.1364 (19-20/IEC-CDMO Dated 11.06.2019 & published in the News Paper "The Sambad" & "The Prameya" on dates 12.06.2019. The last date for receipt of bid documents has been extended to 08.07.2019 up to 5 P.M. The date of opening of tender is 09.07.2019 at 12 A.M. All other terms and conditions of the Tender Call Notice are hereby remaining unchanged. The Tender documents can be downloaded from website **www.dhenkanal.nic.in.** The bidders who had already applied through Speed post / Regd. Post need not apply. The bids through courier / any other mode will not be accepted.

**Sd./- C.D.M.O cum District Mission Director, Dhenkanal**

## NATIONAL HEALTH MISSION ODISHA DISTRICT HEALTH SOCIETY, SAMBALPUR

**Advt. No.1423/DPMU, SBP** **Date: 27.06.2019**

### Advertisement for Calling of Objection

No.94-E:- The data base of the application received vide advertisement No-378 dated 22.02.2019 of office of CDM &PHO, Sambalpur published in the newspaper The Sambad & The Samaj for filling of different post under NHM, Sambalpur through In-house recruitment process has been published in the district website **www.sambalpur.nic.in**. Those candidates who have applied to the relevant post if found any type of discrepancy in the database may please send an objection application addressing to the CDM&PHO,Sambalpur only through Speed post/Registered post/email **(hrmnhmsbp@gmail.com)** on or before **03.07.2019.** The undersigned is not responsible for any type of delay in receipt of objection.

Sd./- CDM&PHO-cum-DMD
Sambalpur

10049/11/0003/1920

## Office of the Municipal Council Bhawanipatna

**No.1756** **Dated:25.06.2019**

### CORRIGENDUM

The Tender Call Notice No.1721 Dated 22.06.2019 is published in Oriya and English daily News Paper Samaj, Dharitri and Odisha Post on Dated 25.06.2019 is here by cancelled due to unavoidable circumstances.

Sd./- Executive Officer
Bhawanipatna Municipality

## Government of Odisha Parliamentary Affairs Department

**No.4606 PAD,** **Dated.26.06.2019**

**ME/4 - 30/2014 (29321600502014)**

### TENDER CALL NOTICE

No.02-QQ:- Sealed tenders in plain paper / letter pad are invited from the intending only from the Godrej authorized dealers/Firms/ Suppliers located at Bhubaneswar having valid GST registration number and Income Tax Clearance Certificate for supply of Office furniture's(such as cignus-1 no.,Divan with mattress -01,numero Uno table with Eru-01 no.,Karina visitors chair-12 nos, Caferia Coffee table-01 no.,01 set 3seater comfort sofa set, executive table-01 no,Avid high back revolving chair-1 no. visitors chair(PCH-7003)-12 nos. and other models for official use in the Parliamentary Affairs Department(O/o ministers).

The intending firms/suppliers should have Govt. registered/ proper shop located only at Bhubaneswar as per address mentioned on their tender papers. The tenders of the stock point suppliers will not be considered.

The Tenderers should deposit earnest money of Rs.1,000/- (One thousand) only in shape of A/C Payee Bank Draft / Pay Order payable to the Joint Secretary to Government, Parliamentary Affairs Department which will be refunded to the Tenderers whose tenders are not accepted. The Tenders should reach the undersigned by 05.07.2019 up to 12.30 P.M. at the latest and shall be opened on the same day at 04:00 P.M. in the presence of Tenderers or their authorized representatives.

The authority reserves the right to reject all or any Tender/ Tenders without assigning any reason thereof. The Tenders received incomplete or after the scheduled date and time and those does not have proper shop shall be rejected. The accepted Tender will be valid for one year i.e. 30.07.2019.

42001/11/0003/1920 **Joint Secretary to Government**

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି.
## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
E.H.T. (O&M) Division, Jayanagar-764005. CIN: U40102OR2004SGC007553

### NOTICE INVITING TENDER

Sealed Tenders are invited by the undersigned from Contractors having valid Licence, I.T PAN No and GST Registration Certificate for **Tender Call No. 3 :** Roof treatment of different buildings and Servicing of Air conditioners with supply of materials for Grid S/S, Jayanagar, Sunabeda and Dabugaon under EHT(O&M) Division, Jayanagar. **Tender Call No. 4 :** Black painting of tower legs of 132KV Jayanagar - Tentulikhunti line under EHT(O&M) Division, Jayanagar. **Cost of tender papers :** Rs.2,240.00 (non-refundable) in shape of Cash. **EMD : @ 1% of quoted value. Sale of tender documents :** from Dt.28.06.2019 to upto 11:30 AM of Dt.08.07.2019. **Last date of submission of tender :** on or before Dt.08.07.2019 upto 2:00PM. **Tenders will be opened :** on Dt.08.07.2019 at 04:30 PM. **Corrigendum, if any, will be published in the website only.**

Sd/-
DGM (Ele.)

Please connect us: optcl.odisha optcl_odisha energyodisha

## ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ
## Odisha Forest Development Corporation Limited

(A Government of Odisha Undertaking)
CIN-U020050R1962SGC000446
Regd.Off: Plot No.A/84 Kharavel Nagar, Unit-III, Bhubaneswar, Odisha, PIN-751001, Telephone:-0674-2534086,2534269
Fax:0674-2535934, [website: www.odishafdc.com, E-mail ID:general@odishafdc.com]

Advertisement No.11826/Estt.(Misc.)-05/14/19
Dated, Bhubabeswar 266 June,2019

### EXPRESSION OF INTEREST FROM ELIGIBLE RETIRED EMPLOYEES OF GOVERNMENT / PSU FOR RE-ENGAGEMENT / RE-EMPLOYMENT

Odisha Forest Development Corporation Limited invites application from the interested retired employees of PSUs/ / Government below 63 years of age as on 31/05/2019 for re-engagement through selection in the following posts as detailed below to work in different units of O.F.D.C. Limited. The candidate should have at least one year working experience in the applied post.

| Sl. No | Name of the Post | No. of Post |
|---|---|---|
| 01. | Jr.Stenographer | 01 |
| 02. | U.D.Asst. | 07 |
| 03. | Jr .Accountant / Auditor | 05 |
| 04. | Private Secretary | 01 |
| 05. | Section Officer (Gen) | 03 |
| 06. | Section Officer (Accts./Audit) | 06 |
| 07. | Asst.Accts.Officer /Asst.Audit Officer | 02 |

Interested retired personnel can download the detailed eligibility criteria, term of reference and application form from OFDC official website(www.odishafdc.com). The last date of submission of application is 10.07.2019 up to 5 p.m. .The application is to be sent by Regd.post / Speed Post only addressed to the managing director, O.F.D.C . Ltd. ,A/84,Kharabelanagar, Unit-III, Bhubaneswsar-751001. The applicant willing to be considered at more than one place is to submit separate applications indicating the post and place of interest of posting(s) etc.

**For O.F.D.C. Ltd.,
Sd/-
MANAGING DIRECTOR**

## କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 11 ରେ ପ୍ଲଟ୍ ନଂ 11-2D/301 ଟିକୁ ଖୁଦିରାମ ସାମନ୍ତ, ପିତା – ୰ କ୍ରିଷ୍ଣା ସାମନ୍ତ, ସା – ଶାମସୁନ୍ଦରପୁର, ପୋ – ଧରମପୁର, ଥା – ଦାସପୁର, ଜିଲ୍ଲା – ପଶ୍ଚିମ ମେଦିନାପୁର, ରାଜ୍ୟ – ପଶ୍ଚିମବଙ୍ଗଙ୍କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଖୁଦିରାମ ସାମନ୍ତଙ୍କ ମୃତ୍ୟୁ ପରେ ତାଙ୍କର ପତ୍ନୀ ନିର୍ମଳା ସାମନ୍ତ, ସା – ଶାମସୁନ୍ଦରପୁର, ପୋ – ଧରମପୁର, ଥା–ଦାସପୁର, ଜିଲ୍ଲା – ପଶ୍ଚିମ ମେଦିନାପୁର, ରାଜ୍ୟ – ପଶ୍ଚିମବଙ୍ଗ ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

## NATIONAL INSTITUTE OF FASHION TECHNOLOGY, BHUBANESWAR

(Ministry of Textile, Govt. of India)
NIFT Campus, IDCO Plot No.24, Chandaka Industrial Estate, Patia, Bhubaneswar-751024, Ph: 0674-2305700 Fax : 2305710
Website: www.nift.ac.in/bhubaneswar

### E-TENDER NOTICE

E-Tenders are invited by NIFT Bhubaneswar for applying weather coat in external surface and plastic emulation in internal surface at girls hostel with minor repairs and painting, last date for receipt of e-tenders are 19.07.2019. Details available in e-tender portal and NIFT website **https://niftetenders.eproc.in/http://www.nift.ac.in**

*Director*

## DISTRICT RURAL DEVELOPMENT AGENCY, MALKANGIRI

Dist: Malkangiri- 764048
Phone No. 06861-230409, Fax No.: 06861-230279
No. 1645/2019 Date: 26.06.2019

### EXPRESSION OF INTEREST

Sealed quotations are invited from local interested reputed Authorized suppliers / authorized dealers / Manufacturers / Hotels for providing the following mentioned below items for organising various Training at DPRC, Malkangiri. The quotation completed in all respect should reach the undersigned on or before 30.06.2019 by 3.30PM. Detailed EoI is available in district website i.e. www.malkangiri.nic.in.

The undersigned reserves the right to reject all or any of the quotaton without assigning any reason thereof.

*Sd./- Project Director, DRDA, Malkangiri*

## JAWAHAR NAVODAYA VIDYALAYA

**AT/ PO: KHATIGUDA, DIST- NABARANGPUR; ODISHA, PIN- 764085
Ref, F.1-3/JNV/KTG/NBPR(O)/2019-20/
Dated: 27.06.2019**

### CORRIGENDUM

Modified last date of submission of Tender of JNV, Khatiguda which was **28.06.2019** extended to **04.07.2019.** Further the submission of Tender paper for hiring of vehicle is also added in this retender and the date is also extended up to **04.07.2019.** The tender will reopen on **05.07.2019** in the office of the Principal chamber which was to be opened on **29.06.2019.**

**Sd./- (C.M. DWIEDY
PRINCIPAL I / C**

## ଅନୁଗୋଳ ବନଖଣ୍ଡ, ଅନୁଗୋଳ

No. 29-MM

ବନବିଭାଗ ତରଫରୁ ବିଭିନ୍ନ ଯୋଜନାରେ ୬ଗୋଟି ବନାଞ୍ଚଳରୁ ୨୦ଟି ନର୍ସରୀରେ ୮.୧୮ ଲକ୍ଷ ବିଭିନ୍ନ କିସମର ଚାରା ଯଥା: ସାଗୁଆନ, ନିମ, କରଞ୍ଜ, ବଡ଼-ଚାକୁଣ୍ଡା, ବଉଳ, ଗମ୍ଭାରୀ ଓ ଅନ୍ୟାନ୍ୟ ଚାରା କରାଯାଇଅଛି। ଏହିସବୁ ଚାରା ଜନସାଧାରଣ ଓ ଚାଷୀଭାଇମାନଙ୍କୁ ନିମ୍ନଲିଖିତ ନର୍ସରୀମାନଙ୍କରୁ ୧ଟଙ୍କା ମୂଲ୍ୟରେ ଯୋଗାଇ ଦିଆଯିବ। ସରକାରୀ ଶିକ୍ଷା ଅନୁଷ୍ଠାନ/ ବିଭିନ୍ନ ସରକାରୀ ଅନୁଷ୍ଠାନ ଓ ବିଜୁ ଯୁବବାହିନୀଗୁଡ଼ିକୁ ବିନାମୂଲ୍ୟରେ ଚାରା ଯୋଗାଇ ଦିଆଯିବ। ଏତଦ୍ବ୍ୟତୀତ ଗ୍ରୀନ୍ ମହାନଦୀ ଯୋଜନାରେ ବ୍ରାହ୍ମଣୀ ନଦୀ ଅବବାହିକାର ୧ରୁ ୨କି.ମି. ପରିଧି ଭିତରେ ଥିବା ଗ୍ରାମଗୁଡ଼ିକରେ ବାସ କରୁଥିବା ଜନସାଧାରଣଙ୍କୁ ବିନା ମୂଲ୍ୟରେ ଚାରା ଯୋଗାଇ ଦିଆଯିବ। ତେଣୁ ଆପଣମାନଙ୍କୁ ଅନୁରୋଧ ଚାରା ପାଇବା ନିମନ୍ତେ ନିକଟସ୍ଥ ନର୍ସରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଯୋଗାଯୋଗ କରି ବୃକ୍ଷରୋପଣ କାର୍ଯ୍ୟରେ ସାମିଲ ହୁଅନ୍ତୁ।

### ୨୦୧୯–୨୦ ବର୍ଷର ଚାରା ବଣ୍ଟନର ପ୍ରସାର ନିମନ୍ତେ ଆଦର୍ଶ ସାରଣୀ ଅନୁଗୋଳ ବନ ବିଭାଗ

| କ୍ରମିକ ସଂଖ୍ୟା | ବନାଞ୍ଚଳର ନାମ | କେନ୍ଦ୍ରର ଅବସ୍ଥିତି | ଚାରା ଉତ୍ପାଦନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନାମ ଏବଂ ମୋବାଇଲ ନଂ. | ଉପଲବ୍ଧ ଥିବା ବୃକ୍ଷଚାରା ଓ ତାର ସଂଖ୍ୟା: ସାଗୁଆନ | ଶିରିସ | ଗମ୍ଭାରୀ | କରଞ୍ଜ | ବଡ଼ଚାକୁଣ୍ଡା (ନିଦ୍ରାବତୀ) | ନିମ | ବଉଳ | ଅନ୍ୟାନ୍ୟ ଚାରା | ସମୁଦାୟ |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ବନ୍ତଲା | ବନ୍ତଲା | ଜୟନ୍ତ କୁମାର ଦାସ/୯୯୩୮୩୩୫୪୦୦ | ୮୦୨୪୦ | | ୩୯୭୦ | | | ୩୦୦ | | ୧୨୭୪୦ | ୯୭୨୫୦ |
| ୨ | ବନ୍ତଲା | କାଞ୍ଚା | ସୁଶମ ପଣ୍ଡା/୭୯୭୮୭୯୩୫୭୬ | ୧୦୦୦୦ | | | | | | | | ୧୦୦୦୦ |
| ୩ | ଜରପଡ଼ା | ଜରପଡ଼ା | ଲୋକନାଥ ପ୍ରଧାନ/ ୭୦୭୭୨୭୧୯୮୦ | ୨୭୦୭୫ | | | | | | | | ୨୭୦୭୫ |
| ୪ | ଜରପଡ଼ା | ଅନ୍ତୁଲିଆ | ସିପୁନ ବେହେରା/ ୯୦୭୮୫୮୫୬୯୬ | ୩୮୦୦୦ | | | ୨୦୦୦ | | | | ୧୦୦୦୦ | ୫୦୦୦୦ |
| ୫ | ଜରପଡ଼ା | ବଡ଼ମୂଳ | ଦିଗାମ୍ବର ନାୟକ/ ୯୯୩୮୫୭୪୬୮୯ | ୨୧୨୦୦ | | ୧୬୦୦ | | ୧୫୦୦ | ୨୨୦୦ | ୫୦୦ | ୩୦୦୦ | ୩୦୦୦୦ |
| ୬ | ଛେଣ୍ଡିପଦା | ଛେଣ୍ଡିପଦା | ବିଷ୍ଣୁଚରଣ ପାଣି/ ୯୯୩୭୪୪୨୭୧୭ | ୪୦୦୦୦ | | | | | | | | ୪୦୦୦୦ |
| ୭ | ଛେଣ୍ଡିପଦା | କୋଶଳା | ଗୀତାଞ୍ଜଳି ସାହୁ/ ୯୩୩୭୦୭୭୨୮୮ | ୧୫୦୦୦ | | | | | | | | ୧୫୦୦୦ |
| ୮ | ଛେଣ୍ଡିପଦା | ଶିମିଳିପାଳ | ଦୀପକ ମହାନ୍ତି/ ୯୬୬୮୬୨୭୧୯ | ୧୦୦୦୦ | | | | | | | ୧୭୨୫ | ୧୧୭୨୫ |
| ୯ | ଛେଣ୍ଡିପଦା | କୋରଡ଼ା | ସୁଜାତା ସାହୁ/ ୭୮୭୩୭୮୭୩୭୫ | ୭୬୨୫ | | | | | | | | ୭୬୨୫ |
| ୧୦ | ଛେଣ୍ଡିପଦା | କୋଶଳା ଚନ୍ଦନ ନଗର | ଗୀତାଞ୍ଜଳି ସାହୁ/ ୯୩୩୭୦୭୭୨୮୮ | ୧୦୦୦୦ | | | | | | | | ୧୦୦୦୦ |
| ୧୧ | ଛେଣ୍ଡିପଦା | ନୂଆଗାଁ | କମଳ ଲୋଚନ ପ୍ରଧାନ/ ୭୮୯୪୪୩୬୮୫୬ | ୨୦୦୦୦ | | | | | | | | ୨୦୦୦୦ |
| ୧୨ | ଅନୁଗୋଳ | ହାଇଟେକ ନର୍ସରୀ | ଉତ୍ସବ ଚରଣ ପ୍ରଧାନ/ ୯୫୫୬୧୩୨୦୭୫ | ୫୦୦୦୦ | ୬୦୦ | | ୪୦୦୦ | | ୪୪୦୦ | | ୧୧୦୦୦ | ୭୦୦୦୦ |
| ୧୩ | ଅନୁଗୋଳ | କୁଲାସିଙ୍ଗା | ମିଲନ କୁମାର ସେଠୀ/ ୭୦୦୮୯୨୨୯୧୯ | ୮୦୦୦୦ | ୪୦୦୦ | | ୨୬୨୫ | | | | ୫୦୦୦ | ୯୧୬୨୫ |
| ୧୪ | ଅନୁଗୋଳ | କରଟପଟା | ଅଭିମନ୍ୟୁ ସାହୁ/ ୯୭୭୭୦୮୯୭୩୦ | ୧୦୦୦୦ | | | | | | | | ୧୦୦୦୦ |
| ୧୫ | ଅନୁଗୋଳ | କଙ୍କରେଇ ବାହାଲ | ସୋନାପିକା ପ୍ରିୟଦର୍ଶିନୀ/ ୮୨୪୯୭୪୫୯୯୩ | ୪୨୦୦୦ | | | | ୨୨୦୦ | | | ୫୪୨୫ | ୪୯୬୨୫ |
| ୧୬ | ତାଳଚେର | ରାନୀପାର୍କ | ସାଗରିକା ଦାଶ/ ୮୨୪୯୧୩୮୬୪୩ | ୩୦୦୦୦ | | | | | | | | ୩୦୦୦୦ |
| ୧୭ | ତାଳଚେର | ରାଧାରମଣ ପୁର | ଜଗମୋହନ ବାରିହା/ ୮୦୧୮୩୫୫୯୭୮ | ୩୧୦୦୦ | ୧୦୦୦ | ୨୦୦୦ | ୭୭୬୦ | ୧୨୦୦ | ୧୧୦୦୦ | | ୨୧୦୪୦ | ୭୫୦୦୦ |
| ୧୮ | ତାଳଚେର | ସିଲିଙ୍ଗ | ଦୀପକ କୁମାର ସାହୁ/ ୮୭୫୮୮୮୪୮୬୧ | ୩୦୦୦୦ | | | | | | | ୬୧୨୫ | ୩୬୧୨୫ |
| ୧୯ | କଣିହାଁ | ବଳରାମପୁର | ସତ୍ୟାନନ୍ଦ ଧୀର/ ୯୪୩୭୯୦୩୧୫୭ | ୭୬୫୦୦ | | ୪୦୦ | | | | | ୧୦୮୫୦ | ୮୭୭୫୦ |
| ୨୦ | କଣିହାଁ | କଦଳିପାଳ | ସରସ୍ୱତୀ ବେହେରା/ ୮୫୯୪୯୮୪୯୮୪ | ୩୪୬୦୦ | ୬୦୦୦ | ୨୦୦୦ | | | | | ୭୪୦୦ | ୫୦୦୦୦ |
| ସର୍ବମୋଟ | | | | ୬୬୩୨୪୦ | ୧୧୬୦୦ | ୯୯୭୦ | ୧୬୩୮୫ | ୪୯୦୦ | ୧୭୯୦୦ | ୫୦୦ | ୯୪୩୦୫ | ୮୧୮୮୦୦ |

ବିଶେଷ ଦ୍ରଷ୍ଟବ୍ୟ:

୧. ପ୍ରଥମେ ଆସିଥିବା ବ୍ୟକ୍ତି ପ୍ରଥମେ ଚାରାଗଛ ପାଇବେ।
୨. ଚାରାବଣ୍ଟନ ତା୦୧।୦୭।୨୦୧୯ରୁ ଆରମ୍ଭ ହେବ।
୩. ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟପତ୍ର (ଆଧାର/ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡ଼ିବ। ଏତଦ୍ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡ଼ିବ।
୪. ଜଣକା ସହରାଞ୍ଚଳରେ ସର୍ବାଧିକ ୫ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ଗୋଟି ଚାରା ଦିଆଯିବ।
୫. ଏକ ସଂସ୍ଥା (ବେସରକାରୀ/ସରକାରୀ/ଏନ୍.ଜି.ଓ.)କୁ ସର୍ବାଧିକ ୧୦୦ଗୋଟି ଚାରା ଦିଆଯିବ।
୬. ଅଧିକ ଚାରା ପାଇଁ ଉପଯୁକ୍ତ କାରଣ ଓ ସ୍ଥାନର ବିଶଦବିବରଣୀ ସହିତ ଏକ ଦରଖାସ୍ତ ଦେବାକୁ ପଡ଼ିବ ଏବଂ ସମ୍ପୃକ୍ତ ବନାଞ୍ଚଳ ଅଧିକାରୀ ଆବଶ୍ୟକୀୟ ବିଚାରକରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ସର୍ବାଧିକ ୧୦୦ ଓ ସଂସ୍ଥାକୁ ସର୍ବାଧିକ ୧୦୦୦ଗୋଟି ଚାରା ଯୋଗାଇ ଦେବେ।
୭. ବନଖଣ୍ଡ ଅଧିକାରୀମାନେ ଉପଯୁକ୍ତ ବିଚାରପରେ କୌଣସି ସଂସ୍ଥା ଏବଂ ବ୍ୟକ୍ତିଙ୍କୁ ଏହାକୁ ଅଧିକ ଚାରା ଯୋଗାଇପାରିବେ।

ନିବେଦକ
ସ୍ୱା./– ବନଖଣ୍ଡ ଅଧିକାରୀ, ଅନୁଗୋଳ ବନଖଣ୍ଡ

08027/11/0002/1920

DSPL-31

## ବିଜ୍ଞାପନ

ଓଡ଼ିଶା ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା **"AP"** ସିରିଜ୍‌ର ଉଠାଣ ଆସନ୍ତା ତା ୩୦.୦୬.୨୦୧୯ ରିଖ ରବିବାର ଦିନ ୧୦.୩୦ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ **"ଜୟଦେବ ଭବନ"** ଠାରେ ଅନୁଷ୍ଠିତ ହେବ ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର

05001/13/0003/1920

## ODISHA HYDRO POWER CORPORATION LIMITED

**OFFICE OF THE SENIOR GENERAL MANAGER (ELECTRICAL) :
BALIMELA HYDRO ELECTRIC PROJECT, POST : BALIMELA : DIST : MALKANGIRI (ODISHA), PIN : 764051**
Phones : 06861-232581 (O) / 232641 (R), Fax : 06861-232541, E-mail : unit.head_balimela@yahoo.com,
**REGD. OFFICE : ODISHA HYDRO POWER CORPORATION LIMITED**
(A GOVERNMENT OF ODISHA UNDERTAKING)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22
Tel. : 91-0674-2542983, 2542802, 25425526, 2542826, Fax : 254102, GRAM : HYDROPWER
Email :ohpc.co@gmail.com / md@ohpcltd.com, WEB : www.ohpcltd.com

### NOTICE INVITING TENDER NO. BHEP/DE-II/12/2019-20 DT. 27.06.2019

No. CAD-143: Sealed Tender in single part is invited from Authorized Dealers / Agencies / Reputed Suppliers / Contractors for Supply of the following materials as detailed below.

| Sl. No. | Description of Works | Estimated Cost in Rs. | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of Techno Commercial bid. |
|---|---|---|---|---|---|---|---|
| 1. | Supply of G.I. Pipes and Fitting Materials as per specification for Water Supply System at BHEP, Balimela | Rs. 9,74,920.00 | Rs. 4000/- (+GST@ 18%) Rs. 720.00 = Rs.4720.00 | Rs. 10,000/- | From 29.06.19 to 08.07.19 | 08.07.19 12.00 A.M. | 08.07.19 12.30 P.M. |

For details of the tender documents, terms & conditions, please visit our website www.ohpcltd.com

04019/11/0016/1920 **Sd./- Unit Head, BHEP, Balimela**

No. 132-O

## OFFICE OF THE SUPERINTENDING ENGINEER
## RURAL WORKS CIRCLE, BERHAMPUR

**(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287**

### NATIONAL COMPETITIVE BIDDING THROUGH e-Procurement

**Bid Identification No. Online Tender /09-2019-20/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2019-20/BPR | Road Works under MMSY | 01 No. | Rs. 140.47 lakhs | "B" Class, "A" Class as applicable | 06 (Six) Calendar Month as provided |

| Procurement Officer | Bid Identification No | Availability of tender online for bidding: From | To |
|---|---|---|---|
| Superintending Engineer, R.W.Circle, Berhampur | Online Tender/09-2019-20/BPR | 03.07.2019 at 10.00 A.M. | 17.07.2019 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

25071/11/0009/1920 Sd/- Superintending Engineer, R.W.Circle, Berhampur

# ବଲାଙ୍ଗୀର ମେଡିକାଲ କଲେଜରେ ଡିଜିଟାଲ ବ୍ଲେଣ୍ଡେଡ୍ ଶିକ୍ଷା ବ୍ୟବସ୍ଥା


- ଘରେ ବସି ଜାଣିହେବ ବିଶ୍ୱସ୍ତରୀୟ ଜ୍ଞାନକୌଶଳ
- ଶରୀରତତ୍ତ୍ୱ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସିଏମ୍ଇ ଓ କର୍ମଶାଳା
- ଯୋଗଦେଲେ ଦୁଇ ଆମେରିକୀୟ ଶିକ୍ଷାବିତ୍

**ବଲାଙ୍ଗୀର ଅଫିସ, ୨୭।୬**

ବିଶ୍ୱସ୍ତରୀୟ ଶିକ୍ଷାଲାଭ କରିବା ପାଇଁ ଆଉ ବିଦେଶକୁ ଯିବାକୁ ପଡିବ ନାହିଁ। ନିଜ ଘରେ ବା କଲେଜରେ ବସି ଆମ ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରୀୟ ଶିକ୍ଷା ଓ ଡିଜିଟାଲ ଜ୍ଞାନକୌଶଳ ପାଇପାରିବେ। ବଲାଙ୍ଗୀର ସନ୍ଥ ଭୀମ ଭୋଇ ମେଡିକାଲ କଲେଜରେ ଶରୀରତତ୍ତ୍ୱ ବିଭାଗ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଆନ୍ତର୍ଜାତିକ ସିଏମ୍ଇ ଏବଂ ୱାର୍କଶପ୍‌ରେ ଏହି ବିଶ୍ୱସ୍ତରୀୟ ଶିକ୍ଷା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଦୁଇ ଆମେରିକୀୟ ଶିକ୍ଷାବିତ୍ ଡା. କୌଶିକ ଦତ୍ତ ଏବଂ ଆମି ବୁଚର ଯୋଗଦେଇ ଅତ୍ୟାଧୁନିକ ଡିଜିଟାଲ ବ୍ଲେଣ୍ଡେଡ ଲର୍ନିଂ ଉପରେ କହିଥିଲେ।

ଭୀମ ଭୋଇ ମେଡିକାଲ କଲେଜରେ ପ୍ରଥମ ଥର ପାଇଁ ହାଇଟେକ୍ ଡିଜିଟାଲ ଲର୍ନିଂ ଇନ୍ ମେଡିକାଲ ଫିଜିଓଲୋଜି ଉପରେ ଆନ୍ତର୍ଜାତିକ କର୍ମଶାଳା ଓ ସିଏମ୍ଇ ଆୟୋଜନ କରାଯାଇଥିଲା। ଏହାକୁ ନେଇ କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରୀଛାତ୍ର ମହଲରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଭୀମ ଭୋଇ ମେଡିକାଲ କଲେଜ ଶରୀରତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ପ୍ରଥମେ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମେଡିକାଲ କଲେଜର ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେଡିକାଲ କଲେଜ ଡିନ୍ ପ୍ରଫେସର ଡା ଲଳିତ କୁମାର ମେହେର, ବିଭିନ୍ନ ବିଭାଗର ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ଫିଜିଓଲୋଜି ବିଭାଗର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏକାଡେମିକସ୍ ସେସନ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାର ମେନ୍‌ସ୍ଥିତ ନିଉ ଇଂଲଣ୍ଡ ବିଶ୍ୱବିଦ୍ୟାଳୟରୁ ଆସିଥିବା ବରିଷ୍ଠ ଅଧ୍ୟାପକ ଡା କୌଶିକ ଦତ୍ତ ଏବଂ ଆମେରିକାର କଲୋରାଡୋ ସ୍ପ୍ରିଙ୍ଗସ୍ଥିତ ଆଡଭେଣ୍ଟମେଣ୍ଟର ଶିକ୍ଷା ବିଭାଗୀୟ ମୁଖ୍ୟ ଆମି ବୁଚର ଫାକଲ୍‌ଟି ଡେଭେଲପମେଣ୍ଟ ଅନ୍ ଡିଜିଟାଲ ବ୍ଲେଣ୍ଡେଡ୍ ଲର୍ନିଂ ଉଇଥ୍ ଲାବ୍‌ଷ୍ଟେଶେନ୍ ଉପରେ ଗବେଷଣାଭିତ୍ତିକ ଆଲୋଚନା କରିଥିଲେ। ଶରୀରତତ୍ତ୍ୱର ଜଟିଳ ଶିକ୍ଷାକୁ ଆହୁରି ସୁଗମ କରିବା ପାଇଁ ଡିଜିଟାଲ ଟେକ୍‌ନୋଲୋଜିରେ ଆମେ କିଭଳି ବିଶ୍ୱସ୍ତରୀୟ ଶିକ୍ଷା ଗ୍ରହଣ କରିପାରିବା ସେ ଉପରେ ଉଭୟ ଶିକ୍ଷାବିତ୍ ବୁଝାଇଥିଲେ। ବିଭାଗୀୟ ମୁଖ୍ୟ ଅର୍ପିତା ପ୍ରିୟଦର୍ଶିନୀ କହିଥିଲେ ଯେ, ଘରେ ବସି ଏବେ ମେଡିକାଲ ଛାତ୍ରୀଛାତ୍ର ବିଶ୍ୱସ୍ତରୀୟ ବିଜ୍ଞାନର ନୂତନ ଜ୍ଞାନ ଆହରଣ କରିପାରିବେ। ସେମାନେ ମେଡିକାଲ ବିଜ୍ଞାନର ସୂକ୍ଷ୍ମାତି ସୂକ୍ଷ୍ମ ବିଷୟଗୁଡିକୁ ଅତ୍ୟାଧୁନିକ ଟେକ୍‌ନୋଲୋଜି ଓ କମ୍ପ୍ୟୁଟର ଜରିଆରେ ଏଠାରୁ ଶିକ୍ଷା କରିପାରିବେ। ସେହି ଜ୍ଞାନକୁ ସମଗ୍ର ବିଶ୍ୱବାସୀଙ୍କ କଲ୍ୟାଣରେ ଲଗାଇପାରିବେ। ଆମେ ସରକାରଙ୍କଠାରେ କୃତଜ୍ଞ ଯେ ଆମପାଇଁ ବଲାଙ୍ଗୀର ମେଡିକାଲ କଲେଜରେ ଏଭଳି ଅତ୍ୟାଧୁନିକ ଡିଜିଟାଲ ଟେକ୍‌ନୋଲୋଜି ଯୋଗାଇ ଦେଇଛନ୍ତି। ଏହା ସାଧାରଣ କଥା ନୁହେଁ। ଏବେ ଓଡିଶା କଥା ଛାଡନ୍ତୁ ସମଗ୍ର ଦେଶରେ ଏଭଳି କମ୍ କଲେଜ ରହିଛି ଯେଉଁଠି ଏହିଭଳି ଡିଜିଟାଲ ବ୍ଲେଣ୍ଡେଡ୍ ଶିକ୍ଷା ବ୍ୟବସ୍ଥା ଓ ଉପକରଣ ରହିଛି। ଆଗାମୀ ଦିନରେ ବଲାଙ୍ଗୀରରୁ ଓଡିଶାରୁ ଏହି ଜ୍ଞାନ ଆହରଣ କରି ଅନେକ ସଫଳ ଡାକ୍ତର ବାହାରିବେ, ଯେଉଁମାନେ ଆମକୁ ନୂଆ ବାଟ ଦେଖାଇବେ ବୋଲି ବିଭାଗୀୟ ମୁଖ୍ୟ ଡା ପ୍ରିୟଦର୍ଶିନୀ କହିଛନ୍ତି।

ଏଭଳି ଏକ କର୍ମଶାଳାରେ ଦୁଇ ଆମେରିକୀୟ ଶିକ୍ଷାବିତ୍ ଯୋଗଦେଇ ଆମକୁ ନୂଆ ଟେକ୍‌ନୋଲୋଜି ବିଷୟରେ ସୂଚନା ଦେବା ନିଶ୍ଚିତ ରୂପେ ଏକ ଗୌରବର କଥା ବୋଲି ମେଡିକାଲ କଲେଜ ଡିନ୍ ପ୍ରଫେସର ଡା ମେହେର କହିଥିଲେ। ବଲାଙ୍ଗୀର ମେଡିକାଲ କଲେଜରେ ଏହି ବିଶ୍ୱସ୍ତରୀୟ ଡିଜିଟାଲ ଉପକରଣ ରହିଥିଲେ ମଧ୍ୟ ଏହାକୁ ଚଳାଇବା ପାଇଁ ଟେକ୍‌ନିସିଆନ୍ ବା ଶିକ୍ଷାବିତ୍ ନ ଥିଲେ। ଏବେ ଦୁଇ ଆମେରିକୀୟ ବିଦ୍ୱାନ୍ ଡା ଦତ୍ତ ଓ ଆମି ବୁଚରଙ୍କ ତତ୍ତ୍ୱାବଧାନରେ ଅନେକ ଛାତ୍ରୀଛାତ୍ର ଏହି ଉପକରଣ ଚଳାଇବା ଶିଖିଛନ୍ତି ଓ ଏହା ଆଗକୁ ଅନେକ କାମରେ ଆସିବ ବୋଲି ସେ କହିଛନ୍ତି। ଏକାଡେମିକ୍ ସେସନସ୍ ପରେ ପାୱାର ଲାବ୍‌ରେ ଡା. ଦତ୍ତ ଓ ଆମି ବୁଚର ଛାତ୍ରୀଛାତ୍ର, ଆସିଷ୍ଟାଣ୍ଟ ପ୍ରଫେସର ଓ ଅନ୍ୟମାନଙ୍କୁ ପ୍ରାକ୍ଟିକାଲ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି କେ. ଶିବା. ସୁବ୍ରମଣି, ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡା ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ଶରୀରତତ୍ତ୍ୱ ବିଭାଗ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ କର୍ମଶାଳାରେ ଉପସ୍ଥିତ ଶିକ୍ଷାବିତ୍, ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଜେଲ୍ ଗଲେ କୋଟିପତି କନିଷ୍ଠ ଯନ୍ତ୍ରୀ

**କଟକ ଅଫିସ,୨୭।୬:** ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର କନିଷ୍ଠଯନ୍ତ୍ରୀ ତ୍ରିବିକ୍ରମ ସାମନ୍ତରାୟଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଗତ ବୁଧବାର ସାମନ୍ତରାୟଙ୍କ ଘର, ଅଫିସ ସମେତ ୪ଟି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ ୧ କୋଟି ୩୩ ଲକ୍ଷ ୨୦ହଜାର ୯୩୯ ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା। ଏଥିରେ ତିନୋଟି କୋଠା, ଗୋଟିଏ ଦୋକାନ ଘର, ଦୁଇଟି କାର୍, ଦୁଇଟି ପିକ୍‌ଅପ ଭ୍ୟାନ୍, ଗୋଟିଏ ଅଟୋ, ଦୁଇଟି ବାଇକ ସମେତ ମସଲା ପ୍ରସ୍ତୁତ ଯନ୍ତ୍ରପାତିକୁ ଭିଜିଲାନ୍ସ ଠାବ କରିଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୪/୨୦୧୯) ରୁଜୁ କରାଯାଇ ସାମନ୍ତରାୟଙ୍କୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଲାଞ୍ଚ: କେନ୍ଦୁପତ୍ର ଉପଖଣ୍ଡ ପରିଚାଳକ, ପିଅନ ଗିରଫ

**କଟକ ଅଫିସ,୨୭।୬:** ୧୨ ହଜାର ଟଙ୍କା ଲାଞ୍ଚ ନେବାବେଳେ ଓଡ଼ିଶା ବନ ଉନ୍ନୟନ ନିଗମ ଅଧୀନରେ ଥିବା କନ୍ଧମାଳ କେନ୍ଦୁପତ୍ର ଉପଖଣ୍ଡର ପରିଚାଳକ ବିକ୍ରମ କୁମାର ସାହୁଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। କନ୍ଧମାଳ ଥାନା ଅଧୀନ ରୁଣ୍ଡିମହୁଲ ଗ୍ରାମର ସତ୍ୟନାରାୟଣ ଖଟୁଆଙ୍କଠାରୁ ସାହୁ ଏହି ଲାଞ୍ଚଟଙ୍କା ଗ୍ରହଣ କରୁଥିଲେ। ୪୧ ନମ୍ବର ଜାତୀୟ ରାଜପଥରେ ହୋଇଥିବା ବନୀକରଣ କାର୍ଯ୍ୟରେ ଗତ ଏପ୍ରିଲ ଓ ମେ ମାସରେ ପାଣିଦେବା କାର୍ଯ୍ୟ ଖଟୁଆ କରିଥିଲେ। କାର୍ଯ୍ୟ ବାବଦ ଅର୍ଥ ଦେବା ନିମନ୍ତେ ପରିଚାଳକ ସାହୁ ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଗୁରୁବାର ଅପରାହ୍ଣ ୩ଟା ୪୫ରେ ସାହୁ ନିଜ ଅଫିସରେ ଖଟୁଆଙ୍କଠାରୁ ଏହି ଲାଞ୍ଚ ଟଙ୍କା ଗ୍ରହଣ କରି ଅଫିସ ଟେବୁଲ ଡ୍ରୟରରେ ରଖିଥିଲେ। ଏହି ସମୟରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ କନ୍ଧମାଳଠାରେ ଥିବା ପରିଚାଳକ ସାହୁଙ୍କ ଘର, ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଧୀନ ବେରୁଆଁବାରିଠାରେ ଥିବା ପୈତୃକ ଘର ଆଦିକୁ ଭିଜିଲାନ୍ସ ଯାଞ୍ଚ କରିଥିଲା। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୩/୨୦୧୯) ରୁଜୁ କରାଯାଇ ସାହୁଙ୍କୁ ଗିରଫ କରାଯାଇଛି। ସେହିପରି ୧୨୦୦ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ମଣିପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ପିଅନ ଅଜୟ କୁମାର ପଟ୍ଟନାୟକ। ଗୁରୁବାର ସେ ଏହି ଲାଞ୍ଚ ସଦର ଥାନା ଅଧୀନ ସିଆରିଆ ଗ୍ରାମର ଚିନ୍ତାମଣି ମହାନ୍ତିଙ୍କଠାରୁ ଗ୍ରହଣ କରୁଥିଲେ। ଚିନ୍ତାମଣିଙ୍କ ଏକ ମ୍ୟୁଟେଶନ କେସ୍‌ରେ ରେକର୍ଡ ଅଫ ରାଇଟ୍‌ସ ଇସ୍ୟୁ କରିବାରେ ସାହାଯ୍ୟ କରିବା ପାଇଁ ପିଅନ ପଟ୍ଟନାୟକ ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଗୁରୁବାର ସେ ଅଫିସରେ ଚିନ୍ତାମଣୀଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ଢେଙ୍କାନାଳ ସହରରେ ଥିବା ପଟ୍ଟନାୟକଙ୍କ ବାସଭବନକୁ ଯାଞ୍ଚ କରାଯାଇଛି। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୫/୨୦୧୯) ରୁଜୁ କରାଯାଇ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି।

# ସରକାରଙ୍କୁ ଘେରିଲେ ବିରୋଧୀ ସଭ୍ୟ

- ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା
- ଉଠିଲା ବୈଷୟିକ, ଡାକ୍ତରୀ ସିଟ୍‌ରେ ସଂରକ୍ଷଣ ପ୍ରସଙ୍ଗ
- ହାସଲ ହୋଇନାହିଁ ଜଳସେଚନ ଲକ୍ଷ୍ୟ
- ପ୍ରତି ବ୍ଲକରେ ହୋଇନାହିଁ ଶୀତଳଭଣ୍ଡାର, ଆଇଟିଆଇ

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ଓଡ଼ିଶାରେ ବୈଷୟିକ ଏବଂ ଡାକ୍ତରୀ ଶିକ୍ଷାରେ ଏସ୍‌ସି, ଏସ୍‌ଟିଙ୍କ ପାଇଁ ମାତ୍ର ୨୦% ସିଟ୍ ସଂରକ୍ଷଣ ରହିଛି, ଯାହା ୩୮.୫% ହେବା ଉଚିତ। ସେହିପରି ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ତଥା ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ(ଏସ୍‌ଇବିସି) ଛାତ୍ରୀଛାତ୍ରଙ୍କ ପାଇଁ ଆଦୌ ସଂରକ୍ଷଣ ନାହିଁ, ଯାହା ୨୭ ପ୍ରତିଶତ ରହିବା କଥା ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଗୁରୁବାର କହିଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ହୋଇଥିବା ଆଲୋଚନାରେ ଭାଗନେଇ ପ୍ରଦୀପ୍ତ ଏହି କଥା କହିଛନ୍ତି। ସେହିପରି ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗ ଆଇଏଏସ୍ ଓ ଆଇପିଏସ୍ ଭଳି ୟୁପିଏସ୍‌ସି ପରୀକ୍ଷାରେ ଓଡ଼ିଆ ପିଲାଙ୍କୁ ମାଗଣା କୋଚିଂ ଦେବା କଥା ଘୋଷଣା କରିଛନ୍ତି। ହେଲେ ଏସ୍‌ସି, ଏସ୍‌ଟି ଏବଂ ଓବିସି ଛାତ୍ରୀଛାତ୍ରଙ୍କ ପାଇଁ ଏ ସୁବିଧା ନ ଥିବା କହି ପ୍ରଦୀପ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏହା ବ୍ୟତୀତ ବିରୋଧୀ ଦଳ ନେତା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଦୀପ୍ତ କହିଛନ୍ତି, ୨୦୦୦ ମସିହାରେ ରାଜ୍ୟର ଋଣଭାର ଯାହା ଥିଲା ତାହା ବର୍ତ୍ତମାନ ବୃଦ୍ଧି ପାଇଛି। ଏହା ୯୦,୦୦୦ କୋଟିରୁ ୧,୦୫,୦୦୦ କୋଟିରେ ପହଞ୍ଚିଥିବା କୁହାଯାଉଛି। ରାଜ୍ୟ ସରକାର ପ୍ରାୟ ୧,୨୦,୦୦୦ ଲକ୍ଷ କୋଟି ଟଙ୍କାର ବଜେଟ କରୁଛନ୍ତି। ତନ୍ମଧ୍ୟରୁ ୬୧ ଲକ୍ଷ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ଅନୁଦାନ ରହିଛି। ତେଣୁ ଜନ୍ମରୁ ମୃତ୍ୟୁ ଯାଏ ଯୋଜନା କରିଥିବା କହି ନବୀନ ବାବୁ ଶ୍ରେୟ ନେଉଛନ୍ତି, ହେଲେ ସେଥିମଧ୍ୟରେ ଅନେକ କେନ୍ଦ୍ରୀୟ ଯୋଜନା ରହୁଛି। ରାଜ୍ୟରେ ୨୭,୯୦୧ କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି ଏବଂ ପ୍ରାୟ ୬୯,୦୦୦ କୋଟିରୁ ଊର୍ଦ୍ଧ୍ୱ ଖଣି ଦୁର୍ନୀତି ହୋଇଥିବା ବିରୋଧୀ ଦଳ ନେତା କହିଛନ୍ତି। ପ୍ରତି ବ୍ଲକରେ ଶୀତଳଭଣ୍ଡାର ଏବଂ ଆଇଟିଆଇ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ସେ ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଦୀପ୍ତ ଗୃହରେ କହିଥିଲେ। ଏହା ବ୍ୟତୀତ ନିଜ ନିର୍ବାଚନମଣ୍ଡଳୀ ଭବାନୀପାଟଣା ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ସମସ୍ୟାକୁ ସେ ନିଜ ବକ୍ତବ୍ୟରେ ସ୍ଥାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପଦ୍ମଶ୍ରୀ ଉପାଧି ପାଇଥିବା ଦୈତାରୀ ନାୟକ ଏବେ ଏ ରାଜ୍ୟରେ ଭୋକ ଉପାସରେ ରହିବାକୁ ବାଧ୍ୟ ହେଉଛନ୍ତି। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ୩୫% ଜମି ଜଳସେଚିତ ହୋଇନାହିଁ। ବିଗତ ଦିନଗୁଡ଼ିକରେ ୪/୫ ପ୍ରତିଶତରୁ ଅଧିକ ଜଳସେଚନ ହୋଇନାହିଁ। ତାହା ହୋଇଥିଲେ ଜଳସେଚନ ପ୍ରତିଶତ ୧୮ରୁ ୧୯ ହୋଇଥାଆନ୍ତା। ରାଜ୍ୟ ସରକାର ଅଫିସରମାନଙ୍କ ଉପରେ ଅଧିକ ଭରସା କରୁଛନ୍ତି। ହେଲେ ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସାଧାରଣ ନିର୍ବାଚନରେ ଅଫିସର ଶ୍ରେଣୀର ଲୋକମାନେ ହିଁ ପୋଷ୍ଟାଲ ବାଲଟ୍‌ରେ ମତଦାନ କରିଥାନ୍ତି। ସଦ୍ୟସମାପ୍ତ ହୋଇଥିବା ନିର୍ବାଚନରେ ପୋଷ୍ଟାଲ ବାଲାଟ୍‌ରେ ବିଜେଡି ପ୍ରାୟ ଅଧିକାଂଶ ଆସନରେ କମ୍ ଭୋଟ ପାଇଛି। କେତେକ ସ୍ଥାନରେ ଭାଜପା ସର୍ବାଧିକ ଏବଂ କଂଗ୍ରେସ ଶାସକ ଦଳଠାରୁ ଅଧିକ ଭୋଟ ପାଇଥିବା ସାଲୁଜା କହିଛନ୍ତି। ଭାଜପା ସଭ୍ୟ ଭାସ୍କର ମଢେଇ ରାଜ୍ୟ ସରକାର ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଅତିରିକ୍ତ ଅର୍ଥ ବ୍ୟୟ କରିବା ନେଇ ମତ ରଖିଥିଲେ। ପ୍ରଧାନମନ୍ତ୍ରୀ ଆବାସ ପାଇଁ ଜମିପଟ୍ଟା ଯୋଗାଇଦେବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା ଲାଗୁ କରିବା ନେଇ ମଢେଇ ଗୃହରେ ବକ୍ତବ୍ୟ ରଖିଥିଲେ। ସେହିପରି ବଡସାହି ବିଧାୟକ ସନାତନ ବିଜୁଳି ମୟୂରଭଞ୍ଜ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ଓରାମ, ଦାଶରଥି ଗମାଙ୍ଗ ପ୍ରମୁଖ ଆଗତ ପ୍ରସ୍ତାବ ବିରୋଧରେ ମତ ଉପସ୍ଥାପନ କରିଥିଲେ। ଅପରପକ୍ଷରେ ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ କେଶରୀ ଦେବ, ଅମର ପ୍ରସାଦ ଶତପଥୀ, ପ୍ରଶାନ୍ତ ମୁଦୁଲି, ଧ୍ରୁବ ସାହୁ ଏବଂ ବିଷ୍ଣୁବ୍ରତ ରାଉତରାୟ ଆଗତ ପ୍ରସ୍ତାବ ସପକ୍ଷରେ ମତ ରଖିଛନ୍ତି।

# ଘରୋଇ ସ୍କୁଲ ପ୍ରୀତି ଯୋଗୁ ସରକାରୀ ବିଦ୍ୟାଳୟ ଶିକ୍ଷା ବିପର୍ଯ୍ୟସ୍ତ: କଂଗ୍ରେସ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ଓ ଅନ୍ୟମାନେ।

ଓଡ଼ିଶାରେ ସରକାରୀ ସ୍କୁଲରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ସରକାରଙ୍କୁ କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ଘରୋଇ ସ୍କୁଲ ପ୍ରତି ଅହେତୁକ ଅନୁକମ୍ପା ହେତୁ ବର୍ତ୍ତମାନ ରାଜ୍ୟରେ ସରକାରୀ ସ୍କୁଲରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ବୋଲି କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ ଅଭିଯୋଗ କରିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟ ପ୍ରକାଶ କହିଛନ୍ତି ଯେ, ଓଡିଶାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୬୯,୨୮୭ ହୋଇଥିବା ବେଳେ ଏହା ଉପରେ ରାଜ୍ୟର ୮୫ପ୍ରତିଶତ ବିଦ୍ୟାର୍ଥୀ ପାଠ ପଢିବାକୁ ନିର୍ଭର କରୁଛନ୍ତି। ମାତ୍ର ଦୁଃଖ ଏବଂ ପରିତାପର ବିଷୟ ମୋଟ୍ ସରକାରୀ ସ୍କୁଲ ମଧ୍ୟରୁ ୪୦,୫୫୮ଟି ସ୍କୁଲକୁ ବିଜୁଳି ସଂଯୋଗ ହୋଇପାରି ନାହିଁ। ୪୦,୬୨୮ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଖେଳ ପଡିଆ ନାହିଁ। ଏପରିସ୍ଥଳେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଥିପାଇଁ ସରକାରୀ ସ୍କୁଲରେ ପାଠପଢାର ସ୍ତର ବିଗତ ୨୦ ବର୍ଷ ଧରି ଲଗାତର ଭାବେ ନିମ୍ନଗାମୀ ହୋଇଛି। ସରକାର ସ୍କୁଲଗୁଡିକର ମୌଳିକ ସୁବିଧା ପ୍ରତି ଆଖିବୁଜି ବସିଥିବା ବେଳେ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ନ୍ୟାୟରେ ୯୬୬ ସ୍କୁଲ ବନ୍ଦ କରିବା ପାଇଁ ବସିଛନ୍ତି। ସରକାରଙ୍କ ଗଣଶିକ୍ଷା ବିଭାଗ ଜାଣିଶୁଣି ସରକାରୀ ସ୍କୁଲକୁ ଅବହେଳା ଏବଂ ଉପେକ୍ଷା କରିଛନ୍ତି, ଯାହାର ପରିଣାମ ସ୍ୱରୂପ ଆଜି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲ ପରିବର୍ତ୍ତେ ଘରୋଇ ବିଦ୍ୟାଳୟରେ ପାଠ ପଢାଇବା ପାଇଁ ଛାଡୁଛନ୍ତି। ସରକାର ଜାଣିଶୁଣି ସରକାରୀ ସ୍କୁଲକୁ ନିରନ୍ତରଭାବେ ଉପେକ୍ଷା କରିବା ପଛରେ ଘରୋଇ ସ୍କୁଲ ପ୍ରୀତି ରହିଛି ବୋଲି ଅଭିଯୋଗ କରିଛନ୍ତି। ଏହିସବୁ କାରଣ ଯୋଗୁ ଚଳିତ ବର୍ଷ ପରୀକ୍ଷା ଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି। ବିଭାଗୀୟ ମନ୍ତ୍ରୀ ଶିକ୍ଷା ପାଇଁ ରାଜ୍ୟର ମୋଟ୍ ଘରୋଇ ଉତ୍ପାଦର ୨୦ ପ୍ରତିଶତ ଖର୍ଚ୍ଚ ହେବା କଥା କହୁଥିବାବେଳେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବାର ପ୍ରୟାସ ନ କରି କମ୍ ଉପସ୍ଥାନ ଆଳରେ ଶହଶହ ସ୍କୁଲ ବିଶେଷଭାବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ସ୍କୁଲକୁ ବନ୍ଦ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ କଂଗ୍ରେସ ନିନ୍ଦା କରିଛି।

# ସଦସ୍ୟତା ଅଭିଯାନ ପୂର୍ବରୁ ଭାଜପା ମହିଳା ମୋର୍ଚ୍ଚାର ବୈଠକ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡାଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନର ଏକ ବୈଠକ ରାଜ୍ୟ କାର୍ଯ୍ୟାଳୟ ଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଆସନ୍ତା ୬ରୁ ମହିଳା ମୋର୍ଚ୍ଚାର ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଏହି ଅଭିଯାନରେ ସମାଜର ବିଭିନ୍ନ ବର୍ଗର ମହିଳାଙ୍କୁ ସଦସ୍ୟ କରି ଭାଜପାକୁ ସର୍ବ ସମାବେଶୀ କରିବାର ସ୍ଥିର କରାଯାଇଛି। ଜିଲା ଏବଂ ରାଜ୍ୟସ୍ତରୀୟ ସମସ୍ତ ପ୍ରମୁଖ ନେତୃବୃନ୍ଦ ସଦସ୍ୟତା ଗ୍ରହଣ ଅଭିଯାନରେ ସକ୍ରିୟ ସହଭାଗୀ ହେବାର ସଂକଳ୍ପ ନେଇଛନ୍ତି। ଗ୍ରାମରୁ ସହର ପର୍ଯ୍ୟନ୍ତ ଥିବା ସମସ୍ତ ଶ୍ରମଜୀବୀଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ଥିବା ଛାତ୍ରୀମାନଙ୍କୁ ମଧ୍ୟ ସଙ୍ଗଠନରେ ସହଭାଗିତା କରାଯିବ। ଉକ୍ତ ବୈଠକରେ ରାଜ୍ୟ ଭାଜପା ସଦସ୍ୟତା ପ୍ରଭାରୀ ଅନନ୍ତ ନାୟକ, ସହ ପ୍ରଭାରୀ ଶାରଦା ଶତପଥୀ, ରାଜ୍ୟ ଉପସଭାପତି ସମୀର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ସମ୍ବୋଧନ କରିଛନ୍ତି। ରାଜ୍ୟ ମହିଳା ମୋର୍ଚ୍ଚାର ପ୍ରଭାରୀ ସୁରମା ପାଢୀ ଉପସ୍ଥିତ ରହି ମାର୍ଗଦର୍ଶନ କରିଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି ସଦସ୍ୟତା ଗ୍ରହଣରେ ମହିଳାଙ୍କ ଭୂମିକା ଉପରେ ମାର୍ଗଦର୍ଶନ କରିଛନ୍ତି।

## ଗାୟିକା ସାଜିଲେ ପ୍ରିୟା ପ୍ରକାଶ

**ଥିରୁଭାନନ୍ତପୁରମ୍:** ଗତବର୍ଷ ଯାହାଙ୍କ ଆଖିମରା ଦୃଶ୍ୟ ଲକ୍ଷଲକ୍ଷ ଦର୍ଶକଙ୍କ ହୃଦୟକୁ ଜିଣିପାରିଥିଲା, ସେଇ ଚର୍ଚ୍ଚିତ ଅଭିନେତ୍ରୀ ହେଉଛନ୍ତି ପ୍ରିୟା ପ୍ରକାଶ ବାରିୟର। ସେ ଆଗାମୀ ମାଲାୟଲମ୍ ଫିଲ୍ମ 'ଫାଇନାଲ୍ସ'ର ଏକ ସଂଗୀତରେ ସ୍ୱର ଦେଇଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହନ୍ତି, 'ମୋର ପ୍ରଥମ ଉଦ୍ୟମ (ଆଖିମରା ଦୃଶ୍ୟ)ରେ ଆପଣମାନେ ଖୁସି ହୋଇଥିବାରୁ ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜଣାଉଛି। ମୋ ବାୟୋଡାଟା ଲିଙ୍କ୍ ସହ କ୍ଲିକ୍ କରି ଉପରୋକ୍ତ ସିନେମା ସଂଗୀତର ସମ୍ପୂର୍ଣ୍ଣ ଭିଡିଓ ଦେଖିପାରିବେ।'

ଏହି ଅଭିନେତ୍ରୀ 'ଫ୍ଲିଙ୍କ ଆଣ୍ଡ ଫାୟାର ଗନ୍' କିସ୍ ସିନ୍‌ରେ ଆଖିମାରି ଲକ୍ଷଲକ୍ଷ ପ୍ରଶଂସକଙ୍କ ହୃଦୟକୁ ଯେଭଳି ପ୍ରେମତୀର ମାରି ଦେଇଥିଲେ, ସେଥିପାଇଁ ସେ ଖୁବଶୀଘ୍ର ଚର୍ଚ୍ଚିତ ହୋଇଯାଇଥିଲେ। ଏହା ଥିଲା ଓମାର ଲୁଲୁଙ୍କ ନିର୍ଦ୍ଦେଶିତ 'ଓରୁ ଆଦାର ଲଭ୍'ର ଏକ ରୋମାଣ୍ଟିକ୍ ଦୃଶ୍ୟ। ତାଙ୍କର ଆଖିମରା ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହୋଇ ଖୁବ୍ ପ୍ରଶଂସା ସାଉଁଟିଥିଲା। ଆଗାମୀ ଫିଲ୍ମ 'ଶ୍ରୀଦେବୀ ବଙ୍ଗାଲୋ'ରେ ପ୍ରିୟା ପ୍ରଥମକରି ଅଭିନୟ କରିବାକୁ ଯାଉଛନ୍ତି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ପ୍ରଶାନ୍ତ ମାମ୍ବୁଲି।



# ସମାବର୍ତ୍ତନ ଉତ୍ସବରେ ପାରମ୍ପରିକ ବସ୍ତ୍ର ପିନ୍ଧିବେ ଶିକ୍ଷାର୍ଥୀ

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

**ବିଶ୍ୱବିଦ୍ୟାଳୟରେ ସମ୍ବଲପୁରୀ ପୋଷାକ**



ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକର କନ୍‌ଭୋକେଶନ ବା ସମାବର୍ତ୍ତନ ଉତ୍ସବରେ ଏଣିକି ପିଲାମାନେ ପିନ୍ଧିବେ ପାରମ୍ପରିକ ହସ୍ତତନ୍ତ ପୋଷାକ। ବ୍ରିଟିଶ ଷ୍ଟାଇଲ୍‌ରେ ସେରିମନିଆଲ୍ ରୋବ୍‌ସ ପିନ୍ଧିବା ପରିବର୍ତ୍ତେ ଶିକ୍ଷାର୍ଥୀମାନେ ନିଜ ନିଜ ଅଞ୍ଚଳର ହସ୍ତତନ୍ତ ବସ୍ତ୍ର ପରିଧାନ କରିବେ। ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ପକ୍ଷରୁ ନିକଟରେ ଜାରି କରାଯାଇଥିବା ଏକ ସର୍କୁଲାରରେ ଏ ନେଇ ନିର୍ଦ୍ଦେଶ ଦିଆଯାଇଛି। କେବଳ କନ୍‌ଭୋକେଶନ ସେରିମନି ନୁହେଁ, ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବଡ଼ ବଡ଼ ଉତ୍ସବ ଓ କାର୍ଯ୍ୟକ୍ରମରେ ସେରିମନିଆଲ୍ ଡ୍ରେସ୍ ଭାବେ ପାରମ୍ପରିକ ହସ୍ତତନ୍ତକୁ ପ୍ରାଥମିକତା ଦିଆଯିବ। ଏହାଦ୍ୱାରା ଭାରତୀୟ ହସ୍ତତନ୍ତର ଲୋକପ୍ରିୟତା ବୃଦ୍ଧି ପାଇବା ସହ ପାରମ୍ପରିକ ବୁଣାକାରମାନଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରୋତ୍ସାହିତ କରାଯାଇପାରିବ ବୋଲି ୟୁଜିସି ପକ୍ଷରୁ କୁହାଯାଇଛି।

ୟୁଜିସିର ଏହି ସର୍କୁଲାର ଜାରି କରାଗଲେ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ନିଜ ସମାବର୍ତ୍ତନ ଉତ୍ସବରେ ଛାତ୍ରୀଛାତ୍ରମାନଙ୍କୁ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବାକୁ ନିର୍ଦ୍ଦେଶ ଦେବେ। ଝିଅମାନେ ସମ୍ବଲପୁରୀ ଶାଢ଼ି ଏବଂ ପୁଅମାନେ ହସ୍ତତନ୍ତ ପ୍ରସ୍ତୁତ କୁର୍ତ୍ତା ଓ ପାଇଜାମା ପିନ୍ଧିବେ। ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ଲାଭ କରିବା ସମୟରେ ନିଜ ଅଞ୍ଚଳର ପାରମ୍ପରିକ ପୋଷାକ ପିନ୍ଧିବା ବିଦ୍ୟାର୍ଥୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହେବ ବୋଲି ୟୁଜିସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପୂର୍ବରୁ ୨୦୧୫ରେ ୟୁଜିସି କନ୍‌ଭୋକେଶନ ସମାରୋହରେ ସେରିମନିଆଲ୍ ରୋବ୍‌ସ ବ୍ୟବହାର କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏକ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲା। ତେବେ ଉକ୍ତ ସେରିମନିଆଲ୍ ରୋବ୍‌ସ ପାଶ୍ଚାତ୍ୟ ନୁହେଁ, ବରଂ ପାରମ୍ପରିକ ହ୍ୟାଣ୍ଡଲୁମ୍ ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ କରିବାକୁ କହିଛନ୍ତି, ଯାହାକି କେବଳ ଆରାମଦାୟକ ନୁହେଁ, ଭାରତୀୟ ପାଣିପାଗ ପାଇଁ ବିଶେଷ ଭାବେ ଅନୁକୂଳ ହେବ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବହୁଳ ଭାବେ ହସ୍ତତନ୍ତ ବ୍ୟବହାର ଫଳରେ ହ୍ୟାଣ୍ଡଲୁମ୍ ଇଣ୍ଡଷ୍ଟ୍ରୀର ମଧ୍ୟ ବିକାଶ ହୋଇପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ସର୍କୁଲାର ଅନୁଯାୟୀ ହସ୍ତତନ୍ତ ପୋଷାକ ପରିଧାନ ପାଇଁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦେଉଛନ୍ତି ନା ନାହିଁ, ସେ ନେଇ ରିପୋର୍ଟ ପ୍ରଦାନ କରିବାକୁ ୟୁଜିସି ପକ୍ଷରୁ କୁହାଯାଇଛି। ୟୁନିଭର୍ସିଟି ଗ୍ରାଣ୍ଟ କମିଶନ ଅଧୀନରେ ଥିବା ସମସ୍ତ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେବ। ପୂର୍ବରୁ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଶ୍ଚାତ୍ୟ ଶୈଳୀରେ ଏକ ବ୍ଲାକ୍ ରୋବ୍ ସହ କ୍ୟାପ୍ ବା ଟୋପି ପିନ୍ଧିବାକୁ ଛାତ୍ରୀଛାତ୍ରଙ୍କୁ କହୁଥିଲେ। ଭାରତର ଅଧିକାଂଶ ବିଶ୍ୱବିଦ୍ୟାଳୟ, ଏପରି କି ଓଡ଼ିଶାରେ ରହିଥିବା କେତେକ ବିଶ୍ୱବିଦ୍ୟାଳୟ ମଧ୍ୟ ଏହି ଢାଞ୍ଚାକୁ ଆପଣାଉଥିଲେ। ତେବେ ନିକଟରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଏନ୍‌ଆଇଟି) ରାଉରକେଲା, ଏନ୍‌ଆଇଟି ହମିରପୁର, ଜେଏନ୍‌ୟୁ ଏବଂ ଆଇଆଇଟି ରୁର୍‌କି, ଆଇଆଇଟି ବମ୍ବେ ଓ ଆଇଆଇଟି କାନ୍‌ପୁର ଭଳି ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ର କନ୍‌ଭୋକେଶନ ସେରିମନିରେ ପାରମ୍ପରିକ ପୋଷାକ ପିନ୍ଧି ଉଦାହରଣ ସୃଷ୍ଟି କରିଥିଲେ। ଏବେ ଏହି ସର୍କୁଲାର ଜାରି ହେବା ପରେ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ପାରମ୍ପରିକ ପୋଷାକ ପିନ୍ଧିବାକୁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦେବେ।

ଧରିତ୍ରୀ
DHARITRI
Friday, 28 June, 2019



| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 69.07 (8) | 39,586.41 (5.67) | 11,841.55 (6.00) | 34,350.00 (₹180) | 38,750.00 (₹50) |

ଚାଇନା ମେଡିକାଲ ସିଷ୍ଟମ୍ସ ହୋଲିଙ୍ଗ୍ସ ସହ ଲାଇସେନ୍ସ ଚୁକ୍ତି ସ୍ୱାକ୍ଷର କରି ସନ୍ ଫାର୍ମାସ୍ୟୁଟିକାଲ୍ସ ପଡୋଶୀ ଦେଶର ମେଡିକାଲ ବଜାରରେ ପ୍ରବେଶ କରିଛି।
–ଦିଲୀପ ସାଂଘଭି, ସନ୍ ଫାର୍ମାସ୍ୟୁଟିକାଲ୍ସ ଏମ୍‌ଡି



ତାଇୱାନର ବହୁ କମ୍ପାନୀ ବେଙ୍ଗାଲୁରୁରେ ଆଇଟି ଓ ଇଲେକ୍ଟ୍ରୋନିକ କ୍ଲଷ୍ଟର ପ୍ରତିଷ୍ଠା କରିବା କାର୍ଯ୍ୟରେ ଲିପ୍ତ। ଏହାଦ୍ୱାରା ଘରୋଇ ବଜାର ସହ ସେମାନଙ୍କର ସମ୍ପର୍କ ବଢ଼ିବ।
–ଚୁଙ୍ଗ କ୍ୱାଙ୍ଗ ଟିଏନ୍, ଭାରତରେ ତାଇୱାନ ରାଷ୍ଟ୍ରଦୂତ



## ସଂକ୍ଷେପରେ

### ଶେୟାର ବିକିବେ ମାଇଣ୍ଡଟ୍ରି ପ୍ରତିଷ୍ଠାତା

ନୂଆଦିଲ୍ଲୀ,୨୭-୬: ମିଡ୍ ଟାୟାର ଆଇଟି କମ୍ପାନୀ ମାଇଣ୍ଡଟ୍ରିକୁ ଇଞ୍ଜିନିୟରିଂ କମ୍ପାନୀ ଏଲ୍ଆଣ୍ଡଟି ଇତିମଧ୍ୟରେ ଅକ୍ୱିଆର କରିଛି। କମ୍ପାନୀର ପ୍ରାୟ ୬୦ ପ୍ରତିଶତ ଶେୟାର ଏବେ ଏଲ୍ଆଣ୍ଡଟି ନିକଟରେ ରହିଛି। ଏହାକୁ ଦୃଷ୍ଟିରେ ରଖି ମାଇଣ୍ଡଟ୍ରିର ପ୍ରତିଷ୍ଠାତାମାନେ ନିଜ ପାଖରେ ରଖିଥିବା ଶେୟାରକୁ ବିକ୍ରି କରିଦେବେ ବୋଲି ଜଣାପଡିଛି। ମାଇଣ୍ଡଟ୍ରିର ୪ ଜଣ ପ୍ରତିଷ୍ଠାତା କ୍ରିଷ୍ଣକୁମାର ନଟରାଜନ, ରୋଷ୍ଟୋ ରାଭାନନ୍, ସୁବ୍ରତୋ ବାଗ୍‌ଚୀ ଏବଂ ଏନ୍ଏସ୍ ପାର୍ଥସାରଥି ସେମାନଙ୍କ ଏବଂ ପରିବାର ନିକଟରେ ରହିଥିବା ୧୩.୩୨% ଶେୟାରକୁ ବିକ୍ରି କରିଦେବା ଲାଗି ଏଲ୍ଆଣ୍ଡଟିକୁ ପ୍ରସ୍ତାବ ଦେଇଥିବା କୁହାଯାଉଛି। ତେବେ ଏଲ୍ଆଣ୍ଡଟି ବିକଳ୍ପ ପାଇବା ପର୍ଯ୍ୟନ୍ତ ରାଭାନନ୍ ମାଇଣ୍ଡଟ୍ରିର ସିଇଓ ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି। ଗତ ସପ୍ତାହରେ ଏଲ୍ଆଣ୍ଟି ଏହାର ଚିଫ୍ ଏକ୍ଜିକ୍ୟୁଟିଭ ତଥା ଏମ୍‌ଡି ଏସ୍.ଏନ୍.ସୁବ୍ରମଣ୍ୟନ, ସିନିୟର ଏକ୍ଜିକ୍ୟୁଟିଭ ଭାଇସ ପ୍ରେସିଡେଣ୍ଟ(ଡିଫେନ୍ସ) ଜେ.ଡି.ପତି ଏବଂ ଚିଫ୍ ଫାଇନାନ୍ସିଆଲ ଅଫିସର ରାମମୂର୍ତ୍ତି ଶଙ୍କର ରାମନଙ୍କୁ ମାଇଣ୍ଡଟ୍ରି ବୋର୍ଡରେ ଡାଇରେକ୍ଟର ଭାବେ ମନୋନୀତ କରିଛି। ଏହାଛଡ଼ା କମ୍ପାନୀ ଏହାର ପୂର୍ବତନ ଏକ୍ଜିକ୍ୟୁଟିଭ ପ୍ରସନ୍ନା ରଙ୍ଗାଚାର୍ଯ୍ୟ ମାଇସୁର ଏବଂ ଦୀପା ଗୋପାଳନ ୱାଧୱାଙ୍କୁ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରିବାକୁ ପ୍ରସ୍ତାବ ଦେଇଛି। ଜୁଲାଇ ୧୬ରେ ମାଇଣ୍ଡଟ୍ରିର ବାର୍ଷିକ ସାଧାରଣ ବୈଠକରେ ସେମାନଙ୍କ ମନୋନୟନକୁ ଅନୁମୋଦନ କରାଯିବ।

### ମୋଦିଙ୍କ ସହ ସାକ୍ଷାତ ପୂର୍ବରୁ ପୁଣି ଟାରିଫ ପ୍ରସଙ୍ଗ ଉଠାଇଲେ ଟ୍ରମ୍ପ



ଟୋକିଓ/ନୂଆଦିଲ୍ଲୀ,୨୭-୬: ଜି-୨୦ ସମ୍ମିଳନୀ ଅବସରରେ ଜାପାନର ଓସାକା ଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ଏହି ବୈଠକରେ ଦୁଇ ଦେଶର ଶୀର୍ଷ ନେତା ଦ୍ୱିପାକ୍ଷିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିବେ। ତେବେ ଏହି ଭେଟର ଦିନକ ପୂର୍ବରୁ ଟ୍ରମ୍ପ ଭାରତର ଟାରିଫ୍ ବୃଦ୍ଧିକୁ ନେଇ ଟୁଇଟ୍ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଭାରତ ପକ୍ଷରୁ ଆମେରିକାର ୨୮ ପ୍ରକାର ସାମଗ୍ରୀ ଉପରେ ଟାରିଫ୍ ବୃଦ୍ଧି କରାଯିବା ଗ୍ରହଣୀୟ ନୁହେଁ। ଏହାକୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଉ। ଟ୍ରମ୍ପଙ୍କ ଏହି ଟୁଇଟ୍ ଯୋଗୁ ଦୁଇ ଦେଶର ବାଣିଜ୍ୟ ସମ୍ପର୍କ ଆହୁରି ଖରାପ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି ପ୍ରସଙ୍ଗରେ ଭାରତ ପକ୍ଷରୁ ମଧ୍ୟ ଦୃଢ଼ ଜବାବ ଦିଆଯାଇଛି। ଅନ୍ୟ ବିକାଶଶୀଳ ଦେଶ ଅପେକ୍ଷା ଭାରତର ଟାରିଫ୍ ହାର ଅନେକ କମ୍ ବୋଲି ସରକାର କହିଛନ୍ତି। ଡବ୍ଲ୍ୟୁଟିଓର ନିୟମ ଅନୁଯାୟୀ, ଭାରତ ଟାରିଫ୍ ବୃଦ୍ଧି କରିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଆମେରିକାର ଉତ୍ପାଦ ଉପରେ ଟାରିଫ୍ ବୃଦ୍ଧି ସହ କ୍ରସ୍ ବର୍ଡର ଡାଟା ଫ୍ଲୋ ଏବଂ ଇ-କମର୍ସ କମ୍ପାନୀଙ୍କ କାରବାରକୁ ନେଇ ଭାରତ ପକ୍ଷରୁ ନିୟମ କଡ଼ା କରାଯିବା ଯୋଗୁ ୱାଶିଂଟନ କ୍ଷୁବ୍ଧ ହୋଇଛି। ଏହାକୁ ନେଇ ଟ୍ରମ୍ପ ତାଙ୍କ ଟୁଇଟ୍‌ରେ ଦର୍ଶାଇଛନ୍ତି ଯେ, ସେ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଲୋଚନା କରିବେ। ସେ କହିଛନ୍ତି ଯେ, ବିଗତ କିଛି ବର୍ଷ ହେଲା ଆମେରିକାର ଉତ୍ପାଦ ଉପରେ ଭାରତ ଟାରିଫ୍ ବୃଦ୍ଧି କରିଛି। ନିକଟରେ ଆଉ କେତେକ ଉତ୍ପାଦ ଉପରେ ଏହା ବୃଦ୍ଧି କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

# ଗୋଦ୍‌ରେଜ ପରିବାରରେ ଫାଟ

ନୂଆଦିଲ୍ଲୀ,୨୭-୬

ଦେଶର ଧନୀ ବ୍ୟବସାୟୀ ପରିବାର ମଧ୍ୟରେ ଗଣାଯାଉଥିବା ଗୋଦ୍‌ରେଜ ପରିବାରରେ ଏବେ ଫାଟ ସୃଷ୍ଟି ହୋଇଛି। ଜମି ଭାଗବଣ୍ଟାକୁ ନେଇ ଏବେ ଏହି ପରିବାର ଦିଫାଳ ହେବାକୁ ବସିଛି। ମିଡିଆ ରିପୋର୍ଟ ଅନୁଯାୟୀ, ମୁମ୍ବାଇର ବିଖରୌଲିସ୍ଥିତ ୧୦୦୦ ଏକର ଜମିର ବ୍ୟବସାୟିକ ବ୍ୟବହାରକୁ ନେଇ ବିବାଦ ଉପୁଜିଛି। ଏହି ଜମିର ମୂଲ୍ୟ ପ୍ରାୟ ୨୦ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଆଦି ଗୋଦ୍‌ରେଜ ଓ ତାଙ୍କ ଭାଇ ନାଦିର ଗୋଦ୍‌ରେଜ ଗ୍ରୁପ୍ କମ୍ପାନୀ ଗୋଦ୍‌ରେଜ ପ୍ରପର୍ଟିଜ କମ୍ପାନୀ ଜରିଆରେ ଏହାକୁ ଡେଭଲପ୍ କରିବାକୁ ଚାହୁଁଛନ୍ତି। କାରଣ ଏହାକୁ ଡେଭଲପ୍ କରାଗଲେ ଏଥିରେ ୧ ଲକ୍ଷ କୋଟି ଟଙ୍କାର ରିଏଲ ଇଷ୍ଟେଟ୍ ନିର୍ମାଣ କରାଯାଇପାରିବ ବୋଲି ସେମାନେ ଯୁକ୍ତି ଦର୍ଶାଉଛନ୍ତି। ଅନ୍ୟପକ୍ଷରେ ତାଙ୍କର ଦାଦା ପୁଅ ଭାଇ ଜାମସେଦ ଗୋଦ୍‌ରେଜ ଏହାର ବାଣିଜ୍ୟିକ ବ୍ୟବହାରକୁ ବିରୋଧ କରୁଛନ୍ତି। ୧୨୨ ବର୍ଷ ପୁରୁଣା ଏହି ଗୋଦ୍‌ରେଜ ପରିବାର ବିବାଦର ସମାଧାନ ଲାଗି ଏବେ ଭିନ୍ନ ଭିନ୍ନ ଆଇନଗତ ଏବଂ ଆର୍ଥିକ କମ୍ପାନୀଙ୍କ ସହାୟତା ଲୋଡିଛନ୍ତି।



(ବାମରୁ ପ୍ରଥମ) ଆଦି ଗୋଦରେଜ୍, ନାଦିର୍ ଗୋଦରେଜ୍ ଓ ଜାମ୍‌ସେଦ୍ ଗୋଦରେଜ୍ ।

ସୂଚନାଯୋଗ୍ୟ ଯେ, ଗୋଦ୍‌ରେଜ ପରିବାରଙ୍କ ନିକଟରେ ହଜାର ହଜାର ଏକର ଜମି ରହିଛି ଓ ସେମାନେ ବହୁ ଇଣ୍ଡଷ୍ଟ୍ରିର ଅଂଶୀଦାର। ମୁମ୍ବାଇରେ ସର୍ବାଧିକ ଜମି ଗୋଦ୍‌ରେଜ ପରିବାରଙ୍କ ନିକଟରେ ରହିଛି। ତାଲା ନିର୍ମାତାରୁ ଚନ୍ଦ୍ରଯାନ ଲାଗି ଲଞ୍ଚ ଭେହିକିଲ ଓ ଲ୍ୟୁନର ଅର୍ବିଟର ନିର୍ମାଣ କରିଥିବା ଗୋଦ୍‌ରେଜ ଗ୍ରୁପ୍ ଭବିଷ୍ୟତର କାରବାରକୁ ନେଇ ପ୍ରସ୍ତୁତ ରଣନୀତି ପଥରେ ଆଗେଇ ଚାଲିଛି। ଅଥଚ ପରିବାରର କେତେ ଜଣ ଏହି ରଣନୀତିକୁ ବିରୋଧ କରୁଛନ୍ତି। ପରିବାର ପକ୍ଷରୁ ଫ୍ୟାମିଲି ଏଗ୍ରିମେଣ୍ଟରେ ସଂଶୋଧନ କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି। କାରଣ ଭବିଷ୍ୟତର କାରବାର ରଣନୀତିକୁ ନେଇ ବିବାଦ ଉପୁଜିଛି। ଜାମସେଦ ଓ ତାଙ୍କ ବଡ଼ବାପା ପୁଅ ଆଦି ଓ ନାଦିରଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଚିନ୍ତାଧାରାକୁ ନେଇ ମତଭେଦ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ସେମାନେ ପରାମର୍ଶଦାତା ନିଯୁକ୍ତ କରିଛନ୍ତି। ଗୋଦ୍‌ରେଜ ଆଣ୍ଡ ବଏସ୍ ଅଧ୍ୟକ୍ଷ ଜାମସେଦଙ୍କ ପକ୍ଷରୁ ଜେଏମ୍ ଫାଇନାନ୍ସିଆଲର ଭେଟେରାନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ନିମେଶ

- ୧୦୦୦ ଏକର ଜମିକୁ ନେଇ ବିବାଦ
- ୨୦ ହଜାର କୋଟି ଟଙ୍କାର ଜମି
- ଫ୍ୟାମିଲି ଏଗ୍ରିମେଣ୍ଟ ସଂଶୋଧନ ପାଇଁ ପରାମର୍ଶଦାତା ନିଯୁକ୍ତ

କାମ୍ପାନୀ ଏବଂ ଏଜେଡ୍‌ବି ପାର୍ଟନର୍ସର ଓକିଲ ଜିଆ ମୋଦିଙ୍କୁ ଭାଗବଣ୍ଟା ନେଇ ପରାମର୍ଶ ଦେବାକୁ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଆଦି ଓ ନାଦିର ଗୋଦ୍‌ରେଜଙ୍କ ପକ୍ଷରୁ ବ୍ୟାଙ୍କର ଉଦୟ କୋଟାକ ଓ ସିରିଲ ଅମରଚାନ୍ଦ ମଙ୍ଗଲଦାସ ଆଇନ ପରାମର୍ଶଦାତା କମ୍ପାନୀର ମୁଖ୍ୟ ସିରିଲ ଶ୍ରଫ୍‌ଙ୍କୁ ନିଯୁକ୍ତ କରାଯାଇଛି। ବିଖରୌଲି ଠାରେ ଗ୍ରୁପ୍ ନିକଟରେ ୩୪୦୦ ଏକର ଜମି ରହିଛି। ତନ୍ମଧ୍ୟରୁ ୧୦୦୦ ଏକର ଜମିକୁ ନେଇ ଏବେ ବିବାଦ ଉପୁଜିଛି। ଗ୍ରୁପ୍ କମ୍ପାନୀରେ ଉଭୟ ଗୋଷ୍ଠୀର ଆଂଶିକ ଶେୟାର ରହିଛି ଏବଂ ଜଣେ ଅନ୍ୟଜଣଙ୍କ କମ୍ପାନୀରେ ନିର୍ଦ୍ଦେଶକ ରହିଛନ୍ତି। ସୂଚନାଥାଉ କି, ୧୮୯୭ରେ ପାର୍ସି ବ୍ୟବସାୟୀ ଆର୍ଦ୍ଦେଶିର ଗୋଦ୍‌ରେଜ ତାଙ୍କ ସାନ ଭାଇ ପିରୋଜଶାଙ୍କୁ ସାଥିରେ ନେଇ ଗୋଦ୍‌ରେଜ ଗ୍ରୁପ କମ୍ପାନୀ ପ୍ରତିଷ୍ଠା କରିଥିଲେ। ତାଲା ନିର୍ମାଣରୁ ସେମାନଙ୍କ ବାଣିଜ୍ୟ ଯାତ୍ରା ଆରମ୍ଭ ହୋଇଥିଲା। ଆର୍ଦ୍ଦେଶିର ନିଃସନ୍ତାନ ଥିବାରୁ ପିରୋଜଶାଙ୍କ ପୁଅମାନେ ବୁର୍‌ଜୋର୍, ସୋରାବ,ଦୋସା ଏବଂ ନଓ୍ୱଲ ଗ୍ରୁପ୍‌କୁ ପରିଚାଳନା କରୁଥିଲେ। ଏବେ ଏହି ପରିବାରର ତୃତୀୟ ପିଢ଼ି ବୁରଜୋରଙ୍କ ପୁଅ ଆଦି ଓ ନାଦିର ଏବଂ ନଓ୍ୱଲଙ୍କ ପୁଅ ଜାମସେଦ ଓ ସ୍ମିତା ଗ୍ରୁପ୍ କମ୍ପାନୀଙ୍କୁ ସମ୍ଭାଳୁଛନ୍ତି। ଆଦିଙ୍କ ୩ ସନ୍ତାନ ତାନ୍ୟା, ନିସାବା, ପିରୋଜଶା ଥିବା ବେଳେ ଜାମସେଦଙ୍କ ୨ ଜଣ ସନ୍ତାନ ରାଇକା ଓ ନଭରୋଜ, ସ୍ମିତାଙ୍କ ଫ୍ରେୟନ ଓ ନାୟରିକା ନାମକ ୨ ସନ୍ତାନ ରହିଛି। ନାଦିରଙ୍କର ମଧ୍ୟ ୩ ସନ୍ତାନ ରହିଛନ୍ତି। ଗୋଦ୍‌ରେଜ ପରିବାର ୧୯୪୦ରେ ବମ୍ବେ ହାଇକୋର୍ଟଙ୍କ ରିସିଭରଙ୍କ ନିକଟରୁ ସମସ୍ତ ଜମି ହାସଲ କରିଥିଲେ। ଏହି ଜମି ପ୍ରଥମେ ଇଷ୍ଟ ଇଣ୍ଡିଆ କମ୍ପାନୀ ନିକଟରେ ଥିଲା, ଯାହାକୁ ଏହି କମ୍ପାନୀ ୧୮୩୦ରେ ଏକ ପାର୍ସି ବ୍ୟବସାୟୀ ଫ୍ରାମ୍‌ଜି ବାନାର୍ଜୀଙ୍କୁ ହସ୍ତାନ୍ତର କରିଥିଲେ। ପରେ ୧୯୪୧-୪୨ରେ ଏହି ଜମି ବିକ୍ରି କରାଯାଇଥିଲା, ଯାହାକୁ ଗୋଦ୍‌ରେଜ ପରିବାର କିଣିଥିଲେ।

## ବ୍ରଡ୍‌ବ୍ୟାଣ୍ଡ ସହ ଯୋଡ଼ି ହେବ ସବୁ ପଞ୍ଚାୟତ



ନୂଆଦିଲ୍ଲୀ,୨୭-୬

କେନ୍ଦ୍ର ସରକାରଙ୍କ ଭାରତ ନେଟ୍ କାର୍ଯ୍ୟକ୍ରମ ଦ୍ୱାରା ଦେଶର ସବୁ ପଞ୍ଚାୟତକୁ ବ୍ରଡବ୍ୟାଣ୍ଡ ନେଟ୍‌ୱର୍କ ସହ ଯୋଡିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଏହି କାର୍ଯ୍ୟକୁ ରୂପରେଖ ପ୍ରଦାନ କରାଯିବ। ଏହା ଦ୍ୱାରା ହାଇସ୍ପିଡ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ସୁବିଧା କରାଯାଇପାରିବ ବୋଲି ଗୁରୁବାର ଟେଲିକମ୍ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଏହି ସୂଚନା ଦେଇଛନ୍ତି। ଭାରତ ନେଟ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷ ଗ୍ରାମ ପଞ୍ଚାୟତକୁ ଯୋଡିବା ଲାଗି ଯୋଜନା ରହିଥିବା ପ୍ରସାଦ ଲୋକସଭାରେ ସୂଚନା ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୧ ଲକ୍ଷ ଗ୍ରାମ ପଞ୍ଚାୟତକୁ ଭାରତ ନେଟ୍ ପ୍ରକଳ୍ପ ଅଧୀନରେ ସଂଯୋଗ କରାଯାଇଛି। ୨୦୧୭ ଜୁଲାଇ ୧୯ରେ ପ୍ରାୟ ୧.୫ଲକ୍ଷ ଗ୍ରାମପଞ୍ଚାୟତରେ ଭାରତ ନେଟ୍ କାର୍ଯ୍ୟକାରୀ କରାଇବା ଲାଗି କେନ୍ଦ୍ର କ୍ୟାବିନେଟ୍ ପରିବର୍ତ୍ତିତ ଷ୍ଟ୍ରାଟେଜି ଗ୍ରହଣ କରିଥିଲା।

# ନୀରବଙ୍କ ହାଜତ ମିଆଦ ବୃଦ୍ଧି

ଲଣ୍ଡନ,୨୭-୬

ବ୍ରିଟେନର ୱେଷ୍ଟମିନ୍‌ଷ୍ଟର କୋର୍ଟ ଗୁରୁବାର ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଜେଲ୍ ହାଜତ ମିଆଦକୁ ଜୁଲାଇ ୨୫ ତାରିଖ ଯାଏ ବୃଦ୍ଧି କରିଛନ୍ତି। ସେ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ଜଡ଼ିତ ରହିଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ ପାଇଁ ଅଦାଲତରେ ମାମଲା ଆଗତ ହୋଇଛି। ୪୮ବର୍ଷୀୟ ନୀରବଙ୍କୁ ଗତ ମାର୍ଚ୍ଚ ୧୯ରେ ଲଣ୍ଡନରେ ଗିରଫ କରାଯିବା ପରେ ୱାଣ୍ଡସୱର୍ଥସ୍ଥିତ ଜେଲ୍‌ରେ ବନ୍ଦୀ ରହିଛନ୍ତି। ପୂର୍ବରୁ ବ୍ରିଟିଶ ହାଇକୋର୍ଟ ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କ ବିରୋଧରେ ଭାରତରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିବା ବେଳେ ଇଣ୍ଟରପୋଲ ପକ୍ଷରୁ ରେଡ୍‌କର୍ନର ନୋଟିସ ଜାରି କରାଯାଇଛି। ଭାରତ ପକ୍ଷରୁ ତାଙ୍କୁ ପ୍ରତ୍ୟର୍ପଣ ଲାଗି ଅନୁରୋଧ କରାଯାଇଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଗୁରୁବାର ତାଙ୍କୁ ୱେଷ୍ଟମିନ୍‌ଷ୍ଟର କୋର୍ଟରେ ହାଜର କରାଯାଇଥିଲା।



### ୪ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ଜବତ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ଭଉଣୀ ପୂର୍ବି ମୋଦିଙ୍କ ୪ ସୁଇସ୍ ବ୍ୟାଙ୍କ ଆକାଉଣ୍ଟକୁ ସୁଇଜରଲାଣ୍ଡ ସରକାର ଜବତ କରିଛନ୍ତି। ଏହି ଆକାଉଣ୍ଟରେ ୨୮୩.୧୬ କୋଟି ଟଙ୍କା ରହିଛି। ଏ ସଂକ୍ରାନ୍ତରେ ସୁଇସ୍ ବ୍ୟାଙ୍କ ପକ୍ଷରୁ ଏକ ସୂଚନା ଜାରି କରାଯାଇଛି। ଭାରତର ଦାବିକୁ ଗ୍ରହଣ କରି ନୀରବ ଓ ପୂର୍ବିଙ୍କ ୪ ବ୍ୟାଙ୍କ ଆକାଉଣ୍ଟକୁ ଜବତ କରାଯାଇଛି ବୋଲି କୁହାଯାଇଛି। ସୁଇଜରଲାଣ୍ଡ ସରକାରଙ୍କ ପଦକ୍ଷେପ ଯୋଗୁ ଭାରତୀୟ ବ୍ୟାଙ୍କ ଏବଂ ତଦନ୍ତକାରୀ ଏଜେନ୍ସି ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି।

# ସିପେଟ୍ ସିଏସ୍‌ଟିଏସ୍ ପୁରସ୍କୃତ

ଭୁବନେଶ୍ୱର,୨୭-୬

ଫନୀ ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ରିଲିଫ୍ ତଥା ଥଇଥାନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ଲାଗି ମଞ୍ଚେଶ୍ୱରସ୍ଥିତ ସିପେଟ୍ ସିଏସ୍‌ଟିଏସ୍‌କୁ ସମ୍ମାନିତ କରାଯାଇଛି। ୟଙ୍ଗ ଇଣ୍ଡିଆନ୍ସ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସିପେଟ ପୁରସ୍କୃତ ହୋଇଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ସିପେଟ୍‌ର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ୟଙ୍ଗ ଇଣ୍ଡିଆନ୍ସର ଜାତୀୟ ମୁଖ୍ୟ କମଲ ଅଗ୍ରୱାଲଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସମୟ ଉପଯୋଗୀ ସହାୟତା ଏବଂ ରିଲିଫ ବଣ୍ଟନ ସହ ୨ ଲକ୍ଷ ଅକ୍ସୋ ବାୟୋଡିଗ୍ରେଡେବଲ ସାନିଟାରୀ ନାପକିନ୍ ବଣ୍ଟନ ଦ୍ୱାରା ସିପେଟ୍ ଉଚ୍ଚ ପ୍ରଶଂସିତ ହୋଇଛି। ଏହି ସାନିଟାରି ନାପକିନ ସିପେଟର ମହାନିର୍ଦ୍ଦେଶକ ଡ.ସଞ୍ଜୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ର ସରକାରଙ୍କ ସାର ଏବଂ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁର କରାଯାଇଥିଲା।

# ଡ୍ୟୁକ୍‌ର ନୂଆ ଟି-ଶାର୍ଟ କଲେକ୍ସନ



ଭୁବନେଶ୍ୱର,୨୭-୬

ଡ୍ୟୁକ୍ ଫ୍ୟାଶନ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ମର୍ସିରାଇଜଡ୍ କଟନ ଟି-ସାର୍ଟ କଲେକ୍ସନ ୨୦୧୯ ବଜାରରେ ଉପଲବ୍ଧ ହେଉଛି। ଏହା ଡିଜାଇନ ଏବଂ ଷ୍ଟାଇଲ ଦୃଷ୍ଟିରୁ ବେଶ୍ ଆକର୍ଷଣୀୟ ହୋଇଥିବା ବେଳେ ସ୍ୱତନ୍ତ୍ର ଫ୍ୟାବ୍ରିକରେ ଏହା ପ୍ରସ୍ତୁତ ହୋଇଛି। କାଜୁଆଲ ଲୁକ ପ୍ରଦାନ କରିବା ଦିଗରେ ଏହା ସହାୟକ ହୋଇ ପାରିବ। ଏଥିରେ ପ୍ରଡକ୍ଟର ଗୁଣବତ୍ତାକୁ ଧ୍ୟାନରେ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ନୂତନ ରେଞ୍ଜର ପୋଷାକ ୧୨୪୯ ଟଙ୍କାରୁ ଆରମ୍ଭ ହେଉଛି। କଲେକ୍ସନଗୁଡିକ ଡ୍ୟୁକର ଏକ୍ସକ୍ଲୁସିଭ ଶୋ'ରୁମ୍, ପ୍ରମୁଖ ମଲ୍ଟି ବ୍ରାଣ୍ଡ ଆଉଟଲେଟ ଏବଂ ଅନ୍‌ଲାଇନ ଶପିଂ ପୋର୍ଟାଲଗୁଡିକରେ ଉପଲବ୍ଧ ହେବ। ଗୁଣବତ୍ତା ଫ୍ୟାଶନ ସାମଗ୍ରୀ ଉପଲବ୍ଧ କରାଇବା ଲାଗି କମ୍ପାନୀ ରାଷ୍ଟ୍ରପତି ପୁରସ୍କାର ସହ ୩ ଜାତୀୟ ପୁରସ୍କାର ପାଇଛି। ଏହା ଆମେରିକାରେ ଭାରତୀୟ ପାୱାର ବ୍ରାଣ୍ଡ ଭାବେ ପୁରସ୍କୃତ ହୋଇଛି। ୩୬୦ ସ୍ୱତନ୍ତ୍ର କମ୍ପାନୀ ଷ୍ଟୋର, ୪୦୦୦ ମଲ୍ଟି ବ୍ରାଣ୍ଡ ଷ୍ଟୋର, ପ୍ରମୁଖ ଚେନ୍ ଷ୍ଟୋରରେ କମ୍ପାନୀ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଛି।

## ଅଭିବୃଦ୍ଧି ଲାଗି ସରକାର, ଆର୍‌ବିଆଇ ସମନ୍ୱୟ ଜରୁରୀ: ଶକ୍ତିକାନ୍ତ ଦାସ

ମୁମ୍ବାଇ,୨୭-୬

ଦେଶର ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ଲାଗି ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସମନ୍ୱୟ ରଖି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସେହିଭଳି ବ୍ୟବସ୍ଥାଗତ ସ୍ଥିରତାକୁ ମଧ୍ୟ ନିଶ୍ଚିତ କରାଇବା ଜରୁରୀ ବୋଲି ଗୁରୁବାର ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ଘରୋଇ ବଜାରରେ ଚାହିଦାରେ ଶିଥିଳତା ଏବଂ ପୁଞ୍ଜି ନିବେଶ ହ୍ରାସ ହେବା ଯୋଗୁ ବିତ୍ତୀୟ ଶୃଙ୍ଖଳା ଉପରେ ଏହା ପ୍ରଭାବ ପକାଇଥିବା ଦ୍ୱିମାସିକ ଆର୍ଥିକ ସ୍ଥିରତା ରିପୋର୍ଟର ଉନ୍ମୋଚନ ଅବସରରେ ଗଭର୍ନର ଦାସ ଏହା କହିଛନ୍ତି। ଘରୋଇ ନିବେଶ ବଢାଇବା ଦିଗରେ ନିରନ୍ତର ପ୍ରୟାସ ସହ ସରକାର ଅର୍ଥନୈତିକ ସଂସ୍କାର ଧାରା ଜାରି ରଖିବା ନେଇ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଦେଶର ଏନ୍‌ବିଏଫ୍‌ସିଗୁଡିକ ସେମାନଙ୍କ ଆସେଟ ଲାୟବିଲିଟି ପରିଚାଳନା କରିବା ଉପରେ ଧ୍ୟାନଦେବା, ଛାୟା ବ୍ୟାଙ୍କଗୁଡିକ ସେମାନଙ୍କ ଉନ୍ନତ କାର୍ଯ୍ୟପ୍ରଣାଳୀ ଦ୍ୱାରା ଅଭିବୃଦ୍ଧି ହାସଲ, ରାଷ୍ଟ୍ରାୟତ୍ତ ବାଲାନ୍ସ ସିଟ୍‌ରେ ଉନ୍ନତି ଭଳି ବିଭିନ୍ନ ପ୍ରସଙ୍ଗରେ ଉପରେ ଦାସ ମତ ରଖିଛନ୍ତି।

## ଆସିବ 'ଏକ ରାଷ୍ଟ୍ର, ଏକ ରାଶନ କାର୍ଡ'

ନୂଆଦିଲ୍ଲୀ,୨୭-୬

କେନ୍ଦ୍ର ସରକାର ଦେଶରେ 'ଏକ ରାଷ୍ଟ୍ର, ଏକ ରାଶନ କାର୍ଡ' ଯୋଜନା ଆଣିବାକୁ ଯାଉଛନ୍ତି। ଏହାଦ୍ୱାରା ହିତାଧିକାରୀ ଦେଶର ଯେକୌଣସି ସ୍ଥାନରୁ ନିଜ ପସନ୍ଦ ମୁତାବକ ଡିଲରଙ୍କଠାରୁ ନିଜର କୋଟା ମୁତାବକ ଖାଦ୍ୟଶସ୍ୟ ପାଇପାରିବେ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରାମବିଳାସ ପାଶ୍ୱାନ ଗୁରୁବାର ପ୍ରକାଶ କରିଛନ୍ତି।

ରାଜ୍ୟ ଖାଦ୍ୟ ଓ ଯୋଗାଣ ସଚିବ, ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଫ୍‌ସିଆଇ), ସେଣ୍ଟ୍ରାଲ ୱେର୍‌ହାଉସିଂ କର୍ପୋରେଶନ(ସିଡବ୍ଲ୍ୟୁସି) ଏବଂ ଷ୍ଟେଟ୍ ୱେର୍‌ହାଉସିଂ କର୍ପୋରେଶନ(ଏସ୍‌ଡବ୍ଲ୍ୟୁସି)ର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏଠାରେ ଆୟୋଜିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେବା ଛଳରେ ପାଶ୍ୱାନ ନିଜର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରିତାକୁ ଅଧିକ କ୍ରିୟାଶୀଳ କରିବା, ଏଣ୍ଡ୍-ଟୁ-ଏଣ୍ଡ କମ୍ପ୍ୟୁଟରୀକରଣ, ଗୋଦାମରେ ଖାଦ୍ୟଶସ୍ୟ ରଖିବାରେ ସ୍ୱଚ୍ଛତା ଅବଲମ୍ବନ ଏବଂ ଏଫ୍‌ସିଆଇ, ସିଡବ୍ଲ୍ୟୁସି ଓ ଏସ୍‌ଡବ୍ଲ୍ୟୁସି ଡିପୋ ମଧ୍ୟରେ ଅନ୍‌ଲାଇନ ବ୍ୟବସ୍ଥା କରିବା ଦ୍ୱାରା ତାଳମେଳ ସ୍ଥାପନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହି ବୈଠକରେ 'ଏକ ରାଷ୍ଟ୍ର , ଏକ ରାଶନ କାର୍ଡ' ପ୍ରଚଳନ ଲାଗି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ହିତାଧିକାରୀ ଗୋଟିଏ ନିର୍ଦ୍ଦିଷ୍ଟ ରାଶନ ଦୋକାନ ସହ ଜଡ଼ିତ ରହିବାକୁ ବାଧ୍ୟ ରହିବେ ନାହିଁ। ଫଳରେ ଦୁର୍ନୀତିକୁ ରୋକାଯାଇପାରିବ। ଅନ୍ୟରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ଏହାଦ୍ୱାରା ଉପକୃତ ହେବେ। ସେମାନେ ନିଜ ଘରଠାରୁ ଦୂରରେ ଯେକୌଣସି ସ୍ଥାନରୁ ପଡିକାର୍ଡ ଜରିଆରେ ରାଶନ ଉଠାଇପାରିବେ। ଏହାଦ୍ୱାରା ସେମାନଙ୍କ ଖାଦ୍ୟ ସୁରକ୍ଷା ବଜାୟ ରହିପାରିବ। ଏଭଳି ସମନ୍ୱିତ ପିଡିଏସ୍ ବ୍ୟବସ୍ଥା ଆନ୍ଧ୍ରପ୍ରଦେଶ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ରାଜସ୍ଥାନ, ତେଲେଙ୍ଗାନା ଏବଂ ତ୍ରିପୁରାରେ ପ୍ରଚଳନ ରହିଛି। ବୈଠକରେ ଉପସ୍ଥିତ ଅନ୍ୟ ରାଜ୍ୟମାନେ ଏଭଳି ନୂଆ ବ୍ୟବସ୍ଥା ଆପଣାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଖାଦ୍ୟ ଓ ଯୋଗାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଆସନ୍ତା ୨ ମାସ ମଧ୍ୟରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯଥାସାଧ୍ୟ ପ୍ରୟାସ ଜାରି ରହିଛି। କେନ୍ଦ୍ର ସ୍ତରରେ ସମସ୍ତ ପିଡିଏସ୍ କାର୍ଡର ତଥ୍ୟ ସାଇତି ରଖିବାକୁ ବ୍ୟବସ୍ଥା କରାଯିବ। ଦୁର୍ନୀତିକୁ ରୋକିବା ଉଦ୍ଦେଶ୍ୟରେ ଖାଦ୍ୟଶସ୍ୟ କିଣିବାଠାରୁ ଆରମ୍ଭ କରି ଏହାର ବଣ୍ଟନ ପର୍ଯ୍ୟନ୍ତ ସବୁକିଛି ପାଇଁ ଟେକ୍ନୋଲୋଜିର ସହାୟତା ନିଆଯିବ ବୋଲି ପାଶ୍ୱାନ ସ୍ପଷ୍ଟ କରିଛନ୍ତି।



ଏଲ୍‌ଜି ପକ୍ଷରୁ ଏହାର ୱାର୍ଲଡ କପ୍ ଅଫର ଅନ୍ତର୍ଗତ ୱିନ ଏଭ୍ରି ଆୱାର ଉଇଥ୍ ଏଲ୍‌ଜି ଚାଲୁ ରହିଛି। ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସରୁ ଏଲ୍‌ଇଡି କ୍ରୟ କରି ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ଭାବେ ସୁନୀଲ କୁମାର ସାହୁ ଏକ୍ସବୁମ ପିକେ୫ ସାଉଣ୍ଡ ସିଷ୍ଟମ ଲାଭ କରିଛନ୍ତି।

# ଖାଦ୍ୟ ପ୍ୟାକେଟରେ ଦର୍ଶାଇବାକୁ ହେବ ଚିନି, ଲୁଣର ମାତ୍ରା

ନୂଆଦିଲ୍ଲୀ,୨୭-୬

ଖାଦ୍ୟପଦାର୍ଥ ନିର୍ମାତା ପ୍ରସ୍ତୁତ ଖାଦ୍ୟକୁ ପ୍ୟାକେଟ ଓ ଡବାରେ ବିକ୍ରି କରିବା ବେଳେ ନୂଆ ନିୟମ ପାଳନ କରିବାକୁ ବାଧ୍ୟ ରହିବେ। ଏଣିକି ପ୍ୟାକେଟ, ଡବାରେ ଚିପ୍, ସୁପ୍, ବିସ୍କୁଟ୍, ଜୁସ୍ ଆଦିକୁ ବିକ୍ରି କରିବା ପୂର୍ବରୁ ଏଥିରେ ଚର୍ବି, ଚିନି, ଲୁଣର ମାତ୍ରା କେତେ ରହିଛି, ତାହାକୁ ନାଲି ରଙ୍ଗର କୋଡ୍‌ରେ ଦର୍ଶାଇବାକୁ ବାଧ୍ୟତାମୂଳକ କରାଯିବ। ଖାଦ୍ୟ ନିୟାମକ ଏଫ୍ଏସ୍ଏସ୍ଏଆଇ ଦ୍ୱାରା ପ୍ରସ୍ତୁତ ନୂଆ ନିୟମର ଚିଠାରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନଦଣ୍ଡ ପ୍ରାଧିକରଣ ପକ୍ଷରୁ ଏହି ଚିଠା ଜାରି କରାଯାଇଛି। ନୂଆ ନିୟମ ଖାଦ୍ୟ ସୁରକ୍ଷା ଏବଂ ମାନଦଣ୍ଡ(ପ୍ୟାକେଜିଂ ଏବଂ ଲେବେଲିଂ) ନିୟମ, ୨୦୧୧ର ସ୍ଥାନ ନେବ। ଡବା ଅଥବା ପ୍ୟାକେଟ୍‌ରେ ଥିବା ଖାଦ୍ୟରେ କେତେ ମାତ୍ରାରେ କେଉଁ ପଦାର୍ଥକୁ ମିଶାଯାଇଛି, ସେ ସମ୍ପର୍କରେ ଖାଉଟିଙ୍କୁ ସୂଚନା ଦେବା ପାଇଁ ଏହି ନୂଆ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଏକ ବିବୃତିରେ ଏଫ୍ଏସ୍ଏସ୍ଏଆଇ କହିଛି। ନୂଆ ଚିଠା ପ୍ରସ୍ତାବ ଅନୁଯାୟୀ, ଖାଦ୍ୟପଦାର୍ଥ ତିଆରି କରି ବିକ୍ରି କରୁଥିବା କମ୍ପାନୀ କ୍ୟାଲୋରୀ(ଶକ୍ତି), ଚର୍ବି, ଚିନି ଓ ସୋଡିୟମ(ଲୁଣ)ର ମାତ୍ରା ସହ ଜଡ଼ିତ ସୂଚନାକୁ ପ୍ୟାକେଟ୍ କିମ୍ବା ଡବା ଉପରେ ଉଲ୍ଲେଖ କରିବାକୁ ପଡିବ। ଏହାଛଡ଼ା କମ୍ପାନୀଗୁଡ଼ିକ ରେକମେଣ୍ଡେଡ ଡାଏଟାରି ଆଲାଉନ୍ସ(ଆର୍‌ଡିଏ)ର ଅଂଶ ମଧ୍ୟ ଜଣାଇବାକୁ ବାଧ୍ୟ ରହିବେ। ନାଲି ରଙ୍ଗରେ ଏହିସବୁ ସୂଚନା ଦେବାକୁ ହେବ। ଏହି ନୂଆ ନିୟମକୁ ଆସନ୍ତା ୩ ବର୍ଷ ଭିତରେ ପର୍ଯ୍ୟାୟକ୍ରମେ ଲାଗୁ କରାଯିବ। ଚିଠା ଜାରି ହେବାର ୩୦ ଦିନ ଭିତରେ ଅଂଶୀଦାରମାନେ ନିଜ ନିଜର ମତାମତ ଦେଇପାରିବେ ବୋଲି ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ବିବୃତିରେ ସ୍ପଷ୍ଟ କରାଯାଇଛି। ଏଥିରେ କୁହାଯାଇଛି ଯେ, ବର୍ତ୍ତମାନ କମ୍ପାନୀଗୁଡ଼ିକ ଉତ୍ପାଦର ନିର୍ମାଣ ଏବଂ ଖରାପ ହେବାର ତାରିଖକୁ ଭିନ୍ନ ଭାବେ ଦର୍ଶାଇଥାନ୍ତି। ଗ୍ରାହକଙ୍କୁ ଏହା ଖୋଜିବା ଓ ଦେଖିବାରେ ଅସୁବିଧା ହେଉଛି। ଏଣିକି ନୂଆ ନିୟମ ଅନୁଯାୟୀ, ଖାଦ୍ୟପଦାର୍ଥ ତିଆରି ହେବା ଓ ଖରାପ ହେବାର ତାରିଖ ଗୋଟିଏ ସ୍ଥାନରେ ଉଲ୍ଲେଖ କରିବାକୁ ବାଧ୍ୟତାମୂଳକ କରାଯାଇଛି।





ଏମ୍‌ଭିଆଇଆର୍‌ଡିସି ୱାର୍ଲଡ ଟ୍ରେଡ ସେଣ୍ଟର (ଡବ୍ଲ୍ୟୁଟିସି) ମୁମ୍ବାଇ ଅଧୀନ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଡବ୍ଲ୍ୟୁଟିସି ମୁମ୍ବାଇ ଉପାଧ୍ୟକ୍ଷ ବିଜୟ କଲାନ୍ତ୍ରୀ, ମହାନିର୍ଦ୍ଦେଶକ ୱାଇ.ଆର୍.ୱାରେରକର, ବରିଷ୍ଠ ନିର୍ଦ୍ଦେଶକ ରୂପା ନାୟକ ଏବଂ ସହକାରୀ ପ୍ରବନ୍ଧକ ଆଶା ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରିଥିଲେ।



"Har sapne ke liye ek SIP sahi hai."

- Start an SIP for each goal
- Bigger the goal, more the monthly amount and time

MUTUAL FUNDS Sahi Hai

Visit mutualfundssahihai.com for more information | Follow Mutual Funds Sahi Hai on:

Mutual Fund investments are subject to market risks, read all scheme related documents carefully.

1102.2019B


# ଭାରତ ସେମିର ନିକଟତର

**ମାଞ୍ଚେଷ୍ଟର,୨୭।୬(ପି.ଟି.)**

ଆଇସିସି କ୍ରିକେଟ ବିଶ୍ୱକପ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସେମିଫାଇନାଲର ନିକଟତର ହୋଇଛି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଦମ୍‌ଦାର ବୋଲିଂ କରି ୧୨୫ ରନରେ ଓ୍ୱେଷ୍ଟଇଣ୍ଡିଜକୁ ହରାଇ ବୃହତ୍‌ ବିଜୟ ହାସଲ କରିଛି। ଆଉ ଗୋଟିଏ ବିଜୟ ହାସଲ କଲେ ଭାରତ ସେମିଫାଇନାଲରେ ପ୍ରବେଶ କରିବ। ଟସ୍‌ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୬୮ ରନ ସଂଗ୍ରହ କରିଥିଲା। ଜବାବରେ ଓ୍ୱେଷ୍ଟଇଣ୍ଡିଜ ୩୪.୨ ଓଭରରେ ୧୪୩ ରନକରି ଅଲଆଉଟ୍‌ ହେବା ସହ ଆତ୍ମସମର୍ପଣ କରିଛି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଅପରାଜେୟ ରହିଥିବା ଭାରତ ୬ଟି ମ୍ୟାଚ୍‌ ଖେଳି ୫ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡକୁ ହଟାଇ ଉନ୍ନତ ନେଟ୍‌ ରନ୍‌ରେଟ୍‌ରେ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠି ସେମିଆଶାକୁ ଆହୁରି ଦୃଢ଼ୀଭୂତ କରିଛି। ଅନ୍ୟପଟେ ଓ୍ୱେଷ୍ଟଇଣ୍ଡିଜ୍‌ ୭ଟି ମ୍ୟାଚ୍‌ ଖେଳି ଗୋଟିଏ ବିଜୟ, ୫ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ତାଲିକାରେ ପୂର୍ବପରି ଅଷ୍ଟମ ସ୍ଥାନରେ ରହିଛି। ରବିବାର ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଇଂଲଣ୍ଡକୁ ବର୍ମିଂହାମ୍‌ରେ ଭେଟିବ। ୭୨ ରନର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା କୋହଲିଙ୍କୁ ପ୍ଲେୟର ଅଫ୍‌ ଦି ମ୍ୟାଚ୍‌ ବିବେଚିତ କରାଯାଇଛି।

୨୬୯ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଓ୍ୱେଷ୍ଟଇଣ୍ଡିଜ ୧୬ ରନରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ବିସ୍ଫୋରକ ଓପନର କ୍ରିସ୍‌ ଗେଲ୍‌ ୬ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ସାଇ ହୋପ୍‌ ୫ ରନକରି ମହମ୍ମଦ ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ତୃତୀୟ ଉଇକେଟରେ ସୁନୀଲ ଅମ୍ବ୍ରିସ୍‌ ଓ ନିକୋଲାସ ପୁରାନ ୫୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତେବେ ୩୧ ରନ କରିଥିବା ବେଳେ ଅମ୍ବ୍ରିସ୍‌ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ଉଇକେଟ ଝଡ଼ିଥିଲା। ତାସ୍‌ଘର ପରି ଓ୍ୱେଷ୍ଟଇଣ୍ଡିଜ ଇନିଂସ ଭୁଶୁଡ଼ି ପଡ଼ିଥିଲା। ପୁରାନ ୨୮ ରନକରି ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ଦ୍ୱାର ଆଉଟ ହୋଇଥିଲେ। ଶିମରନ ହେଟ୍‌ମେୟର ୧୮ ରନ କରିଥିବା ସାମିଙ୍କ ତୃତୀୟ ଶିକାର ହୋଇଥିଲେ। ଅଧିନାୟକ ଜାସନ ହୋଲ୍ଡର ୬, କାର୍ଲୋସ ବ୍ରାଥୱେଟ ୧, ଶେଲଡନ କଟ୍ରେଲ ୧୦ ରନ କରି ଆଉଟ ହୋଇଥିଲେ। ଫାବିଆନ ଆଲେନ ଓ ଓଶେନ ଥୋମାସ ଖାତା ଖୋଲିପାରି ନ ଥିଲେ। କେମର ରୋଚ୍‌ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ସାମି ସର୍ବାଧିକ ୪, ବୁମ୍‌ରା ୨ ଓ ୟୁଜବେନ୍ଦ୍ର ଚହଲ ୨ଟି ଲେଖାଏ, ପାଣ୍ଡ୍ୟା ଓ କୁଲଦୀପ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଦେଖିଚାହିଁ ଆରମ୍ଭ କରିଥିଲା। ଇନ୍‌ଫର୍ମ ତାରକା ଓପନର ରୋହିତ ଶର୍ମା ୨୩ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୧୮ ରନ କରିଥିବା ବେଳେ ଦ୍ରୁତ ବୋଲର କେମର ରୋଚ୍‌ଙ୍କ ବଲ୍‌ରେ ଉଇକେଟ କିପର ସାଇ ହୋପ୍‌ଙ୍କୁ କ୍ୟାଚ୍‌ ଦେଇଥିଲେ। ଫିଲ୍ଡ ଅମ୍ପାୟର ଆଉଟ୍‌ ଘୋଷିତ କରି ନ ଥିଲେ। ତେବେ ଡିଆରଏସ୍‌ରେ ଥାର୍ଡ ଅମ୍ପାୟର ତାଙ୍କୁ ଆଉଟ ଘୋଷିତ କରିଥିଲେ। କିନ୍ତୁ ଟିଭି ରିପ୍ଲେରେ ବଲ୍‌ ବ୍ୟାଟ୍‌ରେ ବାଜିଥିବା ସ୍ପଷ୍ଟଭାବେ ଜଣାପଡୁ ନ ଥିଲା। ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲି ୬୯ ରନ ସଂଗ୍ରହ କରିଥିଲେ। ରାହୁଲ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ସେ ୬୪ ବଲରୁ ୬ ଚୌକା ସହ ୪୮ ରନ କରି କ୍ରିଜରେ ଜମି ଆସୁଥିବା ବେଳେ ଲାଇନ୍‌ ମିସ୍‌ କରି ଜାସନ ହୋଲ୍ଡରଙ୍କ ବଲ୍‌ରେ କ୍ଲିନ୍‌ ବୋଲ୍ଡ ହୋଇଥିଲେ ୨ ରନ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ବିଜୟ ଶଙ୍କର ପୁଣି ବିଫଳ ହୋଇଥିଲେ। ୧୯ ବଲରୁ ୩ ଚୌକା ସହ ୧୪ ରନ କରିଥିବା ବେଳେ ରୋଚ୍‌ଙ୍କ ବଲ୍‌ରେ ହୋପ୍‌ଙ୍କୁ କ୍ୟାଚ୍‌ ଦେଇ ପ୍ୟାଭିଲିୟନ ଫେରିଥିଲେ। ସୁଯୋଗ ମିଳିବା ସତ୍ତ୍ୱେ ଶଙ୍କର ୪ ନମ୍ବରରେ ଏହାର ସଦ୍‌ ବ୍ୟବହାର କରିବାରେ ବିଫଳ ହୋଇଛନ୍ତି। ଭାରତୀୟ ମିଡଲ ଅର୍ଡର ପୁଣିଥରେ ସାଂଘାତିକ ଭାବେ ବିଫଳ ହୋଇଥିଲା। ଶଙ୍କରଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା କେଦାର ଯାଦବ ମଧ୍ୟ ବିଫଳ ହୋଇଥିଲେ। ଗୋଟିଏ ସ୍ଥାନ ଉପରକୁ ଆସି କେଦାର ମାତ୍ର ୭ ରନ କରିଥିବା ବେଳେ ରୋଚ୍‌ଙ୍କ ଅଫ୍‌ ଷ୍ଟମ୍ପ ବାହାରର ବଲ୍‌ ଖେଳିବାକୁ ଯାଇଥିଲେ। ବଲ ବ୍ୟାଟର ଏଜ୍‌ ନେଇଥିଲା ଓ ହୋପ୍‌ କ୍ୟାଚ୍‌ ଧରିଥିଲେ। ଏହାପରେ ପାଳି ପଡ଼ିଥିଲା ଅଧିନାୟକ ବିରାଟ କୋହଲିଙ୍କର। ସେ ୮୨ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ସହ ୭୨ ରନ କରିଥିବା ବେଳେ ହୋଲ୍ଡରଙ୍କ ବଲ୍‌କୁ ପୁଲ୍‌ କରିବାକୁ ଯାଇ ମିଡ ଉଇକେଟରେ ବଦଳ ଖେଳାଳି ଡ୍ୱେନ ବ୍ରାଭୋଙ୍କ ହାତରେ ଧରାପଡିଥିଲେ। ବଲ୍‌ ଆଶାନୁରୂପ ବାଉନ୍ସ କରି ନ ଥିଲା ଓ ସେ ଜଲ୍‌ଦି ଖେଳିଥିଲେ ଫଳରେ ବଲ ବ୍ୟାଟ୍‌ର ଠିକ୍‌ ସଂଯୋଗ ହୋଇ ନ ଥିଲା। ୪ଟି ମ୍ୟାଚ୍‌ରୁ କୋହଲି କ୍ରମାଗତ ୪ଟି ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ପୁଣି ଥରେ ଏହାକୁ ଶତକରେ ପରିଣତ କରିପାରି ନ ଥିଲେ। ମହେନ୍ଦ୍ର ସିଂ ଧୋନୀଙ୍କ ସହ କୋହଲି ପଞ୍ଚମ ଉଇକେଟରେ ୪୦ ରନ ସଂଗ୍ରହ କରିଥିଲେ। ମନ୍ଥର ବ୍ୟାଟିଂ ଯୋଗୁ ବେଶ୍‌ ସମାଲୋଚିତ ହୋଇଥିବା ଧୋନୀ ଏହାକୁ ଦୋହରାଇଥିଲେ। ଧୋନୀ ଷ୍ଟ୍ରାଇକ ରୋଟେଟ କରିବାରେ ବିଫଳ ହୋଇଥିଲେ। ତାଙ୍କ ଇନିଂସରେ ଡଟ୍‌ ବଲ୍‌ ସଂଖ୍ୟା ଟିମ୍‌ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଆଫଗାନିସ୍ତାନ ବିପକ୍ଷରେ ଭାରତ ୧୫୨ଟି ଡଟ୍‌ ବଲ୍‌ ଦେଇଥିଲା। ଏହି ମ୍ୟାଚ୍‌ରେ ଭାରତ ୧୬୩ଟି ଡଟ୍‌ ବଲ୍‌ ଦେଇଛି। ତେବେ ହାର୍ଦ୍ଦିକ ପାଣ୍ଡ୍ୟା ଆଉଟ୍‌ ହେବା ପୂର୍ବରୁ ୩୮ ବଲରୁ ୫ ଚୌକା ସହ ୪୬ ରନ କରି ଦଳର ସ୍କୋରକୁ ଆଗକୁ ବଢାଇଥିଲେ। ପାଣ୍ଡ୍ୟା ଶେଲଡନ କୋଟ୍ରେଲଙ୍କ ବଲକୁ ଘୁରାଇ ମାରିବାକୁ ପ୍ରୟାସ କରିଥିଲେ ମଧ୍ୟ ଡିପ୍‌ କଭରରେ ଫାବିଏନ ଆଲେନ ହାତରେ ଧରା ପଡିଥିଲେ। ମହମ୍ମଦ ସାମି ଖାତା ଖୋଲିବା ପୂର୍ବରୁ କୋଟ୍ରେଲଙ୍କ ବଲ୍‌ରେ ହୋପ୍‌ଙ୍କୁ କ୍ୟାଚ୍‌ ଦେଇଥିଲେ। ଷଷ୍ଠ ଉଇକେଟରେ ଧୋନୀ ଓ ପାଣ୍ଡ୍ୟା ୬୦ ବଲରୁ ୭୦ ରନ ସଂଗ୍ରହ କରିଥିଲେ। ଅନ୍ତିମ ଓଭରରେ ଧୋନୀ ୨ଟି ଛକା ଓ ଗୋଟିଏ ଚୌକା ମାରି ୧୬ ରନ ସଂଗ୍ରହ କରିଥିଲେ। ଧୋନୀ ୬୧ଟି ବଲ୍‌ ଖେଳି ୩ ଚୌକା ଓ ୨ ଛକା ସହ ୫୬ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। କୁଲଦୀପ ଖାତା ଖୋଲି ନ ପାରି ଅପରାଜିତ ରହିଥିଲେ। ବୋଲିଂରେ ଓ୍ୱେଷ୍ଟଇଣ୍ଡିଜ ତରଫରୁ ରୋଚ୍‌ ୩, କୋଟ୍ରେଲ ଓ ହୋଲ୍ଡର ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ହାସଲ ପରେ ମହମ୍ମଦ ସାମିଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ବିଶ୍ୱକପରେ କ୍ରମାଗତ ୪ ଅର୍ଦ୍ଧଶତକ(ଭାରତୀୟ)

- ନଭଜୋତ ସିଦ୍ଧୁ(୧୯୮୭)
- ସଚିନ ତେନ୍ଦୁଲକର(୧୯୯୬ ଓ ୨୦୦୩)
- ବିରାଟ କୋହଲି(୨୦୧୯)

### ପଏଣ୍ଟ ଟେବୁଲ

| ଟିମ୍‌ | ମ୍ୟାଚ୍‌ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍‌ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୬ | ୧ | ୦ | ୦ | ୧୨ | +୦.୯୦୬ |
| **ଭାରତ** | **୬** | **୫** | **୦** | **୦** | **୧** | **୧୧** | **+୧.୧୬୦** |
| ନ୍ୟୁଜିଲାଣ୍ଡ | ୭ | ୫ | ୧ | ୦ | ୧ | ୧୧ | +୧.୦୨୮ |
| ଇଂଲଣ୍ଡ | ୭ | ୪ | ୩ | ୦ | ୦ | ୮ | +୧.୦୫୧ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ପାକିସ୍ତାନ | ୭ | ୩ | ୩ | ୦ | ୧ | ୭ | -୦.୯୭୬ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ଓ୍ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଦକ୍ଷିଣ ଆଫ୍ରିକା | ୭ | ୧ | ୫ | ୦ | ୧ | ୩ | -୦.୩୨୪ |
| ଆଫଗାନିସ୍ତାନ | ୭ | ୦ | ୭ | ୦ | ୦ | ୦ | -୧.୬୩୪ |

### ସ୍କୋର ବୋର୍ଡ

**ଭାରତ ଇନିଂସ**

ରାହୁଲ-ବୋ-ହୋଲ୍ଡର-୪୮
ରୋହିତ-କ-ଶାଇ ହୋପ୍‌-ବୋ ରୋଚ୍‌-୧୮
କୋହଲି-କ-ବ୍ରାଭୋ-ବୋ-ହୋଲ୍ଡର-୭୨
ବିଜୟ-କ-ଶାଇ ହୋପ୍‌-ବୋ-ରୋଚ୍‌-୧୪
କେଦାର-କ-ଶାଇ ହୋପ୍‌-ବୋ-ରୋଚ୍‌-୭
ଧୋନୀ-ନଟ ଆଉଟ-୫୬
ହାର୍ଦ୍ଦିକ-କ-ଫାବିଏନ୍‌ ଆଲେନ୍‌- ବୋ-କୋଟ୍ରେଲ-୪୬
ଶାମି-କ-ଶାଇ ହୋପ୍‌-ବୋ-କୋଟ୍ରେଲ-୦
କୁଲଦୀପ-ନଟଆଉଟ-୦
ଅତିରିକ୍ତ-୭
ମୋଟ (୫୦ ଓଭର, ୭ ଉଇକେଟ) ୨୬୮।
**ଉଇକେଟ ପତନ:** ୧/୨୯, ୨/୯୮, ୩/୧୨୬, ୪/୧୪୦, ୫/୧୮୦, ୬/୨୫୦, ୭/୨୫୨।

**ବୋଲିଂ (ଓ୍ୱେଷ୍ଟଇଣ୍ଡିଜ)**

ଶେଲଡନ୍‌ କୋଟ୍ରେଲ ୧୦-୦-୫୦-୨
କେମର ରୋଚ୍‌ ୧୦-୦-୩୬-୩
ଓଶାନେ ଥୋମାସ ୭-୦-୬୩-୦
ଫାବିଏନ୍‌ ଆଲେନ ୧୦-୦-୫୨-୦
ଜାସନ ହୋଲ୍ଡର ୧୦-୨-୩୩-୨
କାର୍ଲୋସ ବ୍ରାଥ୍‌ୱେଟ୍‌ ୩-୦-୩୩-୦।

**ଓ୍ୱେଷ୍ଟଇଣ୍ଡିଜ ଇନିଂସ**

କ୍ରିସ୍‌ ଗେଲ୍‌-କ-କେଦାର-ବୋ-ଶାମି-୬
ସୁନୀଲ ଆମ୍ବ୍ରିସ-ଏଲବିଡବ୍ଲ୍ୟୁ-ହାର୍ଦ୍ଦିକ-୩୧
ଶାଇ ହୋପ୍‌-ବୋ-ଶାମି-୫
ପୁରନ-କ-ଶାମି-ବୋ-କୁଲ୍‌ଦୀପ-୨୮
ହେଟମେର-କ-ରାହୁଲ-ବୋ ଶାମି-୧୮
ହୋଲ୍ଡର-କ-କେଦାର-ବୋ-ଚହଲ-୬
ବ୍ରାଥ୍‌ୱେଟ୍‌-କ-ଧୋନୀ-ବୋ-ବୁମ୍‌ରା-୧
ଫାବିଏନ୍‌ ଆଲେନ୍‌-ଏଲବିଡବ୍ଲ୍ୟୁ-ବୁମ୍‌ରା-୦
କେମର ରୋଚ୍‌-ନଟ୍‌ଆଉଟ୍‌-୧୪
କୋଟ୍ରେଲ-ଏଲବିଡବ୍ଲ୍ୟୁ-ଚହଲ-୧୦
ଥୋମାସ-କ-ରୋହିତ-ବୋ-ଶାମି-୬
ଅତିରିକ୍ତ-୧୮
ମୋଟ (୩୪.୨ ଓଭର, ଅଲଆଉଟ) ୧୪୩।
ଉଇକେଟ ପତନ: ୧/୧୦, ୨/୧୬, ୩/୭୧, ୪/୮୦, ୫/୯୮, ୬/୧୦୭, ୭/୧୦୭, ୮/୧୧୨, ୯/୧୨୪, ୧୦/୧୪୩।

**ବୋଲିଂ (ଭାରତ)**


ମହମ୍ମଦ ଶାମି ୬.୨-୦-୧୬-୪
ଯଶପ୍ରୀତ ବୁମ୍‌ରା ୬-୧-୯-୨
ହାର୍ଦ୍ଦିକ ପାଣ୍ଡ୍ୟା ୫-୦-୨୮-୧
କୁଲ୍‌ଦୀପ ଯାଦବ ୯-୧-୩୫-୧
କେଦାର ଯାଦବ ୧-୦-୪-୦
ୟୁଜବେନ୍ଦ୍ର ଚହଲ ୭-୦-୩୯-୨

### ବିରାଟ କୋହଲି ମ୍ୟାନ୍‌ ଅଫ୍‌ ଦି ମ୍ୟାଚ୍‌

## 'ବାବର କୋହଲିଙ୍କ ସହ ତୁଳନୀୟ'

**ବର୍ମିଂହାମ, ୨୭।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ଏକ ରୋମାଞ୍ଚକ ମ୍ୟାଚ୍‌ରେ ବୁଧବାର ପାକିସ୍ତାନ ୬ ଉଇକେଟ୍‌ରେ ଟାଇଟଲ୍‌ ଦାବିଦାର ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏଥିସହ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡର ଅପରାଜେୟ ଧାରାରେ ପାକିସ୍ତାନ ରୋକ୍‌ ଲଗାଇବାରେ ସଫଳ ହୋଇଛି। ଏହି ମ୍ୟାଚ୍‌ରେ ଉଦୀୟମାନ ବ୍ୟାଟ୍ସମ୍ୟାନ ବାବର ଆଜମ ଅପରାଜିତ ୧୦୧ ରନର ଶତକୀୟ ଇନିଂସ ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାବରଙ୍କ ଏହି ମ୍ୟାଚ୍‌ ବିଜୟୀ ଇନିଂସକୁ ଦଳର ବ୍ୟାଟିଂ କୋଚ୍‌ ଗ୍ରାଣ୍ଟ ଫ୍ଲାୱାର ଭୂୟସୀ ପ୍ରଶଂସା କରିବା ସହ ତାଙ୍କୁ ଭାରତର ରନ୍‌ ମେସିନ ବିରାଟ କୋହଲିଙ୍କ ସହ ତୁଳନା କରାଯାଇପାରିବ ବୋଲି କହିଛନ୍ତି। 'ସେ ଜଣେ ସ୍ୱତନ୍ତ୍ର ଖେଳାଳି। ପାକିସ୍ତାନରୁ ସୃଷ୍ଟି ହୋଇଥିବା ଖେଳାଳିଙ୍କ ମଧ୍ୟରେ ସେ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି। ସେ ଫିଟ୍‌ ଥିବା ସହ ପ୍ରକୃତରେ ରନ୍‌ ସଂଗ୍ରହ ପାଇଁ ଭୋକିଲା ରହିଛନ୍ତି' ବୋଲି ଫ୍ଲାୱାର କହିଛନ୍ତି। କୋହଲିଙ୍କ ସହ ବାବରଙ୍କୁ ତୁଳନା କରାଯିବାକୁ ନେଇ ଫ୍ଲାୱାର କହିଛନ୍ତି, 'ମୋତେ ଲାଗୁଛି ସେ ଗ୍ରାଉଣ୍ଡରେ ପାଦ ରଖିସାରିଛନ୍ତି ମାନେ ତାଙ୍କ କ୍ୟାରିୟର ବହୁତ ଉଜ୍ଜ୍ୱଳ ରହିବ। ସେ ବିରାଟଙ୍କ ପରି ଭୋକିଲା ରହିଛନ୍ତି। ଭବିଷ୍ୟତରେ ସେ ବିରାଟଙ୍କ ସହ ବରାବର୍‌ ହୋଇପାରିବେ'। ପ୍ରକାଶଯୋଗ୍ୟ, ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୨୩୮ ରନର ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ଏକଦା ୧୧୦ ରନରେ ୩ଟି ଉଇକେଟ୍‌ ହରାଇ ସଙ୍କଟରେ ପଡ଼ିଥିଲା। କିନ୍ତୁ ବାବର ୧୦୧ ରନର ଅପରାଜିତ ଇନିଂସ ଖେଳି ଦଳକୁ ସହଜରେ ବିଜୟୀ କରାଇଥିଲେ।



ବାବର ଆଜମ।

## ନ୍ୟୁଜିଲାଣ୍ଡର ପ୍ରଥମ ପରାଜୟ

**ବର୍ମିଂହାମ,୨୭।୬(ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଅପରାଜେୟ ଥିବା ନ୍ୟୁଜିଲାଣ୍ଡ ଶେଷରେ ପ୍ରଥମଥର ପାଇଁ ପରାଜୟର ମୁହଁ ଦେଖିଛି। ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ଟୁର୍ନାମେଣ୍ଟର ୩୩ତମ ମ୍ୟାଚ୍‌ରେ ଯୁବ ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦୀଙ୍କ ପ୍ରଭାବୀ ବୋଲିଂ ଓ ବାବର ଆଜମଙ୍କ ଉପଯୋଗୀ ଶତକ ବଳରେ ପାକିସ୍ତାନ ୫ଟି ବଲ ବାକିଥାଇ ୬ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ପାକିସ୍ତାନ ତା'ର ସେମିଫାଇନାଲ ଆଶାକୁ ଉଜ୍ଜୀବିତ ରଖିଛି। ପ୍ରଥମେ ବୋଲିଂ ଓ ପରେ ବ୍ୟାଟିଂରେ ଦମ୍‌ ଦେଖାଇ ପାକିସ୍ତାନ ବାଜିମାତ୍‌ କରିଛି। ବର୍ଷା ଜନିତ ଓଦା ଆଉଟ ଫିଲ୍ଡ ଯୋଗୁ ଖେଳ ଡେରିରେ ଆରମ୍ଭ ହୋଇଥିଲେ ମଧ୍ୟ ମ୍ୟାଚ୍‌ ୫୦ ଓଭର ବିଶିଷ୍ଟ ହୋଇଥିଲା। ଟସ୍‌ ଜିତି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୬ ଉଇକେଟ ହରାଇ ୨୩୭ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ୪୯.୧ ଓଭରରେ ୪ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏଥିସହ ନ୍ୟୁଜିଲାଣ୍ଡ ୭ଟି ମ୍ୟାଚ୍‌ ଖେଳି ୫ ବିଜୟ, ୧ ପରାଜୟ ଓ ଗୋଟିଏ ବିନା ଫଳଫଳ ସହ ୧୧ ପଏଣ୍ଟ ପାଇ ପୂର୍ବପରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ପାକିସ୍ତାନ ୭ଟି ମ୍ୟାଚ୍‌ ଖେଳି ୩ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନକୁ ଉଠିଛି। ମ୍ୟାଚ୍‌ ବିଜୟୀ ଅପରାଜିତ ଶତକୀୟ ଇନିଂସ ଲାଗି ବାବରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ନିଶ୍ଚିତ ବିଜୟ ଲକ୍ଷ୍ୟରେ ଶ୍ରୀଲଙ୍କା

**ଚେଷ୍ଟର-ଲି-ଷ୍ଟ୍ରିଟ୍‌, ୨୭।୬ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ଶୁକ୍ରବାର ସେମିଫାଇନାଲ ଦୌଡ଼ରୁ ବାଦ୍‌ ପଡ଼ିସାରିଥିବା ଦକ୍ଷିଣ ଆଫ୍ରିକା ଓ ଏସୀୟ ରାଷ୍ଟ୍ର ଶ୍ରୀଲଙ୍କା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଶ୍ରୀଲଙ୍କା ଏହାର ପୂର୍ବ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡକୁ ରୋମାଞ୍ଚକ ଭାବେ ୨୦ ରନରେ ପରାସ୍ତ କରି ସେମିଫାଇନାଲ ଦୌଡ଼ରେ ସାମିଲ ହୋଇଥିଲା। ଅନ୍ତିମ-୪'ରେ ପ୍ରବେଶ ଆଶା ଉଜ୍ଜିବୀତ ରଖିବା ପାଇଁ ହେଲେ ଦିମୁଥ କରୁଣାରତ୍ନେଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଦଳକୁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ ହେଉଛି। ଶ୍ରୀଲଙ୍କା ୬ ମ୍ୟାଚ୍‌ରୁ ୨ଟି ଲେଖାଏ ବିଜୟ, ପରାଜୟ ଓ ବିନାଫଳ ସହ ୬ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନରେ ରହିଛି। ୧୯୯୬ ଚାମ୍ପିୟନ ସିଂହଳୀ ଦଳ ଏହାର ଅନ୍ତିମ ୩ ମ୍ୟାଚ୍‌ ଜିତିପାରିଲେ ସେମିଫାଇନାଲରେ ସ୍ଥାନ ପକ୍କା କରିବାର ଯଥେଷ୍ଟ ସମ୍ଭାବନା ରହିଛି।

ଗତ ସଂସ୍କରଣର ସେମିଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍‌ ଇତିହାସରେ ଏହାର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଛି। ଫାଫ୍‌ ଡୁପ୍ଲେସିସଙ୍କ ଦଳ ଏହାର ପୂର୍ବ ମ୍ୟାଚ୍‌ରେ ପାକିସ୍ତାନ ନିକଟରୁ ୪୯ ରନରେ ପରାସ୍ତ ହେବା ସହ ସେମିଫାଇନାଲ ଦୌଡ଼ରୁ ବାଦ୍‌ ପଡ଼ିଛି। ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୧ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ମାତ୍ର ୩ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିବା ଆଫଗାନିସ୍ତାନର ଉପରେ ରହିଛି। ସେମିଫାଇନାଲରୁ ବାଦ୍‌ ପଡ଼ି ସାରିଥିବାରୁ ଦକ୍ଷିଣ ଆଫ୍ରିକା ଏବେ ସମ୍ମାନ ରକ୍ଷା ଲାଗି ଖେଳିବ।

**ଦକ୍ଷିଣ ଆଫ୍ରିକା-୩, ଶ୍ରୀଲଙ୍କା-୧:**

ଉଭୟ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ବର୍ତ୍ତମାନ ସୁଦ୍ଧା କ୍ରିକେଟ୍‌ର ମହାକୁମ୍ଭରେ ପରସ୍ପର ବିପକ୍ଷରେ ୫ଥର ଖେଳିଛନ୍ତି। ସେଥିମଧ୍ୟରୁ ଦକ୍ଷିଣ ଆଫ୍ରିକା ୩ ଓ ଶ୍ରୀଲଙ୍କା କେବଳ ଗୋଟିଏ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରିଛି। ଗୋଟିଏ ମ୍ୟାଚ୍‌ର ଟାଇରେ ସମାପ୍ତ ହୋଇଥିଲା।

**ଭେନ୍ୟୁ ଷ୍ଟାଟସ୍‌:**

ସ୍ଥାନୀୟ ରିଭରସାଇଡ୍‌ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରିଥିବା ଦଳର ଆଭରେଜ ସ୍କୋର ୨୪୩ ରନ ଏବଂ ୨ୟ ବ୍ୟାଟିଂ କରୁଥିବା ଦଳର ଆଭରେଜ ସ୍କୋର ୧୮୦ ରନ୍‌ ରହିଛି। ଘରୋଇ ଇଂଲଣ୍ଡ (୩୧୪/୪) ନାମରେ ଏହି ଗ୍ରାଉଣ୍ଡରେ ସର୍ବାଧିକ ଦଳଗତ ସ୍କୋର ଲିପିବଦ୍ଧ ରହିଛି। ସେହିଭଳି ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ଏଠାରେ ମାତ୍ର ୯୯ ରନରେ ଅଲ୍‌ଆଉଟ୍‌ ହୋଇଥିଲା, ଯାହାକି ସର୍ବନିମ୍ନ ଦଳଗତ ସ୍କୋରର ରେକର୍ଡ ବହନ କରୁଛି।

### ଆଜିର ମ୍ୟାଚ୍‌

**ଶ୍ରୀଲଙ୍କା**
ବନାମ
**ଦକ୍ଷିଣ ଆଫ୍ରିକା**

ସ୍ଥାନ
ମାଞ୍ଚେଷ୍ଟର

ସମୟ
ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ






❝ ବୁଧବାର ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ପରାସ୍ତ କରିବା ଦ୍ୱାରା ଆମେ ଅବଶିଷ୍ଟ ମ୍ୟାଚ ଜିତି ବିଶ୍ୱକପ୍ ସେମିରେ ପ୍ରବେଶ କରିପାରିବୁ ବୋଲି ଆଶା କରୁଛୁ ।
–ବାବର ଆଜମ, ପାକିସ୍ତାନ କ୍ରିକେଟର



❝ ବର୍ମିଂହାମଠାରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ପରାଜିତ ହୋଇଥିଲେ ମଧ ଆମ ବିଶ୍ୱକପ୍ ଅଭିଯାନ ପଥଭ୍ରଷ୍ଟ ହୋଇନାହିଁ ।
–ଜିମ୍ମି ନିଶାମ, ନ୍ୟୁଜିଲାଣ୍ଡ ଅଲରାଉଣ୍ଡର

**ସଂକ୍ଷେପରେ**

## ଆଫଗାନିସ୍ତାନ ଦଳରେ ଶିର୍‌ଜାଦ



ଲିଡ୍ସ, ୨୭।୬ (ପି.ଟି.)- ଚଳିତ ଆଇସିସି ବିଶ୍ୱକପ୍‌ରେ ଆଫଗାନିସ୍ତାନର ଅବଶିଷ୍ଟ ମ୍ୟାଚଗୁଡ଼ିକ ଲାଗି ଅଫତାବ ଆଲାମ ବାଦ୍ ପଡ଼ିଥିବାବେଳେ ତାଙ୍କ ସ୍ଥାନରେ ବାମହାତୀ ମିଡିୟମ ପେସ୍ ବୋଲର ସୟେଦ ଅହମ୍ମଦ ଶିର୍‌ଜାଦଙ୍କୁ ଦଳରେ ସ୍ଥାନ ମିଳିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଗୁରୁବାର ଏ ସମ୍ପର୍କରେ ସ୍ପଷ୍ଟ କରିଦିଆଯାଇଛି। ଏକ ବିଶେଷ ପରିସ୍ଥିତିରେ ଆଲାମଙ୍କ ସ୍ଥାନରେ ଶିରଜାଦଙ୍କୁ ନିଆଯାଇଥିବା ଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ୨୦୧୯ର ଇଭେଣ୍ଟ ଟେକ୍‌ନିକାଲ କମିଟି ଦ୍ୱାରା ଏହା ଅନୁମୋଦନ ଲାଭ କରିଛି। ଆଫଗାନିସ୍ତାନ ଏପର୍ଯ୍ୟନ୍ତ ଖେଳିସାରିଥିବା ସମସ୍ତ ୭ଟି ଗେମ୍‌ରେ ପରାଜୟ ସହ ବିଶ୍ୱକପ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ସମ୍ମାନ ରକ୍ଷା ପାଇଁ ଏହି ଦଳ ଶନିବାର ପାକିସ୍ତାନ ଏବଂ ଜୁଲାଇ ୪ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିବ।

## ପୂର୍ବତନ ବେଙ୍ଗଲ ରଣ୍‌ଜୀ ଅଧିନାୟକଙ୍କ ପରଲୋକ

କୋଲକାତା, ୨୭।୬(ପି.ଟି.)-ବେଙ୍ଗଲ ରଣ୍‌ଜୀ ଦଳର ପୂର୍ବତନ ଅଧିନାୟକ ଶ୍ୟାମ ସୁନ୍ଦର ମିତ୍ରଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ହାର୍ଟଜନିତ ସମସ୍ୟା ଦେଇ ଗତି କରୁଥିଲେ। ସଲ୍ଟଲେକ୍‌ସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଗୁରୁବାର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବୋଲି କ୍ରିକେଟ୍ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ପକ୍ଷରୁ କୁହାଯାଇଛି। ଏସ୍‌ଏସ୍ ନାମରେ ବେଶ୍ ପରିଚିତ ଲାଭ କରିଥିବା ଶ୍ୟାମ କ୍ୟାରିୟରରେ ମୋଟ୍ ୫୯ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବାବେଳେ ୫୦.୧୩ ଆଭରେଜରେ ରନ୍ ସଂଗ୍ରହ କରିଥିଲେ। ୧୫୫ ରନ୍ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ ରହିଥିଲା। ୧୯୬୦ଦଶକରେ କେତୋଟି ସାହସିକ ଇନିଂସ ଖେଳିଥିଲେ ମଧ ମିତ୍ରାଙ୍କୁ କେବେ ବି ଭାରତୀୟ ଦଳ ପାଇଁ ଚୟନ କରାଯାଇ ନ ଥିଲା। ମିତ୍ର ଭାରତର ପ୍ରମୁଖ ଦଳଗୁଡ଼ିକ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ ରାଜନୀତିର ଶିକାର ହୋଇ ଜାତୀୟ ଦଳ ପକ୍ଷରୁ ଖେଳିବାରୁ ବଞ୍ଚିତ ହୋଇଥିଲେ ବୋଲି ରାଜୁ ମୁଖାର୍ଜୀ ତାଙ୍କ ପୁସ୍ତକ 'ଇଡେନ ଗାର୍ଡେନ୍ସ: ଲିଜେଣ୍ଡ ଆଣ୍ଡ୍ ରୋମାନ୍ସ'ରେ ଉଲ୍ଲେଖ କରିଛନ୍ତି।

# ଆର୍ଥିକ ସଂକଟରେ ଏଆଇଏଫ୍‌ଏଫ୍

**ନୂଆଦିଲ୍ଲୀ, ୨୭।୬ (ପି.ଟି.)**



କମର୍ସିଆଲ ପାର୍ଟନର ଆଇଏମ୍‌ଜି-ରିଲାଏନ୍ସ ଉପରେ ୨୫ କୋଟି ଟଙ୍କା ବାକି ପଡ଼ିଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏବେ ଆର୍ଥିକ ସଂକଟ ଦେଇ ଗତି କରୁଛି। ଖବର ଅନୁସାରେ ମହାସଂଘର କମର୍ସିଆଲ ପାର୍ଟନର ଶେଷ ଦୁଇ କ୍ୱାର୍ଟର ପର୍ଯ୍ୟାୟ ରାଶି ବାକି ରଖିଛି। ଏହି କାରଣରୁ ଆଇ-ଲିଗ୍ ବିଜେତା ଚେନ୍ନାଇ ସିଟିକୁ ଏପର୍ଯ୍ୟନ୍ତ ପୁରସ୍କାର ରାଶି ବାବଦରେ ୧ କୋଟି ଟଙ୍କା ଦିଆଯାଇ ପାରିନାହିଁ। ଏହାଛଡ଼ା ରେଫରିଙ୍କ ପାଉଣା ଏବଂ ଯାତାୟାତ ବାବଦରେ ଖର୍ଚ୍ଚ ଭରଣା କରାଯାଇ ପାରୁନାହିଁ। ରିଲାଏନ୍ସ ସ୍ପୋର୍ଟ୍ସ ସିଇଓ ସୁନ୍ଦର ରମଣ ଏଆଇଏଫ୍‌ଏଫ୍‌ର ଏକ କମିଟିର ଜଣେ ସଦସ୍ୟ ମଧ ରହିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ ଲାଗି ବାରମ୍ବାର ଚେଷ୍ଟା ସତ୍ତ୍ୱେ ସମ୍ଭବ ହୋଇ ପାରିନାହିଁ। ୨୦୧୦ରେ ଏଆଇଏଫ୍‌ଏଫ୍ ଏବଂ ଆଇଏମ୍‌ଜି ରିଲାଏନ୍ସ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ମହାସଂଘ ଏହାର କମର୍ସିଆଲ ପାର୍ଟନରଠାରୁ ବାର୍ଷିକ ୫୦ କୋଟି ଟଙ୍କା ପାଇବା କଥା। ମାତ୍ର ଶେଷ ଦୁଇ କ୍ୱାର୍ଟର ପେମେଣ୍ଟ ନ ମିଳିଥିବାରୁ ମହାସଂଘ ଆଇ-ଲିଗ୍ କ୍ଲବଗୁଡ଼ିକୁ ପୁରସ୍କାର ରାଶି ବାବଦରେ ୨.୫କୋଟି ଟଙ୍କା ଦେଇପାରୁନାହିଁ। ଏହାଛଡ଼ା ଯାତାୟାତ ଖର୍ଚ୍ଚ ଓ ସବ୍‌ସିଡି ସମେତ ଅନ୍ୟାନ୍ୟ ଖର୍ଚ୍ଚବାବଦରେ ମୋଟ ୪କୋଟି ଟଙ୍କା ଦିଆଯାଇ ନ ପାରି ବାକି ପଡ଼ିଥିବା ଏଆଇଏଫ୍‌ଏଫ୍‌ର ଜଣେ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଜାନୁଆରୀଠାରୁ କ୍ୱାର୍ଟରଲୀ ପ୍ରାପ୍ୟ ମିଳି ନାହିଁ। କ୍ଲବଗୁଡ଼ିକ ସେମାନଙ୍କ ପାଉଣା ପାଇବା ଲାଗି ମେଲ୍ କରୁଛନ୍ତି। ମିନର୍ଭା ପଞ୍ଜାବ ଦୈନିକ ଚିଠି କରୁଥିବା ସେ କହିଛନ୍ତି। ଚେନ୍ନାଇ ସିଟି ସିଇଓ ରୋହିତ ରମେଶ ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରିଛନ୍ତି। ଚେନ୍ନାଇ ସିଟି ୩ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଚାମ୍ପିୟନ ହୋଇସାରିଲାଣି। ମୁଁ ଇ-ମେଲ ଜରିଆରେ ପୁରସ୍କାର ରାଶି ପାଇଁ ଅନୁରୋଧ କରିସାରିଛି। ମାତ୍ର ଏଆଇଏଫ୍‌ଏଫ୍‌ରୁ କୌଣସି ଜବାବ ମିଳିନାହିଁ ବୋଲି ରମେଶ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ଶେଷରେ ବିଜେତା ଭାବେ ଆମକୁ ୧କୋଟି ଟଙ୍କାର ଏକ ଲମ୍ବା ଚେକ୍ ଧରାଇ ଦିଆଯାଇଥିଲା। ମାତ୍ର ଆମକୁ ଟଙ୍କା ମିଳିନାହିଁ। ଆଇଏମ୍‌ଜି-ରିଲାଏନ୍ସ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ)ର ପ୍ରମୋଟର ମଧ ରହିଛି। ସୁପର ଲିଗ୍‌ରୁ ଓହରିଯାଇଥିବା ଆଇ-ଲିଗ୍ କ୍ଲବଗୁଡ଼ିକ ଉପରେ ବହୁ ପରିମାଣରେ ଆର୍ଥିକ ଜରିମାନା ହେଉ ବୋଲି ଏହି ସଂସ୍ଥା ଚାହୁଁଛି। ଏ ବାବଦରେ ଏଆଇଏଫ୍‌ଏଫ୍ ବିପୁଳ ରାଶି ସଂଗ୍ରହ କରିପାରିବ। ଏହାଛଡ଼ା ଆଇଏସ୍‌ଏଲ୍‌କୁ ମୁଖ୍ୟ ଲିଗ୍ ବୋଲି ଘୋଷଣା କରାଯିବା ଲାଗି ଏହି ସଂସ୍ଥା ଅଡ଼ି ବସିଛି। ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ବୈଠକ ଜୁଲାଇ ୩ରେ ବସିବ। ଏହା ରବରଷ୍ଟାମ୍ପ ଭଳି କାର୍ଯ୍ୟକରୁଥିବା କୁହାଯାଉଛି। ଅନ୍ୟପକ୍ଷରେ ବିଭିନ୍ନ ପ୍ରସଙ୍ଗ ନେଇ ମିନର୍ଭା ପଞ୍ଜାବ ଏଫ୍‌ସିର ଏଆଇଏଫ୍‌ଏଫ୍ ସହ ଛକାପଞ୍ଝା ଚାଲିଛି।

## ଓଡ଼ିଶା ବାହୁକୁସ୍ତି ଦଳର ସଫଳତା



ପଦକ ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୨୭।୬ (ସ୍ପୋର୍ଟ୍ସ ବ୍ୟୁରୋ) ଛତିଶଗଡ଼ର ଭିଲାଇଠାରେ ୪୩ତମ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। ୯୦କେଜି ସିନିୟର ପୁରୁଷ ବିଭାଗରେ ପ୍ରମୋଦ ମୁଖୀ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ପ୍ରତାପ ଷଡ଼ଙ୍ଗୀ ୬୫କେଜି ବିଭାଗରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ଚନ୍ଦନ ବେହେରା ଭିନ୍ନକ୍ଷମ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ସହ ଶ୍ରେଷ୍ଠ ଖେଳାଳି ଏବଂ ସୋମନାଥ ପାତ୍ର ୮୦କେଜି ବାମହାତୀ ପୁରୁଷ ସିନିୟର ବିଭାଗରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେବାଲାଗି ଓଡ଼ିଶାର ୩୦ଜଣିଆ ଦଳ ଗସ୍ତ କରିଥିଲା। ଦଳ ସହିତ ଓଡ଼ିଶା ବାହୁକୁସ୍ତି ଆସୋସିଏଶନ ସାଧାରଣ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ମ୍ୟାନେଜର ସାଗର ନାୟକ, କୋଚ୍ ସୁମିତ ରାଜ୍ ଏବଂ ସନ୍ତୋଷ ଦାସ ପ୍ରମୁଖ ଭିଲାଇ ଯାଇଥିଲେ।

# ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ



ବ୍ରୋଞ୍ଜ ପଦକ ବିଜୟିନୀ ପ୍ରତ୍ୟାଶା ରୟ (ଉପରୁ ଡାହାଣ)

ଭୁବନେଶ୍ୱର, ୨୭।୬(କ୍ରୀଡ଼ା ପ୍ରତିନିଧୀ) ଓଡ଼ିଶାର ସନ୍ତରଣ ପ୍ରତିଭା ପ୍ରତ୍ୟାଶା ରୟଙ୍କୁ ଗୁରୁବାର ଆଉଏକ ସଫଳତା ମିଳିଛି। ଗୁଜରାଟର ରାଜକୋଟଠାରେ ଚାଲିଥିବା ୩୬ତମ ଜାତୀୟ ସବ୍‌ଜୁନିୟର ସନ୍ତରଣ ଚାମ୍ପିୟନଶିପର ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗୋଆର ଶୃଙ୍ଗି ରାଜେଶ ବନ୍ଦେକର ସ୍ୱର୍ଣ୍ଣ ଓ କର୍ଣ୍ଣାଟକର ସୁଭନା ସି. ବାସ୍କର ରୌପ୍ୟ ପଦକ ଲାଭ କରିଛନ୍ତି। ଏହି ଇଭେଣ୍ଟରେ ମୋଟ ୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ବିଜୟ ଜାତୀୟ ସାଇକ୍ଲିଂ ଫେଡେରେଶନର ଯୁଗ୍ମ ସମ୍ପାଦକ

**କଟକ ଅଫିସ,୨୭।୬**

ସାଇକ୍ଲିଂ ଫେଡେରେଶନ ଅଫ ଇଣ୍ଡିଆର କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ପରିଷଦ ବୈଠକ ଗତ ୨୩ ତାରିଖରେ ଚଣ୍ଡୀଗଡ଼ର ମୋହାଲିଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଂଘ ସଭାପତି ମିନତୀ ମହାପାତ୍ର ଓ ସମ୍ପାଦକ ବିଜୟ କୁମାର ରାଉତ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ସଂଘ ସମ୍ପାଦକ ବିଜୟ ଫେଡେରେଶନର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଲଗାତାର ୩ୟ ଥର ବିଜୟ ଏହି ପଦବୀ ବଜାୟ ରଖିଛନ୍ତି। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ପକ୍ଷରୁ ବିଜୟଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖ: ରୁଟ୍

**ବର୍ମିଂହାମ,୨୭।୬(ପି.ଟି.)**



ଆସନ୍ତା ରବିବାର ଏଠାରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜୋ ରୁଟ୍ ସାଥୀ ଖେଳାଳିମାନଙ୍କୁ କିଛିଟା ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବାକୁ ସେ କହିଛନ୍ତି। ଯଦି ଏହି ମ୍ୟାଚ୍‌ରେ ଭାରତଠାରୁ ଇଂଲଣ୍ଡ ପରାସ୍ତ ହୁଏ ତାହେଲେ ଟୁର୍ନାମେଣ୍ଟରୁ ବାଦ୍ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି। ଟୁର୍ନାମେଣ୍ଟରେ ଜବରଦସ୍ତ ଆରମ୍ଭ କରିଥିଲେ ମଧ ଇଂଲଣ୍ଡ କ୍ରମାଗତ କେତୋଟି ପରାଜୟ ବରଣ କରି ବିପଦରେ ପଡିଛି। ଶ୍ରୀଲଙ୍କାଠାରୁ ହାରିବା ପରେ ଇଂଲଣ୍ଡ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଛି। ଇଂଲଣ୍ଡ ଏବେ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଆଗକୁ ଇଂଲଣ୍ଡ ଭାରତ ଓ ପରେ ନ୍ୟୁଜିଲାଣ୍ଡକୁ ଭେଟିବ। ତେଣୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଇଂଲଣ୍ଡକୁ ଏହି ଦୁଇଟି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଏହି ଦୁଇଟି ମ୍ୟାଚ୍‌ରେ ଆମକୁ ଶାନ୍ତ ରହିବାକୁ ହେବ। ଏଜବାଷ୍ଟନ ଗ୍ରାଉଣ୍ଡରେ ପରିବେଶ ବେଶ୍ ରୋମାଞ୍ଚକ ରହିବ। ତେଣୁ ଖେଳାଳିମାନଙ୍କୁ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବାକୁ ହେବ ବୋଲି ଟେଷ୍ଟ ଅଧିନାୟକ ରୁଟ୍ କହିଛନ୍ତି। ଆମେ ଏବେ ମଧ ସେମିଫାଇନାଲକୁ ଉଠିବାର ଦକ୍ଷତା ରଖିଛୁ। ଭାରତ ଓ ନ୍ୟୁଜିଲାଣ୍ଡକୁ ହରାଇପାରିଲେ ଆମେ ସେମିଫାଇନାଲକୁ ଉଠିବୁ। ଏହି ଦୁଇଟି ମ୍ୟାଚ୍ ଆମ ପାଇଁ କ୍ୱାର୍ଟର ଫାଇନାଲ ସଦୃଶ ହୋଇଛି। ଟୁର୍ନମେଣ୍ଟରେ କେବେ ନା କେବେ ବଡ଼ ମ୍ୟାଚ୍ ବା ନକ୍ ଆଉଟ ମ୍ୟାଚ୍ ଖେଳିବାକୁ ହୋଇଥାଏ। ଆମକୁ କେବଳ ଭଲ ପ୍ରଦର୍ଶନ କରିବାକୁ ହେବ। ରବିବାର ବର୍ମିଂହାମ୍‌ରେ ବହୁ ସଂଖ୍ୟାରେ ଭାରତୀୟ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହିବେ। ତେଣୁ ଘରୋଇ ପରିବେଶରେ ଖେଳୁଥିଲେ ମଧ ଆମେ ଚାପରେ ରହିବୁ ଓ ନିଜ ଦର୍ଶକଙ୍କ ଉପସ୍ଥିତି ଭାରତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ ବୋଲି ରୁଟ୍ ସ୍ୱୀକାର କରିଛନ୍ତି।

# ଭୁବନେଶ୍ୱରରେ ଇସାକ ଦୋରୁ

**ଭୁବନେଶ୍ୱର, ୨୭।୬(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ବୈଷୟିକ ନିର୍ଦ୍ଦେଶକ ଇସାକ ଦୋରୁ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ପକ୍ଷରୁ ଭୁବନେଶ୍ୱର ବିମାନ ବନ୍ଦରରେ ତାଙ୍କୁ ଏଆଇଏଫଏଫ ଉନ୍ନୟନ ଅଧିକାରୀ ଶୁଭାଶିଷ ବେହେରା ସ୍ୱାଗତ କରିଥିଲେ। ଦୋରୁ ଭୁବନେଶ୍ୱରରେ ଜୁଲାଇ ୨ ପର୍ଯ୍ୟନ୍ତ ରହିବେ। ଏହି ଅବସରରେ ସେ ଏଠାରେ ଚାଲିଥିବା ୧୬ ଓ ୧୯ ବର୍ଷରୁ କମ୍ ଜାତୀୟ କ୍ୟାମ୍ପ ଅନୁଧ୍ୟାନ କରିବେ। ଓଡ଼ିଶାରେ ରହଣି ସମୟରେ ସେ ଫାଓ କର୍ମକର୍ତ୍ତାଙ୍କ ସହ ଅଲୋଚନା କରିବେ ଏବଂ କଟକ ଯାଇ ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।



ଇସାକ ଦୋରୁ (ଡାହାଣ)।

## ଇଂଲଣ୍ଡକୁ ହଟାଇ ଶୀର୍ଷରେ ଭାରତ

**ମାଞ୍ଚେଷ୍ଟର, ୨୭।୬(ପି.ଟି.)**

ବିଶ୍ୱକପ୍‌ର ଏକ ମୁକାବିଲାରେ ଭାରତ ଓ ଆୟୋଜକ ଇଂଲଣ୍ଡ ପରସ୍ପରକୁ ଜୁନ୍ ୩୦ରେ ଭେଟିବାକୁ ଯାଉଛନ୍ତି। କିନ୍ତୁ ଏହାର ୩ ଦିନ ପୂର୍ବରୁ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଇଂଲଣ୍ଡକୁ ହଟାଇ ଭାରତ ଶୀର୍ଷ ସ୍ଥାନ ଦଖଲ କରିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍ ଅନୁଯାୟୀ ବିରାଟ କୋହଲିଙ୍କ ଦଳ ୧୨୩ ପଏଣ୍ଟ ସହ ଶୀର୍ଷରେ ରହିଥିବାବେଳେ ବିଶ୍ୱକପ୍ ଆୟୋଜକ ଇଂଲଣ୍ଡ (୧୨୨) ଓ ନ୍ୟୁଜିଲାଣ୍ଡ (୧୧୪) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ପ୍ରଥମ ଦଳ ଭାବେ ଚଳିତ ବିଶ୍ୱକପ୍ ସେମିଫାଇନାଲରେ ସ୍ଥାନ ପକ୍କା କରିଥିବା ଅଷ୍ଟ୍ରେଲିଆ ୧୧୨ ପଏଣ୍ଟ ସହ ୪ର୍ଥ ସ୍ଥାନ ଲାଭ କରିଛି।


# ଦୁର୍ଘଟଣାରେ ବକ୍ସର ନୀରଜ ଆହତ

**ନୂଆଦିଲ୍ଲୀ, ୨୭।୬(ପି.ଟି.)**

ଭାରତୀୟ ପ୍ରଫେଶନାଲ ବକ୍ସର ନୀରଜ ଗୋୟାତ ଏକ କାର୍ ଦୁର୍ଘଟଣାରେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଫଳରେ ଆସନ୍ତା ମାସରେ ବ୍ରିଟିଶ ଷ୍ଟାର ବକ୍ସର ଅମିର ଖାଁଙ୍କ ବିପକ୍ଷ ଡବ୍ଲ୍ୟୁବିସି ପର୍ଲ ୱାର୍ଲ୍ଡଚାମ୍ପିୟନଶିପ୍ ମୁକାବିଲାରୁ ସେ ଓହରିଯିବାକୁ ବାଧ ହୋଇଛନ୍ତି। ଖବର ଅନୁସାରେ ମଙ୍ଗଳବାର ରାତିରେ ହରିୟାଣାର ଏହି ୨୭ ବର୍ଷୀୟ ବକ୍ସର ଏହି ମେଗା ଫାଇଟ୍ ପାଇଁ ଟ୍ରେନିଂ ଶେଷ କରି ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମୁଣ୍ଡ, ମୁହଁ ଏବଂ ବାମ ହାତରେ ଗୁରୁତର ଆଘାତ ଲାଗିଛି। ଆମେ ତାଙ୍କର ଦ୍ରୁତ ଆରୋଗ୍ୟକାମନା କରୁଛୁ ବୋଲି ସୁପର ବକ୍ସିଂ ଲିଗ୍ ପ୍ରମୋଟର ବିଲ୍ ଡୋସାଞ୍ଜ୍ ପ୍ରକାଶ କରିଛନ୍ତି। ନୀରଜ ଜୁଲାଇ ୧୨ରେ ସୌଦି ଆରବର ଜେଦାହଠାରେ ଦୁଇଥର ବିଶ୍ୱ ଚାମ୍ପିୟନ ଅମୀରଙ୍କ ସହିତ ଡବ୍ଲ୍ୟୁବିସି ପର୍ଲ ୱାର୍ଲ୍ଡ ଚାମ୍ପିୟନଶିପ୍ ବାଉଟ୍ ଲଢ଼ିବାର କାର୍ଯ୍ୟକ୍ରମ ରହିଥିଲା। ବର୍ତ୍ତମାନ ନୀରଜଙ୍କ ସ୍ଥାନରେ ବର୍ତ୍ତମାନ ଅଷ୍ଟ୍ରେଲିଆର ୱାର୍ଲ୍ଡ ଫିଦରୱେଟ୍ ଚାମ୍ପିୟନ ୩୩ ବର୍ଷୀୟ ବିଲି ବିବ୍ ଅମୀରଙ୍କ ସହିତ ମୁକାବିଲା କରିବେ। ବିଲି ବିବ୍ ଦୁଇଥର ବିଶ୍ୱ ଚାମ୍ପିୟନ ମଧ।

# ଆଇଓସି ସଦସ୍ୟ ଭାବେ ବାତ୍ରା ନିର୍ବାଚିତ

**ଲାଉସାନେ, ୨୭।୬ (ପି.ଟି.)**



ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଜଣେ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏଠାରେ ଆଇଓସି ସେସନ ବେଳେ ସେ ସମ୍ମାନଜନକ ଆସନ ପାଇଁ ନିର୍ବାଚିତ ହୋଇଛନ୍ତି। ମୋଟ ୬୨ଟି ଭୋଟ୍‌ରୁ ସେ ୫୮ଟି ଭୋଟ ପାଇଥିବାବେଳେ ୪ଟି ତାଙ୍କ ବିପକ୍ଷରେ ଯାଇଥିଲା। ଏକ ଜାତୀୟ ଅଲିମ୍ପିକ କମିଟି ଆଇଓଏର ମୁଖ୍ୟ ହେବା ସହ ଆଇଓସି ସଦସ୍ୟ ହୋଇଛନ୍ତି। ଏଥିସହିତ ଏକ ଅଲିମ୍ପିକ କ୍ରୀଡ଼ାର ଅନ୍ତର୍ଜାତୀୟ ମହାସଂଘ ଏଫ୍‌ଆଇଏଚ୍(ଅନ୍ତର୍ଜାତୀୟ ହକି ମହାସଂଘ)ର ସେ ମୁଖ୍ୟ ଅଛନ୍ତି।

ଏହା ଦ୍ୱାରା ବାତ୍ରା ଏକ ବିରଳ ପ୍ରତିଷ୍ଠା ଲାଭ କରିଛନ୍ତି। ଏଭଳି ଗୌରବ ଅର୍ଜନ କରିବାରେ ସେ ପ୍ରଥମ ଭାରତୀୟ। ବାତ୍ରା ନିର୍ବାଚିତ ହେବା ଦ୍ୱାରା ଆଇଓସିରେ ସକ୍ରିୟ ଭାରତୀୟ ସଦସ୍ୟଙ୍କ ସଂଖ୍ୟା ଦୁଇକୁ ବୃଦ୍ଧି ପାଇଛି। ରିଲାଏନ୍ସ ଫାଉଣ୍ଡେଶନ ଅଧ୍ୟକ୍ଷା ନୀତା ଅମ୍ବାନୀ ୨୦୧୬ରେ ଆଇଓସିର ଜଣେ ବ୍ୟକ୍ତିଗତ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହି ସମ୍ମାନଜନକ ଆସନ ହାସଲ କରିବାରେ ସେ ପ୍ରଥମ ଭାରତୀୟ ମହିଳା ହୋଇଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20.
ରାୟଗଡ଼ା, ଶୁକ୍ରବାର, ଜୁନ୍ ୨୮/୨୦୧୯ Rayagada, Friday, June 28 / 2019





■୧୩ ଅସହାୟ ଶିଶୁଙ୍କୁ ଚିହ୍ନଟ କଲା ଭ୍ରାମ୍ୟମାଣ ଶିବିର

# ଥଇଥାନ କରିବ ଶିଶୁ କଲ୍ୟାଣ ସମିତି

ପାରଳାଖେମୁଣ୍ଡି, ୨୭।୬ (ସ୍ୱ.ପ୍ର.)

ଜିଲାସ୍ତରୀୟ ଭ୍ରାମ୍ୟମାଣ ଶିବିର ମାଧ୍ୟମରେ ୧୩ଜଣ ଶିଶୁଙ୍କୁ ଥଇଥାନ ପାଇଁ ଚିହ୍ନଟ କରାଯାଇଛି । ଗଜପତି ଜିଲା ମୋହନା ବ୍ଲକ ସ୍ଥିତ ଚାଇଲ୍ଡଲାଇନ କାର୍ଯ୍ୟାଳୟ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଭ୍ରାମ୍ୟମାଣ ଟିମ୍‌ରେ ଜିଲା ଶିଶୁ କଲ୍ୟାଣ ସମିତି ଓ ମୋହନା ଚାଇଲ୍ଡ ଲାଇନର ସଦସ୍ୟମାନେ ଉପସ୍ଥିତ ରହି ଶିଶୁମାନଙ୍କୁ କାଉନ୍‌ସେଲିଂ କରିବା ସହ ସେମାନଙ୍କ ବିଭିନ୍ନ ନଥିପତ୍ର ଯାଞ୍ଚ କରିଥିଲେ । ଏଠାରେ ଚିହ୍ନଟ ୧୩ ଶିଶୁଙ୍କ ମଧ୍ୟରୁ ୬ଜଣ ଝିଅ ଓ ୭ଜଣ ପୁଅ ରହିଥିବା ଜଣାପଡିଛି । ଏମାନଙ୍କୁ ଜିଲା ଶିଶୁ କଲ୍ୟାଣ ସମିତି ଦ୍ୱାରା ଥଇଥାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସମିତିର ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁ କଲ୍ୟାଣ ସମିତିର ସଭ୍ୟ ପ୍ରମୋଦ ନାୟକ, ଅନୀତା ମିଶ୍ର ଉପସ୍ଥିତଥିବାବେଳେ ମୋହନା ଚାଇଲ୍ଡଲାଇନର ମଞ୍ଜୁଳା ସାହୁ ଓ ଅଞ୍ଜଳ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




■ନିଖୋଜ ନାବାଳିକା ଉଦ୍ଧାର


## ବଳାତ୍କାର ଅଭିଯୋଗ

ପାରଳାଖେମୁଣ୍ଡି, ୨୭।୬ (ସ୍ୱ.ପ୍ର.)

ବଳାତ୍କାର ଶିକାର ହୋଇଥିବା ଜଣେ ନାବାଳିକାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ଶିଶୁ କଲ୍ୟାଣ ସମିତି ପକ୍ଷରୁ ଉଦ୍ଧାର କରାଯାଇଛି । ସେ ମୋହନା ଅଞ୍ଚଳର ବୋଲି ଜଣାପଡ଼ିଛି । ନାବାଳିକା ଜଣକ ନିଖୋଜ ଥିବା ମୋହନା ଥାନାରେ ବାପା ଅଭିଯୋଗ କରିଥିଲେ । ପୋଲିସ ଅନୁସନ୍ଧାନ କରି ଜଣେ ଯୁବକଙ୍କ ସହ ନାବାଳିକାଙ୍କୁ ଗଜପତି ଜିଲାର ଅଡବା ଅଞ୍ଚଳରୁ ଉଦ୍ଧାର କରିଥିଲା । ପୋଲିସ ଉଭୟଙ୍କୁ ପଚରା ଉଚୁରା କରିବା ପରେ ଯୁବକ ଜଣକ ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କୁ ବ୍ରହ୍ମପୁର ନେଇଯାଇଥିବାବେଳେ ସେଠାରେ ପୁଣି ବିଭିନ୍ନ ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ସ୍ଥାପନ କରିଥିବା ନାବାଳିକା ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳିକାଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲା ଶିଶୁ କଲ୍ୟାଣ ସମିତିରେ ଉପସ୍ଥାପନ କରାଯାଇଥିଲା । ପୀଡ଼ିତାଙ୍କୁ ଶିଶୁ କଲ୍ୟାଣ ସମିତି ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ମୁକ୍ତ ଆଶ୍ରୟ କେନ୍ଦ୍ରରେ ରଖାଯାଇ ପରେ ହସ୍ତାନ୍ତର କରାଯିବ ବୋଲି ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି ।

## ମହମ୍ମଦ ବାଜୀଙ୍କ ବିୟୋଗରେ ଶୋକ

**ଜୟପୁର,୨୭।୬(ନି.ପ୍ର.):** ଶତାୟୁ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜୀଙ୍କ ଭଳି ଜଣେ ମହାନ ବ୍ୟକ୍ତିଙ୍କୁ ଅବିଭକ୍ତ କୋରାପୁଟ ଜିଲା ହରାଇଥିବାରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ବେଣୁ ମାଧବ ସାହୁ, ନିତ୍ୟାନନ୍ଦ ପାତ୍ର ବାଜୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ